# ଧରିତ୍ରୀ
DHARITRI

ବାଲେଶ୍ୱର, ଶନିବାର, ଅକ୍ଟୋବର ୬/୨୦୧୮ (୨୦ ପୃଷ୍ଠା+ପିଲାଙ୍କ ଧରିତ୍ରୀ) Balasore, Saturday, October 6/ 2018 ★★★★

୪୪ଶ ଭାଗ ୩୧୨ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹୫/-







"ଜଣେ ବ୍ୟକ୍ତିଙ୍କୁ ସାମ୍ବିଧାନିକ ନୈତିକତାରୁ ବଞ୍ଚିତ କରାଯାଇ ପାରିବ ନାହିଁ। ସହିଷ୍ଣୁତା, ଗ୍ରହଣୀୟତା ଓ ଅନ୍ୟମାନଙ୍କ ମତକୁ ସମସ୍ତେ ସମ୍ମାନ ଦେବା ଆବଶ୍ୟକ।"
-ଜଷ୍ଟିସ୍ ଦୀପକ ମିଶ୍ର, ପୂର୍ବତନ ପ୍ରଧାନ ବିଚାରପତି



## ସଂକ୍ଷେପରେ

### ହାଇକୋର୍ଟରେ ଇଲ୍ୟାସି ନିର୍ଦ୍ଦୋଷ



**ନୂଆଦିଲ୍ଲୀ,୫।୧୦(ପି.ଟି.):** ଟିଭି ଉପସ୍ଥାପକ ତଥା ପ୍ରଯୋଜକ ସୁହୈବ୍ ଇଲ୍ୟାସିଙ୍କୁ ଶୁକ୍ରବାର ଦିଲ୍ଲୀ ହାଇକୋର୍ଟ ନିର୍ଦ୍ଦୋଷ ଘୋଷଣା କରିଛନ୍ତି। ୧୮ ବର୍ଷ ତଳେ ନିଜ ସ୍ତ୍ରୀଙ୍କୁ ହତ୍ୟା କରିଥିବା ଅଭିଯୋଗରେ ଗତ ଡିସେମ୍ବରରେ ତଳକୋର୍ଟରେ ଦୋଷୀ ସାବ୍ୟସ୍ତ ହୋଇ ସେ ଆଜୀବନ କାରାଦଣ୍ଡାଦେଶ ଭୋଗୁଥିଲେ। ୫୨ ବର୍ଷୀୟ ଇଲ୍ୟାସି ତଳକୋର୍ଟଙ୍କ ରାୟକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ। ୨୦୦୦ ଜାନୁୟାରୀ ୧୦-୧୧ ରାତିରେ ଇଲ୍ୟାସି ପୂର୍ବ ଦିଲ୍ଲୀସ୍ଥିତ ନିଜ ବାସଭବନରେ ସ୍ତ୍ରୀ ଅଞ୍ଜୁଙ୍କୁ ଧାରୁଆ ଅସ୍ତ୍ରରେ ଭୁଶି ହତ୍ୟା କରିବା ପରେ ଏହାକୁ ଆତ୍ମହତ୍ୟାର ରୂପ ଦେଇଥିବା ଅଭିଯୋଗ ହୋଇଥିଲା। ସେହିବର୍ଷ ମାର୍ଚ୍ଚ ୨୮ରେ ସେ ଗିରଫ ହୋଇଥିଲେ। ଇଲ୍ୟାସି ୨୦୧୭ ଡିସେମ୍ବର ୨୦ରେ ଦୋଷୀ ସାବ୍ୟସ୍ତ ହୋଇ ଦିଲ୍ଲୀର ତିହାର ଜେଲରେ ସଜା କାଟୁଥିଲେ। ଜଷ୍ଟିସ୍ ଏସ୍. ମୁରଲିଧର ଓ ବିନୋଦ ଗୋଏଲଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁକ୍ରବାର ଇଲ୍ୟାସିଙ୍କ ପିଟିଶନର ଶୁଣାଣି କରି ତଳକୋର୍ଟଙ୍କ ରାୟକୁ ଖାରଜ କରିଦେଇଛନ୍ତି।

### ଡେରା ମୁଖ୍ୟଙ୍କୁ ଜାମିନ



**ପଞ୍ଚକୁଲା,୫।୧୦(ପି.ଟି.):** ବଳାତ୍କାର ମାମଲାରେ ସଜା କାଟୁଥିବା ଡେରା ସଚ୍ଚା ସୌଦା ମୁଖ୍ୟ ଗୁରମିତ ରାମ ରହିମ ସିଂଙ୍କୁ ଅନୁଗାମୀଙ୍କ ବନ୍ଧ୍ୟାକରଣ ମାମଲାରେ ଶୁକ୍ରବାର ଜାମିନ ମିଳିଛି। ନିଜର ୪୦୦ ସମର୍ଥକଙ୍କ ବନ୍ଧ୍ୟାକରଣ କରିଥିବା ମାମଲାରେ ତାଙ୍କର ଜାମିନ ଆବେଦନକୁ ପଞ୍ଚକୁଲା ସିବିଆଇ କୋର୍ଟ ମଞ୍ଜୁର କରିଛନ୍ତି। ଅଗଷ୍ଟରେ ସ୍ଥାନୀୟ ତଳକୋର୍ଟ ଏହି ମାମଲାରେ ତାଙ୍କର ଜାମିନ ଆବେଦନ ଖାରଜ କରିଥିଲେ। ଏହାକୁ ସେ ସିବିଆଇ କୋର୍ଟରେ ଚ୍ୟାଲେଞ୍ଜ୍ କରିଥିଲେ। ମାମଲାର ଶୁଣାଣି କରି ଅଦାଲତ ତାଙ୍କର ଜାମିନ ମଞ୍ଜୁର କରିଛନ୍ତି। ୨ ଜଣ ମହିଳା ଅନୁଗାମୀଙ୍କୁ ବଳାତ୍କାର ଅଭିଯୋଗରେ ବର୍ତ୍ତମାନ ହରିୟାଣାର ପଞ୍ଚକୁଲା ଜେଲରେ ଦଣ୍ଡ ଭୋଗୁଛନ୍ତି। ଏଣୁ ବନ୍ଧ୍ୟାକରଣ ମାମଲାରେ ଜାମିନ ପାଇଥିଲେ ସୁଦ୍ଧା ସେ ଜେଲରେ ହିଁ ରହିବେ। ଜୋରଜବରଦସ୍ତ ଅନୁଗାମୀଙ୍କ ବନ୍ଧ୍ୟାକରଣ କରିଥିବା ଚଳିତବର୍ଷ ଆରମ୍ଭରେ ୫୧ ବର୍ଷୀୟ ଗୁରମିତ ଏବଂ ଦୁଇ ଜଣ ଡାକ୍ତରଙ୍କ ବିରୋଧରେ ସିବିଆଇ ଚାର୍ଜଶିଟ୍ ଦାଖଲ କରିଥିଲା।

■ ୧୯ଶ ଶିଖର ସମ୍ମିଳନୀ: ଭାରତ-ରୁଷିଆ ବନ୍ଧୁତାର ନୂଆ ନିଦର୍ଶନ

# ବାୟୁସେନାର ବଳ ଏସ୍-୪୦୦

ନୂଆଦିଲ୍ଲୀ, ୫।୧୦(ପି.ଟି.)



■ମୋଦି, ପୁଟିନ୍‌ଙ୍କ ମଧ୍ୟରେ କ୍ଷେପଣାସ୍ତ୍ର ଚୁକ୍ତି ସ୍ୱାକ୍ଷର
■ଟ୍ରମ୍ପ୍ ପ୍ରଶାସନର ଚେତାବନୀକୁ ଫୁ
■ଅନୁମାନ ଲଗାଇ କଟକଣା ଲଗାଉ ନାହୁଁ: ଆମେରିକା

ଆମେରିକାର ଚେତାବନୀକୁ ତିଳେମାତ୍ର କର୍ଣ୍ଣପାତ ନ କରି ଭାରତ ଏବଂ ରୁଷିଆ ବହୁ ପୁରୁଣା ବନ୍ଧୁତାକୁ ଏକ ନୂଆ ଶିଖରକୁ ନେଇଯାଇଛନ୍ତି। ପ୍ରତିରକ୍ଷା କ୍ଷେତ୍ରରେ ପ୍ରମୁଖ ସହଯୋଗୀ ଭାବେ ପରିଗଣିତ ଏହି ରାଷ୍ଟ୍ର ଭାରତକୁ ଶକ୍ତିଶାଳୀ କ୍ଷେପଣାସ୍ତ୍ର ଏସ୍-୪୦୦ ଯୋଗାଇବ। ୧୯ଶ ଶିଖର ସମ୍ମିଳନୀରେ ଶୁକ୍ରବାର ରୁଷିଆ ସହମତି ପ୍ରକାଶ କରିବା ପରେ ଦୁଇଦେଶ ମଧ୍ୟରେ ଚୁକ୍ତି ସ୍ୱାକ୍ଷର ହୋଇଛି। ମସ୍କୋଠାରୁ ୫.୪ ବିଲିୟନ୍ ଡଲାର (୪୦,୦୦୦ କୋଟି ଟଙ୍କା) ମୂଲ୍ୟରେ ଏହି କ୍ଷେପଣାସ୍ତ୍ର କ୍ରୟ ଲାଗି ନୂଆଦିଲ୍ଲୀ ରାଜିନାମାରେ ମୋହର ମାରିବା ପରେ ଭାରତୀୟ ବାୟୁସେନା (ଆଇଏଏଫ୍)ର ଶକ୍ତି ଅନେକ ଗୁଣା ବୃଦ୍ଧି ହୋଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ମଧ୍ୟ ସାମରିକ ସହଯୋଗିତା ପ୍ରସଙ୍ଗରେ ଆଲୋଚନା କରିଛନ୍ତି।

ସ୍ଥଳଭାଗରୁ ଆକାଶଭାଗକୁ ଟାର୍ଗେଟ କରିପାରୁଥିବା ଅତ୍ୟାଧୁନିକ ଦୂରଗାମୀ କ୍ଷେପଣାସ୍ତ୍ର ଏସ୍-୪୦୦ ହସ୍ତଗତ ହେବା ପରେ ବାୟୁସେନାର ବଳ ବଢ଼ିଯିବ। ଶତ୍ରୁପକ୍ଷ ଉପରେ ନିଘା ରଖିବା ସହ ଆବଶ୍ୟକସ୍ଥଳେ କଡ଼ା ଜବାବ ଦେବାରେ ଏହା ସହାୟକ ହେବ। ମୁଖ୍ୟତଃ ୪୦୦୦ କି.ମି. ବ୍ୟାପ୍ତ ଭାରତ-ଚାଇନା ସୀମାରେ ନଜର ରଖିବା ଲାଗି ଏହା ବାୟୁସେନାର ପ୍ରମୁଖ ଅଙ୍ଗ ପାଲଟିବ। ଏହି କ୍ଷେପଣାସ୍ତ୍ର କ୍ରୟ ନେଇ ରାଜିନାମା ସ୍ୱାକ୍ଷର ହେବା ସତ୍ତ୍ୱେ ମୋଦି ଏବଂ ପୁଟିନ୍ ମିଳିତ ଖବରଦାତା ସମ୍ମିଳନୀରେ ଏ ସମ୍ପର୍କରେ ବର୍ଣ୍ଣନା କରିନାହାନ୍ତି। ଏହି ଚୁକ୍ତି ନ କରିବା ପାଇଁ ପୂର୍ବରୁ ଆମେରିକା ଭାରତକୁ ତାଗିଦ୍ କରିଥିଲା। ଆମେରିକାସ୍ ଆଡ୍‌ଭର୍ସରିଜ୍ ଥ୍ରୋ ସାଙ୍କସନ୍ସ ଆକ୍ଟ (କାଟ୍‌ସା) ଆଇନର ଆଳ ଦେଖାଇ ଚେତାବନୀ ମଧ୍ୟ ଦେଇଥିଲା। କିନ୍ତୁ ଏହାକୁ ଅଣଦେଖା କରି ଦୁଇ ବନ୍ଧୁରାଷ୍ଟ୍ର ବୁଝାମଣା ଆଗେଇନେଇଛନ୍ତି। ରୁଷିଆ ସହ ପ୍ରତିରକ୍ଷା ସମ୍ପର୍କ ପାଇଁ ପୂର୍ବରୁ ଚାଇନା ବିରୋଧରେ ଟ୍ରମ୍ପ୍ ପ୍ରଶାସନ କଟକଣା ଜାରି କରିଥିବାରୁ ମୋଦି ଏବଂ ପୁଟିନ୍ ଏସ୍-୪୦୦ ଚୁକ୍ତି ବାବଦରେ ମୁହଁ ଖୋଲିଲେ ନାହିଁ।

ପ୍ରକାଶ ଯେ, ରୁଷିଆକୁ କୋଣଠେସା କରିବା ପାଇଁ ଗତ ଜାନୁୟାରୀରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ କାଟ୍‌ସା ଆଇନ ଲାଗୁ କରିଥିଲେ। ରୁଷିଆ ସମେତ ଇରାନ୍ ଏବଂ ଉତ୍ତରକୋରିଆ ସହ କୌଣସି ରାଷ୍ଟ୍ର ପ୍ରତିରକ୍ଷା କାରବାର କଲେ ତାହାକୁ ଆମେରିକାର ଶତ୍ରୁ ପଦବାଚ୍ୟ କରାଯିବ ଏବଂ ସହଯୋଗର ବାଟ ବନ୍ଦ କରିଦିଆଯିବ ବୋଲି ଟ୍ରମ୍ପ୍ ପ୍ରଶାସନ ଘୋଷଣା କରିଥିଲେ। ତେବେ ଭାରତ ପୂର୍ବରୁ ଚାଇନା ଲିଥାଲ୍ ମିଶାଇଲ୍ ସିଷ୍ଟମ୍ କିଣିବା ଲାଗି ରୁଷିଆ ସହ ୨୦୧୪ରେ ଚୁକ୍ତି କରିଥିଲା। କେତୋଟି ଏସ୍-୪୦୦ ମଧ୍ୟ ବେଜିଂକୁ ଯୋଗାଇସାରିଛି ମସ୍କୋ। ଏବେ ଭାରତକୁ ମଧ୍ୟ ସମାନ କ୍ଷେପଣାସ୍ତ୍ର ଯୋଗାଇବା ନିମିତ୍ତ ରୁଷିଆ ଚୁକ୍ତି କରିଥିବାରୁ ଚାଇନାର ମୁଣ୍ଡବ୍ୟଥା ବଢ଼ିଯାଇଛି।

ଏସ୍-୪୦୦ ଚୁକ୍ତି ପରେ ଭାରତ ପ୍ରତି ଆମେରିକାର ଆଭିମୁଖ୍ୟ କ'ଣ ରହିବ ସେନେଇ ଚର୍ଚ୍ଚା ଜୋର୍ ଧରିଛି। ଏତିକିବେଳେ ଆମେରିକା ଭାରତ ପ୍ରତି ନରମଭାବ ପୋଷଣ କରିଛି। ରୁଷିଆର ଔଦ୍ଧତ୍ୟକୁ ଦେଖି ଏହା ବିରୋଧରେ କଟକଣା ଜାରି ହୋଇଛି। କିନ୍ତୁ ନିଜ ସହଯୋଗୀ ରାଷ୍ଟ୍ରଗୁଡ଼ିକର ସାମରିକ କ୍ଷମତା ହ୍ରାସ କରିବା ଆମେରିକାର ଉଦ୍ଦେଶ୍ୟ ନୁହେଁ। ନୂଆଦିଲ୍ଲୀରେ ଅବସ୍ଥାପିତ ଆମେରିକୀୟ ଦୂତାବାସର ମୁଖପାତ୍ର ଏହା ପ୍ରକାଶ କରିଛନ୍ତି। ପୂର୍ବାନୁମାନ କରି ୱାଶିଂଟନ କୌଣସି ରାଷ୍ଟ୍ର ବିରୋଧରେ କଟକଣା ଲଗାଉ ନ ଥିବା ସେ କହିଛନ୍ତି।

## ସ୍ୱାକ୍ଷର ହେଲା ୮ ରାଜିନାମା

**ନୂଆଦିଲ୍ଲୀ, ୫।୧୦(ପି.ଟି.):** ଭାରତ-ରୁଷିଆ ସମ୍ପର୍କ ଅନେକ ପୁରୁଣା। ଅନେକ କୂଟନୈତିକ ଚାପ ସତ୍ତ୍ୱେ ଦୁଇପକ୍ଷ ବନ୍ଧୁତା ବଜାୟ ରଖିପାରିଛନ୍ତି। ସମ୍ପର୍କକୁ ମଜଭୁତ କରିବା ପାଇଁ ପ୍ରତିବର୍ଷ ଅନୁଷ୍ଠିତ ହେଉଛି ବାର୍ଷିକ ଶିଖର ସମ୍ମିଳନୀ। ଏଥର ଏହି ଦ୍ୱିପାକ୍ଷିକ ବୈଠକ ଭାରତ ପକ୍ଷରୁ ଆୟୋଜିତ ହୋଇଛି। ଶୁକ୍ରବାର ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରୁଷିଆ ରାଷ୍ଟ୍ରପତି ଭ୍ଲାଡିମିର ପୁଟିନ୍ ଏକାଠି ବସି ଅନେକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଆଲୋଚନା କରିଛନ୍ତି। ଏହାପରେ ସ୍ୱାକ୍ଷର ହୋଇଛି ୮ ଚୁକ୍ତି। ମହାକାଶ ଗବେଷଣାରେ ସହଯୋଗିତା, ରେଲୱେ, ଆଣବିକ ସହଯୋଗ, ସାର ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍‌ଏସ୍‌ଏମ୍‌ଇ) ସମେତ ଅନ୍ୟ କ୍ଷେତ୍ରଗୁଡ଼ିକ ଉପରେ ରାଜିନାମା ହୋଇଛି। ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଏବଂ ରୁଷିଆର ଫେଡେରାଲ ମହାକାଶ ସଂସ୍ଥା 'ରୋସ୍କୋସ୍‌ମୋସ୍' ମଧ୍ୟରେ ଏକ ଗୁରୁତ୍ୱପୂର୍ଣ୍ଣ ଏମ୍‌ଓୟୁ ସ୍ୱାକ୍ଷର ହୋଇଛି। ଏହି ଅନୁଯାୟୀ ମାନବବାହୀ ମହାକାଶ ଅଭିଯାନ 'ଗଗନଯାନ'ରେ ନୂଆଦିଲ୍ଲୀକୁ ମସ୍କୋ ସହଯୋଗ କରିବାକୁ ରାଜି ହୋଇଛି। ସେହିପରି ଆତଙ୍କବାଦ ବିରୋଧରେ ମିଳିତ ଲଢ଼େଇ ପାଇଁ ମଧ୍ୟ ବୁଝାମଣା ହୋଇଛି। ୮ ରାଜିନାମା ବାଦ୍ ଏସ୍-୪୦୦ ଚୁକ୍ତି ମଧ୍ୟ ହୋଇଛି।

# ଶାହବାଜ ଗିରଫ

ଲାହୋର,୫।୧୦(ପି.ଟି.)



ଗିରଫ ହେଲେ ପାକିସ୍ତାନ ନ୍ୟାଶନାଲ୍ ଆସେମ୍ବ୍ଲିର ବିରୋଧୀ ଦଳ ନେତା ତଥା ପୂର୍ବତନ ପ୍ରଧାନମନ୍ତ୍ରୀ ନୱାଜ ଶରିଫ୍‌ଙ୍କ ଭାଇ ଶାହବାଜ ଶରିଫ୍। ଦୁଇଟି ଦୁର୍ନୀତି ମାମଲାରେ ସମ୍ପୃକ୍ତି ପ୍ରକାଶ ପାଇବା ପରେ ଶୁକ୍ରବାର ଦେଶର ଦୁର୍ନୀତି ନିରୋଧୀ ଶାଖା 'ନ୍ୟାଶନାଲ୍ ଆକାଉଣ୍ଟିବିଲିଟି ବ୍ୟୁରୋ' (ଏନ୍‌ଏବି) ୬୭ ବର୍ଷୀୟ ଶାହବାଜଙ୍କୁ ଗିରଫ କରିଛି। ଜେରା ପାଇଁ ବ୍ୟୁରୋରେ ଶୁକ୍ରବାର ସକାଳେ ସେ ହାଜର ହୋଇଥିଲେ। ନିଜ ମନପସନ୍ଦ କମ୍ପାନୀ ଆସିଆନା ହାଉସିଂ ସ୍କିମ୍ ଏବଂ ପଞ୍ଜାବ ସାଫ୍ ପାନି କମ୍ପାନୀକୁ କଣ୍ଟ୍ରାକ୍ଟ ଦେବାବେଳେ ଶାହବାଜ ନୀତିନିୟମର ଉଲ୍ଲଂଘନ କରି ଅହେତୁକ ଅନୁକମ୍ପା ପ୍ରଦର୍ଶନ କରିଥିବା ଜେରା ବେଳେ ଅଭିଯୋଗ ହୋଇଥିଲା। ତଦନ୍ତକାରୀ ଅଧିକାରୀଙ୍କ ପ୍ରଶ୍ନର ସନ୍ତୋଷଜନକ ଉତ୍ତର ଦେଇ ପାରି ନ ଥିବାବେଳେ ଶାହବାଜଙ୍କୁ ଗିରଫ କରାଯାଇଥିଲା ବୋଲି ଏନ୍‌ଏବି ମୁଖପାତ୍ର ନୱାଜିଶ୍ ଅଲି ଆସିମ୍ ସୂଚନା ଦେଇଛନ୍ତି। ଆସିଆନା ପ୍ରକଳ୍ପରେ ୧୪ ବିଲିୟନ୍ ଟଙ୍କା ଏବଂ ପାଣି ଯୋଜନାରେ ୪ ବିଲିୟନ ଟଙ୍କା ହଡ଼ପ କରିଥିବା ତାଙ୍କ ବିରୋଧରେ ଅଭିଯୋଗ ହୋଇଛି।

ଶାହବାଜଙ୍କ ଜାମାତା ଅଲି ଇମ୍‌ରାନ ୟୁସୁଫ୍ ମଧ୍ୟ ଏଥିରେ ସମ୍ପୃକ୍ତ ଥିବା ଅଭିଯୋଗ ହୋଇଛି। ୟୁସୁଫ୍ ବର୍ତ୍ତମାନ ଦେଶରୁ ପଳାୟନ କରି ବ୍ରିଟେନ୍‌ରେ ଅଛନ୍ତି। ଶାହବାଜ୍‌ଙ୍କ ପୁଅ ହାମ୍‌ଜା ଶରିଫ୍‌ଙ୍କ ବିରୋଧରେ ମଧ୍ୟ ତଦନ୍ତ ହେବ। ଶାହବାଜ୍‌ଙ୍କ ଅଧସ୍ତନ କର୍ମଚାରୀ ଆହଦ୍ ଚେରା ଏବଂ ତାଙ୍କର ପ୍ରଧାନ ସଚିବ ଫୱାଦ ହସନ୍ ପୂର୍ବରୁ ଏନ୍‌ଏବି ହେପାଜତରେ ଅଛନ୍ତି। ତେବେ ଶାହବାଜ ବର୍ତ୍ତମାନ ବିରୋଧୀ ଦଳର ନେତା ଏବଂ ବାଚସ୍ପତିଙ୍କ ବିନା ଅନୁମତିରେ ତାଙ୍କୁ ଗିରଫ କରାଯାଇ ପାରିବ ନାହିଁ ବୋଲି ତାଙ୍କ ଓକିଲ ଅବ୍‌ଜତ ପର୍‌ଭିଆଜ୍ ପ୍ରକାଶ କରିଛନ୍ତି। ତାଙ୍କ ଦଳ ପିଏମ୍‌ଏଲ୍-ଏନ୍ ପକ୍ଷରୁ ମଧ୍ୟ ଗିରଫଦାରିକୁ ନିନ୍ଦା କରାଯାଇଛି। ରାଜନୈତିକ ଉଦ୍ଦେଶ୍ୟ ରଖି ଦଳର ସଭାପତିକୁ ଗିରଫ କରାଯାଇଥିବା ଦଳର ମୁଖପାତ୍ର ମୁରିୟାମ୍ ଔରଙ୍ଗ୍‌ଜେବ୍ ପ୍ରକାଶ କରିଛନ୍ତି।

## ତାମିଲନାଡୁ ରାଜନୀତିରେ ପୁଣି ଝଡ଼

ଚେନ୍ନାଇ,୫।୧୦(ପି.ଟି.)

ତାମିଲନାଡୁ ମୁଖ୍ୟମନ୍ତ୍ରୀ କେ. ପାଲାନିସ୍ୱାମୀଙ୍କୁ ଗାଦିଚ୍ୟୁତ କରିବା ଲାଗି ଷଡ଼ଯନ୍ତ୍ର ହେଉଥିବା ଅଭିଯୋଗ ଆଣିଛନ୍ତି ଆମ୍ମା ମକ୍କଲ୍ ମୁନ୍ନେତ୍ରା କାଝାଗମ୍ (ଏଏମ୍‌ଏମ୍‌କେ) ପ୍ରତିଷ୍ଠାତା ଟି.ଟି.ଭି. ଦିନାକରନ୍। ଖୋଦ୍ ଉପମୁଖ୍ୟମନ୍ତ୍ରୀ ଓ. ପନ୍ନିର୍‌ସେଲ୍‌ଭମ୍‌ଙ୍କ ବିରୋଧରେ ସେ ଏହି ଅଭିଯୋଗ ଆଣିଛନ୍ତି। ଉପମୁଖ୍ୟମନ୍ତ୍ରୀ ତାଙ୍କୁ ମୁଖ୍ୟମନ୍ତ୍ରୀ ପଦାସୀନ କରାଇବା ଲାଗି ମଧ୍ୟ ପ୍ରସ୍ତାବ ଦେଇଥିବା ସେ କହିଛନ୍ତି। ଦିନାକରନ୍‌ଙ୍କ ଏଭଳି ମନ୍ତବ୍ୟ ରାଜ୍ୟ ରାଜନୀତିରେ ଉଷ୍ମତା ବଢ଼ାଇ ଦେଇଛି। ଶୁକ୍ରବାର ଦିନାକରନ୍ କହିଛନ୍ତି, ମୁଖ୍ୟମନ୍ତ୍ରୀ କେ. ପାଲାନିସ୍ୱାମୀଙ୍କୁ ଗାଦିଚ୍ୟୁତ କରିବା ଉଦ୍ଦେଶ୍ୟରେ ପନ୍ନିର୍‌ସେଲ୍‌ଭମ୍ ତାଙ୍କୁ ସାକ୍ଷାତ୍ କରିବାକୁ ଇଚ୍ଛା କରିଥିଲେ। ଗତବର୍ଷ ଜୁଲାଇରେ ଉପମୁଖ୍ୟମନ୍ତ୍ରୀ ତାଙ୍କୁ ଭେଟିଥିଲେ। ଜଣେ ବନ୍ଧୁଙ୍କ ଜରିଆରେ ଗତ ସେପ୍ଟେମ୍ବରରେ ସାକ୍ଷାତ୍ ପାଇଁ ପ୍ରସ୍ତାବ ଦେଇଥିଲେ। ଅନ୍ୟପକ୍ଷରେ ଦିନାକରନ୍‌ଙ୍କ ଏଭଳି ଅଭିଯୋଗକୁ ଏଆଇଏଡିଏମ୍‌କେ ଖଣ୍ଡନ କରିଛି। ଦଳରେ ଅଶାନ୍ତି ସୃଷ୍ଟି କରିବା ଲାଗି ସେ ଏଭଳି କହୁଥିବା ଏଆଇଏଡିଏମ୍‌କେ ଅଭିଯୋଗ ଆଣିଛି।

## ଫୁର୍‌ସତ

### ଗୁମ୍ଫାରୁ ଉଦ୍ଧାର ଥାଇଲାଣ୍ଡ ବାଳକଙ୍କ ବିଦେଶ ଭ୍ରମଣ




**ବ୍ୟାଙ୍କକ୍:** ଥାଇଲାଣ୍ଡର ଏକ ଗୁମ୍ଫାରେ ଫସିରହିବା ପରେ ଉଦ୍ଧାର ହୋଇଥିବା ୧୨ ବାଳକଙ୍କୁ ନେଇ ଚର୍ଚ୍ଚା। ଏକ ଫୁଟବଲ୍ ଟିମ୍‌ର ଏହି ଖେଳାଳିମାନେ ଏବେ ବିଦେଶ ଭ୍ରମଣ କରିଛନ୍ତି। ୧୭ ଦିନିଆ ବିଦେଶ ରହଣୀ କାଳରେ ସେମାନେ ଆର୍ଜେଣ୍ଟିନାରେ ଯୁବ ଖେଳାଳିଙ୍କୁ ଭେଟିବା ସହିତ ଆମେରିକା ମଧ୍ୟ ଗସ୍ତ କରିବେ।

ଜୁନ୍ ଶେଷ ଭାଗରେ ଫୁଟବଲ୍ ଖେଳିବାକୁ ଯାଇଥିବା ଏହି ବାଳକମାନେ ସେମାନଙ୍କ କୋଚ୍‌ଙ୍କ ସହିତ ମଜାରେ ଏକ ଗୁମ୍ଫା ଭିତରେ ପ୍ରବେଶ କରିଥିଲେ। ଦୁର୍ଯୋଗକୁ ବର୍ଷା ହେବାରୁ ଗୁମ୍ଫା ଭିତରେ ପାଣି ପଶିଯାଇଥିଲା ଏବଂ ସେମାନେ ସେଠାରୁ ବାହାରି ପାରି ନ ଥିଲେ। ଏକ ଅନ୍ତର୍ଜାତୀୟ ଗୁମ୍ଫା ବିଶେଷଜ୍ଞ ଟିମ୍ ସହାୟତାରେ ସେମାନଙ୍କୁ ଜୁଲାଇ ପ୍ରାରମ୍ଭରେ ଉଦ୍ଧାର କରାଯାଇଥିଲା।

### ଫେରିଲେ ୩ ମହାକାଶଚାରୀ



**ୱାଶିଂଟନ୍:** ଇଣ୍ଟରନ୍ୟାଶନାଲ୍ ସ୍ପେସ୍ ଷ୍ଟେଶନ୍ (ଆଇଏସ୍‌ଏସ୍)ରେ ଦୀର୍ଘ ୧୯୭ ଦିନ ରହଣି ପରେ ୩ ମହାକାଶଚାରୀ ନିରାପଦରେ ପୃଥିବୀକୁ ଫେରିଆସିଛନ୍ତି। ସେମାନଙ୍କ ମଧ୍ୟରେ 'ନାସା'ର ୨ ଜଣ ହୋଇଥିବା ବେଳେ ରୁଷୀୟ ମହାକାଶ ଗବେଷଣା ସଂସ୍ଥା 'ରସ୍‌କସମସ୍'ର ଜଣେ। ନାସା ମହାକାଶଚାରୀ ଡ୍ରିଉ ଫିଉଷ୍ଟେଲ୍ ଓ ରକି ଆର୍‌ନୋଲ୍ଡ ଏବଂ ରୁଷୀୟ ମହାକାଶଚାରୀ ଓଲେଗ ଆର୍ଟେମିଭ୍ ସୋୟୁଜ୍ ଏମ୍‌ଏସ୍-୦୮ ସ୍ପେସ୍‌କ୍ରାଫ୍ଟ ଯୋଗେ କାଜାଖସ୍ତାନରେ ନିରାପଦରେ ଅବତରଣ କରିଥିବା ଆମେରିକାର ମହାକାଶ ଗବେଷଣା ସଂସ୍ଥା ପକ୍ଷରୁ କୁହାଯାଇଛି। ସେମାନେ ୧୯୭ ଦିନ ରହଣି ମଧ୍ୟରେ ଅନେକ ପର୍ଯ୍ୟବେକ୍ଷଣ କରିଛନ୍ତି। ଉଭୟ ଫିଉଷ୍ଟେଲ୍ ଏବଂ ଆରନୋଲ୍ଡ ପାଖାପାଖି ୧୨ଟି ଶିକ୍ଷାଭିତ୍ତିକ ଡାଉନ୍‌ଲିଙ୍କ ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ। ଏହା ଥିଲା ସ୍ପେସ୍ ଷ୍ଟେଶନ୍‌ରେ ନାସାର ଶିକ୍ଷଣୀୟ ବିଷୟବସ୍ତୁ। ଏହି କାର୍ଯ୍ୟକ୍ରମ ୨୯ଟି ପ୍ରଦେଶର ୨ଲକ୍ଷ ଛାତ୍ରୀଛାତ୍ରଙ୍କ ପାଖରେ ପହଞ୍ଚିପାରିଥିଲା ବୋଲି ଏକ ବିବୃତିରେ କୁହାଯାଇଛି।

## ଇତିହାସର ଆଇନାରେ

### ଅକ୍ଟୋବର ୬ର ପ୍ରମୁଖ ଘଟଣା

୧୯୮୧ ଅକ୍ଟୋବର ୬ରେ ଇଜିପ୍ଟ ରାଷ୍ଟ୍ରପତି ଅନୱର ସାଦତ୍‌ଙ୍କୁ ଇସଲାମିକ୍ ଚରମପନ୍ଥୀ ଗୋଷ୍ଠୀ ହତ୍ୟା କରିଥିଲେ। ସାମରିକ ପରେଡ୍‌ରେ ଯୋଗ ଦେଇଥିବା ରାଷ୍ଟ୍ରପତିଙ୍କ ଉପରକୁ କେତେଜଣ ସୈନିକ ଗ୍ରେନେଡ୍ ମାଡ଼ କରିଥିଲେ। ଏହାପରେ ଲ୍ୟୁଟ୍‌ନାଣ୍ଟ ଖାଲିଦ୍ ଇସଲାମବୁଲିଙ୍କ ନେତୃତ୍ୱରେ ପରେଡ୍‌ରେ ସାମିଲ ସୈନ୍ୟମାନେ ସାଦତଙ୍କ ଉପରକୁ ଆଖିବୁଜା ଗୁଳିମାଡ଼ କରିଥିଲେ।

୧୯୭୬ ଅକ୍ଟୋବର ୬ରେ ଥାଇଲାଣ୍ଡର ଥମସତ୍ ବିଶ୍ୱବିଦ୍ୟାଳୟରେ ସେନା ଆକ୍ରମଣରେ ୪୬ ଛାତ୍ରୀଛାତ୍ରଙ୍କ ମୃତ୍ୟୁ ଘଟିଥିଲା। ପୂର୍ବତନ ଏକଛତ୍ରବାଦୀ ସାମରିକ ଶାସକ ଥାନୋମ କିଟିକାଚୋର୍ନଙ୍କୁ ବିରୋଧ କରି ୪ରୁ ୫ ହଜାର ଛାତ୍ରୀଛାତ୍ର ସପ୍ତାହେବ୍ୟାପୀ ବିକ୍ଷୋଭ କରିଥିଲେ। ସେନା ଓ ଅର୍ଦ୍ଧସାମରିକ ବଳ ଛାତ୍ରୀଛାତ୍ରଙ୍କ ଉପରକୁ ଗୁଳିମାଡ଼ ଆରମ୍ଭ କରିଦେଇଥିଲେ।



ଶୁକ୍ରବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## କେମିତି ରହିବ ଆଜିର ପାଗ

**ରାଜ୍ୟ-**ଆସନ୍ତା ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ପାଗ ମୁଖ୍ୟତଃ ଶୁଖିଲା ରହିବ।

**ସ୍ଥାନୀୟ ଅଞ୍ଚଳ-** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ପରିଷ୍କାର ରହିବ। ଶନିବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୩୪ ଡିଗ୍ରୀ ଏବଂ ସର୍ବନିମ୍ନ ୨୫ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ପୂର୍ବାନୁମାନ କରାଯାଇଛି। ଶୁକ୍ରବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୩୬.୦ | ୨୩.୯ |
| ଚାନ୍ଦବାଲି | ୩୫.୨ | ୨୫.୮ |
| କଟକ | ୩୪.୨ | ୨୪.୫ |
| ପାରାଦ୍ୱୀପ | ୩୩.୬ | ୨୭.୦ |
| ଭୁବନେଶ୍ୱର | ୩୫.୯ | ୨୪.୯ |
| ଗୋପାଳପୁର | ୩୫.୦ | ୨୫.୨ |
| ପୁରୀ | ୩୪.୬ | ୨୭.୬ |
| ଅନୁଗୋଳ | ୩୫.୧ | ୨୨.୦ |
| ବାରିପଦା | ୩୫.୨ | ୨୩.୬ |
| ଝାରସୁଗୁଡ଼ା | ୩୬.୦ | ୨୪.୫ |
| କେନ୍ଦୁଝର | ୩୩.୧ | ୨୧.୩ |
| ସମ୍ବଲପୁର | ୩୫.୭ | ୨୪.୬ |
| ସୁନ୍ଦରଗଡ଼ | ୩୪.୦ | --- |
| ହୀରାକୁଦ | ୩୬.୧ | ୨୫.୨ |
| ତାଳଚେର | ୩୬.୧ | ୨୩.୫ |
| ଭବାନୀପାଟଣା | ୩୩.୨ | ୨୨.୦ |
| ବଲାଙ୍ଗୀର | --- | ୨୩.୫ |
| କୋରାପୁଟ | ୩୧.୦ | ୧୬.୮ |
| ଫୁଲବାଣୀ | ୩୪.୨ | --- |
| ଟିଟିଲାଗଡ଼ | ୩୪.୫ | ୨୧.୫ |
| ମାଲକାନଗିରି | ୩୪.୫ | --- |
| ସୋନପୁର | ୩୬.୮ | ୨୨.୨ |
| ଦାରିଙ୍ଗିବାଡ଼ି | ୨୮.୫ | ୧୭.୫ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍

## ଶିଶୁଙ୍କ ଡିଏନ୍‌ଏରେ ଦାଗ ସୃଷ୍ଟିକରେ ନିର୍ଯାତନା

ଟରଣ୍ଟୋ:



ନିର୍ଯାତନା ଶିଶୁଙ୍କୁ ମାନସିକ ଏବଂ ଶାରୀରିକ ସ୍ତରରେ ଗଭୀର ଆଘାତ ଦେଇଥାଏ। ନିର୍ଯାତନାର ଛାପ ସେମାନଙ୍କ ଡିଏନ୍‌ଏରେ ଜୀବନ ବ୍ୟାପୀ ରହିଥାଏ। ପୀଡ଼ିତ ଶିଶୁଙ୍କ ଡିଏନ୍‌ଏର ଆଣବିକ ଦାଗ ବା ମଲିକ୍ୟୁଲାର୍ ସ୍କାର୍‌କୁ ବୟସର ଯେକୌଣସି ସମୟରେ ଠାବ କରାଯାଇପାରେ। ଏପରି କି ଅଦାଲତରେ ପ୍ରମାଣ ଭାବେ ମଧ୍ୟ ଏହାକୁ ବ୍ୟବହାର କରାଯାଇପାରେ ବୋଲି ସଦ୍ୟ ଏକ ଗବେଷଣାରେ ଦାବି କରାଯାଇଛି।

୩୪ ଜଣ ବୟସ୍କ ବ୍ୟକ୍ତିଙ୍କ ଡିଏନ୍‌ଏର କେମିକାଲ ଟ୍ୟାଗ୍ ମଧ୍ୟରେ ତୁଳନା କରିବା ପରେ ଏହି ତଥ୍ୟ ସାମ୍ନାକୁ ଆସିଥିବା କାନାଡାର ୟୁନିଭର୍ସିଟି ଅଫ୍ ବ୍ରିଟିଶ୍ କଲମ୍ବିଆର ପ୍ରାଧ୍ୟାପକ ମାଇକେଲ କୋବୋର କହିଛନ୍ତି। ଏହି କେମିକାଲ୍ ଟ୍ୟାଗିଂକୁ 'ମିଥାଇଲେଶନ୍' ବୋଲି କୁହାଯାଏ। ମିଥାଇଲେଶନ୍ ଆପରାଧିକ ତଦନ୍ତ ପ୍ରକ୍ରିୟାରେ ବିଶେଷ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥାଏ। ଏହା ପୀଡ଼ିତଙ୍କ ଶରୀରକୁ ଯେଭଳି ଭାବେ ପ୍ରଭାବିତ କରିଥାଏ, ଯାହା ଜଣେ ସାଧାରଣ ଲୋକଙ୍କ କ୍ଷେତ୍ରରେ ଦେଖିବାକୁ ମିଳି ନ ଥାଏ। ନିର୍ଯାତନାର ଶିକାର ହୋଇଥିବା ବ୍ୟକ୍ତି ଏବଂ ଶିକାର ହୋଇ ନ ଥିବା ବ୍ୟକ୍ତିଙ୍କ ମିଥାଇଲେଶନ୍ ମଧ୍ୟରେ ତୁଳନା ଫଳାଫଳ କୋର୍ଟ କିମ୍ବା ତଦନ୍ତକାରୀ ଅଧିକାରୀଙ୍କ ପାଇଁ ବାୟୋମାର୍କର ଭାବେ କାମ କରିପାରେ ବୋଲି କୋବୋର କହିଛନ୍ତି। ତେବେ ଏହାର ଠୋସ୍ ପ୍ରମାଣ ପାଇବା ପାଇଁ ବୃହତ୍ ଆକାରରେ ଏ ଦିଗରେ ଗବେଷଣା ହେବା ଦରକାର ବୋଲି ସେ କହିଛନ୍ତି।

**ଧରିତ୍ରୀର ବିଭିନ୍ନ ଅଫିସ ଓ ପ୍ରତିନିଧିଙ୍କ ଟେଲିଫୋନ ନମ୍ବର**

ଭୁବନେଶ୍ୱର-(Code.0674) 2580101(Advt.), 2549302(News), Fax No. 2549795.Dharitri, ନୂଆଦିଲ୍ଲୀ-(011)23329821, 23329822, ନୂଆଦିଲ୍ଲୀ ପ୍ରତିନିଧି-09999032822, କଟକ ଅଫିସ-(0671)2321004, 2322004, ସମ୍ବଲପୁର-(0663) 2405816, ଢେଙ୍କାନାଳ ଅଫିସ-(06762)224254, ଫୁଲବାଣୀ ଅଫିସ-(06842)253116, 9438367053, ବଲାଙ୍ଗୀର ଅଫିସ-(06652)234333, ବରଗଡ ଅଫିସ-(06646)234789, ଅନୁଗୋଳ-(06764)237556, (ତାଳଚେର-(06760)241177, ରାଉରକେଲା ଅଫିସ-(0661)2643242, ସୁନ୍ଦରଗଡ଼-9437346088, ଯାଜପୁର ଅଫିସ-8895242449, ପାରାଦୀପ-(06722)221081, ବାଲେଶ୍ୱର ଅଫିସ-(06782)240604, ବାରିପଦା ଅଫିସ-9437018073, ଭବାନୀପାଟଣା-9437153870, ରାୟଗଡା ଅଫିସ-(06856)225625, 9437090496, କୋରାପୁଟ ଅଫିସ-06852252599, ଜୟପୁର-9437182105, ନବରଙ୍ଗପୁର-9437119068, ସୋନପୁର-9438739383, ଯାଜପୁର ରୋଡ଼-(06726)265030, ଖୋର୍ଦ୍ଧା ଅଫିସ-(06755)223444, ପୁରୀ ଅଫିସ-(06752)221922, ଆସ୍କା-(06822)273440, 272144, କେନ୍ଦୁଝର-9437197395, ଜଗତ୍‌ସିଂହପୁର ଅଫିସ-(06724)224030, 8763968203, ନୟାଗଡଅଫିସ-(06753)252710, ଭଦ୍ରକଅଫିସ-(06784)242101, ନୂଆପଡ଼ାଅଫିସ-(06678)223068, ଝାରସୁଗୁଡ଼ାଅଫିସ-(06645)272799, ଦେବଗଡ-9437121562, କେନ୍ଦ୍ରାପଡ଼ାଅଫିସ-06727233825, ପାରଳାଖେମୁଣ୍ଡି-9437140002.

DHARITRI

ବାଲେଶ୍ୱର, ଶନିବାର, ଅକ୍ଟୋବର ୬/୨୦୧୮ | Balasore, Saturday, October 6 / 2018 | ପୃଷ୍ଠା-୧



## ମୁଁ ବଲିଉଡ୍‌ଠାରୁ ଦୂରେଇନାହିଁ: ଇଲା ଅରୁଣ

'ଯୋଦ୍ଧା ଆକବର', 'ଶାଦି କେ ସାଇଡ୍ ଇଫେକ୍ଟସ' ଏବଂ 'ବେଗମ୍ ଜାନ୍' ଭଳି ଫିଲ୍ମରେ ଅଭିନୟ କରିଥିବା ଇଲା ଅରୁଣ ବଲିଉଡ୍‌ଠାରୁ ଦୂରେଇ ନ ଥିବା କହିଛନ୍ତି।

୧୦

୧୭

## ଜାଡେଜାଙ୍କ ପ୍ରଥମ ଟେଷ୍ଟ ଶତକ

ରାଜକୋଟରେ ଚାଲିଥିବା ୱେଷ୍ଟଇଣ୍ଡିଜ ବିପକ୍ଷ ପ୍ରଥମ କ୍ରିକେଟ ଟେଷ୍ଟରେ ଭାରତର ରବୀନ୍ଦ୍ର ଜାଡେଜା କ୍ୟାରିୟରର ପ୍ରଥମ ଟେଷ୍ଟ ଶତକ ହାସଲ କରିଛନ୍ତି।



### ସଂକ୍ଷେପରେ

## ଇଣ୍ଟରପୋଲ୍ ମୁଖ୍ୟ ଚାଇନାରେ ନିଖୋଜ



ପ୍ୟାରିସ୍,୫।୧୦: ଚାଇନାରେ ନିଖୋଜ ହେଲେ ଇଣ୍ଟରପୋଲ ମୁଖ୍ୟ ମେଙ୍ଗ ହଙ୍ଗ୍‌ୱେଇ। କିଛିଦିନ ପୂର୍ବରୁ ହଙ୍ଗ୍‌ୱେଇ ଇଣ୍ଟରପୋଲ ମୁଖ୍ୟାଳୟ ଫ୍ରାନ୍ସର ଲିଓନ୍ ଛାଡ଼ି ନିଜ ଦେଶକୁ ଗସ୍ତ କରିଥିଲେ। ସେପ୍ଟେମ୍ବର ଶେଷବେଳୁ ସ୍ୱାମୀଙ୍କ ସହ କୌଣସି ଯୋଗାଯୋଗ ହୋଇ ନ ଥିବା ହଙ୍ଗ୍‌ୱେଇଙ୍କ ସ୍ତ୍ରୀ କହିଛନ୍ତି। ଶୁକ୍ରବାର ଏ ନେଇ ଫ୍ରାନ୍ସର ଜଣେ ନ୍ୟାୟିକ ଅଧିକାରୀ ସୂଚନା ଦେଇଛନ୍ତି। ହଙ୍ଗ୍‌ୱେଇ ଚାଇନାରେ ଓହ୍ଲାଇବା ଖବର ଫ୍ରାନ୍ସ ନିକଟରେ ଅଛି। ତାଙ୍କ ନିଖୋଜ ଖବର ମଧ ଇଣ୍ଟରପୋଲ୍ ଜାଣିଛି। ଏହି ଘଟଣା ବର୍ତ୍ତମାନ ଉଭୟ ଚାଇନା ଏବଂ ଫ୍ରାନ୍ସ କର୍ତ୍ତୃପକ୍ଷଙ୍କ ପାଇଁ ଏହା ଏକ ଚିନ୍ତାର ବିଷୟ ବୋଲି ଅଧିକାରୀ ଜଣକ କହିଛନ୍ତି। ନଭେମ୍ବର ୨୦୧୬ରେ ହଙ୍ଗ୍‌ୱେଇ ଇଣ୍ଟରପୋଲ୍ ମୁଖ୍ୟ ଭାବେ ନିଯୁକ୍ତ ହୋଇଥିଲେ। ୨୦୨୦ରେ ତାଙ୍କ କାର୍ଯ୍ୟକାଳ ଶେଷ ହେବାକୁ ଯାଉଛି।

## ସମ୍ପତ୍ତି ବିକ୍ରି କରିପାରିବେନି ନୀରବ

ନୂଆଦିଲ୍ଲୀ,୫।୧୦: ହୀରା ବ୍ୟବସାୟୀ ନୀରବ ମୋଦି ତାଙ୍କର ୨୧ ଅସ୍ଥାବର ସମ୍ପତ୍ତିକୁ ବିକ୍ରି ଅଥବା ତୃତୀୟ ପକ୍ଷକୁ ହସ୍ତାନ୍ତର କରିପାରିବେ ନାହିଁ। ଏ ନେଇ ଆପେଲାଟ୍ ଟ୍ରିବ୍ୟୁନାଲ କଟକଣା ଜାରି କରିଛନ୍ତି। ନୀରବଙ୍କ ବିରୋଧରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି) ଏବଂ ୟୁବିଆଇ କନସୋର୍ଟିୟମରୁ ପ୍ରାୟ ୬୪୯୮.୨୦ କୋଟି ଟଙ୍କା ହଡ଼ପ କରିବା ଅଭିଯୋଗ ହୋଇଛି। ପ୍ରିଭେନ୍ସନ ଅଫ୍ ମନି ଲଣ୍ଡରିଂ ଆଇନ ଅଧୀନରେ ଆପେଲାଟ ଟ୍ରିବ୍ୟୁନାଲରେ ନୀରବଙ୍କ ବିରୋଧରେ ମାମଲା ଆଗତ ହୋଇଛି। ଏହାର ଶୁଣାଣି କରି ଟ୍ରିବ୍ୟୁନାଲ ଅଧ୍ୟକ୍ଷ ତଥା ବିଚାରପତି ମନମୋହନ ସିଂହ ଉକ୍ତ କଟକଣା ଜାରି କରିଛନ୍ତି।

## ଥାନା ଆଗରୁ ୫୧ହଜାର ଲୁଟ୍

**କେନ୍ଦ୍ରାପଡା ଅଫିସ, ୫।୧୦:** ସହରର ଟାଉନ ଥାନା ସମ୍ମୁଖ ସାନ୍ତସାହି ଛକରୁ ୫୧ ହଜାର ୫୦୦ ଟଙ୍କା ଲୁଟ୍ ହୋଇଛି। ଏ ନେଇ ସଦର ଥାନା ଅଧୀନ କନ୍ଦ୍ରେଇପୁର ଗ୍ରାମର ମୀନକେତନ ବେହେରା ଶୁକ୍ରବାର ଥାନାରେ ଅଭିଯୋଗ କରିଛନ୍ତି। ଲୁଟ ସମ୍ପର୍କରେ ଅଭିଯୋଗକାରୀ ବେହେରା ସୂଚନା ଦେଇଛନ୍ତି ଯେ, ସେ ଘରକାର୍ଯ୍ୟ ପାଇଁ ବ୍ୟାଙ୍କରୁ ୪୦ହଜାର ଟଙ୍କା ଉଠାଇ ଥିବା ବେଳେ ତାଙ୍କ ପାଖରେ ପୂର୍ବରୁ ୧୧ ହଜାର ୫୦୦ ଟଙ୍କା ଥିଲା। ସାନ୍ତସାହି ଛକଠାରେ ଥିବା ସିମେଣ୍ଟ ଦୋକାନୀଙ୍କୁ ଟଙ୍କା ଦେବାକୁ ଯିବା ବେଳେ ଏକ ପରିବା ଦୋକାନରୁ ପରିବା କିଣିଥିଲେ। ଏହି ସମୟରେ କେହି ଦୁର୍ବୃତ୍ତ ତାଙ୍କ ସାଇକେଲରୁ ଟଙ୍କା ବ୍ୟାଗ ନେଇଯାଇଛନ୍ତି ବୋଲି ମୀନକେତନ କହିଛନ୍ତି।

■ ଯୁଦ୍ଧବେଳେ ଯୌନ ହିଂସା ବିରୋଧରେ ସଫଳ ସଂଗ୍ରାମ

# ମୁରାଦ୍, ମୁକ୍‌ୱେଗେଙ୍କୁ ନୋବେଲ ଶାନ୍ତି



ନାଦିଆ ମୁରାଦ୍



ଡେନିସ୍ ମୁକ୍‌ୱେଗେ

ଓସ୍‌ଲୋ,୫।୧୦(ଆଇଏଏନ୍‌ଏସ୍)

ଇରାକ୍‌ର ମାନବାଧିକାର କର୍ମୀ ନାଦିଆ ମୁରାଦ୍ ଓ କଙ୍ଗୋର ଡାକ୍ତର ଡେନିସ୍ ମୁକ୍‌ୱେଗେ ୨୦୧୮ ନୋବେଲ ଶାନ୍ତି ପୁରସ୍କାର ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସାରା ବିଶ୍ୱରେ ଯୁଦ୍ଧ ଓ ସଶସ୍ତ୍ର ସଂଘର୍ଷ ବେଳେ ଯୌନ ହିଂସାକୁ ଏକ ଅସ୍ତ୍ର ଭାବେ ବ୍ୟବହାର କରାଯିବା ବିରୋଧରେ ଉଭୟେ ସଂଗ୍ରାମ କରି ସଫଳ ହୋଇଛନ୍ତି। ଏଥିଯୋଗୁ ଦୁହିଁଙ୍କୁ ମିଳିତ ଭାବେ ଏହି ମର୍ଯ୍ୟାଦାଜନକ ସମ୍ମାନରେ ସମ୍ମାନିତ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିବା ନରୱେଜିଆନ୍ ନୋବେଲ କମିଟି ପକ୍ଷରୁ ଶୁକ୍ରବାର ଘୋଷଣା କରାଯାଇଛି। ଯୁଦ୍ଧଭୂଇଁରେ ମହିଳା ଓ ସେମାନଙ୍କ ମୌଳିକ ଅଧିକାର ତଥା ନିରାପତ୍ତାକୁ ସ୍ୱୀକୃତି ପ୍ରଦାନ ପୂର୍ବକ ରକ୍ଷା କରାଯାଇପାରିଲେ ଏକ ଅଧିକ ଶାନ୍ତିପୂର୍ଣ୍ଣ ବିଶ୍ୱର ପରିକଳ୍ପନା ସାକାର ହୋଇପାରିବ ବୋଲି ନୋବେଲ କମିଟି ଅଧକ୍ଷା ବେରିଟ୍ ରେଇସ୍-ଆଣ୍ଡରସେନ୍ ପୁରସ୍କାର ଘୋଷଣା ଅବସରରେ କହିଛନ୍ତି। ୨୫ ବର୍ଷୀୟା ନାଦିଆ ମୁରାଦ୍ ହେଉଛନ୍ତି ଇରାକ୍‌ର ଜଣେ ୟାଜିଦି କୁର୍ଦ୍ଦିଶ ମାନବାଧିକାର କର୍ମୀ। ସେ ସେଠାକାର ସଂଖ୍ୟାଲଘୁ ☞ପୃଷ୍ଠା-୨





### ଆଜିର ସମ୍ପାଦକୀୟ

ଆଇଏଏସ୍ ବାବୁ ଖପା

### ଆଜିର ମନ୍ତବ୍ୟ

" ମହିଳାଙ୍କୁ ରଣକ୍ଷେତ୍ରର ଅସ୍ତ୍ର ଭାବେ ବ୍ୟବହାର କରାଯାଉଛି।

-ବେରିଟ୍ ରିସ୍-ଆଣ୍ଡରସନ, ନୋବେଲ କମିଟି ମୁଖ୍ୟ

### କିଛି ତଥ୍ୟ

ଏପ୍ରିଲ୍-ଅଗଷ୍ଟ ସମୟରେ ଦେଶର ରପ୍ତାନି ଅଭିବୃଦ୍ଧି ରେକର୍ଡ ସ୍ତର ଛୁଇଁ ୧୬.୧୩% ରହିଥିଲା। ଏହି ସମୟରେ ଆମଦାନୀ ଅଭିବୃଦ୍ଧି ୧୭.୩୪% ରହିଛି। - ବାଣିଜ୍ୟ ମନ୍ତ୍ରଣାଳୟ

# ହୀରାକୁଦକୁ ଛତିଶଗଡ଼ କାଳ

ଭୁବନେଶ୍ୱର,୫।୧୦(ବ୍ୟୁରୋ)



■ ୬ ବ୍ୟାରେଜ ଗେଟ୍ ବନ୍ଦ କଲେ ରମଣ ସିଂ ସରକାର

■ କମିଲା ହୀରାକୁଦ ଜଳସ୍ତର

■ ବାଧାପ୍ରାପ୍ତ ହେବ ଜଳସେଚନ, ବିଦ୍ୟୁତ୍ ଉତ୍ପାଦନ

■ ଖରାଦିନେ ଅସମ୍ଭାଳ ହେବ ସ୍ଥିତି: ସର୍ବୋଚ୍ଚ ଯନ୍ତ୍ରୀ

ହୀରାକୁଦ ଜଳଭଣ୍ଡାର ପାଇଁ ଛତିଶଗଡ କାଳ ହୋଇଛି। ମହାନଦୀର ଉପରମୁଣ୍ଡରେ ରମଣ ସିଂ ସରକାର ୬ଟି ବୃହତ୍ ବ୍ୟାରେଜ ନିର୍ମାଣ କରିବା ଫଳରେ ହୀରାକୁଦ ଗଭୀର ଭାବେ ପ୍ରଭାବିତ ହୋଇଛି। ଜଳ ଭଣ୍ଡାରରେ ଆବଶ୍ୟକତାଠାରୁ ଜଳ ସ୍ତର ଖସିବାରେ ଲାଗିଛି। ଫେବୃୟାରୀ ଓ ମାର୍ଚ୍ଚ ମାସ ବେଳକୁ ସ୍ଥିତି ଅସମ୍ଭାଳ ହେବ। ବିଦ୍ୟୁତ୍ ଉତ୍ପାଦନ ପ୍ରଭାବିତ ହେବା ସହିତ ଚାଷ କାର୍ଯ୍ୟ ପାଇଁ ଆବଶ୍ୟକ ଜଳ ଯୋଗାଇ ଦେବା ସମ୍ଭବ ହେବନାହିଁ। ଛତିଶଗଡ ମହାନଦୀ ଉପରେ ନିର୍ମାଣ କରିଥିବା ୬ଟି ବ୍ୟାରେଜର ଗେଟ୍ ବନ୍ଦ କରିବାରୁ ଓଡିଶାକୁ ଏଭଳି ଦଶା ଭୋଗିବାକୁ ପଡିଲାଣି। ଜଳ ସମ୍ପଦ ବିଭାଗ ସର୍ବୋଚ୍ଚ ଯନ୍ତ୍ରୀ ଜ୍ୟୋତିର୍ମୟ ରଥ ମଧ ଏକଥାକୁ ମାନିଛନ୍ତି। ଶୁକ୍ରବାର ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି ଯେ, ସେପ୍ଟେମ୍ବର ୩୦ ତାରିଖରେ ଜଳ ସମ୍ପଦ ବିଭାଗର ଏକ ଟିମ୍ ଛତିଶଗଡ ଯାଇଥିଲା। ଟିମ୍ ସଦସ୍ୟମାନେ ମହାନଦୀ ଉପରମୁଣ୍ଡରେ ଥିବା ୬ଟି ବ୍ୟାରେଜ ବୁଲି ଦେଖିଥିଲେ। ସେତେବେଳେ ସମସ୍ତ ବ୍ୟାରେଜର ଗେଟ୍‌ଗୁଡିକ ଖୋଲା ରହିଥିଲା। କିନ୍ତୁ ୪ ଦିନ ପରେ ଅର୍ଥାତ ଅକ୍ଟୋବର ୫ ତାରିଖରେ ବ୍ୟାରେଜଗୁଡିକର ଗେଟ୍‌ଗୁଡିକୁ ବନ୍ଦ କରି ଦିଆଯାଇଛି। କଲମା ବ୍ୟାରେଜର ୧୮ଟି ଗେଟ୍ ସମ୍ପୂର୍ଣ୍ଣ ବନ୍ଦ ହୋଇଥିବା ☞ପୃଷ୍ଠା-୨

# ଶ୍ରମିକଙ୍କ ମଜୁରି ବଢ଼ିଲା

ଭୁବନେଶ୍ୱର, ୫।୧୦(ବ୍ୟୁରୋ)

କେନ୍ଦ୍ର ସରକାର ରାଜ୍ୟରେ ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟରତ କୁଶଳୀ, ଅଣକୁଶଳୀ, ଅର୍ଦ୍ଧକୁଶଳୀ ଶ୍ରମିକଙ୍କ ପାଇଁ ସର୍ବନିମ୍ନ ଦୈନିକ ମଜୁରୀ ବୃଦ୍ଧି କରିଛନ୍ତି। ଏ ନେଇ ଶ୍ରମ ମନ୍ତ୍ରଣାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଖଣି ଖାଦାନରେ କାର୍ଯ୍ୟରତ ଅଣ କୁଶଳୀ ଶ୍ରମିକମାନଙ୍କର ଦୈନିକ ମଜୁରୀ ୩୫୦ରୁ ୩୭୩କୁ ବୃଦ୍ଧି କରାଯାଇଥିବା ବେଳେ ଅର୍ଦ୍ଧକୁଶଳୀଙ୍କର ୪୩୭ରୁ ୪୬୬, କୁଶଳୀଙ୍କ ୫୨୩ରୁ ୫୫୮ ଏବଂ ଉଚ୍ଚକୁଶଳୀଙ୍କ ୬୧୦ରୁ ୬୫୧ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି ଖଣି ଭିତରେ କାର୍ଯ୍ୟରତ ଅଣକୁଶଳୀ ଶ୍ରମିକମାନଙ୍କର ଦୈନିକ ମଜୁରୀ ୩୩୭ରୁ ୪୬୬ ଟଙ୍କାକୁ ବୃଦ୍ଧି କରାଯାଇଥିବା ବେଳେ ଅର୍ଦ୍ଧକୁଶଳୀଙ୍କର ୫୨୩ରୁ ୫୫୮, କୁଶଳୀଙ୍କ ୬୧୦ରୁ ୬୫୧ ଏବଂ ଉଚ୍ଚକୁଶଳୀଙ୍କ ମଜୁରୀ ୬୮୩ରୁ ୭୨୮ ଟଙ୍କାକୁ ବୃଦ୍ଧି କରାଯାଇଛି। କଟକ, ଭୁବନେଶ୍ୱର ଓ ରାଉରକେଲାରେ କାର୍ଯ୍ୟରତ ଅଣ କୁଶଳୀ ଶ୍ରମିକମାନଙ୍କର ଦୈନିକ ମଜୁରୀ ୪୩୭ରୁ ୪୬୬କୁ ବୃଦ୍ଧି କରାଯାଇଥିବା ବେଳେ ଅର୍ଦ୍ଧକୁଶଳୀଙ୍କର ୪୯୪ରୁ ୫୨୭, କୁଶଳୀ ୫୭୯ରୁ ୬୧୭ ଏବଂ ଉଚ୍ଚ କୁଶଳୀ ୬୩୭ରୁ ୬୭୯ ଟଙ୍କାକୁ ବୃଦ୍ଧି କରାଯାଇଛି। ☞ପୃଷ୍ଠା-୨

ସର୍ବୋଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପାଳନ ହେଲାନି

# କୋଣାର୍କ ଥାନାରେ ହାଜର ହେଲେନି ଅଭିଜିତ

କୋଣାର୍କ, ୫।୧୦(ଡି.ଏନ୍.ଏ.)/ ଭୁବନେଶ୍ୱର(ପି.ଟି.)



ଅଭିଜିତ ଆୟର ମିତ୍ର

ସୂର୍ଯ୍ୟମନ୍ଦିର ଉପରେ ଅଶାଳୀନ ମନ୍ତବ୍ୟ ଦେଇଥିବା ଦିଲ୍ଲୀର ଅଭିଜିତ ଆୟର ମିତ୍ର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ଅନୁଯାୟୀ ଶୁକ୍ରବାର କୋଣାର୍କ ଥାନାରେ ହାଜର ହେବା କଥା। ମାତ୍ର ଆୟର ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକୁ ବେଖାତିର କରିବା ସହ ଥାନାରେ ହାଜର ହୋଇ ନ ଥିଲେ। ଫଳରେ ଏହାକୁ ନେଇ କୋଣାର୍କରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଆୟରଙ୍କ ବିରୋଧରେ କୋଣାର୍କ ଅଞ୍ଚଳର ପୂର୍ବତନ କାଉନସିଲର ବିମ୍ବାଧର ବେଉରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଶୁକ୍ରବାର ସେ ଥାନାରେ ହାଜର ହେବାକୁ ଥିବାରୁ ତାଙ୍କୁ ଦେଖିବା ପାଇଁ ସମସ୍ତ କାର୍ଯ୍ୟରତ ଗଣମାଧ୍ୟମ ପ୍ରତିନିଧିଙ୍କ ସମେତ ସ୍ଥାନୀୟ ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ମାତ୍ର ସକାଳରୁ ସନ୍ଧ୍ୟା ହୋଇଯାଇଥିଲେ ମଧ ଆୟର ନ ଆସିବାରୁ ସମସ୍ତେ ନିରାଶ ହୋଇ ଫେରିଥିଲେ। ଅନ୍ୟପକ୍ଷରେ ଅଭିଜିତ ଓଡ଼ିଶା ପୋଲିସଠାରୁ ତାଙ୍କ ପାଇଁ ସୁରକ୍ଷା ଲୋଡ଼ି ଏକ ଇ-ମେଲ ପଠାଇଥିବା ପୁରୀ ଏସ୍‌ପି ଡ.ସାର୍ଥକ ଷଡ଼ଙ୍ଗୀଙ୍କଠାରୁ ଜଣାପଡ଼ିଛି।

ପ୍ରକାଶ ଯେ, ସୁପ୍ରିମକୋର୍ଟ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଏହି ମାମଲାର ଶୁଣାଣି କରୁଥିବା ଖଣ୍ଡପୀଠ ଗୁରୁବାର ଅଭିଜିତଙ୍କ ଜାମିନ ଆବେଦନକୁ ଖାରଜ କରିଦେଇଥିଲେ। ଆୟରଙ୍କ ମନ୍ତବ୍ୟ ଧାର୍ମିକ ଭାବନାକୁ ଆଘାତ ଦେଇଛି। ଏପରି ସ୍ଥଳେ ତାଙ୍କୁ କିପରି ଜାମିନ ଦିଆଯାଇପାରିବ ବୋଲି ଖଣ୍ଡପୀଠ ରାୟ ଶୁଣାଇଥିଲେ।

ଅପରପକ୍ଷରେ ଅକ୍ଟୋବର ୧୧ରେ ହାଜର ହେବାକୁ ବିଧାନସଭା ଗୃହକମିଟି ଅଭିଜିତଙ୍କୁ ସମନ ଜାରି କରିଥିଲା। ହେଲେ ଗୃହକମିଟି ଆଗରେ ଅଭିଜିତ ହାଜର ହେବାପାଇଁ ଶୁକ୍ରବାର ତାଙ୍କ ଓକିଲ ଓଡ଼ିଶା ପୋଲିସଠାରୁ ସୁରକ୍ଷା ଲୋଡ଼ିଛନ୍ତି। ସେହିପରି ଅଭିଜିତଙ୍କ ଇ-ମେଲକୁ ଭୁବନେଶ୍ୱର ଡିସିପିଙ୍କ ନିକଟକୁ ପଠାଯାଇଥିବା ପୁରୀ ଏସ୍‌ପି ଷଡ଼ଙ୍ଗୀ କହିଛନ୍ତି।

■ ପ୍ରେମ ପାଇଁ ଜୀବନ ଦେଲେ

# ମାଉସୀ, ପୁତୁରାଙ୍କ ଆତ୍ମହତ୍ୟା

### ନିର୍ମାଣାଧୀନ ଆପାର୍ଟମେଣ୍ଟରୁ ମୃତଦେହ ଜବତ

ଭୁବନେଶ୍ୱର, ୫।୧୦(ବ୍ୟୁରୋ)

ପ୍ରେମ ପାଇଁ ଜୀବନ ଦେଇଛନ୍ତି ଏକ ପ୍ରେମୀ ଯୁଗଳ। ପ୍ରେମରେ ପରିବାର ଲୋକେ ବାଧାଦେବା ଭୟରେ ଉଭୟେ ଆତ୍ମହତ୍ୟାର ବାଟକୁ ବାଛିନେଇଛନ୍ତି। ଯୁବକ ଜଣକ ନାବାଳିକା ପ୍ରେମିକାଙ୍କ ସହ ମୟୂରଭଞ୍ଜରୁ ଲୁଚି ପଳାଇ ଆସିବା ପରେ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ଅଞ୍ଚଳର ଏକ ନିର୍ମାଣାଧୀନ ଆପାର୍ଟମେଣ୍ଟରେ ଆତ୍ମହତ୍ୟା କରିଛନ୍ତି। ଶୁକ୍ରବାର ଉକ୍ତ ଆପାର୍ଟମେଣ୍ଟରୁ ପୋଲିସ ସେମାନଙ୍କ ମୃତଦେହ ଜବତ କରିଛି। ସେମାନେ ସମ୍ପର୍କରେ ମାଉସୀ ଏବଂ ପୁତୁରା ହେବେ ବୋଲି ଜଣାପଡ଼ିଛି।

ସୂଚନା ଅନୁଯାୟୀ, ପ୍ରେମୀ ଯୁଗଳଙ୍କ ଘର ମୟୂରଭଞ୍ଜ ଜିଲାରେ। ଯୁବକ ଜଣକ ଭୁବନେଶ୍ୱରକୁ ଆସି ଲୁମ୍ବିନୀ ବିହାର ଅଞ୍ଚଳରେ ଜଣେ ରାଜମିସ୍ତ୍ରିଙ୍କ ପାଖରେ ରହି କାମ କରୁଥିଲେ। ସେ ଗାଁକୁ ଯିବା ଆସିବା କରିବା ଭିତରେ ତାଙ୍କ ମାଉସୀଙ୍କୁ ଭଲ ପାଇ ବସିଥିଲେ। ଗତ ଗୁରୁବାର ସକାଳେ ସେ ମାଉସୀଙ୍କୁ ଧରି ଭୁବନେଶ୍ୱର ଚାଲି ଆସିଥିଲେ। ସେ ଲୁମ୍ବିନୀ ବିହାର ଅଞ୍ଚଳରେ କାମ କରୁଥିବା ଆପାର୍ଟମେଣ୍ଟ ପରିସରରେ ଥିବା ଏକ ଘରେ ରହୁଥିଲେ। ସେମାନେ ଗାଁରୁ ଆସିବା ପରେ ପରିବାର ଲୋକେ ସେମାନଙ୍କୁ ବୁଝାଇ ସୁଝାଇ ଘରକୁ ଫେରାଇ ନେବା ପାଇଁ ଭୁବନେଶ୍ୱର ଆସିଥିଲେ। ଦିନ ସାରା ସେମାନଙ୍କୁ ଖୋଜିଥିଲେ ମଧ ପାଇ ନ ଥିଲେ। ଶୁକ୍ରବାର ପରିବାର ଲୋକେ ଉକ୍ତ ରାଜମିସ୍ତ୍ରିଙ୍କ ନିକଟକୁ ଯାଇଥିଲେ। ପୂର୍ବାହ୍ଣ ପ୍ରାୟ ୧୧ଟାରେ ଦୁହେଁ ରହୁଥିବା ଘର ନିକଟକୁ ଯାଇଥିଲେ। ହେଲେ ସେମାନେ ଭୟରେ ଘରୁ ବାହାରି ନ ଥିଲେ। ରାଜମିସ୍ତ୍ରି ଏବଂ ପରିବାର ଲୋକେ ସେମାନଙ୍କୁ ☞ପୃଷ୍ଠା-୨

BISHANDAYAL JEWELLERS
BIS: 916
Sriya Square, Bhubaneswar
Deals in : Gold, Diamond & Silver
Gold 24 CT - ₹ 32,400/- 10gm.
Gold 22 CT - ₹ 31,000/- 10gm.
Silver Rate - ₹ 370/- /10gm.
Making Charge - ₹100/- onwards / 1gm.
Condition Apply
Lowest gold Rate & Making Charges

NECC NATIONAL EGG CO-ORDINATION COMMITTEE 05.10.2018 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 57 | 102 | 112 |
| CTC | 59 | 105 | 115 |
| DKL | 60 | 106 | 116 |
| BDK | 61 | 107 | 117 |
| BLS | 61 | 107 | 117 |
| ANG | 60 | 106 | 116 |

*Conditions Apply
Eggs Retail Price- 47/-Dozen
Issued in the Interest of Consumers



## ଜନ୍ମଦିନର ଶୁଭେଚ୍ଛା

ନାମ: ......................................
ବୟସ:......................................
ଜନ୍ମ ତାରିଖ: ..............................


ସାହିଲ୍
ପରିବାରବର୍ଗ


ଓମ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

# classified




### SALE

Honda City- 2014, Innova- 2016, Ertiga- 2015, Swift Dezire- 2016, 2014, Swift VDI- 2016, Swift VXI- 2017, Bolero Plus- 2015, 2013, Bolero SLE- 2011, Alto- 800- 2015, MICRA- 2012, Ford Aspir- 2016, Ford Figo- 2016, Vento- 2011, Verito- 2015, Indigo- 2016, 2013, 2012, Indica- 2013. 9124337333, 0674-2434970. D-63388




### SALE

New residential plotting project near KIIT, developed by SDIPL having 40' main, 30' internal road, eletrification/ boundary wall (Bank finance available) psqft. 1250/-. 9937025614, 7008390130. D-64337

ଭୁବନେଶ୍ୱର ପିତାପଲି NH-5 ଠାରୁ 100' ଦୂରତାରେ BDA yellowzone ପ୍ଲଟ ମିଳୁଅଛି। 8338932027. D-64324

Morningsun Residency simplex near Hanspal- 28,00,000/- (Handover within 1month) 8908015464, 9853347909. D-64331

Ready 2BR flat near Sai Temple Tankapaniroad for sale Rs. 15 lakh onwards. 9776080988, 9238361409. D-63916

**Homestead land for sale at Baripada plot near Brahma Mandir genuine buyer. No broker. 8249309299, 9437086837.** D-64601

Gharabari plot with revenue road and electricity near Patia Station, Bhubaneswar. 7077110394. D-8711

1BR flat @ 12.50 lakhs & 2BR @ 15lakhs onwards apartment near Sai Temple, Tankapani Road, BBSR. 9776080988, 9238361409. D-63386

Prime location furnished bungalow, 11,000 sqft. construction on 5,500 sqft. land, Lewis Road, Bhubaneswar. 7008835631. D-63385

Ready studio 1R flat near Puri Seabeach Lighthouse @Rs. 10 lakhs onwards. Contact: 9776080988, 9238361409. D-63387

ସାମନ୍ତରାପୁର ନୂଆଗାଁ ପାଖରେ 2700 sqft. ଘରବାରି ପ୍ଲଟ ବିକ୍ରିହେବ। Contact: 9937910363. D-63853

**2/3 BHK ready to move flats for sale at DHPL Pride, Ghatikia near DAV Kalinga Nagar, starting at Rs. 32 lakhs Contact: 9937059891, 9348253463, 8908292617.** D-8750

ସୁନ୍ଦରପଦା କୁହା ମୌଜାରେ ଘରବାରି ପ୍ଲଟ ବିକ୍ରିହେବ। 9861964818, 9439364818, 9337766961. D-8670




**Construct your dream home @ 450/-, @ 1350/- & onwards with all branded materials along with 50 years structural guaranty. We provide BDA plan approval & architect plan– SMPL: 9439483779.** D-8752

### GENERAL

### SALE

Top quality Labrador Puppys for sale in Bhubaneswar. Call Bikrant @ 9668706640. D-63389




3BHK on ground floor for residence at Nageswartangi, Bhubaneswar. Contact: 9437011164. D-52881




All type of massage and good therapy full body massage Sai herbal spa. 7609005923. D-64205

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ମନେ ପଡ଼ନ୍ତି

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି ଦଶାହ ଉପଲକ୍ଷେ



**ସ୍ୱର୍ଗତା ଅନୁପମା କର**
ଗୁରୁମା, ଦିବ୍ୟଜୀବନ ସମାଜ ବାବୁସାହି, ବାରିପଦା
ଆବିର୍ଭାବ: ୧୬।୦୨।୧୯୫୪
ତିରୋଧାନ: ୨୭।୦୯।୨୦୧୮

ଆମ ସମସ୍ତଙ୍କୁ ଶୋକସାଗରରେ ଭସାଇ ଇହଲୀଳା ସମ୍ବରଣ କରି ଆରପାରିକୁ ଚାଲିଗଲ। ତୁମର ସ୍ନେହ, ତ୍ୟାଗ, ଶ୍ରଦ୍ଧା, ଅନାବିଳପ୍ରେମ, ପରୋପକାରିତା, ନିଷ୍ଠା, ସରଳତା, ଅମାୟିକ ବ୍ୟବହାର ତଥା ଧର୍ମପରାୟଣ, ସମାଜସେବା, ଈଶ୍ୱରଭକ୍ତି, ଆମ୍ଭମାନଙ୍କ ପାଇଁ ଚିର ପାଥେୟ ହେଉ। ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ବିନମ୍ର ପ୍ରାର୍ଥନା। ଶୋକସନ୍ତପ୍ତ: ହତଭାଗ୍ୟ- ପ୍ରତାପରୁଦ୍ର କର (ସ୍ୱାମୀ), ଡ.ହେରମ୍ବ ନାରାୟଣ ଓ ମୁନି (ଜାମାତା, କନ୍ୟା), ବୀରେନ୍ ଓ ସୋନି (ଜାମାତା, କନ୍ୟା), ବନ୍ଧୁ, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ଏବଂ ଦିବ୍ୟଜୀବନ ସମାଜ, ବାରିପଦା।
ଧ-୮୭୪୦

### ଏକାଦଶାହ ଉପଲକ୍ଷେ



**ସ୍ୱର୍ଗତା ଶତ୍ୟଭାମା ଦାଶ**
ସ୍ୱାମୀ- ସ୍ୱର୍ଗତ ବସନ୍ତ କୁମାର ଦାଶ
(ଆୟକର ଅଧିକାରୀ)
ଉତ୍ତର ମଧୁବନ, ଗୁଡିଆନାଳୀ, ଢେଙ୍କାନାଳ
ତିରୋଧାନ: ୨୬।୦୯।୨୦୧୮

ତୁମର ଅମରାତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ, ଏହାହିଁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ଆମର ପ୍ରାର୍ଥନା। ଶୋକସନ୍ତପ୍ତ: ସୁନୀଲ, ସୁଶୀଲ, ନୀଳିମା, ସ୍ୱର୍ଣ୍ଣପ୍ରଭା, ଶାନ୍ତିଲତା, ଗୀତାରାଣୀ, ବିଜୟଲକ୍ଷ୍ମୀ, ଚିନ୍ମୟୀ, ତନ୍ମୟୀ, ନାତିନାତୁଣୀ- ବର୍ଷ୍ଣି, ସିପୁ, ନିକି, ଶ୍ରୀ, ବନ୍ଧୁ, ପରିବାର ଓ ଆତ୍ମୀୟସ୍ୱଜନ। ଧ-୬୨୦୪୩

### ସ୍ମରଣାଞ୍ଜଳି



**✓ କର୍ଣ୍ଣେଲ ଜୟଦେବ ମହାପାତ୍ର**

କରୁଣା ବରୁଣାଳୟ ପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ପଦକମଳରେ ଏତିକି ଗୁହାରୀ, ସେହି ତେଜୋଦୀପ୍ତ ଅନିର୍ବାଣ ଆତ୍ମାଦୀପକୁ ଶଙ୍ଖରେ ରଖି ଚକ୍ର ଆଢୁଆଳରେ ତେଜି ଦିଅନ୍ତୁ। ଜାଜ୍ୱଲ୍ୟମାନ ସେହି ଶିଖାଗ୍ରରୁ ଝରିଆସୁ ଅସରନ୍ତି ଆଶୀର୍ବାଦ - ପ୍ରଖର ଧୀଶକ୍ତି, ଅଦମ୍ୟ ସାହସିକତା ଓ ଲକ୍ଷ୍ୟସାଧନର ଏକାଗ୍ର ପ୍ରୟାସ ଆଗାମୀ ପିଢ଼ିଙ୍କର ଚଲାପଥରେ ପାଥେୟ ହେଉ।

-: ଶୋକ ସନ୍ତପ୍ତ :-
କନ୍ୟା: ମନୀଷା, ପୁତ୍ର: ବିକ୍ରମଦେବ,
ଭାଣେଜି: ସୁମତି, ସୁଷମା, ଶ୍ୱେତପଦ୍ମା,
ଭଣଜା: ଦେବୀପ୍ରସାଦ ଓ କାଳୀପ୍ରସାଦ
ଧ-୮୭୪୯

### ଏକାଦଶାହ ଉପଲକ୍ଷେ ଶ୍ରଦ୍ଧାଞ୍ଜଳି



**✓ଜିତେନ୍ଦ୍ର କୁମାର ମହାନ୍ତି (ଜିତୁ)**
ଆବିର୍ଭାବ : ତା ୦୬.୦୭.୧୯୫୦
ତିରୋଧାନ : ତା ୨୬.୦୯.୨୦୧୮

ହଠାତ୍ ତୁମେ ଆମକୁ ଛାଡିଗଲ। ତୁମର ଅନୁପସ୍ଥିତିକୁ ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ। ତୁମର ସ୍ନେହ, ଶ୍ରଦ୍ଧା ଓ ଆଦର୍ଶ ଆମ ଜୀବନରେ ପ୍ରତିଫଳିତ ହେଉ, ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ। ତୁମ ଅମର ଆତ୍ମାର ସଦ୍‌ଗତି ହେଉ। ତୁମେ ଯେଉଁଠି ଥାଅ ସର୍ବଦା ଆମ ପ୍ରତି ଶୁଭ ଦୃଷ୍ଟି ଥାଉ।

ଶୋକସନ୍ତପ୍ତ : ପତ୍ନୀ- ପ୍ରଦୀପ୍ତା ମହାନ୍ତି, ପୁତ୍ର- ଆଦିତ୍ୟ ମହାନ୍ତି, ନିହାର ରଂଜନ ମହାନ୍ତି, ବୋହୂ- ରଶ୍ମି ମହାନ୍ତି, ନାତି-ଦେବାଂଶ, ଆତ୍ମୀୟ ଓ ପରିବାର ବର୍ଗ
ଧ-୮୭୬୦

## LOST

Missing SBI Cheque in the name of Satyajit Dixit and bus permit vehicle no.OR05AD/6343. If anybody found please inform to Phulbani Police Station. D-8761

## AFFIDAVIT

I Madhusmita Behera, DOB- 2nd June 1982, D/o- Simadri Behera of Berhampur shall henceforth be known as Sayeeda Jannat through affidavit sworn before Notary, Bhubaneswar dated 08.03.2010. D-8743


## ପ୍ରଥମ ପୃଷ୍ଠାରୁ...

## ମାଉସୀ, ପୁତୁରାଙ୍କ ...

ଯେତେ ବୁଝାଶୁଝା କରିଥିଲେ ମଧ୍ୟ କିଛି ସୁଫଳ ମିଳି ନ ଥିଲା। ଶେଷରେ ରାଜମିସ୍ତ୍ରି ପରିବାର ଲୋକଙ୍କୁ ଫେରିଯିବାକୁ କହିଥିଲେ। ଏପରି କି ପୋଲିସ ନିକଟକୁ ଯିବାକୁ ମଧ୍ୟ ବାରଣ କରିଥିଲେ। ସେମାନଙ୍କୁ ବୁଝାଶୁଝା କରି ଘରକୁ ପଠାଇବେ ବୋଲି ରାଜମିସ୍ତ୍ରି ଜଣକ ପରିବାର ଲୋକଙ୍କୁ କହିଥିଲେ। ପରିବାର ଲୋକେ ଯିବା ପରେ ରାଜମିସ୍ତ୍ରି ମଧ୍ୟ କାମକୁ ଯାଇଥିଲେ। ମାତ୍ର ସେ କାମରୁ ଆସିବା ପରେ ପ୍ରେମୀ ଯୁଗଳ ଯେଉଁ ଘରେ ରହୁଥିଲେ ତାହାର କବାଟ ଭିତରୁ ବନ୍ଦ ଥିଲା। ସେମାନଙ୍କୁ ଡାକିଥିଲେ ମଧ୍ୟ ଶୁଣି ନ ଥିଲେ। ଶେଷରେ ସେ ଝରକା ପଟେ ଦେଖିବାରୁ ଦୁହେଁ ଓଢ଼ଣୀ ଲଗାଇ ଆତ୍ମହତ୍ୟା କରିଥିବା ଜାଣିବାକୁ ପାଇଥିଲେ। ଖବର ପାଇ ପରିବାର ଲୋକେ ସେଠାରେ ପହଞ୍ଚିଥିଲେ। ପରେ ଚନ୍ଦ୍ରଶେଖରପୁର ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କ୍ୟାପିଟାଲ ହସ୍ପିଟାଲ ପଠାଇଥିଲା। ଏ ନେଇ ୨ଟି ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ମୁରାଦ୍, ମୁକ୍‌ୱେଗେଙ୍କୁ ...

ସମ୍ପ୍ରଦାୟର ବଳାତ୍କାର ପୀଡ଼ିତାଙ୍କ ମଧ୍ୟରୁ ଜଣେ, ଯାହାଙ୍କୁ ଇସ୍‌ଲାମିକ୍ ଷ୍ଟେଟ୍ (ଆଇଏସ୍) ସଜାଇଥିଲା ଯୌନଦାସୀ। ୨୦୧୪ ଅଗଷ୍ଟରେ ଆଇଏସ୍ ଇରାକ୍‌ର କେତେକ ଗୁରୁତ୍ୱପୂର୍ଣ୍ଣ ସହର ଦଖଲ କରିଥିବାବେଳେ ୩,୦୦୦ ମହିଳା ଓ ଯୁବତୀଙ୍କୁ ଅପହରଣ କରିନେଇଥିଲା। ସେମାନଙ୍କ ମଧ୍ୟରେ ମୁରାଦ୍ ଥିଲେ ଅନ୍ୟତମ। ଜେହାଦୀମାନେ ମୁରାଦଙ୍କୁ ଉତ୍ତର ଇରାକ୍‌ସ୍ଥିତ ତାଙ୍କ ଗାଁରୁ ଉଠାଇନେଇ ଜବରଦସ୍ତ ଇସ୍‌ଲାମ୍ ଧର୍ମ ଗ୍ରହଣ କରାଇଥିଲେ। ଆଇଏସ୍ ଜେହାଦୀଙ୍କ କବଳରୁ ଖସିଆସିବା ପୂର୍ବରୁ ୩ ମାସ ଧରି ସେ ବଳାତ୍କାର ଓ ଅକଥନୀୟ ଅତ୍ୟାଚାରର ଶିକାର ହୋଇଥିଲେ। ସେହି ସମୟରେ କୁର୍ଦ୍ଦିଶ ଭାଷାଭାଷୀ ସଂଖ୍ୟାଲଘୁଙ୍କ ଉପରେ ଏଭଳି ବର୍ବରତାକୁ ଗଣହତ୍ୟା ବୋଲି ଅଭିହିତ କରିଥିଲା ଜାତିସଂଘ। ମୁରାଦ୍ ମୁକ୍ତ ହେବା ପରେ ନିଜ କର୍ମବଳରେ ୟାଜିଦି ସମ୍ପ୍ରଦାୟର ଲୋକଙ୍କ ପାଇଁ ସେବା ଓ ତ୍ୟାଗର ପ୍ରତୀକ ପାଲଟି ଯାଇଥିଲେ। ମାନବ ଚାଲାଣ ବିରୋଧରେ ସଫଳ ଅଭିଯାନ ଚଳାଇ ସେ ୨୦୧୬ରେ ୟୁରୋପୀୟ ସଂଘର ମର୍ଯ୍ୟାଦାଜନକ ସାଖାରୋଭ୍ ପୁରସ୍କାର ହାସଲ କରିଥିଲେ। ୨୦୧୪ରେ ପାକିସ୍ତାନର ବାଳିକା ଶିକ୍ଷା ଅଧିକାର କର୍ମୀ ମଲାଲା ୟୁସୁଫ୍‌ଜାଇଙ୍କୁ ୧୭ ବର୍ଷ ହୋଇଥିବାବେଳେ ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ପ୍ରଦାନ କରାଯାଇଥିଲା। ମଲାଲାଙ୍କ ପରେ ମୁରାଦ୍ ହେଉଛନ୍ତି ଏହି ପୁରସ୍କାର ପାଇବାରେ ଦ୍ୱିତୀୟ କନିଷ୍ଠା ବିଜେତା। ସଦ୍ୟ ପୁରସ୍କାର ଘୋଷଣା ପରେ ଇରାକ୍ ସରକାର ନାଦିଆଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ବିଦେଶରୁ ମଧ୍ୟ ତାଙ୍କ ପାଖକୁ ଛୁଟିବାରେ ଲାଗିଛି ଶୁଭେଚ୍ଛାର ସୁଅ।

ସେହିପରି ୬୩ ବର୍ଷୀୟ ଡେନିସ୍ ମୁକ୍‌ୱେଗେ ଜଣେ ମହିଳା ରୋଗ ବିଶେଷଜ୍ଞ। ଯୁଦ୍ଧ ପ୍ରଭାବିତ କଙ୍ଗୋରେ ଯୌନ ହିଂସାର ଶିକାର ହୋଇଥିବା ହଜାର ହଜାର ମହିଳା, କିଶୋରୀ ଓ ଶିଶୁଙ୍କୁ ଚିକିତ୍ସା କରି ସେମାନଙ୍କ ତ୍ରାଣକର୍ତ୍ତା ସାଜିଛନ୍ତି ମୁକ୍‌ୱେଗେ। ଦୁଇ ଦଶନ୍ଧି ଧରି ତାଙ୍କ ବିରଳ ଚିକିତ୍ସା ସେବା ଓ ଅସ୍ତ୍ରୋପଚାର ବଳାତ୍କାର ପୀଡ଼ିତାଙ୍କ ପାଇଁ ଆଶାର ଆଲୋକ ସୃଷ୍ଟି କରିଛି। ମୁକ୍‌ୱେଗେ ୧୯୯୯ରେ ଦକ୍ଷିଣ କିଭୁରେ ପଞ୍ଜି ହସ୍ପିଟାଲ ପ୍ରତିଷ୍ଠା କରିଥିଲେ। ସେଠାରେ ସେ ୧୦ ହଜାରରୁ ଊର୍ଦ୍ଧ୍ୱ ପୀଡ଼ିତାଙ୍କୁ ଚିକିତ୍ସା କରିସାରିଲେଣି। 'ଡକ୍ଟର ମିରାକଲ୍' ନାମରେ ବିଖ୍ୟାତ ମୁକ୍‌ୱେଗେ ଯୁଦ୍ଧବେଳେ ମହିଳାଙ୍କୁ କରାଯାଉଥିବା ବଳାତ୍କାର ବିରୋଧରେ ସଂଗ୍ରାମର ଅଗ୍ରଦୂତ ସାଜିଛନ୍ତି। ଯୁଦ୍ଧ ସମୟରେ ଅବଳାଙ୍କ ପ୍ରତି ଯୌନ ହିଂସାକୁ ସେ 'ଏକ ଗଣ ବିଧ୍ୱଂସର ଅସ୍ତ୍ର' ବୋଲି ଅଭିହିତ କରନ୍ତି। ନୋବେଲ ଶାନ୍ତି ପୁରସ୍କାର ଘୋଷଣା ବେଳେ ଡକ୍ଟର ମୁକ୍‌ୱେଗେ ଜଣେ ପୀଡ଼ିତାଙ୍କ ଅସ୍ତ୍ରୋପଚାରରେ ବ୍ୟସ୍ତ ଥିଲେ। ଉଭୟ ମୁରାଦ୍ ଓ ମୁକ୍‌ୱେଗେ ଯୁଦ୍ଧ ଅପରାଧ ନିରୋଧୀ ସଂଗ୍ରାମରେ ସାମିଲ ହୋଇ ନିଜ ଜୀବନକୁ ବିପନ୍ନ କରିଦେଇଥିଲେ। ଶେଷରେ ଦୁହିଁଙ୍କୁ ଏଥିପାଇଁ ଉପଯୁକ୍ତ ସମ୍ମାନ ମିଳିଛି। ବୈଜ୍ଞାନିକ ଆଲଫ୍ରେଡ୍ ନୋବେଲ (୧୮୩୩-୧୮୯୬)ଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଡିସେମ୍ବର ୧୦ରେ ଓସ୍‌ଲୋର ଟାଉନ୍‌ହଲଠାରେ ଏକ ସ୍ୱତନ୍ତ୍ର ଉତ୍ସବରେ ଉଭୟଙ୍କୁ ସମ୍ମାନିତ କରାଯିବ। ପୁରସ୍କାର ରାଶି ବାବଦକୁ ବିଜେତାଙ୍କୁ ମିଳିବ ୯ ନିୟୁତ ସ୍ୱିଡିଶ୍ କ୍ରୋନା (୧.୧ ନିୟୁତ ଡଲାର)। ପ୍ରକାଶ ଯେ, ଚଳିତବର୍ଷ ନୋବେଲ ଶାନ୍ତି ପୁରସ୍କାର ପାଇଁ ରେକର୍ଡ ସଂଖ୍ୟକ ୩୩୨ ବ୍ୟକ୍ତି ଓ ସଙ୍ଗଠନ ଆବେଦନ କରିଥିଲେ।

## ହୀରାକୁଦକୁ ଛତିଶଗଡ଼....

ବେଳେ ମିରୋଲି ବ୍ୟାରେଜର ୮୧ଟି ଗେଟରୁ ମାତ୍ର ୬ଟି ଖୋଲା ରହିଛି। ସେହିପରି ସିମୋଦା ବ୍ୟାରେଜର ୪୫ଟି ଗେଟକୁ ବନ୍ଦ କରିଦିଆଯାଇଛି। ହୀରାକୁଦ ଜଳ ଭଣ୍ଡାରକୁ ପ୍ରତିସେକେଣ୍ଡରେ ମାତ୍ର ୧୨ ହଜାର କ୍ୟୁସେକ ପାଣି ପ୍ରବେଶ କରୁଥିବାବେଳେ ୧୮ ହଜାର କ୍ୟୁସେକ ଛଡାଯାଉଛି ବୋଲି ସର୍ବୋଚ୍ଚ ଯନ୍ତ୍ରୀ କହିଛନ୍ତି। ହୀରାକୁଦ ଜଳଭଣ୍ଡାରରେ ୨୦୧୭ ଅକ୍ଟୋବର ୫ ତାରିଖ ବେଳକୁ ଜଳସ୍ତର ୬୩୦.୩୬ ଫୁଟ ଥିବାବେଳେ ଶୁକ୍ରବାର ଜଳସ୍ତର ୬୨୯.୩୯ ଫୁଟ ରହିଛି। ଏଭଳି ସ୍ଥିତି ଜାରି ରହିଲେ ଅଣମୌସୁମୀ ଋତୁରେ କାଳରେ ଜଳଭଣ୍ଡାରରେ ଜଳ ସଙ୍କଟ ଦେଖାଦେବ ବୋଲି ସେ କହିଛନ୍ତି।

ଏଠାରେ ସୂଚନାଯୋଗ୍ୟ ଯେ, ଓଡିଶା ସରକାରଙ୍କୁ କୌଣସି ସୂଚନା ନ ଦେଇ ଅଗଷ୍ଟ ମାସରେ ଛତିଶଗଡ ସମସ୍ତ ବ୍ୟାରେଜ ଖୋଲିଦେବାରୁ ମହାନଦୀର ତଳ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଥିଲା।

ମହାନଦୀ ଉପରମୁଣ୍ଡରେ ବ୍ୟାରେଜ ନିର୍ମାଣକୁ ନେଇ ଓଡିଶା ଏବଂ ଛତିଶଗଡ ମଧ୍ୟରେ ବିବାଦ ଦେଖାଦେଇଛି। ବ୍ୟାରେଜ ନିର୍ମାଣକୁ ବିରୋଧ କରି ଓଡିଶା ସରକାର କେନ୍ଦ୍ରର ସହଯୋଗ ଲୋଡିଥିଲେ। କେନ୍ଦ୍ର ସରକାର ଏହାର ସମାଧାନ କରି ନ ପାରିବାରୁ ରାଜ୍ୟ ସରକାର ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଆନ୍ତଃରାଜ୍ୟ ଜଳ ବିବାଦ ଆଇନ ୧୯୫୬ ଅନୁଯାୟୀ ଟ୍ରିବ୍ୟୁନାଲ ଗଠନ କରାଯାଇଛି। ସୁପ୍ରିମକୋର୍ଟ ବିଚାରପତିଙ୍କ ଅଧ୍ୟକ୍ଷତାରେ ୩ ଜଣିଆ ବିଚାରପତିଙ୍କୁ ନେଇ ଗଠିତ ଟ୍ରିବ୍ୟୁନାଲ ମହାନଦୀ ଜଳ ବିବାଦର ଶୁଣାଣି କରୁଛନ୍ତି। ବିବାଦ ଏବେ ଟ୍ରିବ୍ୟୁନାଲରେ ରହିଥିବାବେଳେ ଛତିଶଗଡର ମନମୁଖୀ କାର୍ଯ୍ୟ ଓଡ଼ିଶା ପାଇଁ ଜଳ ସଙ୍କଟ ସୃଷ୍ଟି କରିବ ବୋଲି ବିଶେଷଜ୍ଞମାନେ ମତ ଦେଉଛନ୍ତି।

## ଶ୍ରମିକଙ୍କ ମଜୁରୀ ...

ସେହିପରି ରାଜ୍ୟର ଅନ୍ୟ ସ୍ଥାନରେ କାର୍ଯ୍ୟରତ ଅଣ କୁଶଳୀ ଶ୍ରମିକମାନଙ୍କର ଦୈନିକ ମଜୁରୀ ୩୫୦ରୁ ୩୩୭ କୁ ବୃଦ୍ଧି କରାଯାଇଥିବା ବେଳେ ଅର୍ଦ୍ଧକୁଶଳୀଙ୍କର ୪୧୦ରୁ ୪୩୭, କୁଶଳୀ ୪୯୪ରୁ ୫୨୭ ଏବଂ ଉଚ୍ଚ କୁଶଳୀ ୫୭୯ରୁ ୬୧୭ ଟଙ୍କାକୁ ବୃଦ୍ଧି କରାଯାଇଛି। ସେହିପରି କଟକ, ଭୁବନେଶ୍ୱର ଓ ରାଉରକେଲେ ସହରାଞ୍ଚଳରେ କୃଷି କ୍ଷେତ୍ରରେ କାର୍ଯ୍ୟରତ ଅଣକୁଶଳୀ ଶ୍ରମିକମାନଙ୍କର ଦୈନିକ ମଜୁରୀ ୩୦୩ରୁ ୩୨୪ ଟଙ୍କାକୁ ବୃଦ୍ଧି କରାଯାଇଥିବା ବେଳେ ଅର୍ଦ୍ଧକୁଶଳୀଙ୍କର ୩୩୫ରୁ ୩୫୭, କୁଶଳୀଙ୍କ ୩୬୪ରୁ ୩୮୯ ଏବଂ ଉଚ୍ଚ କୁଶଳୀଙ୍କ ୪୦୭ରୁ ୪୩୪ ଟଙ୍କାକୁ ବୃଦ୍ଧି କରାଯାଇଛି। ରାଜ୍ୟର ଅନ୍ୟ ଅଞ୍ଚଳରେ କୃଷି କାର୍ଯ୍ୟରେ ନିୟୋଜିତ ଅଣକୁଶଳୀ ଶ୍ରମିକମାନଙ୍କର ଦୈନିକ ମଜୁରୀ ୩୦୦ରୁ ୩୨୧ ଟଙ୍କାକୁ ବୃଦ୍ଧି କରାଯାଇଥିବା ବେଳେ ଅର୍ଦ୍ଧକୁଶଳୀଙ୍କର ୩୦୭ରୁ ୩୨୮, କୁଶଳୀ ୩୩୪ରୁ ୩୫୬ ଏବଂ ଉଚ୍ଚ କୁଶଳୀଙ୍କ ୩୬୪ରୁ ୩୮୯ ଟଙ୍କାକୁ ବୃଦ୍ଧି କରାଯାଇଛି। କଟକ, ଭୁବନେଶ୍ୱର ଓ ରାଉରକେଲା ସହରାଞ୍ଚଳରେ ରେଲୱେ, ଗୋଦାମ, ୱେୟାର ହାଉସ ଆଦିରେ ଲୋଡିଂ, ଅନଲୋଡିଂ କାର୍ଯ୍ୟରେ ନିୟୋଜିତ ଶ୍ରମିକମାନଙ୍କର ଦୈନିକ ମଜୁରୀ ୪୩୭ ଟଙ୍କାରୁ ୪୬୬ ଟଙ୍କାକୁ ବୃଦ୍ଧି କରାଯାଇଛି। ରାଜ୍ୟର ଅନ୍ୟ ଅଞ୍ଚଳରେ ଲୋଡିଂ ଓ ଅନଲୋଡିଂ କାର୍ଯ୍ୟରେ ନିୟୋଜିତ ଶ୍ରମିକଙ୍କର ଦୈନିକ ମଜୁରୀ ୩୫୦ରୁ ୩୩୭ଟଙ୍କାକୁ ବୃଦ୍ଧି ହୋଇଛି। ଉକ୍ତ ୩ଟି ସହରାଞ୍ଚଳରେ ସଫେଇ କାର୍ଯ୍ୟରେ ନିୟୋଜିତ ଥିବା ଶ୍ରମିକମାନଙ୍କର ଦୈନିକ ମଜୁରୀ ୪୩୭ ଟଙ୍କାରୁ ୪୬୬ ଟଙ୍କାକୁ ବୃଦ୍ଧି କରାଯାଇଥିବା ବେଳେ ସହର ବାହାରେ କାର୍ଯ୍ୟରତ ସଫେଇ କର୍ମଚାରୀଙ୍କର ଦୈନିକ ମଜୁରୀ ୩୫୦ରୁ ୩୭୩ ଟଙ୍କାକୁ ବଢାଯାଇଛି। ସେହିପରି ୱାଚମ୍ୟାନ (ବିନା ଅସ୍ତ୍ର)ଙ୍କର ମଜୁରୀ ସହରାଞ୍ଚଳରେ ୫୭୯ରୁ ୬୧୭ ଟଙ୍କାକୁ ବୃଦ୍ଧି କରାଯାଇଥିବା ବେଳେ ସହରାଞ୍ଚଳ ବାହାରେ କାର୍ଯ୍ୟରତ ୱାଚମ୍ୟାନଙ୍କର ୪୯୪ ଟଙ୍କାକୁ ବୃଦ୍ଧି ହୋଇଛି। ଉକ୍ତ ୩ ସହରାଞ୍ଚଳରେ ୱାଚମ୍ୟାନ(ସଶସ୍ତ୍ର)ଙ୍କର ଦୈନିକ ମଜୁରୀ ୬୩୭ଟଙ୍କାରୁ ୬୭୯ ଟଙ୍କାକୁ ବୃଦ୍ଧି କରାଯାଇଥିବା ବେଳେ ସହରାଞ୍ଚଳ ବାହାରେ କାର୍ଯ୍ୟରତ ୱାଚମ୍ୟାନଙ୍କ ମଜୁରୀ ୫୭୯ ଟଙ୍କାରୁ ୬୧୭ ଟଙ୍କାକୁ ବୃଦ୍ଧି କରାଯାଇଛି।

### ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ

# ୨୪୬ ପଞ୍ଚାୟତ ପାଇଁ ୨୩୦୨ପ୍ରକଳ୍ପ ମଞ୍ଜୁର

ଭୁବନେଶ୍ୱର, ୫।୧୦(ବ୍ୟୁରୋ)

ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ ଜରିଆରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁକ୍ରବାର ୧୦ଜିଲାର ୧୧ଟି ବ୍ଲକରେ ଥିବା ୨୪୬ଟି ପଞ୍ଚାୟତ ପାଇଁ ୨୩୦୨ ପ୍ରକଳ୍ପକୁ ମଞ୍ଜୁର କରିଛନ୍ତି। ଏହି ପ୍ରକଳ୍ପ ପାଇଁ ମୁଖ୍ୟମନ୍ତ୍ରୀ ୫୭.୧୦କୋଟି ଟଙ୍କା ମଞ୍ଜୁର କରିଛନ୍ତି। ସୁନ୍ଦରଗଡ ଜିଲା କୋଇରା ବ୍ଲକର ୧୫ ପଞ୍ଚାୟତ ପାଇଁ ୩.୭୫କୋଟି ଟଙ୍କାରେ ୧୨୧ପ୍ରକଳ୍ପ, ନୟାଗଡ ଜିଲାର ନୟାଗଡ ବ୍ଲକର ୨୯ ପଞ୍ଚାୟତ ପାଇଁ ୭.୨୩କୋଟି ଟଙ୍କାରେ ୪୦୭ପ୍ରକଳ୍ପ, କେନ୍ଦୁଝର ଜିଲା ହାଟଡିହି ବ୍ଲକର ୩୧ ପଞ୍ଚାୟତ ପାଇଁ ୭.୨୮କୋଟି ଟଙ୍କାରେ ୩୦୮ପ୍ରକଳ୍ପ, ବାଲେଶ୍ୱର ଜିଲା ଜଳେଶ୍ୱର ବ୍ଲକର ୩୫ପଞ୍ଚାୟତ ପାଇଁ ୮.୭୫କୋଟି ଟଙ୍କାରେ ୨୮୮ପ୍ରକଳ୍ପ ମଞ୍ଜୁର କରାଯାଇଛି। ସେହିପରି ନବରଙ୍ଗପୁର ଜିଲାର କୋଷାଗୁମୁଡା ବ୍ଲକର ୨୬ପଞ୍ଚାୟତ ପାଇଁ ୫.୬୪କୋଟି ଟଙ୍କାରେ ୨୭୧ପ୍ରକଳ୍ପ, ପୁରୀ ଜିଲା ଡେଲାଙ୍ଗ ବ୍ଲକର ୨୧ପଞ୍ଚାୟତ ପାଇଁ ୫.୫୯କୋଟି ଟଙ୍କାରେ ୨୨୬ ପ୍ରକଳ୍ପ, ମୟୂରଭଞ୍ଜ ଜିଲା ଯଶିପୁର ବ୍ଲକର ୨୦ପଞ୍ଚାୟତ ପାଇଁ ୪.୯୯କୋଟି ଟଙ୍କାରେ ୧୬୦ପ୍ରକଳ୍ପ, ସମଖଣ୍ଡା ବ୍ଲକର ୧୪ପଞ୍ଚାୟତ ପାଇଁ ୩.୩୬କୋଟି ଟଙ୍କାରେ ୧୧୪ପ୍ରକଳ୍ପ, ଗଞ୍ଜାମ ଜିଲା ଗଞ୍ଜାମ ବ୍ଲକର ୧୫ପଞ୍ଚାୟତ ପାଇଁ ୩.୭୫କୋଟି ଟଙ୍କାରେ ୯୮ପ୍ରକଳ୍ପ ଏବଂ କନ୍ଧମାଳ ଜିଲା କୋଟଗଡ ବ୍ଲକର ୧୫ପଞ୍ଚାୟତ ପାଇଁ ୩କୋଟି ଟଙ୍କାରେ ୯୧ପ୍ରକଳ୍ପକୁ ମଞ୍ଜୁର କରାଯାଇଛି। ଆଜିର ଏହି କାର୍ଯ୍ୟକ୍ରମକୁ ମିଶାଇ ମୁଖ୍ୟମନ୍ତ୍ରୀ ୨୨୯ବ୍ଲକର ୪୯୮୪ପଞ୍ଚାୟତର ଲୋକମାନଙ୍କ ସହ ଆଲୋଚନା କରି ୪୫,୭୧୪ପ୍ରକଳ୍ପକୁ ମଞ୍ଜୁର କରିଛନ୍ତି। ଏଥିପାଇଁ ରାଜ୍ୟ ସରକାର ସମୁଦାୟ ୧୧୩୦.୫୯କୋଟି ଟଙ୍କା ମଞ୍ଜୁର କରିଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** ଆଜି କେନ୍ଦ୍ରାଧିପତି ଚନ୍ଦ୍ର ଲାଭସ୍ଥାନକୁ ଦେଖୁଥିବାରୁ ଯାହା ଆଶା କରୁଛନ୍ତି ତାହା ନିଶ୍ଚିତ ପାଇବେ। କୌଣସି ଭିତିରିଆ ଉଦ୍ଦେଶ୍ୟ ସାଧନ ପରିପ୍ରେକ୍ଷୀରେ ବନ୍ଧୁ ସାହାଯ୍ୟର ହାତ ବଢାଇବେ। ଆଜି ମନ ବୁଝିଲା ଭଳି କଥା କହି ପରିବାରର ଅବୁଝା ବ୍ୟକ୍ତିଙ୍କୁ ଆପଣେଇ ନେବେ। କର୍ମକ୍ଷେତ୍ରରେ ବନ୍ଧୁ ଲୋକଙ୍କ ମେଳରେ ଅଧିକାଂଶ ସମୟ କଟିବ।

**ବୃଷ** ପରିବାର ସ୍ଥାନରେ ଚନ୍ଦ୍ର ଥିବାରୁ କର୍ମକ୍ଷେତ୍ରରେ ଅଭିଳଷିତ କାମ ହାସଲରେ ସମର୍ଥ ହେବେ। କଳା, ସାହିତ୍ୟ, ସଙ୍ଗୀତାଦି ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମରେ ଶୁକ୍ରଙ୍କ ପ୍ରଭାବରୁ ଅର୍ଥଗତ ଓ ଭାବଗତ ସମ୍ପର୍କକୁ ଦୃଢୀଭୂତ କରିବେ। କୌଣସି କ୍ଷେତ୍ରରେ ମଧ୍ୟସ୍ଥତା କଲେ ଅପମାନିତ ହୋଇପାରନ୍ତି। ଶିକ୍ଷା କିମ୍ବା ସନ୍ତାନ ହେତୁକ ଦ୍ୱନ୍ଦ୍ୱର ସମ୍ମୁଖୀନ ହୋଇପାରନ୍ତି।

**ମିଥୁନ** ଚନ୍ଦ୍ରଙ୍କ ସୁପ୍ରଭାବରୁ ଆର୍ଥିକ ଉନ୍ନତି ସହ ବନ୍ଧୁ ଗହଣରେ ହସଖୁସିର ପରିବେଶ ଭିତରେ ନିଜକୁ ହଜାଇ ଦେବେ। କିନ୍ତୁ ପାରିବାରିକ କ୍ଷେତ୍ରରେ ସାଧାରଣ କଥାକୁ କେନ୍ଦ୍ରକରି ଅପରାହ୍ନେ ମତାନ୍ତରର ସୂଚନାକୁ ଏଡାଇ ଦିଆଯାଇ ନ ପାରେ। ଶୁକ୍ରଙ୍କ ଶୁଭ ସଂସ୍ଥାନରୁ ସାହିତ୍ୟ ଓ ସଙ୍ଗୀତ ତଥା ଚଳଚ୍ଚିତ୍ର କ୍ଷେତ୍ରରେ ସୁନାମ ଅର୍ଜନ କରିବେ।

**କର୍କଟ** ମୁଖଭାବରେ ଚନ୍ଦ୍ର ଆପଣଙ୍କ କଥାର ମଧୁରତାରେ ନିକଟସ୍ଥ ବ୍ୟକ୍ତିବିଶେଷଙ୍କୁ ପ୍ରଭାବିତ କରିବାରେ ସାହାଯ୍ୟ କରିବ। ସଭାସମିତିର ଆଲୋଚନାରେ କାର୍ଯ୍ୟହାସଲ ପାଇଁ ଖୋରାକ ଯୋଗାଇ ପାରେ। ପାରିବାରିକ ଜୀବନରେ ସୁଖଦ ଅନୁଭୂତିର ସୌଭାଗ୍ୟ ଅର୍ଜନ କରିବେ। ଯାନବାହନ, କଳା,ସାହିତ୍ୟ, ରଚନାତ୍ମକ କାର୍ଯ୍ୟରେ ଅଭିରୁଚି ବଳିବ।

**ସିଂହ** ଚନ୍ଦ୍ରଙ୍କ ରାଶ୍ୟାବସ୍ଥାନ ପ୍ରଭାବରେ ଦୂରଯାତ୍ରା, ବ୍ୟୟବୃଦ୍ଧି, ଶତ୍ରୁତାଜନିତ କାର୍ଯ୍ୟହାନି ସମ୍ବନ୍ଧରେ ଆଲୋଚନା କରିପାରନ୍ତି। ତଥାପି ପୂର୍ବାଫାଲଗୁନୀର ବିବାଦରେ ବିଜୟ, ପ୍ରତିଯୋଗିତାରେ ସଫଳତା ପାଇଲେ ମଧ୍ୟ ସାମୟିକ ବିଭିନ୍ନ ପ୍ରକାରର ଅସ୍ୱାଭାବିକ ପରିସ୍ଥିତିକୁ ସାମ୍ନା କରି ମନ ଚିନ୍ତା ସାଗରରେ ଭାସି ବୁଲିବ।

**କନ୍ୟା** ରବିଙ୍କ ଦୁର୍ବଳତାରୁ ଯାତ୍ରା ସ୍ଥଗିତ ରହିବା ସହ ପଦସ୍ଥବ୍ୟକ୍ତିଙ୍କ ସହିତ ବିରୋଧଭାବ ସୃଷ୍ଟି କରିବ। ରାଜନୀତିରେ ସମସ୍ୟା ସମାଧାନରେ ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ବ୍ୟବସାୟ, ପରିବହନ ଓ ବାଣିଜ୍ୟରେ ଉନ୍ନତି ଘଟିବ। ଚିତ୍ରା ନକ୍ଷତ୍ର ଯେ କୌଣସି ପରିସ୍ଥିତି ମଧ୍ୟରେ ନିଜକୁ ନିୟନ୍ତ୍ରଣ ମଧ୍ୟରେ ରଖିପାରନ୍ତି।

**ତୁଳା** ଆଜିର ଦିନଟି ଆପଣଙ୍କ ପାଇଁ ବହୁତ ଭଲ କିନ୍ତୁ ବିଶାଖା ନକ୍ଷତ୍ର ସକାଶେ ଚାଲି ନ ଜାଣି ବାଟର ଦୋଷ ଭଳି ପରିସ୍ଥିତି ସୃଷ୍ଟି ହୋଇପାରେ। ସବୁ ସୁବିଧା ଥାଇ ମଧ୍ୟ ସାମାଜିକ ସ୍ତରରେ ନିଜକୁ ଆଗରେ ରଖି ପାରିବେ ନାହିଁ। ଘର ସାଜସଜ୍ଜା, ଗାଡିମୋଟରାଦି ଯାନ୍ତ୍ରିକ ଜିନିଷର ମରାମତିରେ ଅଧିକ ସମୟ ନେଇପାରନ୍ତି।

**ବିଛା** ଚତୁର୍ଥସ୍ଥାନ ପ୍ରତି ଚନ୍ଦ୍ରଙ୍କ ଦୃଷ୍ଟି କାରଣରୁ ନିଜ ବାସସ୍ଥାନ ନିକଟରେ ରହୁଥିବା ପାଖ ଲୋକଟି ଆପଣା ସ୍ୱାର୍ଥ ରକ୍ଷା କରିବାକୁ ଆପଣଙ୍କୁ ମିଛ କଥା କହିପାରେ। ତଥାପି କର୍ମକ୍ଷେତ୍ର ଓ ପାରିବାରିକ ସ୍ଥିତି କେତେକାଂଶରେ ଭଲ ଦିଗକୁ ଗତି କରିବ। ଅଫିସ କାମରେ ସହକର୍ମୀମାନଙ୍କ ସହ ଭୁଲ୍ ବୁଝାମଣା ଯୋଗୁ ଅନ୍ୟମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିପାରନ୍ତି।

**ଧନୁ** କେତୁ ନକ୍ଷତ୍ରସ୍ଥ ଚନ୍ଦ୍ର କେତୁଙ୍କ ସହ ଷଡାଷ୍ଟକ ସ୍ଥିତିରେ ଥିବାରୁ ପାରିବାରିକ ଶାନ୍ତି ଭାରାକ୍ରାନ୍ତ ମନକୁ ସାମୟିକ ଲାଘବ କରିବାର ସୂଚନା ରହିଛି। ତଥାପି ବ୍ୟକ୍ତି କୈନ୍ଦ୍ରିକ ଚିନ୍ତାଧାରା ସାମାଜିକ ଜୀବନରେ ଅଶାନ୍ତିର କାରଣ ହୋଇପାରେ। ବ୍ୟବସାୟରେ ସବୁକଥାକୁ ହାଲୁକା ଭାବେ ଗ୍ରହଣ କଲେ କ୍ଷତିରେ ପଡିବେ।

**ମକର** ଅଷ୍ଟମସ୍ଥ ଚନ୍ଦ୍ର ଯାତ୍ରାକାଳୀନ ସମୟ, ସ୍ତ୍ରୀ କିମ୍ବା ପ୍ରତିଦ୍ୱନ୍ଦ୍ୱୀ ହେତୁକ ଅଶାନ୍ତି ସୃଷ୍ଟି କରିପାରେ। ଧନିଷ୍ଠା ନକ୍ଷତ୍ରର ସ୍ୱଗୃହାଭିମୁଖୀ ଶନି ହେତୁ ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିବ ଏବଂ ଚେଷ୍ଟା କରୁଥିବା କାମରେ ପ୍ରତିବନ୍ଧକ ହଟିଯାଇପାରେ। ଅତି ଭଲ ସମ୍ପର୍କ ଥିବା ଲୋକ ଜରିଆରେ କୌଣସି ଅଭିଳଷିତ ଦ୍ରବ୍ୟ ପାଇବେ।

**କୁମ୍ଭ** କର୍ମକ୍ଷେତ୍ରରେ ଶତ୍ରୁତା କାରଣରୁ ଅଶାନ୍ତ ବାତାବରଣ ସୃଷ୍ଟି ହୋଇପାରେ। ଭଲ ସମ୍ପର୍କ ନ ଥିବା ବ୍ୟକ୍ତିମାନଙ୍କ ପ୍ରରୋଚନାରେ ନିଜର ଜଣେ ଆତ୍ମୀୟ କିଛି ସମସ୍ୟା ସୃଷ୍ଟିରେ ସାହାଯ୍ୟକାରୀ ସାଜି ପାରନ୍ତି। ଅନଟନ ଦୂରେଇବା ସକାଶେ ଧାର କରଜ କରିବାକୁ ବାଧ ହେବେ। ଶିଳ୍ପ,ବାଣିଜ୍ୟ, ପ୍ରଶାସନ, ଆଇନ ଅଦାଲତ କ୍ଷେତ୍ରରେ ସଫଳତା ହାସଲ କରିବେ।

**ମୀନ** ବନ୍ଧୁଙ୍କ ପ୍ରେରଣାରେ ନୂତନଭାବରେ ଆରମ୍ଭ କରିବାକୁ ଯାଉଥିବା କାମକୁ ମନ୍ଥର କରିପାରନ୍ତି। ନୂତନ ଗାଡି, ମୋଟର, ଯାନ୍ତ୍ରିକ ଜିନିଷ କିଣିବା ସକାଶେ ମାନସିକ ସ୍ତରରେ ପ୍ରସ୍ତୁତ ହେବାର ସୂଚନା ରହିଛି। କର୍ମକ୍ଷେତ୍ରରେ ଅବହେଳିତ କାର୍ଯ୍ୟ ସକାଶେ ଅନୁତାପ କରିବାକୁ ପଡିପାରେ। ଅର୍ଥ, ପ୍ରକାଶନ ଓ ପ୍ରଶାସନିକ ସ୍ତରରେ ସୁନାମ ଅର୍ଜନ କରିବେ।

ଆଜି ଆଶ୍ୱିନ କୃଷ୍ଣ ଦ୍ୱାଦଶୀ ଶନିବାର, ଅକ୍ଟୋବର ୬ ତାରିଖ, ରାଶି ନକ୍ଷତ୍ର-ମଘା/ସିଂହ, ଦ୍ୱାଦଶୀର ଶ୍ରାଦ୍ଧ, ଦିବା ଘ୧୧।୩୩ ମି. ଗତେ ଘ୧।୦୧ମି. ମଧ୍ୟେ, ଘ୨।୨୯ମି. ଗତେ ଘ୩।୧୭ମି. ମଧ୍ୟେ ଅମୃତବେଳା। ସକାଳ ଘ୭।୧୦ମି. ଗତେ ଘ୮।୩୮ମି. ମଧ୍ୟେ ମାହେନ୍ଦ୍ର ବେଳା। ଦିବା ଘ୮।୩୯ମି. ଗତେ ଘ୧୦।୦୭ମି. ମଧ୍ୟେ ରାହୁକାଳ।







Accessories shown may not be part of the standard equipment. #Finance at the sole discretion of the financier. Schemes cannot be clubbed. +5 year Warranty without any additional charges. **Insurance off applicable only for State Government Employees. Applicable only on select models. *For more details on the award, please visit https://india.jdpower.com/ .
^^ Paytm offer valid till 31st October 2018 for all models. Other terms & conditions apply.

**FOR ALL INSTITUTIONAL/BULK REQUIREMENTS PLEASE MAIL corporate.customersupport@tvsmotor.com Authorised Main Dealers: BALASORE**: Sita TVS, Ph.: 7852935605. **BARIPADA:** Allied TVS, Ph: 7852935617. **BHADRAK**: Sanjay TVS, Ph: 7854962653. **BARBIL:** Anjali TVS, Ph.: 7852944821. **KEONJHAR**: Kumar Automotives, Ph: 9870326414. **Authorised Dealers**: Jaleswar, Champa Motors, Ph.: 9437216037; Baliapal, Sanjeev Motors, Ph.: 9937194603; Chandaneswar, Sanjiv Automobiles, Ph.: 9937194603; Soro, Tarini Motors, Ph.: 06788-221845; Rairangpur, Pipal India Vehicles Pvt Ltd, Ph.: 7064403120; Basta, S.R. Motors, Ph.: 9040526003; Udhala, Pattanayak Motors, Ph: 9437238807; Joda, N & B Motors, Ph: 9439084443; Harichandanpur, Laranya Motors, Ph: 9040123010; Dhenkikot, Ali Motors, Ph : 7008797779; Betnoti, Sai Motors, Ph: 9776142684; Dhamnagar, Sanju Automobiles, Ph: 9437265354: Chandbali, A S Laxmi Automobiles, Ph: 9238514769; Tihidi, Shree Motors, Ph: 9040123010.

McCann/Blr/Tvs/968/09/18

ଭଗବାନ କେବେ ଦୁଃଖିତ ହୁଅନ୍ତି ନାହିଁ। ଭଗବାନଙ୍କୁ ଉପଲବ୍ଧି କରିବାକୁ ହେଲେ ତୁମକୁ ତୁମ ଭିତରୁ ସମସ୍ତ ଦୁଃଖଭାବ ଦୂରକୁ ଫିଙ୍ଗି ଦେବାକୁ ହେବ। ଏବଂ ସବୁପ୍ରକାର ଭାବପ୍ରବଣ ଦୁର୍ବଳତା ମଧ୍ୟ ତ୍ୟାଗ କରିବାକୁ ହେବ। -ଶ୍ରୀମା



# ଆଇଏଏସ୍ ବାବୁ ଖପା



ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ହରିୟାଣା ମୁଖ୍ୟମନ୍ତ୍ରୀ ମନୋହରଲାଲ ଖଟ୍ଟାର ରାଜ୍ୟର ଦଳେ ଆଇଏଏସ୍ ବାବୁଙ୍କୁ ରଗେଇଦେଇଛନ୍ତି। ସେମାନଙ୍କ ରାଗିବାର କାରଣ ହେଉଛି ରାଜ୍ୟ ସରକାର ଚାରିଜଣ ରାଜ୍ୟ ପ୍ରଶାସନିକ ସେବା (ଏଚ୍‌ସିଏସ୍) ଅଧିକାରୀଙ୍କୁ ଡେପୁଟି କମିଶନର ଭାବେ ନିଯୁକ୍ତି ଦେଇଛନ୍ତି, ଯେଉଁ ପଦରେ ସାଧାରଣତଃ ଆଇଏଏସ୍ କ୍ୟାଡରମାନେ ହିଁ ନିଯୁକ୍ତି ପାଇଥାନ୍ତି। ଡେପୁଟି କମିଶନର ଭାବେ ନିଯୁକ୍ତି ପାଇଥିବା ଉକ୍ତ ଏଚ୍‌ସିଏସ୍ ଅଫିସରମାନେ ହେଉଛନ୍ତି ମୁକୁଲ କୁମାର (ପଞ୍ଚକୁଲା), ଗିରୀଶ ଆରୋଡ଼ା (ଯମୁନାନଗର), ଧରମବୀର ସିଂ (କୈଥାଲ) ଏବଂ ଜୟ କିଷନ୍ ଆଭୀର (ଫତେହାବାଦ)। ରାଜ୍ୟ ମୁଖ୍ୟ ଶାସନ ସଚିବ ଡି.ଏସ୍. ଧେସି ଏ ବାବଦରେ କିଛି କହିବାକୁ ମନା କରିଦେଇଥିବା ବେଳେ କେତେକ ଅବସରପ୍ରାପ୍ତ ଆଇଏଏସ୍ ଅଫିସର ରାଜ୍ୟ ସରକାରଙ୍କ ଉକ୍ତ ପଦକ୍ଷେପକୁ ଖୋଲାଖୋଲି ସମାଲୋଚନା କରିଛନ୍ତି। ସେମାନଙ୍କ କହିବା କଥା ହେଲା, ଯେତେବେଳେ ବରିଷ୍ଠତମ ଏଚ୍‌ସିଏସ୍ ଅଫିସରମାନଙ୍କୁ ଆଇଏଏସ୍ ପାହ୍ୟାକୁ ପଦୋନ୍ନତି ଦେବାକୁ ଚୟନ କରାଯାଏ, ସେତେବେଳେ ସେମାନଙ୍କୁ ଡେପୁଟି କମିଶନର ବା ଅନ୍ୟ ଆଇଏଏସ୍ କ୍ୟାଡର ପଦବୀରେ ନିଯୁକ୍ତି ଦିଆଯାଏ, ଯାହା ସମ୍ପୂର୍ଣ୍ଣ ଭାବେ ମେଧା ଭିତ୍ତିରେ କରାଯାଏ। କିନ୍ତୁ ଏ କ୍ଷେତ୍ରରେ ସେପରି କରାଯାଇ ନ ଥିବାରୁ ଆଇଏଏସ୍ ବାବୁମାନେ କ୍ଷୁବ୍ଧ ହୋଇଛନ୍ତି। କୁହାଯାଉଛି ଯେ, ଯେଉଁ ରାଜ୍ୟ ବାବୁମାନଙ୍କୁ ଡେପୁଟି କମିଶନର ଭାବେ ନିଯୁକ୍ତି ଦିଆଯାଇଛି, ତାହା ମନଇଚ୍ଛା କରାଯାଇଛି। ସେମାନଙ୍କଠାରୁ ଅନେକ ବରିଷ୍ଠ ରାଜ୍ୟ ସେବା ବାବୁଙ୍କୁ ଉପେକ୍ଷା କରାଯାଇଛି।

## ବାବୁ ଅଭାବ

୨୦୧୯ ସାଧାରଣ ନିର୍ବାଚନ ଆଉ ମାତ୍ର କେଇମାସ ବାକି ଥିବାବେଳେ ବିଭିନ୍ନ ପ୍ରସଙ୍ଗରେ ଦ୍ରୁତ ନିଷ୍ପତ୍ତି ନେବା ଏବଂ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଆଇଏଏସ୍ ଓ ଆଇପିଏସ୍ ବାବୁମାନଙ୍କର ଘୋର ଅଭାବ ଦେଖାଦେଇଛି। କାର୍ମିକ ଓ ପ୍ରଶିକ୍ଷଣ ବିଭାଗ (ଡିଓପିଟି)ର ସୂଚନା ଅନୁସାରେ, କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗଗୁଡ଼ିକରେ ୧,୪୪୯ ଜଣ ଆଇଏଏସ୍ ଓ ୯୭୦ ଜଣ ଆଇପିଏସ୍ ଅଫିସରଙ୍କ ପଦବୀ ଖାଲି ପଡ଼ିଛି। ତା'ଛଡ଼ା ଅନ୍ୟାନ୍ୟ ବାବୁଙ୍କ ପଦବୀ ମଧ୍ୟ ଖାଲି ପଡ଼ିଛି। କେନ୍ଦ୍ର ସରକାରରେ ଗ୍ରେଡ୍ ଏ ଓ ଗ୍ରେଡ୍ ବି (ଗେଜେଟେଡ୍) ପାହ୍ୟାରେ ମୋଟ ଖାଲି ଥିବା ପଦବୀ ସଂଖ୍ୟା ଯଥାକ୍ରମେ ୧୫,୨୮୪ ଓ ୨୬,୩୧୦। ଗ୍ରୁପ୍ ଏ ସ୍ତରୀୟ କେନ୍ଦ୍ର ସରକାରୀ ବିଭାଗଗୁଡ଼ିକରେ ମୋଟ ଅନୁମୋଦିତ ପଦବୀ ସଂଖ୍ୟା ୧୧୭,୨୮୫ ହୋଇଥିବା ବେଳେ ବର୍ତ୍ତମାନ ଅଛନ୍ତି ୧୦୧,୯୦୧ ଜଣ। ସେହିପରି ଗ୍ରୁପ୍ ବି (ଗେଜେଟେଡ୍) ପାହ୍ୟାରେ ମୋଟ ଅନୁମୋଦିତ ୧୩୬,୦୭୯ ସ୍ଥଳେ ଅଛନ୍ତି ୧୦୯,୭୬୯ ଜଣ ଅଫିସର। ସେହିପରି ସମସ୍ତ ରାଜ୍ୟ କ୍ୟାଡରରେ ଆଇଏଏସ୍ ଓ ଆଇପିଏସ୍ ବାବୁମାନଙ୍କର ଅଭାବ ରହିଥିବା ବେଳେ ସବୁଠାରୁ ବେଶି ପ୍ରଭାବିତ ରାଜ୍ୟଗୁଡ଼ିକ ମଧ୍ୟରେ ଅଛନ୍ତି ଉତ୍ତରପ୍ରଦେଶ, ବିହାର, ଆନ୍ଧ୍ରପ୍ରଦେଶ, ତାମିଲନାଡୁ, ଝାଡ଼ଖଣ୍ଡ ଓ କର୍ନାଟକ। ଉତ୍ତରପ୍ରଦେଶ, ବିହାର ଓ ଝାଡ଼ଖଣ୍ଡ କ୍ୟାଡରର ଆଇଏଏସ୍ ଅଫିସରମାନଙ୍କ ଅନୁମୋଦିତ ସଂଖ୍ୟା ଯଥାକ୍ରମେ ୬୨୧, ୩୪୨ ଓ ୨୧୫ ହୋଇଥିବା ବେଳେ ବର୍ତ୍ତମାନ ଅଛନ୍ତି ଯଥାକ୍ରମେ ୫୧୧, ୨୩୫ ଓ ୧୪୦ ଜଣ ଅଫିସର। ସେହିପରି ଦାକ୍ଷିଣାତ୍ୟରେ ତାମିଲନାଡୁ ଓ କର୍ନାଟକରେ ଆଇଏଏସ୍ ବାବୁଙ୍କ ଅନୁମୋଦିତ ସଂଖ୍ୟା ଯଥାକ୍ରମେ ୩୭୬ ଓ ୩୧୪ ହୋଇଥିବା ସ୍ଥଳେ ବର୍ତ୍ତମାନ ଅଛନ୍ତି ଯଥାକ୍ରମେ ୩୧୩ ଓ ୨୨୦ ଜଣ ଅଫିସର। ମଜାର କଥା ହେଉଛି, ବାବୁମାନଙ୍କର ଘୋର ଅଭାବ ସତ୍ତ୍ୱେ କେନ୍ଦ୍ରୀୟ ଲୋକସେବା ଆୟୋଗ (ୟୁପିଏସ୍‌ସି) ୨୦୧୮ ଫେବୃୟାରୀ ମାସରେ ମାତ୍ର ୭୮୨ ଜଣ ଆଇଏସ୍, ଆଇଏଫ୍ଏସ୍ ଓ ଆଇପିଏସ୍ ଅଫିସରଙ୍କ ନିଯୁକ୍ତି ପାଇଁ ବିଜ୍ଞାପନ ଜାରି କରିଛି। ଗତବର୍ଷ ୟୁପିଏସ୍‌ସି ୯୮୦ ଜଣ ଅଫିସରଙ୍କୁ ନିଯୁକ୍ତି ଦେବା ପାଇଁ ଘୋଷଣା କରିଥିଲା। ଏହା ଗତ ପାଞ୍ଚବର୍ଷ ଭିତରେ ସର୍ବନିମ୍ନ ବୋଲି କୁହାଯାଉଥିଲା, କିନ୍ତୁ ଏବର୍ଷ ଉକ୍ତ ସଂଖ୍ୟା ଆହୁରି ହ୍ରାସ ପାଇଛି। ଗତ ଜୁନ୍ ମାସଠାରୁ ୟୁପିଏସ୍‌ସିର କାର୍ଯ୍ୟକାରୀ ଅଧ୍ୟକ୍ଷ ଥିବା ଅରବିନ୍ଦ ସାକ୍ସେନା ଏ ଦିଗରେ ତ୍ୱରିତ ପଦକ୍ଷେପ ନେବା ଆବଶ୍ୟକ। ଇତିମଧ୍ୟରେ ଡିଓପିଟି ସଚିବ ବି.ପି. ଶର୍ମା କହିଛନ୍ତି ଯେ, ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗରେ ପଦବୀ ଖାଲିହେବା ପରେ ତାକୁ ପୂରଣ କରିବା ହେଉଛି ଏକ ନିରବଚ୍ଛିନ୍ନ ପ୍ରକ୍ରିୟା। କିନ୍ତୁ ତାହା କେବେ ବି ଯଥାଶୀଘ୍ର କରାଯାଉ ନାହିଁ।

## ଆଇଇଏସ୍ କ୍ୟାଡର ପୁନର୍ଗଠନ

ଭାରତୀୟ ଆର୍ଥିକ ସେବା (ଆଇଇଏସ୍) କ୍ୟାଡର ପଞ୍ଚମ ଥର ପାଇଁ ପୁନର୍ଗଠନ ହେବାକୁ ଯାଉଛି। ଏହା ପରେ ଆଇଇଏସ୍ ବାବୁଙ୍କ ସଂଖ୍ୟା ବର୍ତ୍ତମାନର ୫୧୮ରୁ ୬୧୫କୁ ବୃଦ୍ଧି ପାଇବ ଏବଂ ସର୍ବୋଚ୍ଚସ୍ତରୀୟ ପଦବୀ ସଂଖ୍ୟା ୫ରୁ ୮କୁ ବୃଦ୍ଧି ପାଇବ। ଉଲ୍ଲେଖନୀୟ ଯେ, ଏହି ସେବା ୧୯୬୧ରେ ପ୍ରବର୍ତ୍ତନ କରାଯାଇଥିଲା ଏବଂ ସେତେବେଳେ ଏହାର କ୍ୟାଡର ସଂଖ୍ୟା ଥିଲା ୨୯୪। ସମୟକ୍ରମେ ଭାରତ ସରକାରଙ୍କ ଆବଶ୍ୟକତା ବୃଦ୍ଧି ପାଇବା ସହ ଏମାନଙ୍କ ସଂଖ୍ୟା ବଢ଼ିଲା। ୨୦୧୧ ସୁଦ୍ଧା ପାଞ୍ଚ ଦଶନ୍ଧି ଭିତରେ ଏମାନଙ୍କ ସଂଖ୍ୟା ୫୧୧ରେ ପହଞ୍ଚିଥିଲା। ବର୍ତ୍ତମାନ ଏମାନଙ୍କ ସଂଖ୍ୟା ୫୧୮ ଅଛି। ଆଇଇଏସ୍ କ୍ୟାଡର ପ୍ରବର୍ତ୍ତନର ୩୦ ବର୍ଷ ପରେ ପ୍ରଥମ ଥର ପାଇଁ ୧୯୯୧ରେ ଏହାର ପୁନର୍ଗଠନ ହୋଇଥିଲା। ପରେ ୨୦୦୦ ମସିହାରେ ଏହାର ସମୀକ୍ଷା କରାଯାଇଥିଲା ଏବଂ ତୃତୀୟ ଓ ଚତୁର୍ଥ କ୍ୟାଡର ପୁନର୍ଗଠନ ଯଥାକ୍ରମେ ୨୦୦୫ ଓ ୨୦୧୧ରେ କରାଯାଇଥିଲା। ବର୍ତ୍ତମାନ ପଞ୍ଚମ ଥର ପାଇଁ ଏହାର ପୁନର୍ଗଠନ କରାଯାଉଛି।

Email: dilipcherian@gmail.com

## su|do|ku | ସୁ-ଡୋ-କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | 8 | 6 | | 1 | | | | | 0 | | 3 | |
| | | 2 | | | 1 | D | | | A | | 5 | | | |
| | E | 3 | C | | | | | | 4 | | | 8 | 9 | 6 |
| 6 | 4 | A | D | | E | | | | | | | | | 7 |
| | | 9 | | | 0 | | | | C | | | | | A |
| A | | 6 | | | | 0 | | | | | E | | | |
| | | | 5 | | 7 | | | | | | | | | C |
| 0 | | E | | | C | | | | | 7 | B | 9 | 4 | 2 |
| | | 1 | | | | | | 5 | 3 | | 2 | | | |
| | B | | 3 | 4 | 8 | | | | | | | | | |
| | | 4 | | E | | | | 9 | 6 | 5 | | | 8 | |
| E | 1 | | | B | 6 | | 2 | A | | D | | | | 4 |
| | | 8 | | | 9 | | | 4 | | | | | | 5 |
| B | 2 | 5 | 7 | | | | | 1 | | 4 | | D | | |
| 7 | | | | | | B | | | | A | | | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| 0 | 4 | C | 7 | 3 | 5 | 1 | 2 | D | B | 6 | E | 9 | 8 | A |
| E | 8 | 3 | D | 9 | B | 5 | 6 | A | 7 | 2 | 0 | 1 | 4 | C |
| 7 | 5 | 1 | A | 2 | 8 | E | 9 | 3 | 4 | D | C | 6 | B | 0 |
| A | 2 | D | 1 | 4 | 6 | 0 | B | C | 9 | 8 | 5 | E | 7 | 3 |
| 9 | 6 | B | 0 | C | E | 7 | 4 | 8 | A | 3 | 1 | 2 | D | 5 |
| 4 | A | 2 | 5 | 1 | 3 | 6 | 8 | E | D | B | 9 | 0 | C | 7 |
| 6 | 9 | 8 | 4 | B | A | C | 5 | 1 | 0 | E | 7 | 3 | 2 | D |
| D | 3 | E | 9 | 7 | C | B | 0 | 2 | 8 | 5 | 6 | A | 1 | 4 |
| B | 7 | 0 | 8 | D | 2 | 9 | A | 4 | C | 1 | 3 | 5 | 6 | E |
| 1 | C | 5 | 6 | E | 0 | D | 3 | 7 | 2 | A | 4 | B | 9 | 8 |
| 2 | 1 | 7 | 3 | 8 | 4 | A | C | 0 | E | 9 | B | D | 5 | 6 |
| 5 | 0 | 4 | B | A | D | 2 | E | 6 | 1 | C | 8 | 7 | 3 | 9 |
| C | D | 6 | E | 5 | 1 | 8 | 7 | 9 | 3 | 0 | 2 | 4 | A | B |
| 3 | E | A | C | 6 | 9 | 4 | 1 | B | 5 | 7 | D | 8 | 0 | 2 |
| 8 | B | 9 | 2 | 0 | 7 | 3 | D | 5 | 6 | 4 | A | C | E | 1 |

ଗତକାଲିର ଉତ୍ତର

# ଲେଜର ପ୍ରଯୁକ୍ତିବିଦ୍ୟାକୁ ଅନ୍ତର୍ଜାତୀୟ ସ୍ୱୀକୃତି



ଡ. ଗୌରୀଶଙ୍କର ସାହୁ

ଲେଜର ପ୍ରଯୁକ୍ତିବିଦ୍ୟାରେ ଯୁଗାନ୍ତକାରୀ ପରିବର୍ତ୍ତନ ଆଣିଥିବା ଦୁଇଟି ଉଦ୍ଭାବନକୁ ଏ ବର୍ଷ ବିଶ୍ୱର ସର୍ବଶ୍ରେଷ୍ଠ ସମ୍ମାନ ନୋବେଲ ପୁରସ୍କାର ଦ୍ୱାରା ସମ୍ମାନିତ କରାଯିବାର ଘୋଷଣା ହୋଇଛି। ପଦାର୍ଥ ବିଜ୍ଞାନରେ ଏହି ପୁରସ୍କାର ପ୍ରଦାନ କରାଯିବ। ଫରାସୀ ବୈଜ୍ଞାନିକ ଜେରାର୍ଡ ମୋରୁ ଓ ତାଙ୍କ ଗବେଷଣା ଛାତ୍ରୀ ଡୋନା ଷ୍ଟ୍ରିକ୍‌ଲ୍ୟାଣ୍ଡ ରୋଚେଷ୍ଟର ବିଶ୍ୱବିଦ୍ୟାଳୟ ନ୍ୟୁୟର୍କରେ ଗବେଷଣାରତ ଥିବାବେଳେ ୧୯୮୫ ମସିହାରେ ଚର୍ପ୍‌ଡ ପଲ୍‌ସ ଆମ୍ପ୍ଲିଫିକେଶନ (Chirped Pulse Amplification) ଉଦ୍ଭାବନ କରିଥିଲେ, ଯାହା ପାଇଁ ଗୁରୁଶିଷ୍ୟ ଯୋଡିଙ୍କୁ ଏ ବର୍ଷ ନୋବେଲ ପୁରସ୍କାରରେ ସମ୍ମାନିତ କରାଯିବ। ପୁରସ୍କାର ରାଶି ସ୍ୱରୂପ ପ୍ରାୟ ୧୦ ଲକ୍ଷ ଡଲାର ଲାଭ କରିବେ ପ୍ରଫେସର ଆର୍ଥର ଆସ୍କିନ ତାଙ୍କ ଯୁଗାନ୍ତକାରୀ ଉଦ୍ଭାବନ ଆଲୋକ ଚିମୁଟା ପାଇଁ। ସମପରିମାଣର ପୁରସ୍କାର ରାଶି ବାକି ଦୁଇଜଣ ଗବେଷକଙ୍କ ମଧ୍ୟରେ ବଣ୍ଟାଯିବ। ଏହାଛଡା ସମସ୍ତଙ୍କୁ ନୋବେଲ ମେଡାଲ ପ୍ରଦାନ କରାଯିବ। ସ୍ୱିଡେନର ରାଜା ବିଜେତାମାନଙ୍କୁ ଡିପ୍ଲୋମା ମଧ୍ୟ ପ୍ରଦାନ କରିବେ।

ପ୍ରଫେସର ଆର୍ଥର ଆସ୍କିନଙ୍କୁ ବର୍ତ୍ତମାନ ୯୬ ବର୍ଷ ବୟସ। ନୋବେଲ ପୁରସ୍କାର ଇତିହାସରେ ସେ ସବୁଠାରୁ ବୟସ୍କ ବିଜେତା। ତାଙ୍କୁ ଯେତେବେଳେ ସାକ୍ଷାତ୍‌କାର ପାଇଁ ସାମ୍ବାଦିକମାନେ ଅନୁରୋଧ କଲେ ସେ ପ୍ରତ୍ୟାଖ୍ୟାନ କଲେ ଓ କହିଲେ ମୁଁ ମୋର ଗୋଟିଏ ଗବେଷଣାତ୍ମକ ନିବନ୍ଧରେ ବ୍ୟସ୍ତ ଅଛି, କ୍ଷମା କରନ୍ତୁ। ତାଙ୍କର କ୍ଷୋଭର ଗୋଟିଏ କାରଣ ହୋଇପାରେ ଯେ ତାଙ୍କ ସହକର୍ମୀ ମାର୍କିନ ଗବେଷକ ଷ୍ଟିଭେନ ଚୁ ୧୯୯୭ ମସିହାରେ ଯେତେବେଳେ ନୋବେଲ ପୁରସ୍କାର ଲାଭ କଲେ ସେତେବେଳେ ସେ ମଧ୍ୟ ତାଙ୍କ ସହ ପାଇବାର ଥିଲା। ତାଙ୍କୁ ଅତୀତରେ ଅଣଦେଖା କରାଯାଇଥିବାରୁ ସେ ଏପରି ବ୍ୟବହାର ପ୍ରଦର୍ଶନ କରିଛନ୍ତି। ଯାହାହେଉ ତାଙ୍କ ଉଦ୍ଭାବନକୁ ତ ସ୍ୱୀକୃତି ମିଳିଲା। ତାଙ୍କ ଜୀବଦ୍ଦଶାରେ, ବିଶିଷ୍ଟ ପଦାର୍ଥବିଜ୍ଞାନୀ ଲୁଇ ଏଡ୍‌ୱାର୍ଡ ବୋଲଜମ୍ୟାନ ତ ତାଙ୍କ ଉଦ୍ଭାବନକୁ ସ୍ୱୀକୃତି ମିଳିବାରେ ଅହେତୁକ ବିଳମ୍ବ ଯୋଗୁ ଦୁଃଖରେ ଆତ୍ମହତ୍ୟା କରିଥିଲେ। ଏହିପରି ବହୁ ଗବେଷକ ତାଙ୍କ ଜୀବଦ୍ଦଶାରେ ସ୍ୱୀକୃତି ପାଇପାରି ନାହାନ୍ତି। ଏ ବର୍ଷ ନୋବେଲ ପୁରସ୍କାରର ଆଉ ଗୋଟିଏ ବିଶେଷତ୍ୱ ହେଉଛି ଯେ ପ୍ରାୟ ୫୫ ବର୍ଷ ପରେ ଜଣେ ମହିଳା ଗବେଷକ ଡ. ଡୋନା ଷ୍ଟ୍ରିକ୍‌ଲ୍ୟାଣ୍ଡଙ୍କ ରୂପରେ ନୋବେଲ ପୁରସ୍କାର ପାଇବାକୁ ଯାଉଛନ୍ତି। ନୋବେଲ ପୁରସ୍କାରର ୧୧୭ ବର୍ଷର ଇତିହାସରେ ସେ ତୃତୀୟ ମହିଳା ଗବେଷିକା ଭାବରେ ପଦାର୍ଥ ବିଜ୍ଞାନ କ୍ଷେତ୍ରରେ ସମ୍ମାନିତ ହେବାକୁ ଯାଉଛନ୍ତି। ତାଙ୍କ ପୂର୍ବରୁ ୧୯୦୩ରେ ମାରୀକ୍ୟୁରୀ ଓ ୧୯୬୩ରେ ମାରିଆ ମେୟର ପୁରସ୍କାର ଲାଭ କରିଥିଲେ। ଆଉ ଗୋଟିଏ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ସେ ପିଏଚ୍‌ଡି ଛାତ୍ରୀ ଥିବା ବେଳେ ଏହି ଉଦ୍ଭାବନ କରିଥିଲେ। ତେଣୁ ଏହା ଯୁବ ବୈଜ୍ଞାନିକମାନଙ୍କ ପାଇଁ ଦିଗବାରେଣୀ ସଦୃଶ ହେବ ବୋଲି ଆଶା କରାଯାଉଛି।

ବୟସ୍କ ବୈଜ୍ଞାନିକ ଆର୍ଥର ଆସ୍କିନ ଆଲୋକ ଚିମୁଟା ଉଦ୍ଭାବନ କରିଛନ୍ତି। ଆମେ ଜାଣୁ 'ଲେଜର' ହେଉଛି ଏକବର୍ଣ୍ଣୀୟ ତୀବ୍ର ଉଚ୍ଚ ସଂହତିଯୁକ୍ତ ଆଲୋକ ଉତ୍ସ। ଏହାକୁ ବ୍ୟବହାର କରି କୋଷ ଝିଲ୍ଲୀକୁ କ୍ଷତି ନ ପହଞ୍ଚାଇ କିପରି ଜୀବକୋଷିକା ପର୍ଯ୍ୟନ୍ତ ପହଞ୍ଚି ହେବ ସେ କୌଶଳ ମଧ୍ୟ ପ୍ରଫେସର ଆସ୍କିନ ଉଦ୍ଭାବନ କରିଛନ୍ତି। ଏହାଛଡା ଆଣବିକ ମୋଟର ଓ ବୃହଦାକାର ଅଣୁ, ଯାହା କୋଷରେ ମହତ୍ତ୍ୱପୂର୍ଣ୍ଣ କାର୍ଯ୍ୟ କରିଥାଏ ତା'ର ଯାନ୍ତ୍ରିକ ଗୁଣାବଳୀ ଅନୁସନ୍ଧାନ କୌଶଳ ଆବିଷ୍କାର କରିଛନ୍ତି ପ୍ରଫେସର ଆସ୍କିନ। ଆସ୍କିନଙ୍କ କୌଶଳ ବ୍ୟବହାର ପୂର୍ବକ ପୁଷ୍ଟିସାର ଅଣୁ, ଡିଏନ୍ଏ ଅଣୁ ଓ ଆର୍‌ଏନ୍ଏ ଅଣୁକୁ ମଧ୍ୟ ଧରାଯାଇପାରୁଛି।

ବିକିରଣ ଚାପକୁ ବ୍ୟବହାର କରି ଏସବୁ ଅସାଧ ସାଧନ କରିଛନ୍ତି ପ୍ରଫେସର ଆସ୍କିନ। ବିକିରଣ ବା ଆଲୋକ ଚାପ ସୃଷ୍ଟି କରେ ବୋଲି ୧୬୧୯ରେ ଜୋହାନ୍ସ କେପଲର ଆକଳନ କରିଥିଲେ। ତେଣୁ ଧୂମକେତୁର ଲାଞ୍ଜ ସୂର୍ଯ୍ୟର ବିପରୀତ ଦିଗକୁ ଲମ୍ବିଥାଏ। ୧୮୭୩ରେ ବ୍ରିଟିଶ ବୈଜ୍ଞାନିକ ଜେମ୍‌ସ କ୍ଲାର୍କ ମାକ୍ସୱେଲ ଅଙ୍କ କଷି ଦେଖାଇଲେ ଯେ ଆଲୋକ ରଶ୍ମି ଚାପ ସୃଷ୍ଟି କରିଥାଏ। ପାୟୋଟ୍ରା ଲେବେଜେବ୍, ଅର୍ନେଷ୍ଟ ନିକୋଲସ ଓ ଗର୍ଡନ ହଲ୍ ଗବେଷଣାଗାରରେ ପରୀକ୍ଷା କରି ଦେଖାଇଲେ ଯେ ଆଲୋକ ଚାପ ସୃଷ୍ଟି କରିଥାଏ। ଏହା ୧୯୦୦ ମସିହାର କଥା। ଆଲୋକ ରଶ୍ମିର ଚାପ ଅତି କ୍ଷୀଣ ହୋଇଥାଏ। ମାତ୍ର ୧୯୬୦ ବେଳକୁ ଲେଜର ଆଲୋକର ଉଦ୍ଭାବନ ପ୍ରମାଣିତ କଲା ଯେ ଲେଜରରୂପୀ ଆଲୋକ କେତେ ଅଧିକ ଚାପ ସୃଷ୍ଟି କରିପାରେ। ଆସ୍କିନ ଗବେଷଣା କରି ଦେଖିଲେ ଯେ ସିଲିଣ୍ଡରାକୃତି ଲେଜରର ପରିଧିରୁ କେନ୍ଦ୍ରକୁ ଆସିଲେ ବିକିରଣ ଚାପ ବୃଦ୍ଧି ପାଇଥାଏ। ତେଣୁ ଅତି ଛୋଟ (ନାନୋମିଟରରୁ ମାଇକ୍ରନ ଆକୃତିର) କଣିକାଗୁଡିକ ଲେଜରର କେନ୍ଦ୍ରକୁ ଟାଣିହୋଇ ଆସିଥାଏ। ମାଧ୍ୟାକର୍ଷଣ ବଳର ବିପରୀତ ଦିଗରେ ବିକିରଣ ଚାପ ସୃଷ୍ଟି ହୋଇଥାଏ। ଏହି ତତ୍ତ୍ୱକୁ ବ୍ୟବହାର କରି ପ୍ରଥମେ ଗୋଟିଏ ଲେଜର ରଶ୍ମି ଓ ପରେ ଦୁଇଟି ଲେଜର ରଶ୍ମି ବ୍ୟବହାର କରି ବୀଜାଣୁ, ଜୀବାଣୁ, ଭୂତାଣୁ ପ୍ରଭୃତି କ୍ଷୁଦ୍ରାତିକ୍ଷୁଦ୍ର କଣିକାମାନଙ୍କୁ ଧରାଯାଇପାରିଲା। ସବୁଠୁ ମହତ୍ତ୍ୱପୂର୍ଣ୍ଣ ବିଷୟ ହେଲା ଅଣୁଜୀବମାନଙ୍କୁ ଧରିବା ବେଳେ ଜୀବକୋଷିକାମାନଙ୍କ କୌଣସି କ୍ଷତି ହେଲାନାହିଁ। ଚକ୍ଷୁଶଲ୍ୟ ଚିକିତ୍ସା ଏହି ପଦ୍ଧତି ବ୍ୟବହାର କରି ଯୁଗାନ୍ତକାରୀ ପରିବର୍ତ୍ତନର ବାହକ ହୋଇପାରିଛି।

ତୀବ୍ର ଲେଜର ରଶ୍ମି ବ୍ୟବହାର କରି ବିଦ୍ୟୁତ୍ କୁପରିବାହୀକୁ ବିଦ୍ୟୁତ୍ ସୁପରିବାହୀ କରାଯାଇପାରେ। ଖାଲି ବସ୍ତୁରେ ନୁହେଁ ଜୀବନ୍ତକୋଷରେ ମଧ୍ୟ ଗର୍ତ୍ତ ସୃଷ୍ଟି କରାଯାଇପାରେ। ଫେମ୍‌ଟୋସେକେଣ୍ଡ ଲେଜର ଯେତିକି ଗଭୀର ଗର୍ତ୍ତ କରିଥାଏ, ତାହା ନାନୋସେକେଣ୍ଡ ଲେଜର ଦ୍ୱାରା କରାଯାଇଥିବା ଗର୍ତ୍ତଠାରୁ ଭଲ ଓ ଗଭୀର ହୋଇଥାଏ। ଏହାକୁ ବ୍ୟବହାର କରି ଅସମ୍ଭବ କାର୍ଯ୍ୟକୁ ସୁଚାରୁରୂପେ ସମ୍ପାଦନ କରାଯାଇପାରୁଛି। ତଥ୍ୟ ସଂରକ୍ଷଣ ପାଇଁ ଏହି ଗର୍ତ୍ତମାନଙ୍କୁ ବ୍ୟବହାର କରାଗଲାଣି। ଏହା ସମ୍ଭବ ହୋଇପାରିଛି ପ୍ରଫେସର ମୋରୁ ଓ ଡ. ଷ୍ଟ୍ରିକ୍‌ଲ୍ୟାଣ୍ଡଙ୍କ ଯୁଗାନ୍ତକାରୀ ଉଦ୍ଭାବନ 'ଚର୍ପ୍‌ଡ ପଲ୍‌ସ ଆମ୍ପ୍ଲିଫିକେଶନ' କୌଶଳ ପାଇଁ। ଲେଜର ରଶ୍ମିର ତୀବ୍ରତା ବୃଦ୍ଧିକଲେ ଏହା ଆଧାରକୁ ନଷ୍ଟକରି ଦେଉଥିଲା। ତେଣୁ ମୋରୁ ଓ ଷ୍ଟ୍ରିକ୍‌ଲ୍ୟାଣ୍ଡ ଗୋଟିଏ ନୂଆ କୌଶଳ ଆବିଷ୍କାର କଲେ। ସେମାନେ ପ୍ରାରମ୍ଭିକ ଅବସ୍ଥାରେ ଲେଜର ସ୍ପନ୍ଦନର ତରଙ୍ଗ ଦୈର୍ଘ୍ୟ ବୃଦ୍ଧିକଲେ, ଫଳରେ ଏହାର ଶକ୍ତି ହ୍ରାସ ପାଇଲା। ଏହି ଅବସ୍ଥାରେ ସ୍ପନ୍ଦନଟିକୁ ପ୍ରବର୍ଦ୍ଧିତ (ଆମ୍ପ୍ଲିଫାଏ) କଲେ। ପ୍ରବର୍ଦ୍ଧିତ ସ୍ପନ୍ଦନକୁ ଗ୍ରେଟିଂ ଦ୍ୱାରା ପୁନଃ ସ୍ୱଳ୍ପ ତରଙ୍ଗଦୈର୍ଘ୍ୟବିଶିଷ୍ଟ ଲେଜର ସ୍ପନ୍ଦନକୁ ରୂପାନ୍ତରିତ କଲେ ଯାହାର ଶକ୍ତି ବହୁ ପରିମାଣରେ ଅଧିକ ହୋଇଥାଏ। ୦.୧ ପାଇକୋସେକେଣ୍ଡ ଲେଜର ସ୍ପନ୍ଦନକୁ ପ୍ରଥମେ ୩ ନାନୋସେକେଣ୍ଡର ସ୍ପନ୍ଦନରେ ରୂପାନ୍ତରିତ କରାଯାଏ। ଏହାକୁ ପ୍ରବର୍ଦ୍ଧିତ କରି ପୁନଶ୍ଚ ୦.୫ ପାଇକୋସେକେଣ୍ଡର ସ୍ପନ୍ଦନରେ ରୂପାନ୍ତରିତ କରିବା ଦ୍ୱାରା ୧.୩ ପେଟାୱାଟ୍‌ର ଲେଜର ସ୍ପନ୍ଦନ ସୃଷ୍ଟି କରାଯାଇପାରେ। ଏହି କୌଶଳକୁ 'ଚର୍ପ୍‌ଡ ପଲ୍‌ସ ଆମ୍ପ୍ଲିଫିକେଶନ' କୁହାଯାଏ। ଏହି କୌଶଳ ବ୍ୟବହାର କରି ଆଟୋ ସେକେଣ୍ଡ (୧୦-୧୮)ର ସ୍ପନ୍ଦନ ସୃଷ୍ଟି କରାଯାଇପାରିଛି, ଯାହା କଠିନ ଅବସ୍ଥାରେ ଥିବା ଅଣୁ, ପରମାଣୁମାନଙ୍କ ସ୍ୱରୂପ ଓ ଗତିବିଧି ଅନୁସନ୍ଧାନ କରିବାରେ ସକ୍ଷମ ହେବ। ତ୍ୱରକ (ଆକ୍ସିଲିରେଟର) ଶାସ୍ତ୍ର ମଧ୍ୟ ଏହି ଗବେଷଣା ଦ୍ୱାରା ବିଶେଷ ଲାଭବାନ୍ ହେବ। କାଲିଫର୍ନିଆ ସ୍ଥିତ ବର୍କଲେ ଜାତୀୟ ଗବେଷଣାଗାରରେ ମାତ୍ର ୯ ସେଣ୍ଟିମିଟର ଲମ୍ବର କ୍ଷେତ୍ର ମଧ୍ୟରେ ୪.୨ ଜିଗାଇଲେକ୍ଟ୍ରନ ଭୋଲ୍ଟର ଇଲେକ୍ଟ୍ରନ ରଶ୍ମି ସୃଷ୍ଟି କରାଯାଇପାରିଛି ଏହି ତତ୍ତ୍ୱ ବ୍ୟବହାର କରି। ଏହାକୁ ବୈଜ୍ଞାନିକ ଭାଷାରେ 'ଲେଜର ପ୍ଲାଜ୍‌ମା ତ୍ୱରଣ' କୁହାଯାଏ। ଫେମ୍‌ଟୋସେକେଣ୍ଡ (୧୦-୧୫) ଲେଜର ରଶ୍ମି ବ୍ୟବହାର କରି ସମୀପ ଦୃଷ୍ଟିଦୋଷ, ଆଷ୍ଟିଗମାଟିଜ୍‌ମର ଚିକିତ୍ସା କରାଯାଇପାରୁଛି। ଚିକିତ୍ସାଶାସ୍ତ୍ର ଓ ଶିଳ୍ପବିଜ୍ଞାନରେ ଅଭୂତପୂର୍ବ ପରିବର୍ତ୍ତନ ଆସିଛି ଏହି ଯୁଗାନ୍ତକାରୀ ଗବେଷଣା ଦ୍ୱାରା। ଭାରତୀୟ ଗବେଷକମାନଙ୍କ ପାଇଁ ଏହି ଯୁଗାନ୍ତକାରୀ ଗବେଷଣା ନୂତନ ପ୍ରେରଣା ଯୋଗାଉ ଓ ସେମାନେ ବିଶ୍ୱସ୍ତରୀୟ ଗବେଷଣାରେ ନିମଗ୍ନ ହୁଅନ୍ତୁ, ଏତିକି କାମ୍ୟ।

gourishankar.sahoo@gmail.com

# ଗଣତନ୍ତ୍ର ବନାମ ଗୁପ୍ତତନ୍ତ୍ର



ମାୟାଧର ନାୟକ

ଏବେ କୋଟି କୋଟି ଲୋକଙ୍କର ସ୍ୱପ୍ନଭଙ୍ଗ ହେଲାଣି। ବର୍ଷକୁ ୨୦ କୋଟି ଚାକିରି, ବିଦେଶରୁ କଳାଧନ ଫେରାଇ ଆଣି ଦେଶର ପ୍ରତ୍ୟେକ ନାଗରିକଙ୍କ ଜମାଖାତାରେ ୧୫ ଲକ୍ଷ ଟଙ୍କା ଜମାକରିବା, ଦରଦାମ୍ ବୃଦ୍ଧି କମାଇଦେବା ଏବଂ ଡଲାରର ଦାମ୍‌କୁ ୪୫ ଟଙ୍କାକୁ ଖସାଇ ଆଣିବା ପ୍ରତିଶ୍ରୁତି ଏବେ ପାଣିର ଗାର।

ବିମୁଦ୍ରୀକରଣର ଅଚାନକ ଘୋଷଣାନାମା ୮ ନଭେମ୍ବର ୨୦୧୬ ରାତି ୮ଟା ପରେ ଭାରତୀୟ ଅର୍ଥନୀତିର କଣ୍ଟାଫୋଡ଼ା କ୍ୟାଲେଣ୍ଡରରେ ଯୋଡ଼ିଦେଇଛି ଏକ କଳା ତାରିଖ। ତାକୁ ଟିକେ ତଳେଇ ଦେଖିଲେ ଯାହା ଜଣାପଡ଼େ, ଏହା ଗଣତନ୍ତ୍ରର କୌଣସି ପରିଚ୍ଛନ୍ନ ପ୍ରକ୍ରିୟା ନୁହେଁ। ବରଂ ଏହା ଗୁପ୍ତତନ୍ତ୍ରର ଏକ ପ୍ରଚ୍ଛନ୍ନ ପ୍ରକ୍ରିୟା ମାତ୍ର। ଏହି ଅପ୍ରତ୍ୟାଶିତ ନୋଟ୍‌ବନ୍ଦୀକୁ ଏବେ ଦୁଇବର୍ଷ ପୂରିବାକୁ ଯାଉଛି। ମୋଦି ସରକାରଙ୍କ ଶାସନକାଳର ଶେଷପର୍ବରେ ଦେଶର ଆର୍ଥିକ ଚିତ୍ର ଏକ କରୁଣ ବ୍ୟର୍ଥତାରେ ପର୍ଯ୍ୟବସିତ ହୋଇଛି।

ଯେତେ 'ଅଚ୍ଛେଦିନ୍' ଆୱାଜ୍ 'ମେକ୍ ଇନ୍ ଇଣ୍ଡିଆ' ମ୍ୟୁଜିକ ଶୁଣାନ୍ତୁ ପଛେ, ଦେଶର ଅର୍ଥବ୍ୟବସ୍ଥା ଏକ ବ୍ୟର୍ଥବ୍ୟବସ୍ଥା ପାଲଟିଯାଇଛି। ବର୍ତ୍ତମାନ ସମୟର ରୁଗ୍‌ଣ ରାଜନୀତି ଓ ଅଥର୍ବ ଅର୍ଥନୀତିର ଅନୈତିକ ମଧୁଚନ୍ଦ୍ରିକା ଅଦୂର ଭବିଷ୍ୟତରେ ଯେଉଁ ଅମାନବିକତାର ଅନ୍ଧକାର ସୃଷ୍ଟି କରିବାକୁ ଯାଉଛି, ତା'ର ପ୍ରତିକାର କରା ନ ଗଲେ ଦେଶବ୍ୟାପୀ ଭୟଙ୍କର ପରିସ୍ଥିତି ସୃଷ୍ଟି ହେବ।

ସରକାର କଣ୍ଠ ଫଟାଇ ଚିତ୍କାର କରୁଛନ୍ତି, ବିକାଶ ଆସୁଛି- ଅଚ୍ଛେଦିନ ମାନେ ତ ଦେଶର ଉନ୍ନୟନ। ବୁଲେଟ୍ ଟ୍ରେନ୍ ଚାଲିବ (ପ୍ରକାଶଥାଉ କି, ଜାପାନ ଏବେ ବୁଲେଟ୍ ଟ୍ରେନ୍ ପାଇଁ ଅର୍ଥ ଦେବାକୁ କୁଣ୍ଠିତ), ରାସ୍ତାଘାଟ, ବ୍ରିଜ ସବୁ ସିଙ୍ଗାପୁର ଭଳି ହେବ। ୨୦୧୪ରେ ମୋଦିଙ୍କୁ ଲୋକେ ଭାବୁଥିଲେ, ଏଥର କିଛି ଅଲୌକିକ କାଣ୍ଡ ଘଟିବ। ମୋଦି ଜେମ୍‌ସ ବଣ୍ଡ- ଉପରବାଲାର ଆଶୀର୍ବାଦପ୍ରାପ୍ତ ସୁପରମ୍ୟାନ୍। ମୋଦି ସରକାରଠୁ ଲୋକେ ଅନେକ କିଛି ଆଶା କରିଥିଲେ। ଏଇ ୫ ବର୍ଷରେ ଜିନିଷପତ୍ରର ଦର ଆକାଶଛୁଆଁ। ଡିଜେଲ, ପେଟ୍ରୋଲ ଦର ଯେମିତି ଦିନକୁଦିନ ବଢୁଛି ଲିଟର ପିଛା ୧୦୦ ଟଙ୍କା ଛୁଇଁବ। ଡଲାର ମୂଲ୍ୟ ୪୫ଟଙ୍କାକୁ କମିବ କ'ଣ ୭୩ ଟଙ୍କାରୁ ଉର୍ଦ୍ଧ୍ୱରେ ପହଞ୍ଚିଲାଣି। କାହିଁ କଳାଟଙ୍କା କୋଉଠି ଜବତ ହେଲା, ପ୍ରତ୍ୟେକ ନାଗରିକଙ୍କ ଜମାଖାତାରେ ୧୫ଲକ୍ଷ ଟଙ୍କା ଜମା କାହିଁ, ବରଂ ଉଚ୍ଚାଭିଳାଷୀ ବୃହତ୍ ଋଣ ଖିଲାପକାରୀ ବିଜୟ ମାଲ୍ୟା, ନୀରବ ମୋଦି ପ୍ରମୁଖ ଲୁଚି ପଳାଇଲେ। ଟଙ୍କାର ଅବମୂଲ୍ୟାୟନ ରସାତଳଗାମୀ ହେଲାଣି। ବିମୁଦ୍ରୀକରଣ, ଜିଏସ୍‌ଟିର ମାରାତ୍ମକ କୁପ୍ରଭାବ ଅର୍ଥନୀତିର ଆତ୍ମାକୁ ସଂକଟାପନ୍ନ କରିଦେଲାଣି।

ବର୍ତ୍ତମାନ ଗୋଟିଏ ପ୍ରଶ୍ନ ସବୁଠୁ ଗୁରୁତ୍ୱପୂର୍ଣ୍ଣ। ସବୁ ହୋହଲ୍ଲା ଭିତରେ ପ୍ରଶ୍ନଟିର ସ୍ୱର ଯେତେ କ୍ଷୀଣ ହେଉ ପଛେ ସମସ୍ତେ ଶୁଣିବା ଆଉ ଭାବିବା ଦରକାର- ଆଗରୁ ମାତ୍ର ଛଅ ଜଣଙ୍କୁ ଜଣାଇ ଜଣେ ବିମୁଦ୍ରୀକରଣ ଭଳି ତରବରିଆ ନିଷ୍ପତ୍ତିଟିଏ ୧୩୦ କୋଟି ଲୋକଙ୍କୁ ରୋକ୍‌ଠୋକ୍ ଶୁଣାଇ ଦେବାର ସ୍ପର୍ଦ୍ଧା ପ୍ରକଟ କରିପାରିଲେ କିପରି- ହୁଅନ୍ତୁ ପଛକେ ସେ ପ୍ରଧାନମନ୍ତ୍ରୀ ?

ଏ 'କିପରି' ଅନ୍ତରାଳରେ ଉଙ୍କି ମାରୁଥିବା 'କାହିଁକି' ହିଁ ହେଉଛି ଅସଲ ପ୍ରଶ୍ନର ସ୍ପନ୍ଦନ। ସୁଅମୁହଁରେ ପତର ପରି ଭାସି ନ ଯାଇ ଭେଳା ବୁଡ଼ିଯିବା ପୂର୍ବରୁ ପ୍ରତ୍ୟେକ ଭାରତୀୟ ଆଜି ଭାବିବସିବା ଦରକାର ଏହା କେତେଦୂର ଠିକ୍ ?

ଏବେ ସମଗ୍ର ବିଶ୍ୱର ବିଭିନ୍ନ ଦେଶରେ ନେତାଶୂନ୍ୟ ଓ ନେତୃତ୍ୱହୀନ ରାଜନୀତି। ବିଶ୍ୱବ୍ୟାପୀ ଆର୍ଥିକ ମାନ୍ଦାବସ୍ଥାର ଝଡ଼ ଏ ପର୍ଯ୍ୟନ୍ତ ଥମିନି। ଦୁର୍ବଳ ଅର୍ଥନୀତିର କଷାଘାତରେ ଆମ ଦେଶର ବ୍ୟାଙ୍କଗୁଡ଼ିକର ଅବସ୍ଥା ଘାଏଲ। କଳକାରଖାନା ଶିଳ୍ପାନୁଷ୍ଠାନରେ କେଉଁ ଦିନୁ ଛଟେଇ ପ୍ରକ୍ରିୟା ଚାଲିଛି- ବନ୍ଦ ହେବାର ନାଁ ଧରୁନି। ହଜାର ହଜାର ଛୋଟ, ମଝିଲା, ବଡ଼ କଳକାରଖାନା, ଖଣିଖାଦାନ ତାଲାବନ୍ଦ ଦଶା ଭୋଗୁଛନ୍ତି। କାର୍ଯ୍ୟରତ ଛଟେଇ ଶ୍ରମିକ କର୍ମଚାରୀ ତ୍ରାହିତ୍ରାହି ଡାକୁଛନ୍ତି। ଏଣେ ସରକାର ନିଜେ ନିଜ ବାଇଦ ପିଟୁଛନ୍ତି।

ସରକାରଙ୍କ ମୁଦ୍ରାଘାତ, ପାତାଳମୁହାଁ ଟଙ୍କା, ଆକାଶଛୁଆଁ ଡିଜେଲ୍ ପେଟ୍ରୋଲ୍ ଦର ଯୋଗୁ ଜାତୀୟ ଜୀବନରେ ଅର୍ଥନୈତିକ ଆତଙ୍କବାଦର କଳାମେଘ ଘୋଟିଗଲାଣି। ଦେଶ ଏକ ଅର୍ଥନୈତିକ ଫାସିବାଦର ହାଣମୁହଁ ଆଡ଼କୁ ବେକ ବଢ଼ାଇଦେଇଛି।

ମାନ୍ଦାବସ୍ଥାର ଘୂର୍ଣ୍ଣବଳୟରେ ଅର୍ଥନୀତି ବେଶି ସମୟ ପଡ଼ିଗଲେ, ତା'ର ଗତିଶୀଳତାରେ ଦେଖାଦିଏ ଅସଙ୍ଗତି। ସେହି ଘୂର୍ଣ୍ଣିର ଘେରରୁ ନିସ୍ତାର ପାଇବା ନିତାନ୍ତ କଠିନ। ବିଶ୍ୱ ମାନ୍ଦାବସ୍ଥା ଯାହା ଏବେ ୨୦୦୮ରୁ ଆରମ୍ଭ ହୋଇ ଦଶବର୍ଷରେ ପହଞ୍ଚିଛି- ଆମ ଦେଶ ସେହି ମାନ୍ଦାବସ୍ଥା ଜାଲରେ ପଡ଼ି ଛଟପଟ ହେଉଛି।

୨୦୧୯ ନିର୍ବାଚନ ବୈତରଣୀ ପାର ହେବା ପାଇଁ ରାମମନ୍ଦିର ନିର୍ମାଣ, ଭାରତ-ପାକିସ୍ତାନ ଯୁଦ୍ଧ ନା ଅଜେୟ ଭାରତ ସ୍ଲୋଗାନ ଦେବେ ନା ସବୁଦିନେ ସାମ୍ପ୍ରଦାୟିକ ଦଙ୍ଗା ସୃଷ୍ଟି କରିବେ ? ୨୦୦୭ ଗୋରଖପୁର, ୨୦୧୩ରେ ମୁଜାଫରନଗରରେ ଯାହା ହୋଇଥିଲା ୨୦୧୯ରେ ସେଇଭଳି କରିବେ କି ?

ରାଜନୀତିରେ ଅର୍ଥନୀତି ଚଳିବ, ହେଲେ ଅର୍ଥନୀତିରେ ରାଜନୀତି ଚଳିବ ନାହିଁ। ଗଣତନ୍ତ୍ରର ସ୍ୱପ୍ନକୁ କୌଣସି ଗୁପ୍ତତନ୍ତ୍ରର ଶକ୍ତି ସବୁଦିନ ପାଇଁ ପଦଦଳିତ କରି ରଖି ନ ପାରେ। ବର୍ତ୍ତମାନ ସମୟର ରୁଗ୍‌ଣ ରାଜନୀତି ଓ ଋଣୀ ଅର୍ଥନୀତିର ଅନୈତିକ ମଧୁଚନ୍ଦ୍ରିକା ଅଦୂର ଭବିଷ୍ୟତରେ ଯେଉଁ ଅମାନବିକତାର ଅନ୍ଧକାର ସୃଷ୍ଟି କରିବାକୁ ଯାଉଛି, ତା'ର ଜରୁରୀ ପ୍ରତିକାର ଲୋଡ଼ା।

ଯାଜପୁର ରୋଡ଼, ଯାଜପୁର,
ମୋ -୯୮୬୧୦୩୪୧୬୩

## ଏଇ ଭାରତରେ

ଆଦିବାସୀ ସମ୍ପ୍ରଦାୟ ପ୍ରକୃତିକୁ ଦେବତା ରୂପେ ମାନିଥାଆନ୍ତି। ସେଥିପାଇଁ ପ୍ରକୃତିର କୋପକୁ ସେମାନେ ଦେବତାଙ୍କ ଅଭିଶାପ ବୋଲି ମନେକରନ୍ତି। ତେଣୁ ଆଖପାଖର ପ୍ରାକୃତିକ ଦୃଶ୍ୟ ଏବଂ ପ୍ରାଚୀନ ପ୍ରଥା, ପରମ୍ପରାକୁ ସେମାନେ ବଜାୟ ରଖିବାକୁ ଚାହାନ୍ତି। ଏଇ ଯେମିତି କେରଳର ସାବରିମାଳା ମନ୍ଦିରକୁ ସବୁ ବୟସ ବର୍ଗର ମହିଳାଙ୍କ ପ୍ରବେଶ ଲାଗି ଅଦାଲତ ଅନୁମତି ଦେବା ପରେ ଆଦିବାସୀ ସମ୍ପ୍ରଦାୟ ଏହାକୁ ବିରୋଧ କରିଛି। ଭଗବାନ ଆୟାପ୍ପାଙ୍କ ଧର୍ମପୀଠ ଚତୁର୍ଦ୍ଦିଗରେ ସେମାନେ ସତର୍କ ଦୃଷ୍ଟି ରଖିବେ ବୋଲି ନିଷ୍ପତ୍ତି ନେଇଛନ୍ତି। ଉକ୍ତ ମନ୍ଦିରର କର୍ମକର୍ମାଣି କରିବାର ଅଧିକାର ମାଳା ଆର୍ଯ୍ୟନ୍ କମ୍ୟୁନିଟି ସହ ଜଡ଼ିତ। ସେମାନେ ମନ୍ଦିରର ବର୍ଷବର୍ଷର ପରମ୍ପରା ବଜାୟ ରଖିଆସିଛନ୍ତି।

## ଚିରନ୍ତନୀ

ଯାଏ ଯେହୁ ବିସ୍ମୃତି ତଳେ ଫେରିଆସେ ପୁଣି ହୋଇ ନୂଆ
ତୋଟାତଳ କୁଡ଼ିଆରୁ ଏଇ କି ଶବଦ କାନେ ଆସେ ଡେଇଁ
କିଏ ଡାକେ କୁଆଁ କୁଆଁ କୁଆ
ପୁରାତନ ଫେରେ ହୋଇ ନୂଆ। (ପୌଷ-ମଳୟ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ୨୫ ବର୍ଷ ତଳର ଧରିତ୍ରୀ

୬ ଅକ୍ଟୋବର ୧୯୯୩

- ଆଙ୍ଗୋଲାର ୟୁନିଟା ବିଦ୍ରୋହୀଙ୍କ ବିରୋଧରେ ସ୍ୱିଡେନ ସରକାର ଅସ୍ତ୍ର ଯୋଗାଣ କ୍ଷେତ୍ରରେ ବାସନ୍ଦ ବ୍ୟବସ୍ଥା ଲାଗୁ କରିବାକୁ ନିଷ୍ପତ୍ତି।
- ସୋମାଲିଆ ଗେରିଲା ଏବଂ ଜାତିସଂଘ ସେନାବାହିନୀ ମଧ୍ୟରେ ସଂଘର୍ଷ ଘଟି ୫୦୦ ସୋମାଲୀଙ୍କର ପ୍ରାଣହାନି।



ଜିଲା ଡାଏରୀ

ଭଦ୍ରକ

## ମେଡିକାଲ କଲେଜ ଦାବି

ଭଦ୍ରକ ଭଳି ଐତିହ୍ୟପୂର୍ଣ୍ଣ ଜିଲା ଏବେ ବିଭିନ୍ନ କ୍ଷେତ୍ରରେ ଅବହେଳିତ। ପଡ଼ୋଶୀ ଜିଲାମାନଙ୍କରେ ମେଡିକାଲ କଲେଜ ପ୍ରତିଷ୍ଠା ଘୋଷଣା କରାଯିବା ପରେ ଭଦ୍ରକିଆଙ୍କ ନିଦ ଭାଙ୍ଗିଲା। ଏବେ ଭଦ୍ରକରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଆନ୍ଦୋଳନ ଗଣଆନ୍ଦୋଳନର ରୂପ ନେଲାଣି। ଜିଲା ମୁଖ୍ୟାଳୟରୁ ଆରମ୍ଭ ହୋଇଥିବା ଏହି ଆନ୍ଦୋଳନ ପଞ୍ଚାୟତ ସ୍ତରକୁ ବ୍ୟାପିଲାଣି। ଶୋଭାଯାତ୍ରା, ବାଇକ ରାଲି, ସ୍ମାରକପତ୍ର ପ୍ରଦାନ, ଦସ୍ତଖତ ଅଭିଯାନ, ମାଇକ ଯୋଗେ ପ୍ରଚାର, ଭିଡିଓ ଚିତ୍ର ଉନ୍ମୋଚନ ଭଳି ଦୈନିକ କାର୍ଯ୍ୟକ୍ରମ ଦୀର୍ଘ ୨୨ ଦିନ ଧରି ଲାଗି ରହିଛି। ରାଜନୈତିକ ନେତାଙ୍କ ଇଚ୍ଛାଶକ୍ତିର ଅଭାବକୁ ଜିଲାବାସୀ ସମାଲୋଚନା କରୁଛନ୍ତି। ସୂଚନା ଥାଉକି, ଭଦ୍ରକ ଜିଲା ଚିକିତ୍ସାଳୟ ଉପରେ ଭଦ୍ରକ ସମେତ ପଡ଼ୋଶୀ ବାଲେଶ୍ୱର, କେନ୍ଦ୍ରାପଡ଼ା, ଯାଜପୁର ଓ କେନ୍ଦୁଝର ଜିଲାର ପ୍ରାୟ ୨୦ଲକ୍ଷ ଲୋକ ନିର୍ଭର କରନ୍ତି। ଦୈନିକ ୧୫ଶହରୁ ଉର୍ଦ୍ଧ୍ୱ ରୋଗୀ ବହିର୍ବିଭାଗରେ ଡାକ୍ତରଙ୍କ ପରାମର୍ଶ ନେଇଥାନ୍ତି। ତେବେ ଭଦ୍ରକ ଜିଲା ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ସମ୍ପୂର୍ଣ୍ଣ ଉପେକ୍ଷିତ ହେବା ଜିଲାବାସୀଙ୍କୁ ସହଜରେ ହଜମ ହେଉନି। ଯଦି ସରକାରୀ ସ୍ତରରେ ଘୋଷଣା କରା ନ ଯାଏ ଭଦ୍ରକ ବନ୍ଦ କରାଯାଇ ଆନ୍ଦୋଳନକୁ ତୀବ୍ରତର କରାଯିବ ବୋଲି କୁହାଯାଇଛି।

-ବିଭୁ ପ୍ରସାଦ ବେହେରା

## ପାଠକ ଶ୍ରେଷ୍ଠ ବିଚାରକ

### କିନ୍ନରଙ୍କ ଦୌରାତ୍ମ୍ୟ

ମହାଶୟ,

କିଛିଦିନ ତଳେ ଖଣ୍ଡଗିରିରେ କିନ୍ନରଙ୍କ ଦାଦାଗିରିରେ ସେଠାରେ ଥିବା ନାଗାବାବା ଆକ୍ରାନ୍ତ ହୋଇଥିବା ଖବର ପ୍ରକାଶ ପାଇଥିଲା। ଏମାନଙ୍କୁ ତୃତୀୟ ଲିଙ୍ଗର ମାନ୍ୟତା ଦିଆଯାଇଥିଲେ ହେଁ ଏମାନଙ୍କ ଆଚରଣରେ କୌଣସି ସୁଧାର ଆସୁନାହିଁ। ଚଳନ୍ତା ଟ୍ରେନ୍‌ରେ ଯାତ୍ରୀଙ୍କୁ ଅସଦାଚରଣ କରି ପଇସା ଆଦାୟ କରୁଛନ୍ତି। ରାସ୍ତାଘାଟରେ ଗାଡି ଅଟକାଇ ମାଗୁଛନ୍ତି। ଏବେ ଖଣ୍ଡଗିରିରେ ଏମାନଙ୍କ ଉତ୍ପାତ ଚରମ ସୀମାରେ ପହଞ୍ଚିଛି। ମଠରେ ପଶି ବାବାଙ୍କୁ ଉଲଗ୍ନ କରି ପିଟିବା ଓ ଅନୈତିକ କାର୍ଯ୍ୟରେ ଲିପ୍ତ ରହିବା- ଏସବୁ ସଭ୍ୟ ସମାଜରେ ଗ୍ରହଣୀୟ ନୁହେଁ। ତେଣୁ ଏମାନଙ୍କୁ ନିୟନ୍ତ୍ରଣରେ ରଖିବା ଏକାନ୍ତ ଆବଶ୍ୟକ।

ହରମୋହନ ମହାନ୍ତି, ଦଣ୍ଡତୋଟା, ପୁରୀ

### ବିନା ଦଳରେ ଗଣତନ୍ତ୍ର

ବିନା ରାଜନୈତିକ ଦଳ ଓ ନେତାରେ ଗଣତାନ୍ତ୍ରିକ ସରକାର ଗଠନ ଯେ ସମ୍ଭବ, ଏହା ଇଟାଲିର ଫାଇଭ୍ ଷ୍ଟାର ଆନ୍ଦୋଳନ ପ୍ରମାଣ କରି ଦେଖାଇଛି। ଅଣରାଜନୈତିକ ବ୍ୟକ୍ତି ଆଇନ ପ୍ରଫେସର ଜେସେପି କୋନ୍ତେ ସେଠାକାର ପ୍ରଧାନମନ୍ତ୍ରୀ। ଲଟେରିରେ ସମାଜର ବିଭିନ୍ନ ବର୍ଗରୁ ସାଂସଦ ବଛା ହେବେ। ବିଶେଷଜ୍ଞଙ୍କ ସହାୟତାରେ ସରକାର କାର୍ଯ୍ୟ କରିବ। ରାଜନୀତିକୁ ପେସା କରିବା ବା ବାରମ୍ବାର ନିର୍ବାଚନରେ ପ୍ରାର୍ଥୀ ହେବାର ସୁଯୋଗ ନେଇପାରିବେ ନାହିଁ। ଅନିଶ୍ଚିତ ପୃଥିବୀ ଅଜଣା ଭବିଷ୍ୟତର ଲେଖକ ସୁଧାଂଶୁ ଷଡ଼ଙ୍ଗୀଙ୍କର ଏହା ଏକ ସ୍ୱାଗତଯୋଗ୍ୟ ପରାମର୍ଶ। ୨୦୩୦ ବେଳକୁ ପୃଥିବୀର ସବୁ ଅଞ୍ଚଳକୁ ଇଣ୍ଟରନେଟ୍ ସଂଯୋଗ ହୋଇଯିବ। ଆମେ ସବୁବେଳେ ନୂଆ କଥା ଶିଖିବା ପାଇଁ ପ୍ରସ୍ତୁତ ରହିବା।

ବାବାଜି ଚରଣ ସେଠୀ, ଭୁବନେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)


INDIA'S SECOND LARGEST FOOTWEAR RETAIL CHAIN | 750+ STORES ACROSS INDIA | KHADIMS.COM | /KHADIMSINDIA
Khadim's Festive collection
the sole of india
Khadim's®
MEN
15190515190 | ₹ 499
46624246670 | ₹ 899
50500750540 | ₹ 1399
48800548880 | ₹ 2599
10805010840 | ₹ 499
58001058030 | ₹ 3999
54000754040 | ₹ 1299
49301049320 | ₹ 2299
63124963170 | ₹ 749
63104863170 | ₹ 1699
WOMEN
36032836000 | ₹ 499
16590916550 | ₹ 499
51502651550 | ₹ 649
53201953250 | ₹ 699
46230846280 | ₹ 699
51502051550 | ₹ 749
47524447580 | ₹ 899
51502451570 | ₹ 999
42233642230 | ₹ 1599
KIDS
47719647790 | ₹ 429
98712898790 | ₹ 399
29429829490 | ₹ 599
46311146350 | ₹ 999
Khadim's PUJA OFFER SHOP & WIN
JACKPOT OFFER CAR
Shop for ₹500 & above and get a chance to win many other attractive prizes
Participate in lucky draw*
T&C Apply*
Brands from the house of Khadim's
BRITISH WALKERS® POWER STRIDE
LAZARD
TURK
PRO
SHARON™ easers
cleo®
softouch™
bonito fun together
adrianna® walk like a princess
Call us at 1800 274 0501 Toll Free (domestic calls only), 8am to 8pm
BHUBANESWAR Ashok Nagar, Janapath | Pal Heights, Jaydev Vihar | KIIT Square,Patia | Sahidnagar | Esplanade One Mall, Rasulgarh JATNI Badabazar Road CUTTACK Buxi Bazar | Bajrakabati Road, Dolamundai | Netaji Subhas Chandra Bose Arcade, Darga Bazar | College Square CHOUDWAR | SALIPUR | ATHAGARH | BERHAMPUR Fire Station Road ANGUL Sankar Cinema Hall Road JAJPUR ROAD Gopobandhu Chawk | Bank Street JAJPUR TOWN Jajati Nagar CHANDIKHOLE NH-5 BALICHANDRAPUR | BALASORE Vivekananda Marg BARIPADA College Road ROURKELA Shanti Tower | Bisra Road | Sector -5 SAMBALPUR Gole Bazar | Budharaja JHARSUGUDA Mongal Bazar Road PURI Grand Road | NIMAPARA Ganesh Bazar NAYAGARH Main Road PATTAMUNDAI College Road JAGATSINGPUR Central Market PARADEEP | DHENKANAL Jawahar Chawk BHADRAK Bypass Road BARGARH Bhatli Chawk KHARIAR Boden Chowk PHULBANI Bus stand Road BHAWANIPATNA Satyam Cinema Hall Road
For business enquiry, call 09338852211



ଅଞ୍ଚଳର ସମସ୍ୟାସହ ଜଡ଼ିତ ୮ ପ୍ରମୁଖ ଦାବି ନେଇ ଭାଜପା ଯୁବମୋର୍ଚ୍ଚା ପକ୍ଷରୁ ଶୁକ୍ରବାର ୧୨ ଘଣ୍ଟିଆ ଭୁବନ ବନ୍ଦ ଡାକରା ଦିଆଯାଇଥିଲା। ଦଳଗତ ନିର୍ବିଶେଷରେ ଏହାକୁ ବିପୁଳ ସମର୍ଥନ ମିଳିଥିବାବେଳେ ପ୍ରଭାବିତ ହୋଇଥିଲା ଜୀବନଯାତ୍ରା।

**ସଂକ୍ଷେପରେ**

## ଆଜି ଭାଜପାର ପଦାଧିକାରୀ ବୈଠକ

**ଭୁବନେଶ୍ୱର, ୫।୧୦(ବ୍ୟୁରୋ):** ଭାଜପାର ଦୁଇଦିନିଆ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଦଳୀୟ କାର୍ଯ୍ୟାଳୟଠାରେ ଶନିବାର ଅନୁଷ୍ଠିତ ହେବ । ଭାଜପା ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ଅଧକ୍ଷତାରେ ରାଜ୍ୟ ପଦାଧିକାରୀ ବୈଠକ ବସିବ । ବୈଠକରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରାଜ୍ୟ ପ୍ରଭାରୀ ଅରୁଣ ସିଂହ, ବିଧାୟକ ଦଳ ନେତା କେ.ଭି.ସିଂହଦେଓଙ୍କ ସମେତ ସମସ୍ତ ରାଜ୍ୟ ପଦାଧିକାରୀମାନେ ଯୋଗଦେବେ। ଉକ୍ତ ବୈଠକରେ ଜିଲାସ୍ତରରେ ଦଳ ପକ୍ଷରୁ କିଭଳି କାର୍ଯ୍ୟକ୍ରମ କରାଯାଉଛି ସେ ନେଇ ସମୀକ୍ଷା ହେବ। ସେହିପରି ପଣ୍ଡାଙ୍କ ଅଧକ୍ଷତାରେ ରବିବାର ଦଳର ରାଜ୍ୟ ପଦାଧିକାରୀ ଏବଂ କାର୍ଯ୍ୟକାରିଣୀ ସଦସ୍ୟମାନଙ୍କ ବୈଠକ ବସିବ । ଏଥିରେ ଦୁଇ କେନ୍ଦ୍ରମନ୍ତ୍ରୀ ଜୁଏଲ ଓରାମ ଓ ଧର୍ମେନ୍ଦ୍ର ପ୍ରଧାନ ରହିବେ। ଏହି ବୈଠକକୁ କେନ୍ଦ୍ର ବୟନ ଶିଳ୍ପ ମନ୍ତ୍ରୀ ସ୍ମୃତି ଇରାନୀ ଉଦ୍‌ଘାଟନ କରିବେ। ଦଳର ରାଜ୍ୟ ମୁଖପାତ୍ର ଗୋଲକ ମହାପାତ୍ର ଏନେଇ ସୂଚନା ଦେଇଛନ୍ତି ।

# ପୁରୀରୁ ପ୍ରଧାନମନ୍ତ୍ରୀ ଲଢ଼ିବାକୁ ପ୍ରସ୍ତାବ ଦେବୁ: ବସନ୍ତ

**ଭୁବନେଶ୍ୱର, ୫।୧୦(ବ୍ୟୁରୋ)**

**ସାଧାରଣ ନିର୍ବାଚନ-୨୦୧୯**

**■ ବିଶ୍ୱାସକୁ ନେଲେନି ବିଜେଡି, କଂଗ୍ରେସ**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପୁରୀ ଲୋକ ସଭା ଆସନରୁ ନିର୍ବାଚନ ଲଢିବେ ବୋଲି ଚର୍ଚ୍ଚା ଜୋର୍ ଧରିଛି। ଜାତୀୟ ଗଣମାଧ୍ୟମର ସର୍ଭେ ରିପୋର୍ଟ ଭାଜପା ସପକ୍ଷରେ ମତ ଆସିଥିବା ପରିପ୍ରେକ୍ଷୀରେ ଶୁକ୍ରବାର ଭାଜପା କାର୍ଯ୍ୟାଳୟଠାରେ ଦଳର ରାଜ୍ୟ ସଭାପତି ବସନ୍ତ ପଣ୍ଡାଙ୍କ ମନ୍ତବ୍ୟ ରାଜନୈତିକ ପରିସ୍ଥିତିକୁ ଉଷ୍ମ କରିଛି। ପଣ୍ଡା କହିଛନ୍ତି ଯେ, ପ୍ରଧାନମନ୍ତ୍ରୀ ପୁରୀରୁ ନିର୍ବାଚନ ଲଢନ୍ତୁ ବୋଲି ପ୍ରସ୍ତାବ ଦେବୁ। ଏହାପରେ ସଂସଦୀୟ ବୋର୍ଡ ଏନେଇ ଯାହା ନିଷ୍ପତ୍ତି ନେବ। ଯେତିକି ଆସନ ପାଇବୁ ବୋଲି ସର୍ଭେ ରିପୋର୍ଟ କହୁଛି ତା'ଠାରୁ ଅଧିକ ପାଇବାକୁ ଆଶା ରଖିଛୁ ବୋଲି ବସନ୍ତ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

ଓଡ଼ିଶା ରାଜନୀତିକୁ ନେଇ ଏବେ ବିଭିନ୍ନ ଜାତୀୟ ଗଣମାଧ୍ୟମ ସଂସ୍ଥାଗୁଡିକ ବେଶ୍ ତତ୍ପର ହୋଇପଡିଛନ୍ତି। ଆଗାମୀ ନିର୍ବାଚନରେ ଓଡିଶାରେ କେଉଁ ଦଳ କେତେ ଭୋଟ ପାଇବ ଏବଂ ରାଜ୍ୟବାସୀ କାହାକୁ ଏଥର ସରକାରରେ ବସାଇବେ ସେ ନେଇ ବହୁ ଜାତୀୟ ଗଣମାଧ୍ୟମ ସଂସ୍ଥା ପକ୍ଷରୁ ସର୍ଭେ କରାଯାଉଛି। ଧୀରେ ଧୀରେ ବିଭିନ୍ନ ଗଣମାଧ୍ୟମ ସଂସ୍ଥାର ସର୍ଭେ ରିପୋର୍ଟ ପ୍ରକାଶ ପାଇବାରେ ଲାଗିଛି। ନିକଟରେ ଦୁଇ ଜାତୀୟ ଗଣମାଧ୍ୟମ ସଂସ୍ଥା ସର୍ଭେ କରି ପ୍ରକାଶ କରିଥିଲେ ଯେ, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଲୋକପ୍ରିୟତା ଏବେ ମଧ ରାଜ୍ୟରେ ସର୍ବାଗ୍ରେ ରହିଛି। ବର୍ତ୍ତମାନ ନିର୍ବାଚନ ହେଲେ ବିଜେଡି ସରକାର କରିବ ବୋଲି ସେଥିରେ ପ୍ରକାଶ ପାଇଥିଲା। ମାତ୍ର ଏବେ ରିପବ୍ଲିକ ଟିଭି ଏବଂ ଏବିପି ସି-ଭୋଟର ସର୍ଭେରେ ଆଉ ଏକ ନୂଆ ତଥ୍ୟ ସାମ୍ନାକୁ ଆସିଛି। ଯଦି ଏବେ ରାଜ୍ୟରେ ସାଧାରଣ ନିର୍ବାଚନ ହୁଏ, ତେବେ ଓଡିଶାର ୨୧ ଲୋକ ସଭା ଆସନରୁ ଭାଜପା ୧୩ଟିରେ ସଫଳତା ହାସଲ କରିବ। ବାକି ୮ଟି ମଧ୍ୟରୁ ବିଜେଡିକୁ ୬ ଏବଂ କଂଗ୍ରେସ ଖାତାକୁ ୨ଟି ଯିବ। ଏହାସହ ଓଡିଶାରୁ ପ୍ରଧାନମନ୍ତ୍ରୀ ନିର୍ବାଚନ ଲଢିପାରନ୍ତି ବୋଲି ମଧ୍ୟ ସେଥିରେ ଉଲ୍ଲେଖ ରହିଛି। ଏଭଳି ରିପୋର୍ଟ ପ୍ରକାଶ ପାଇବା ଏବେ ଭାଜପା ନେତାଙ୍କୁ ବେଶ୍ ଉତ୍ସାହିତ କରିଛି। ଅନ୍ୟପଟେ ଆସନ୍ତା ନିର୍ବାଚନରେ ଭାଜପା ୧୩ ନୁହେଁ ତା'ଠାରୁ ଅଧିକ ଲୋକ ସଭା ଆସନ ହାତେଇବାକୁ ଦଳ ଆଶା ରଖିଥିବା ରାଜ୍ୟ ସଭାପତି ବସନ୍ତ ପଣ୍ଡା କହିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ପୁରୀ ଲୋକ ସଭା ଆସନରେ ପ୍ରାର୍ଥୀ କରିବା ଲାଗି ଦଳ ପକ୍ଷରୁ ପ୍ରସ୍ତାବ ଦିଆଯିବ ବୋଲି ପଣ୍ଡା ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ, ପଶ୍ଚିମବଙ୍ଗ ଏବଂ ଓଡିଶାରେ ସରକାର ଗଠନ କରିବା ଲାଗି ଭାଜପାର କେନ୍ଦ୍ରୀୟ ନେତୃମଣ୍ଡଳୀ ବେଶ୍ ଗୁରୁତ୍ୱ ଦେଇଆସୁଛନ୍ତି। ଏପରି କ୍ଷେତ୍ରରେ ମୋଦି ଭାଜପାର ସବୁଠାରୁ ଲୋକପ୍ରିୟ ନେତା ହୋଇଥିବା କାରଣରୁ ଓଡିଶାରେ ତାଙ୍କୁ ପ୍ରାର୍ଥୀ କରି ଭୋଟରଙ୍କ ଦୃଷ୍ଟି ଆକର୍ଷଣ କରିବା ଲାଗି ରାଜ୍ୟ ନେତୃମଣ୍ଡଳୀ ଇଚ୍ଛା ପ୍ରକାଶ କରିଛନ୍ତି। ଏନେଇ ବହୁ ଦିନରୁ ରାଜ୍ୟ ରାଜନୀତିରେ ବିଶେଷ ଚର୍ଚ୍ଚା ଲାଗି ରହିଛି। ରାଜ୍ୟରେ ଅନୁଷ୍ଠିତ ହୋଇଥିବା ଦଳର ଜାତୀୟ କାର୍ଯ୍ୟକାରିଣୀରେ ମଧ ଏନେଇ ଆଲୋଚନା ହୋଇଥିବା ଚର୍ଚ୍ଚା ଜୋର୍ ଧରିଥିଲା। କିନ୍ତୁ ପରବର୍ତ୍ତୀ ସମୟରେ ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ ଶାହ ଏହି ଯୁକ୍ତିକୁ ଖଣ୍ଡନ କରିଥିଲେ। ଏନେଇ ନିର୍ବାଚନ ସମୟରେ ସ୍ଥିର କରାଯିବ ବୋଲି ସେ କହିଥିଲେ। ଏହାପରେ ବିଭିନ୍ନ ସମୟରେ କିଛି ଜାତୀୟ ଗଣମାଧ୍ୟମ ସଂସ୍ଥା ଏହି ଯୁକ୍ତି ଉପସ୍ଥାପନ କରି ଆସୁଛନ୍ତି। ପୁରୀ ଲୋକ ସଭା ଆସନରୁ ମୋଦି ନିର୍ବାଚନ ଲଢିବେ ବୋଲି ବାରମ୍ବାର ପ୍ରକାଶ ପାଇଚାଲିଛି। ଏପରି ସ୍ଥିତିରେ ଦଳର ରାଜ୍ୟ ସଭାପତି ବସନ୍ତ ପଣ୍ଡା ଏନେଇ କେନ୍ଦ୍ରକୁ ପ୍ରସ୍ତାବ ଦିଆଯିବ ବୋଲି କହି ଏଭଳି ଚର୍ଚ୍ଚା ପାଇଁ ଖୋରାକ ଯୋଗାଇଛି। ମାତ୍ର ବିଜେଡି ଓ କଂଗ୍ରେସ କିନ୍ତୁ ରାଜ୍ୟରେ ଏହାର କୌଣସି ପ୍ରଭାବ ପଡିବ ନାହିଁ ବୋଲି ମତ ରଖିଛନ୍ତି।

ବିଜେଡି ମୁଖପାତ୍ର ସସ୍ମିତ ପାତ୍ର କହିଛନ୍ତି ଯେ, ମୋ ଜାଣତରେ ଦୁଇ, ତିନୋଟି ସର୍ଭେ ଅଛି, ଯେଉଁଥିରେ ରିପୋର୍ଟ ଆସିଥିଲା ବିଜେଡି ସରକାର ୨୧ ଲୋକ ସଭା ଆସନରୁ ୧୭ରୁ ୧୯ ଆସନରେ ସଫଳତା ପାଇବ। ତେବେ ଭିନ୍ନ ଭିନ୍ନ ସର୍ଭେ ରିପୋର୍ଟରେ ବିଭିନ୍ନ ପ୍ରକାର ତଥ୍ୟ ପ୍ରକାଶ ପାଉଛି। ଆଗାମୀ ନିର୍ବାଚନରେ ସାଧାରଣ ଲୋକେ ନିଷ୍ପତ୍ତି ନେବେ ବିଜେଡିକୁ ଜିତାଇବେ ବୋଲି ସେ କହିଛନ୍ତି।

ବିରୋଧୀ ଦଳ ନେତା ନରସିଂହ ମିଶ୍ର କହିଛନ୍ତି ଯେ, ଏଭଳି ସର୍ଭେକୁ ମୁଁ ଗ୍ରହଣ କରିପାରୁ ନାହିଁ। ଏହା ଉଦ୍ଦେଶ୍ୟମୂଳକ ଭାବେ କରାଯାଇଥାଇ ପାରେ। ଏହା ଯଦି ସର୍ଭେ ରିପୋର୍ଟ ତେବେ ୬ମାସ ପରେ ଏନ୍‌ଡିଏ ୨ଶହ ତଳକୁ କମିଯିବ ବୋଲି ମିଶ୍ର କହିଛନ୍ତି।

# କ୍ଲୋଜିଂ ଦି ସ୍କିଲ୍ ଗ୍ୟାପ୍ ସଂକ୍ରାନ୍ତ ଜାତୀୟ କର୍ମଶାଳା ଆଜି




**ଭୁବନେଶ୍ୱର,୫।୧୦**

■ ଅଧକ୍ଷତା କରିବେ ଧର୍ମେନ୍ଦ୍ର ପ୍ରଧାନ
■ ଏନ୍‌ଏସ୍‌ଡିସି , ୱାର୍ଲ୍ଡ ଇକୋନୋମିକ୍ ଫୋରମ୍ ଆନୁକୁଲ୍ୟରେ ହେଉଛି
■ ଦକ୍ଷତା ବିକାଶ, ନିଯୁକ୍ତି ଭଳି ପ୍ରସଙ୍ଗରେ ହେବ ଆଲୋଚନା

ଦକ୍ଷତା ବିକାଶ, ଭବିଷ୍ୟତର ନିଯୁକ୍ତି ଏବଂ ରୋଜଗାର ସୁଯୋଗ ମଧ୍ୟରେ ବ୍ୟବଧାନ କିଭଳି ଭାବେ କମ୍ କରାଯାଇ ପାରିବ ସେ ସମ୍ପର୍କୀତ ଏକ କର୍ମଶାଳା ଶନିବାର ଭୁବନେଶ୍ୱରରେ ଅନୁଷ୍ଠିତ ହେବ। ୱାର୍ଲ୍ଡ ଇକୋନୋମିକ୍ ଫୋରମ୍ ଏନ୍‌ଏସ୍‌ଡିସିର ମିଳିତ ଉଦ୍ୟମରେ ଉକ୍ତ କର୍ମଶାଳା ଆୟୋଜନ କରାଯାଉଛି। କେନ୍ଦ୍ର ପେଟ୍ରୋଲିୟମ ,ପ୍ରାକୃତିକ ବାଷ୍ପ ତଥା ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କର୍ମଶାଳାରେ ଅଧକ୍ଷତା କରିବାର କାର୍ଯ୍ୟକ୍ରମ ରହିଛି। ଏନ୍‌ଏସ୍‌ଡିସିର ରାଜ୍ୟ ମୁଖ୍ୟ ରତ୍ନାକର ପାଣିଗ୍ରାହୀ ଏବଂ ପ୍ରଧାନମନ୍ତ୍ରୀ କୌଶଳ କେନ୍ଦ୍ରର ରାଷ୍ଟ୍ରୀୟ ଉପମୁଖ୍ୟ ଅତିଶ ଶ୍ରୀବାସ୍ତବ ଖବରଦାତା ସମ୍ମିଳନୀରେ ଏହି ସୂଚନା ଦେଇଛନ୍ତି।

ଦକ୍ଷତା ବିକାଶ ଲାଗି ଗ୍ରହଣ କରାଯାଉଥିବା ବିଭିନ୍ନ ପଦକ୍ଷେପକୁ ଗୋଟିଏ ପ୍ଲାଟଫର୍ମରେ ଏକାଠି କରିବା, ଦକ୍ଷତା ବିକାଶ କ୍ଷେତ୍ରରେ ଭବିଷ୍ୟତର ଆବଶ୍ୟକତା ତଥା ସମୟ ଉପଯୋଗୀ ପଦକ୍ଷେପ ଗ୍ରହଣ ଭଳି ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ କର୍ମଶାଳାରେ ଆଲୋଚନା ହେବ। ସେହିଭଳି ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନର ଆବଶ୍ୟକତା, ଶ୍ରମ ନୀତି, ଭବିଷ୍ୟତ ଚାକିରୀ ଓ ରୋଜଗାର ପାଇଁ ମାନବ ସମ୍ବଳର ପ୍ରସ୍ତୁତି ଭଳି ପ୍ରମୁଖ ପ୍ରସଙ୍ଗ ସାମିଲ୍ ହେବ। ୱାର୍ଲ୍ଡ ଇକୋନୋମିକ୍ ଫୋରମ୍ , ଦକ୍ଷତା ବିକାଶ ଏବଂ ଉଦ୍ୟମିତା ମନ୍ତ୍ରଣାଳୟ ପକ୍ଷରୁ ନିକଟରେ ଏକ ଟାସ୍କଫୋର୍ସ ଗଠନ ହୋଇଛି। ଏହା ବ୍ୟବସାୟ, ସରକାର, ସିଭିଲ୍ ସୋସାଇଟି, ଶିକ୍ଷା ତଥା ତାଲିମ୍ କ୍ଷେତ୍ରରେ ବ୍ୟକ୍ତି ବିଶେଷଙ୍କୁ ଏକତ୍ର କରି ଦେଶର ଶିକ୍ଷା ଓ ତାଲିମ ବ୍ୟବସ୍ଥାକୁ ସୁଦୃଢ କରିବାକୁ କାର୍ଯ୍ୟ କରୁଛି। ଏହି କ୍ରମରେ କର୍ମଶାଳା ଆୟୋଜନ ହେଉଥିବା ସୂଚନା ରହିଛି। ଭାରତରେ କାର୍ଯ୍ୟରତ ମାନବ ସମ୍ବଳକୁ ଅନ୍ୟୂନ ୧୦୦ ଦିନର କୌଶଳ ତାଲିମ ମାଧ୍ୟମରେ ପୁନଃ କୁଶଳୀ କରାଇବାର ଆବଶ୍ୟକତା ପଡିବ ବୋଲି ୱାର୍ଲ୍ଡ ଇକୋନୋମିକ ଫୋରମ୍‌ର ୨୦୧୮ ରିପୋର୍ଟରେ ପ୍ରକାଶ ପାଇଛି। ୨୦୨୨ ପୂର୍ବରୁ ଉକ୍ତ ତାଲିମ୍ ପ୍ରଦାନ କରାଯିବାର ଆବଶ୍ୟକତା ରହିଛି ବୋଲି ରିପୋର୍ଟରେ ଉଲ୍ଲେଖ ରହିଛି।

# ପ୍ରତିବର୍ଷ ୯% ଅଧିକ ପର୍ଯ୍ୟଟକ ଓଡ଼ିଶା ଆସୁଛନ୍ତି: ମୁଖ୍ୟମନ୍ତ୍ରୀ

**ଆରମ୍ଭ ହେଲା ଓଡ଼ିଶା ଟ୍ରାଭେଲ ବଜାର**

**■ ବ୍ୟାଙ୍କକ୍ ଓ କଲମ୍ବୋକୁ ଉଡ଼ିବ ବିମାନ**

**ଭୁବନେଶ୍ୱର ୫।୧୦ (ବ୍ୟୁରୋ):** ଓଡ଼ିଶାର ପ୍ରାକୃତିକ ସୌନ୍ଦର୍ଯ୍ୟ ଓ ଉତ୍କୃଷ୍ଟ ସାଂସ୍କୃତିକ ଐତିହ୍ୟ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିଥାଏ। ଯେଉଁଥିପାଇଁ ଓଡ଼ିଶାକୁ କ୍ରମାଗତ ପର୍ଯ୍ୟଟକଙ୍କ ଆଗମନରେ ବୃଦ୍ଧି ଘଟୁଛି। ବାର୍ଷିକ ପ୍ରାୟ ୯ ପ୍ରତିଶତ ଅଧିକ ପର୍ଯ୍ୟଟକ ଓଡ଼ିଶା ଆସୁଛନ୍ତି। ଏହି ଅଭିବୃଦ୍ଧି ରାଜ୍ୟ ପାଇଁ ଏକ ଭଲ ସଂକେତ। ବିଶେଷକରି ଏଥିନିକ୍ ଟୁରିଜିମ୍, ବୁଦ୍ଧିଷ୍ଟ ଟୁରିଜିମ୍ ଏବଂ ଇକୋ ଟୁରିଜିମ୍ ଭଳି ନୂଆ ପର୍ଯ୍ୟଟନ ରାଜ୍ୟକୁ ଏକ ନୂତନ ସ୍ତରକୁ ନେବା ସହ ଅଧିକରୁ ଅଧିକ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିପାରୁଛି ବୋଲି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ କହିଛନ୍ତି। ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ଫିକି ସହଯୋଗରେ ଭୁବନେଶ୍ୱରରେ ଦ୍ୱିତୀୟଥର ଆରମ୍ଭ ହୋଇଥିବା ଓଡ଼ିଶା ଟ୍ରାଭେଲ ବଜାରକୁ ଶୁକ୍ରବାର ଉଦ୍‌ଘାଟନ କରି ମୁଖ୍ୟମନ୍ତ୍ରୀ ପଟ୍ଟନାୟକ କହିଲେ, ଏହା ଓଡ଼ିଶା ପର୍ଯ୍ୟଟନର ପ୍ରଚାର ପ୍ରସାରରେ ପ୍ରମୁଖ ଭୂମିକା ଗ୍ରହଣ କରୁଛି। ଏଥର ଟ୍ରାଭେଲ ବଜାରରେ ୨୩ଟି ରାଷ୍ଟ୍ରରୁ ୬୦ଜଣ ବିଦେଶୀ ଟୁର୍ ଅପରେଟର୍ ଏବଂ ଦେଶର ଆଗଧାଡିର ଇନ୍‌ବାଉଣ୍ଡ ଟୁର୍ ଅପରେଟରମାନେ ଯୋଗଦେଇଛନ୍ତି। ସମସ୍ତଙ୍କୁ ମୁଁ ସ୍ମାର୍ଟସିଟି ଭୁବନେଶ୍ୱରକୁ ସ୍ୱାଗତ କରୁଛି। ନିକଟରେ ଝାରସୁଗୁଡା ବିମାନବନ୍ଦର ଉଦ୍‌ଘାଟନ ହେବାପରେ ପଶ୍ଚିମ ଓଡ଼ିଶାକୁ ଯୋଗାଯୋଗ ଆହୁରି ସହଜ ହୋଇଛି। ଏହି ବିମାନବନ୍ଦର ଓଡ଼ିଶା ପର୍ଯ୍ୟଟନକୁ ଆହୁରି ସୁଦୃଢ଼ କରିବ ବୋଲି ଆଶା ରହିଛି। ମାଲେସିଆକୁ ଏୟାର ଏସିଆ ବିମାନ ସେବା ଆରମ୍ଭ କରିବାପରେ ଆଗାମୀ ଦିନରେ ଅଧିକରୁ ଅଧିକ ରାଷ୍ଟ୍ରକୁ ସିଧାସଳଖ ବିମାନ ସଂଯୋଗ କରାଯିବ। ୧୬ଟି ରାଷ୍ଟ୍ରକୁ ନେଇ ଓଡ଼ିଶା ହକି ବିଶ୍ୱକପ୍ ଆୟୋଜନ କରିବାକୁ ଯାଉଥିବାବେଳେ ଏହା ପର୍ଯ୍ୟଟନ ଅଭିବୃଦ୍ଧିରେ ମଧ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସମ୍ମାନିତ ଅତିଥିଭାବେ ଓଡ଼ିଶା ପର୍ଯ୍ୟଟନ ଏବଂ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା ଯୋଗଦେଇ କହିଲେ, ଖୁବ୍‌ଶୀଘ୍ର ଏୟାର ଏସିଆ ପକ୍ଷରୁ ବ୍ୟାଙ୍କକ୍ ଓ କଲମ୍ବୋକୁ ବିମାନ ସେବା ପ୍ରଦାନ କରାଯିବ। ତେବେ ପର୍ଯ୍ୟଟନର ଭିତ୍ତିଭୂମି ସୁଦୃଢ କରିବାକୁ ରାଜ୍ୟ ସରକାର ୪୦୦କୋଟି ଟଙ୍କା ବ୍ୟୟ କରିଥିବା ସେ କହିଥିଲେ। ଉଦ୍‌ଘାଟନୀ ସମାରୋହରେ ଫିକି ଓଡ଼ିଶା ଷ୍ଟେଟ୍ କାଉନସିଲ୍ ଟୁରିଜିମ୍ ପ୍ୟାନେଲ ଅଧକ୍ଷ ଜେ.କେ. ମହାନ୍ତି ସ୍ୱାଗତ ଭାଷଣ ଦେଇଥିବାବେଳେ ରାଜ୍ୟ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଆର୍.ବାଲକ୍ରିଷ୍ଣନ୍, ପର୍ଯ୍ୟଟନ ବିଭାଗ ଶାସନ ସଚିବ ବିଶାଲ ଦେବ, ବିଭାଗୀୟ ନିର୍ଦ୍ଦେଶିକା ତଥା ଅତିରିକ୍ତ ଶାସନ ସଚିବ ଅର୍ଚ୍ଚନା ପଟ୍ଟନାୟକ, ଫିକିର ପର୍ଯ୍ୟଟନ ପରାମର୍ଶଦାତା ରାହୁଲ ଚକ୍ରବର୍ତ୍ତୀ, ଦିଲୀପ ଚେନୟ ପ୍ରମୁଖ ନିଜ ମତ ରଖିଥିଲେ। ଓଡ଼ିଶା ଟ୍ରାଭେଲ ବଜାର ତିନିଦିନ ଧରି ଚାଲିବ।




CRIMSOUNE CLUB

FASHION WEAR: **ODISHA: BHUBANESWAR: BHAWANI MALL:** (Ph: 0674-6002132), **FORUM MART:** (Ph: 0674-2380834), **KESHRI MALL:** (Ph: 0674-2532877), **PAL HEIGHT:** (Ph: 0674-6055700), **BALAGIR:** (Ph: 06652-232801), **BHAWANIPATNA:** (Ph: 06670-231500), **CUTTAK:** (Ph: 0671-2418625), **JAJPUR ROAD:** (Ph: +91 9776525254), **TALCHER:** (Ph: 0676-0242888), **ANGUL:** (Ph: +91 9437015719), **RAYAGADA:** (Ph: +91 9437055033) | **SIS:** Tulsi Showroom **(Kantabanji)**, Planet Harjeet **(Sambalpur)**, Indira Plaza **(Rourkela)**, Kaluram Durgaprasad Megashop **(BARIPADA)**, SRI DURGA RETAIL PVT LTD, **(BERHAMPUR)**, The Fashion Planet **(Dhenkanal)**, Modi Collection **(ANGUL)**, PLAZA FASHION WORLD **(BARIPADA)**, S.G Fashion **(Rajkhariar)**, Kanak Garment **(KEONJHAR)**, Triveni Royal **(JAJPUR ROAD)**, Fashion House **(Semiliguda)**, Shree Ashoka Fashions Shop **(Bhadrak)** | Radhagobinda Market Complex **Baripada, Odisha** (Ph: +91-9861271830) | Sai Garments Plot No- 4763/4764, Khatano-3470/3277, Dhenkanal Mauza, Meena Bazar **Dhenkanal, Odisha** (Ph: +91-9853130307) | **JRS FASHION** | **Also available at all leading stores & Reliance Trends** | Mail us: mail@crimsouneclub.com

Now available at: **www.crimsouneclub.com** | JABONG MYNTRA.com AJIO Flipkart snapdeal paytm Fynd LIMEROAD

# ଆଜିଠୁ ଆରମ୍ଭ ଅନ୍ତରୀକ୍ଷ ପ୍ରଦର୍ଶନୀ




୧୯୫୭ ଅକ୍ଟୋବର ୪ ତାରିଖରେ ପ୍ରଥମ ମାନବ ନିର୍ମିତ କୃତ୍ରିମ ଉପଗ୍ରହ ସ୍ପୁଟନିକ-୧ ମହାକାଶକୁ ପ୍ରକ୍ଷେପିତ ହୋଇଥିଲା। ସେତେବେଳେ ବାହ୍ୟ ଅନ୍ତରୀକ୍ଷର ଶାନ୍ତିପୂର୍ଣ୍ଣ ବ୍ୟବହାର ନିମନ୍ତେ ମିଳିତ ଜାତିସଂଘର ଘୋଷଣାନାମା ୧୯୬୭ ଅକ୍ଟୋବର ୧୦ ତାରିଖରେ କାର୍ଯ୍ୟକାରୀ ହୋଇଥିଲା। ଏହି ଦୁଇ ମହାନ ଉପଲବ୍ଧିର ସ୍ମୃତିରେ ପ୍ରତିବର୍ଷ ସାରା ବିଶ୍ୱରେ ଅକ୍ଟୋବର ୪ରୁ ୧୦ତାରିଖ ପର୍ଯ୍ୟନ୍ତ 'ବିଶ୍ୱ ଅନ୍ତରୀକ୍ଷ ସପ୍ତାହ' ପାଳନ କରାଯାଇଆସୁଛି।

### ବାଲେଶ୍ୱରରେ ପ୍ରଥମ

- ବିଶ୍ୱ ଅନ୍ତରୀକ୍ଷ ସପ୍ତାହ ପାଳନ ଲାଗି ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ
- ମଡର୍ନ ଇଞ୍ଜିନିୟରିଂ ଆଣ୍ଡ ମ୍ୟାନେଜମେଣ୍ଟ ଷ୍ଟଡିଜ ମହାବିଦ୍ୟାଳୟ ଚଳଚଞ୍ଚଳ
- ଅନ୍ତରୀକ୍ଷ ମଡେଲ ପ୍ରସ୍ତୁତି ପ୍ରତିଯୋଗିତା ଆକର୍ଷଣ

**ବାଲେଶ୍ୱର ଅଫିସ, ୫।୧୦**

ବାଲେଶ୍ୱରରେ ପ୍ରଥମ କରି ଏଥର ଆୟୋଜିତ ହେଉଛି ବିଶ୍ୱ ଅନ୍ତରୀକ୍ଷ ସପ୍ତାହ ପାଳନ କାର୍ଯ୍ୟକ୍ରମ। ଶନିବାରଠାରୁ ଆରମ୍ଭ ହେଉଥିବା ଏହି କାର୍ଯ୍ୟକ୍ରମରେ ଅନ୍ତରୀକ୍ଷ ପ୍ରଦର୍ଶନୀ, ଭିଡ଼ିଓ ଶୋ', ଅନ୍ତରୀକ୍ଷରେ ମହାକାଶଚାରୀଙ୍କ ଚାଲିବା, ଡ. ଏ.ପି.ଜେ. ଅବଦୁଲ କଲାମ ଗ୍ୟାଲେରୀ, ମହାକାଶ କାର୍ଯ୍ୟକ୍ରମ ସମ୍ପର୍କିତ କର୍ମଶାଳା, ରାଲି ଓ ଆଲୋଚନାଚକ୍ର, ଛାତ୍ରୀଛାତ୍ରଙ୍କ ମଧ୍ୟରେ କୁଇଜ, ପ୍ରବନ୍ଧ ଏବଂ ଅନ୍ତରୀକ୍ଷ ମଡ଼େଲ ପ୍ରସ୍ତୁତି ଭଳି ପ୍ରତିଯୋଗିତା ଆକର୍ଷଣ ସାଜିବ। ଇସ୍ରୋ ଅଧୀନ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟା ସତୀଶ ଧାୱନ ଅନ୍ତରୀକ୍ଷ କେନ୍ଦ୍ର ପକ୍ଷରୁ ଏସବୁ କାର୍ଯ୍ୟକ୍ରମ ଆୟୋଜନ ଯୋଗୁ ବାଲେଶ୍ୱର କୁରୁଡ଼ାସ୍ଥିତ ମଡ଼ର୍ଣ୍ଣ ଇଞ୍ଜିନିୟରିଂ ଆଣ୍ଡ ମ୍ୟାନେଜମେଣ୍ଟ ଷ୍ଟଡ଼ିଜ ମହାବିଦ୍ୟାଳୟ ପରିସର ଚଳଚଞ୍ଚଳ ହୋଇଉଠିଛି।

ସ୍କୁଲ ଓ କଲେଜ ଛାତ୍ରୀଛାତ୍ରମାନଙ୍କ ମଧ୍ୟରେ ଅନ୍ତରୀକ୍ଷ ବିଜ୍ଞାନ, ଗବେଷଣା ଏବଂ ଯାତ୍ରା ସମ୍ପର୍କରେ ଆଗ୍ରହ ସୃଷ୍ଟି ଉଦ୍ଦେଶ୍ୟରେ ଅନ୍ତରୀକ୍ଷ କେନ୍ଦ୍ର ତରଫରୁ ପ୍ରତିବର୍ଷ ଏହି ସପ୍ତାହ ପାଳନ ଅବସରରେ ଏଭଳି କାର୍ଯ୍ୟକ୍ରମ କରାଯାଇଆସୁଛି। ଚଳିତବର୍ଷ ବାଲେଶ୍ୱରରେ ଏ ଧରଣର କାର୍ଯ୍ୟକ୍ରମ ଆୟୋଜନ ଛାତ୍ରୀଛାତ୍ରଙ୍କ ସମେତ ଅଞ୍ଚଳବାସୀଙ୍କ ମଧ୍ୟରେ ଉତ୍ସାହ ସୃଷ୍ଟି କରିଛି। ୬ ତାରିଖ ଅପରାହ୍ନ ୨ଟାରୁ ୫ଟା ଏବଂ ୭ ଓ ୮ ତାରିଖ ଦିନ ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ଅନ୍ତରୀକ୍ଷ ପ୍ରଦର୍ଶନୀ ଅନୁଷ୍ଠିତ ହେବ। ଏଥିଲାଗି କୌଣସି ପ୍ରବେଶ ଶୁଳ୍କ ପଡ଼ିବ ନାହିଁ। ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ ଓ ଅଞ୍ଚଳବାସୀ ଏହାର ସୁଯୋଗ ନେବାକୁ ଆୟୋଜନକାରୀଙ୍କ ପକ୍ଷରୁ କୁହାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ସତୀଶ ଧାୱନ ଅନ୍ତରୀକ୍ଷ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ, ଇଞ୍ଜିନିୟର ତଥା ଶିକ୍ଷାଦାନ କ୍ଷେତ୍ରରେ ନିୟୋଜିତ ଅଧ୍ୟାପିକା ଅଧ୍ୟାପକମାନେ ମହାକାଶ ଅଭିଯାନ ସମ୍ପର୍କିତ ବହୁ ଶିକ୍ଷଣୀୟ ପ୍ରସଙ୍ଗ ଉପରେ ସୂଚନା ପ୍ରଦାନ କରିବେ।

## ସଂକ୍ଷେପରେ

### ସୁପ୍ରିମକୋର୍ଟଙ୍କ ରାୟକୁ ସ୍ୱାଗତ



**ବାଲେଶ୍ୱର ଅଫିସ, ୫।୧୦:** ସୁପ୍ରିମକୋର୍ଟ ଅଭିଜିତ୍ ଆୟାର ମିତ୍ରଙ୍କର ଜାମିନ ଆବେଦନକୁ ଖାରଜ କରିଥିବାରୁ ସ୍ୱାଭିମାନୀ ବାଲେଶ୍ୱରବାସୀଙ୍କ ପକ୍ଷରୁ ଏହାକୁ ସମ୍ମାନ ଜଣାଇ ଗୁରୁବାର ସନ୍ଧ୍ୟାରେ ସିନେମା ଛକସ୍ଥିତ ଶହିଦ ପାର୍କ ନିକଟରେ ମହମବତୀ ଜଳାଇ ସ୍ୱାଗତ କରିଥିଲେ। ସହରର ବିଭିନ୍ନ ବର୍ଗର ଲୋକ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ସ୍ୱରୂପ ଦାସ, ମନୋଜ ରାଉତ, କୈଳାସ ସେଠୀ, ଶୁଭେନ୍ଦୁ ମଙ୍ଗରାଜ, ଏସ୍.କେ. ଅନସାର୍ ଅଲ୍ଲୀ, ମୀନା ମହାନ୍ତି, ଶ୍ରଦ୍ଧାଞ୍ଜଳି ରାୟ, ରଞ୍ଜିତା ମହାପାତ୍ର, ଦେବାଶିଷ ଦାସ, ସିମନ୍ ଦାସମହାପାତ୍ର, ତାପସ ପାଣିଗ୍ରାହୀ ଓ ବ୍ରଜକିଶୋର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

### ଗଳାପୋଲ ନିକଟରୁ ମୃତ ଶିଶୁ ଉଦ୍ଧାର

**ବାଲେଶ୍ୱର ଅଫିସ, ୫।୧୦:** ବାଲେଶ୍ୱର ସହର ନୂଆବଜାରସ୍ଥିତ ଗଳାପୋଲ ନିକଟରୁ ଶୁକ୍ରବାର ଅପରାହ୍ନରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ 'ରେ ଅଫ୍ ହୋପ୍ସ' ଦ୍ୱାରା ଏକ ମୃତ ଶିଶୁ ଉଦ୍ଧାର କରାଯାଇଛି। ତାଙ୍କୁ ପ୍ରାୟ ୫ ମାସ ହୋଇଥିବା ଅନୁମାନ କରାଯାଉଛି। ସହଦେବଖୁଣ୍ଟା ପୋଲିସ ପହଞ୍ଚି ମୃତ ଶିଶୁକୁ ଉଦ୍ଧାର କରି ଜିଲା ମୁଖ୍ୟଚିକିତ୍ସାଳୟକୁ ଆଣିଛନ୍ତି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଅନୁଷ୍ଠାନ ସମ୍ପାଦକ ସ୍ୱସ୍ତିକ କୁମାର ଦେ ଦାବି କରିଛନ୍ତି।

### ପ୍ରତିଜ୍ଞାଦେବୀଙ୍କ ଶ୍ରଦ୍ଧାଞ୍ଜଳି ସଭା



**ବାଲେଶ୍ୱର ଅଫିସ, ୫।୧୦:** ବିଶିଷ୍ଟ ଅନୁବାଦିକା, କୁଜଙ୍ଗ ରାଜଜେମା ତଥା ବିଖ୍ୟାତ ଲେଖକ ପଦ୍ମଶ୍ରୀ ମନୋଜ ଦାସଙ୍କ ପତ୍ନୀ ପ୍ରତିଜ୍ଞା ଦେବୀଙ୍କ ବିୟୋଗରେ 'କବି ବ୍ରଜନାଥ ରଥ' ଫାଉଣ୍ଡେଶନ୍ ଟ୍ରଷ୍ଟ ପକ୍ଷରୁ ସୁନହଟ ସ୍ଥିତ ବିଶ୍ୱ ତାରା ଓଡ଼ିଆ ଗବେଷଣା ଗ୍ରନ୍ଥାଗାରରେ ଗୁରୁବାର ସନ୍ଧ୍ୟାରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଟ୍ରଷ୍ଟି କବି କାଳିପଦ ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଡ. ସୁବାସ ଚନ୍ଦ୍ର ପାତ୍ର, ଡ. ଅରବିନ୍ଦ ଗିରି, ଡ. ଶିରୀଶ ଚନ୍ଦ୍ର ଜେନା, ପ୍ରାଧ୍ୟାପକ ରବିନାରାୟଣ ଦାଶ, ଡ. ମାନସ ରଞ୍ଜନ ସାମଲ, ଅନୀଲ ପଟ୍ଟନାୟକ, କମଳାକାନ୍ତ ଦାଶ, ମନସ୍ୱିନୀ ଦେବୀ, ରମେଶ ଚନ୍ଦ୍ର ଜେନା, ଯୋଗେଶ ଚନ୍ଦ୍ର ପ୍ରଧାନ ପ୍ରମୁଖ ଯୋଗଦେଇ ପ୍ରତିଜ୍ଞା ଦେବୀଙ୍କ ଭଳି ମହିୟସୀ ମହିଳାଙ୍କ ଜୀବନ, ସାଧନା ଓ ତ୍ୟାଗର ବର୍ଣ୍ଣନା କରିଥିଲେ। ଟ୍ରଷ୍ଟି ବ୍ୟୋମନାଥ ରଥ ଧନ୍ୟବାଦ ଅର୍ପଣ କରିଥିଲେ।



ପ୍ରତିଷ୍ଠା ଦିବସରେ ମଞ୍ଚାସୀନ ଅତିଥି।

- ବିଜୟାଞ୍ଜଳୀ ଇଞ୍ଜିନିୟରିଂ କଲେଜର ୧୦ମ ପ୍ରତିଷ୍ଠା ଉତ୍ସବ

## 'ଆତ୍ମବିଶ୍ୱାସୀ ହୁଅ, ଆଗକୁ ବଢ଼ିବ'

**ବାଲେଶ୍ୱର ଅଫିସ, ୫।୧୦**

ବାଲେଶ୍ୱର ଜିଲା ଖନ୍ତାପଡ଼ା ଥାନା ଶେରଗଡ଼ସ୍ଥିତ ବିଜୟାଞ୍ଜଳୀ ଇଞ୍ଜିନିୟରିଂ କଲେଜର ୧୦ମ ପ୍ରତିଷ୍ଠା ଉତ୍ସବ ଗୁରୁବାର ସନ୍ଧ୍ୟାରେ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଡ. ଭାଗବତ ପ୍ରସାଦ ଦାସଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଏମ୍‌ପି ଇଂ. ରବୀନ୍ଦ୍ର ଜେନା ଯୋଗଦେଇ ଛାତ୍ରୀଛାତ୍ରମାନେ ଅଧ୍ୟୟନ ସହ ଆତ୍ମବିଶ୍ୱାସ ଓ ନିଷ୍ଠା ରଖିପାରିଲେ ଆଗକୁ ବଢ଼ିପାରିବେ ବୋଲି କହିଥିଲେ।

ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଯୋଗଦେଇ ଶିକ୍ଷା ସହ ଛାତ୍ରୀଛାତ୍ରମାନେ ସମାଜସେବା ପ୍ରତି ଆଗ୍ରହ ରଖିବାକୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଯୁକ୍ତ୨ ବିଜ୍ଞାନ କଲେଜ୍ ପ୍ରିନ୍ସିପାଲ ଗଣେଶ ଚନ୍ଦ୍ର ଜେନା, ବିଜୟାଞ୍ଜଳି ଗ୍ରୁପ୍ ଅଫ୍ ଇନ୍‌ଷ୍ଟିଚ୍ୟୁଟର ଅଧ୍ୟକ୍ଷ ଅଚ୍ୟୁତା ନନ୍ଦ ଦାସ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଚେୟାରମ୍ୟାନ୍ ବିବୁଦେନ୍ଦୁ ପାତ୍ର ୨୦୦୯ ମସିହାରେ ପ୍ରତିଷ୍ଠିତ ଏହି ଶିକ୍ଷାନୁଷ୍ଠାନ ଅନେକ ଛାତ୍ରୀଛାତ୍ରଙ୍କୁ ସମାଜରେ ପ୍ରତିଷ୍ଠିତ କରାଇପାରିଛି ବୋଲି ସୂଚନା ଦେଇଥିଲେ। ଏହି ଅବସରରେ ଏମ୍‌ପି ଏବଂ ବିଧାୟକଙ୍କୁ ଶିକ୍ଷାନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

### ଏଲ୍‌ପିଜି ଲୋକାଲ ଟ୍ରାନ୍ସପୋର୍ଟ ମାଲିକ ସଂଘର ଧାରଣା ଦ୍ୱିତୀୟ ଦିନରେ

**ରସାଲପୁର, ୫।୧୦(ଡି.ଏନ.ଏ.)**

ବାଲେଶ୍ୱର କୁରୁଡ଼ାସ୍ଥିତ ଏଲ୍‌ପିଜି ବଟ୍‌ଲିଙ୍ଗ ପ୍ଲାଣ୍ଟ ସମ୍ମୁଖରେ ବାଲେଶ୍ୱର ପ୍ୟାକେଡ୍ ଏଲ୍‌ପିଜି ଲୋକାଲ ଟ୍ରାନ୍ସପୋର୍ଟ ମାଲିକ ସଂଘ ତରଫରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଦିଆଯାଇଥିବା ଧାରଣା ଶୁକ୍ରବାର ଦ୍ୱିତୀୟ ଦିନରେ ପହଞ୍ଚିଛି। ଭୁବନେଶ୍ୱର ଆଞ୍ଚଳିକ ଅଫିସ୍ ଦ୍ୱାରା ଟେଣ୍ଡର ଫାଇନାଲ ପ୍ରୋସେସିଂର ସମୟ ସୀମା ଗତ ସେପ୍ଟେମ୍ବର ୧୩ ତାରିଖ ଥିଲା। ସମୟ ସୀମା ଅତିକ୍ରାନ୍ତ ହୋଇଥିଲେ ମଧ୍ୟ ବାହାର ରାଜ୍ୟରୁ ଟ୍ରାନ୍ସପୋର୍ଟ ଏବଂ ଗ୍ୟାସ ବିତରକ ଡିଷ୍ଟ୍ରିବ୍ୟୁଟରମାନଙ୍କ ସ୍ୱାର୍ଥରକ୍ଷା ଲାଗି ବ୍ୟବସ୍ଥା କରାଯାଉଥିବାରୁ ଏହାକୁ ବିରୋଧ କରାଯାଇଛି। ସଙ୍ଗଠନର ସଭାପତି ପ୍ରଶାନ୍ତ କୁମାର ଦାସ ଓ ସମ୍ପାଦକଙ୍କ ବୃନ୍ଦବନ ପଣ୍ଡାଙ୍କ ନେତୃତ୍ୱରେ ବସନ୍ତ କୁମାର ମହାନ୍ତି, ମାୟାଧର ପଣ୍ଡା, ପ୍ରଭାସ ଚନ୍ଦ୍ର ପାଣି, ସୂର୍ଯ୍ୟ କୁମାର ସାହୁ, ଅଶୋକ କୁମାର ପାତ୍ର ପ୍ରମୁଖ ଧାରଣା ଦେଇଛନ୍ତି। ଶ୍ରମିକ ନେତା ଅରୁଣ ଦେ ଏବଂ ଗୋପନାରାୟଣ ଦାସ ଧାରଣାରେ ଯୋଗଦେଇ ଏତାଦୃଶ କାର୍ଯ୍ୟକଳାପକୁ ତୀବ୍ର ନିନ୍ଦା କରି ସମାଲୋଚନା କରିଛନ୍ତି।

- ନୀଳମଣି କଲେଜରେ ଛାତ୍ର ଅଶାନ୍ତି

## ଗଣ୍ଡଗୋଳ, ୨ ଛାତ୍ରନେତା ଆହତ

**ରୂପ୍‌ସା, ୫।୧୦(ଡି.ଏନ.ଏ.)**

ବାଲେଶ୍ୱର ସଦର ବ୍ଲକ ଅନ୍ତର୍ଗତ ରୂପ୍‌ସା ନୀଳମଣି ମହାବିଦ୍ୟାଳୟରେ ଶୁକ୍ରବାର ଛାତ୍ର ଅଶାନ୍ତି ଦେଖାଦେଇଛି। ଛାତ୍ର ସଂସଦ ନିର୍ବାଚନ ମଇଦାନରେ ଥିବା ବିସିଜେଡି ଓ ଏନ୍‌ଏସ୍‌ୟୁଆଇ ଦଳ ମଧ୍ୟରେ ଗଣ୍ଡଗୋଳ ଲାଗି ୨ ଛାତ୍ରନେତା ଆହତ ହୋଇଛନ୍ତି। ଆହତ ଛାତ୍ରନେତା ହେଲେ ଏନ୍‌ଏସ୍‌ୟୁଆଇର ଅର୍ଗାନାଇଜର ତପନ ଖଟୁଆ ଓ ଆସିଷ୍ଟାଣ୍ଟ ଜେନେରାଲ ସେକ୍ରେଟାରି ପ୍ରାର୍ଥୀ ଯୋଗେଶ ଚନ୍ଦ୍ର ଚକ୍ରବର୍ତ୍ତୀ। ବିପକ୍ଷ ଦଳର ଛାତ୍ରନେତା ଏମାନଙ୍କ ମୁଣ୍ଡ ଓ ନାକରେ ବ୍ଲେଡ୍ ଓ ମୁଖୀ ଦ୍ୱାରା ଆକ୍ରମଣ କରି ରକ୍ତାକ୍ତ କରିଥିବା ଅଭିଯୋଗ ହୋଇଛି। ଆହତଦ୍ୱୟଙ୍କୁ ରୂପ୍‌ସା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଗଣ୍ଡଗୋଳ ପରେ ଏନ୍‌ଏସ୍‌ୟୁଆଇ ପକ୍ଷରୁ କଲେଜ ଗେଟ୍‌ରେ ତାଲା ପକାଇ ଆନ୍ଦୋଳନ କରାଯାଇଥିଲା। ଛାତ୍ର ନେତାମାନେ ସାଇନ-ଏ-ଡାଏ ଘୋଷଣା କରିବାକୁ ଜିଦ୍ ଧରି ଟାୟାର ଜାଳି ବିକ୍ଷୋଭ କରିବା ସହ ଅଧ୍ୟକ୍ଷ, ଅଧ୍ୟାପିକା ଓ ଅଧ୍ୟାପକମାନଙ୍କୁ ବାହାରକୁ ଛାଡ଼ି ନ ଥିଲେ। କଲେଜ ପରିସରରେ ଉତ୍ତେଜନା ଲାଗି ରହିଥିଲା। ବସ୍ତା ଏସ୍‌ଡିପିଓ ରଣଜିତ୍ ପୃଷ୍ଟି, ଥାନାଧିକାରୀ ସଚିନ୍ଦ୍ର ମହାଲିକ ପହଞ୍ଚି କଲେଜ ଅଧ୍ୟକ୍ଷଙ୍କ ସହ ଆଲୋଚନା କରିବା ସହ ଆନ୍ଦୋଳନକାରୀ ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିଥିଲେ। ଶନିବାର ପୂର୍ବାହ୍ନ ୧୦ଟାରେ କଲେଜରେ ବୈଠକ ବସି ଆଲୋଚନା କରାଯିବ ଓ ସାଇନ-ଏ-ଡାଏ ଘୋଷଣା ସମ୍ପର୍କରେ ନିଷ୍ପତ୍ତି ନିଆଯିବ ବୋଲି ପ୍ରତିଶ୍ରୁତି ଦିଆଯାଇଥିଲା। ଏହାପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କୁ ଏନ୍‌ଏସ୍‌ୟୁଆଇ ସଙ୍ଗଠନ ତରଫରୁ କଲେଜ ଗେଟ୍ ସମ୍ମୁଖରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ କଲେଜ ଭିତରେ ପ୍ରଚାର କରୁଥିବା ବେଳେ ଉଭୟ ଗୋଷ୍ଠୀଙ୍କ ମଧ୍ୟରେ କଳହ ସୃଷ୍ଟି ହୋଇ ମାର୍‌ପିଟ ଲାଗିଥିଲେ।

## ବାଲେଶ୍ୱରରୁ ଆରମ୍ଭ ହେଲା କଂଗ୍ରେସର ଓଡ଼ିଶା ଜାଗରଣ ଯାତ୍ରା

**ବାଲେଶ୍ୱର ଅଫିସ/ରସାଲପୁର, ୫।୧୦(ଡି.ଏନ.ଏ.)**

ରେମୁଣା ନିର୍ବାଚନମଣ୍ଡଳୀ ଅଧୀନ ସାଉଁ ଗ୍ରାମରୁ ପ୍ରଦେଶ କଂଗ୍ରେସ କମିଟି ଆନୁକୂଲ୍ୟରେ ଗୁରୁବାର କଂଗ୍ରେସ ଦଳର ଓଡ଼ିଶା ଜାଗରଣ ଯାତ୍ରା ଆରମ୍ଭ ହୋଇଛି। ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ, ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପିସିସି କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ, ରୁଦ୍ର ରାଜୁ, ଦେବାଶିଷ ପଟ୍ଟନାୟକ ଓ ମୁଖପାତ୍ର ସତ୍ୟ ନାୟକ ପ୍ରମୁଖ ଯୋଗଦେଇ ନବୀନ ସରକାର ଏବଂ ମୋଦି ସରକାରଙ୍କ ଚାଷୀ ମାରଣ ନୀତି, ଧାନର ସହାୟକ ମୂଲ୍ୟରେ ଅନିୟମିତତା ନେଇ ବର୍ଷିଥିଲେ। କଂଗ୍ରେସ ଏକ ସର୍ବପୁରାତନ ରାଜନୈତିକ ଦଳ। ଜନସାଧାରଣ ଏହି ଦଳ ପ୍ରତି ଆସ୍ଥା ପ୍ରକଟ କରିବାର ବେଳ ଆସିଯାଇଛି ବୋଲି ବକ୍ତାମାନେ କହିଥିଲେ।

କାର୍ଯ୍ୟକ୍ରମରେ ପିସିସି ସାଧାରଣ ସମ୍ପାଦକ ସଞ୍ଜୀବ ଗିରି ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜିଲା କଂଗ୍ରେସ ସଭାପତି ଶରତ ରାଜ ଅଧ୍ୟକ୍ଷତା କରିଥିଲେ। ସନ୍ଧ୍ୟାରେ ବାଲେଶ୍ୱର ସହର ସ୍ଥିତ ଏକ ଘରୋଇ କଲ୍ୟାଣ ମଣ୍ଡପରେ ଆୟୋଜିତ ବୁଦ୍ଧିଜୀବୀମାନଙ୍କ ସମ୍ମିଳନୀରେ ପିସିସି ସଭାପତି ଏବଂ ମୁଖପାତ୍ର ସତ୍ୟ ନାୟକ ଉପସ୍ଥିତ ବୁଦ୍ଧିଜୀବୀମାନଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଦେଇ ଆଗାମୀ ନିର୍ବାଚନରେ ଦଳ ମାଫିଆ ଏବଂ ଅପରାଧୀଙ୍କୁ ଟିକେଟ ଦେବ ନାହିଁ ବୋଲି କହିଥିଲେ। ଏହା ସହିତ କଂଗ୍ରେସ ଦଳ କ୍ଷମତାକୁ ଆସିଲେ ମଦ ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଇବା ସହ ଚାଷୀ ଓ ବେକାର ଯୁବତୀଯୁବକଙ୍କୁ ଉପଯୁକ୍ତ ନ୍ୟାୟ ଦେବ ବୋଲି ପ୍ରତିଶ୍ରୁତି ଦେଇଥିଲେ।

### ମୋବାଇଲ ଟାୱାରରୁ ବ୍ୟାଟେରି ଚୋରି

**ବାଲିଆପାଳ, ୫।୧୦(ଡି.ଏନ.ଏ.):** ବାଲିଆପାଳ ଥାନା ଅନ୍ତର୍ଗତ ଦେଭୋଗସ୍ଥିତ ବାଲିଆପାଳ-୨ ଏଟିସି କମ୍ପାନୀର ଓଆରଆଇବିଏଏଲ୦୦୩୯ ନାମକ ଟାୱାରରୁ ବ୍ୟାଟେରି ବ୍ୟାଙ୍କ (ଏଚବିଏଲ୬୦୦ଏଏଚ)କୁ ଗତ ବୁଧବାର ରାତିରେ ଦୁର୍ବୃତ୍ତମାନେ ଚୋରି କରିନେଇଥିବା ଥାନାରେ ଅଭିଯୋଗ ହୋଇଛି। କମ୍ପାନୀର କ୍ଲଷ୍ଟର ଇଞ୍ଜିନିୟର ପ୍ରଶାନ୍ତ କୁମାର ମହାନ୍ତିଙ୍କ ଅଭିଯୋଗକୁ ଭିତ୍ତି କରି ବାଲିଆପାଳ ଥାନାରେ ମାମଲା (ନଂ. ୨୭୭/୧୮) ରୁଜୁ ହୋଇଛି। କିଛି ମାସ ଧରି ବାଲିଆପାଳ ଅଞ୍ଚଳରେ ମୋବାଇଲ ଟାୱାରରୁ ବ୍ୟାଟେରୀ ଚୋରି ସଂଖ୍ୟା ବଢ଼ି ବଢ଼ି ଚାଲିଛି। ଟାୱାରରେ ରାତ୍ରି ଜଗୁଆଳୀ ଥିବାର ବ୍ୟବସ୍ଥା ଥିବା ବେଳେ ବ୍ୟାଟେରିଗୁଡ଼ିକ ଚୋରି ହେଉଥିବାକୁ ନେଇ ସାଧାରଣରେ ସନ୍ଦେହ ସୃଷ୍ଟି ହେଉଛି।

## ଔପଦାରେ ବ୍ଲକସ୍ତରୀୟ ସୁରଭି

**ଔପଦା, ୫।୧୦(ଡି.ଏନ.ଏ.)**

ଲୁକ୍କାୟିତ ପ୍ରତିଭାର ବିକାଶ ସୁରଭିର ମୁଖ୍ୟ ଉଦ୍ଦେଶ୍ୟ ବୋଲି ଶୁକ୍ରବାର ବାଲେଶ୍ୱର ଜିଲା ଔପଦାରେ ବ୍ଲକସ୍ତରୀୟ ଶିଶୁ ପ୍ରତିଭା ମହୋତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଧାୟକ ଇଂ. ସୁକାନ୍ତ କୁମାର ନାୟକ ଯୋଗଦେଇ ବକ୍ତବ୍ୟ ଦେଇଛନ୍ତି। ଔପଦା ହାଇସ୍କୁଲ ପରିସରରେ ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ବିଧାୟକ ଉଦ୍‌ଘାଟନ କରିଥିଲେ।

ଔପଦା ବ୍ଲକ ଉପଶିକ୍ଷାଧିକାରୀ ବଂଶୀଧର ଜେନାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରେଣ୍ୟ ଅତିଥି ଭାବରେ ଔପଦା ବ୍ଲକ ଅଧ୍ୟକ୍ଷା ନିର୍ମଳା ବିଶ୍ୱାଳ, ସ୍ଥାନୀୟ ସରପଞ୍ଚ ମଧୁସୂଦନ ମଲ୍ଲିକ, ବିଆରସିସି ଶମ୍ଭୁନାଥ ଗୋଚ୍ଛାୟତ, ଔପଦା ହାଇସ୍କୁଲର ପ୍ରଧାନଶିକ୍ଷକ କ୍ଷେତ୍ରମୋହନ କର, ଶିକ୍ଷାବିତ୍ ସୁଦର୍ଶନ ପାଣି, ବସନ୍ତ କୁମାର ନାୟକ ପ୍ରମୁଖ ଯୋଗଦେଇ ସୁରଭି ସୁପ୍ତ ପ୍ରତିଭାର ଅନ୍ୱେଷଣ ଓ ବିକାଶର ଏକ ମାଧ୍ୟମ ବୋଲି ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ମୋଟ ୨୬୪ଜଣ ପ୍ରତିଯୋଗୀ କନିଷ୍ଠ ଓ ବରିଷ୍ଠ ଦୁଇ ଗୋଷ୍ଠୀରେ ନୃତ୍ୟ, ସଂଗୀତ, ଚିତ୍ରାଙ୍କନ, ପ୍ରବନ୍ଧ ଓ ସୃଜନଶୀଳ ଲିଖନ ତର୍କ, ବକ୍ତୃତା ଆଦି ବିଭାଗରେ ଅଂଶଗ୍ରହଣ କରିଥିଲେ। ସ୍ଥାନୀୟ ସିଆର୍‌ସି ସତ୍ୟରଞ୍ଜନ ମଲ୍ଲିକ, ଶଙ୍କର୍ଷଣ ନାୟକ ଓ ଶିକ୍ଷକ ବୈକୁଣ୍ଠ ପୁଥାଳ ସକ୍ରିୟ ଅଂଶଗ୍ରହଣ କରିଥିଲେ।

### ରେଳଧାରଣାରୁ ଅଚିହ୍ନା ମୃତଦେହ ଉଦ୍ଧାର

**ସିମୁଳିଆ, ୫।୧୦(ଡି.ଏନ୍.ଏ.)**

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ୍ ମାର୍କୋଣା ରେଳ ଷ୍ଟେଶନର ଉତ୍ତର କ୍ୟାବିନ ନିକଟସ୍ଥ ରେଳଧାରଣାରୁ ଶୁକ୍ରବାର ଏକ ମୃତଦେହ ଉଦ୍ଧାର ହୋଇଛି। ସନ୍ଧ୍ୟା ପର୍ଯ୍ୟନ୍ତ ତାଙ୍କ ଶବ ଚିହ୍ନଟ କରାଯାଇ ପାରିନାହିଁ। ରେଳୱେ ପୋଲିସ ଶବ ବ୍ୟବଚ୍ଛେଦ ପାଇଁ ବାଲେଶ୍ୱର ନେ ଇଯାଇଥିବା ଜଣାଯାଇଛି।

## ସିଡିଏମ୍‌ଓଙ୍କ ସହ ବିଧାୟକଙ୍କ ଆଲୋଚନା

### ଡାକ୍ତର ସମସ୍ୟା

**ଜଳେଶ୍ୱର, ୫।୧୦(ଡି.ଏନ.ଏ.)**



ସିଡିଏମ୍‌ଓ ବିଧାୟକଙ୍କ ସହ ଆଲୋଚନା କରୁଛନ୍ତି।

ଉତ୍ତର ବାଲେଶ୍ୱରର ପ୍ରମୁଖ ସ୍ୱାସ୍ଥ୍ୟକେନ୍ଦ୍ର ଜଳେଶ୍ୱରସ୍ଥିତ ଜିକେଭଟ୍ଟର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଡାକ୍ତର ସମସ୍ୟା ଲାଗି ରହିଛି। ରାତ୍ରିକାଳୀନ ଜରୁରୀ ସ୍ୱାସ୍ଥ୍ୟସେବା ବନ୍ଦ ବିଷୟକୁ ନେଇ ଶୁକ୍ରବାର ଅପରାହ୍ନରେ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଏକ ଜରୁରୀ ବୈଠକ ବସିଥିଲା। ବାଲେଶ୍ୱର ଜିଲା ସିଡିଏମ୍‌ଓ ଡା.ବିବେକାନନ୍ଦ ଦାସ ଓ ସ୍ଥାନୀୟ ବିଧାୟକ ତଥା ସ୍ୱାସ୍ଥ୍ୟକେନ୍ଦ୍ରର ରୋଗୀ କଲ୍ୟାଣ ସମିତି ଅଧ୍ୟକ୍ଷ ଅଶ୍ୱିନୀ କୁମାର ପାତ୍ରଙ୍କ ମଧ୍ୟରେ ଏ ବିଷୟରେ ବିଚାର ବିମର୍ଶ ହୋଇଥିଲା। ବୈଠକରେ ସ୍ୱାସ୍ଥ୍ୟକେନ୍ଦ୍ରର ଇନ୍-ଚାର୍ଜ ମେଡିକାଲ ଅଫିସର ଡା. ଗଣେଶଚନ୍ଦ୍ର ପାଳ, ଡା.ଦିଲୀପ ପାତ୍ର, ଭାଜପା ନେତା ଅରୁଣ କୁମାର ବେଜ, ଆଇନଜୀବୀ ଚିନ୍ମୟ ଦାସ, ଡ. ରମାକାନ୍ତ ଭଞ୍ଜ, ଅଶୋକ ପାତ୍ର, ପତିତପାବନ ପ୍ରଧାନ, ପ୍ରତୀପ ପ୍ରଧାନ, କମଲ ଚକ୍ରବର୍ତ୍ତୀ, ଅଶୋକ ଦାସ, ବ୍ରଜଗୋପାଳ ରାଉତ ପ୍ରମୁଖ ବୁଦ୍ଧିଜୀବୀ ତଥା ନେତୃବୃନ୍ଦମାନେ ଉପସ୍ଥିତ ରହି ଡାକ୍ତର ସମସ୍ୟାକୁ ତୁରନ୍ତ ଦୂର କରିବା ପାଇଁ ଦାବି ଉପସ୍ଥାପନ କରିଥିଲେ। ସମସ୍ତଙ୍କ ଦାବି କୁ ଯଥାର୍ଥ ମନେ କରି ଉତ୍ତମ ସ୍ୱାସ୍ଥ୍ୟସେବା ନିମନ୍ତେ ଏହି ସ୍ୱାସ୍ଥ୍ୟକେନ୍ଦ୍ରକୁ ଡାକ୍ତର ବିନୋଦ କୁମାର ପ୍ରଧାନଙ୍କୁ ଫୁଲଟାଇମ୍ ଓ ଜିଲା ମୁଖ୍ୟ ଚିକିତ୍ସାଳୟରୁ ଜଣେ ଡାକ୍ତରଙ୍କୁ ସପ୍ତାହରେ ୪ ଦିନ ପାଇଁ ରୋଗୀସେବା କରିବା ପାଇଁ ଦାୟିତ୍ୱ ଦିଆଗଲା ବୋଲି ସିଡିଏମ୍‌ଓ ଦାସ ଘୋଷଣା କରିଥିଲେ। ଏଠାରେ ବନ୍ଦ ହୋଇ ପଡ଼ିଥିବା ରକ୍ତଭଣ୍ଡାରକୁ ପୁନଃ କାର୍ଯ୍ୟକ୍ଷମ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସରକାରୀ ସର୍ଭିସ୍ ରୁଲ୍‌କୁ ବେଖାତିର କରି ରାତ୍ରିକାଳୀନ ରୋଗୀ ସେବା ଯୋଗାଇ ଦିଆଯାଇପାରିବ ନାହିଁ ବୋଲି ନୋଟିସ ଝୁଲାଇଥିବା ମେଡିକାଲ ଅଫିସରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବାକୁ ବୈଠକରେ ଦାବି କରାଯାଇଥିଲା। ସମ୍ପୃକ୍ତ ମେଡିକାଲ ଅଫିସରଙ୍କ କାର୍ଯ୍ୟଶୈଳୀ ପାଇଁ କୈଫିୟତ ତଲବ କରାଯାଇଛି ବୋଲି ସିଡିଏମ୍‌ଓ ସୂଚନା ଦେଇଥିଲେ। ଜଳେଶ୍ୱର ଓକିଲ ସଂଘ ପକ୍ଷରୁ ଡାକ୍ତର ସମସ୍ୟା ଦୂର ପାଇଁ ଏକ ସ୍ମାରକପତ୍ର ଦିଆଯାଇଛି।

## 'ଅନୁଭବ ଓ ଅଭିଜ୍ଞତା ବଡ଼ ପୁଞ୍ଜି'

- ଅବସରପ୍ରାପ୍ତ କର୍ମଚାରୀ ସଂଘର ବାର୍ଷିକ ଉତ୍ସବ
- ୧୯ ବରିଷ୍ଠ ସଭ୍ୟଙ୍କ ସମେତ କୃତୀ ପ୍ରତିଭା ସମ୍ବର୍ଦ୍ଧିତ

**ଖଇରା, ୫।୧୦(ଡି.ଏନ.ଏ.)**




ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭା।

ବରିଷ୍ଠ ନାଗରିକଙ୍କର ଅନୁଭବ ଓ ଅଭିଜ୍ଞତା ବଡ ପୁଞ୍ଜି। ଏହାକୁ ସମାଜ କଲ୍ୟାଣରେ ଲଗାଗଲେ ସମନ୍ୱିତ ବିକାଶ ସମ୍ଭବ ହେବ ବୋଲି ବାଲେଶ୍ୱର ଜିଲା ଖଇରା ବ୍ଲକ କୁପାରୀ ଆଞ୍ଚଳିକ ଅବସରପ୍ରାପ୍ତ କର୍ମଚାରୀ ସଂଘର ୧୧ତମ ବାର୍ଷିକ ଉତ୍ସବରେ ଅତିଥି ଓ ବକ୍ତାମାନେ ମତବ୍ୟକ୍ତ କରିଛନ୍ତି।

କୁପାରୀ ଅମ୍ବିକା ମନ୍ଦିର ପରିସରରେ ଶୁକ୍ରବାର ଅନୁଷ୍ଠିତ ଉତ୍ସବକୁ ଆଶ୍ରମର ସଞ୍ଚାଳକ ଶୁଭେନ୍ଦ୍ର ମୁନୀ ଉଦ୍‌ଘାଟନ କରିଥିଲେ। ସ୍ଥାୟୀ ସଭାପତି ରତିକାନ୍ତ ନାୟକ ଅଧ୍ୟକ୍ଷତା କରିଥିଲେ। ରାଜ୍ୟ ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଯୁଗଳ କିଶୋର ସ ମୁଖ୍ୟଅତିଥ ଏବଂ ଭଦ୍ରକ ମହାବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାପକ ଡ ବ୍ରଜମୋହନ ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗ ଦେଇ ବରିଷ୍ଠ ନାଗରିକଙ୍କ ଭୂମିକା ଉପରେ ଆଲୋକପାତ କରିଥିଲେ। ଜିଲା ସମ୍ପାଦକ ବନମାଳୀ ନାୟକ, ଜିଲା ସଭାପତି ଧିରେନ୍ଦ୍ର ନାରାୟଣ ଦାସ, ଖଇରା ତହସିଲଦାର ପ୍ରଦୀପ କୁମାର ସାହୁ, କୁପାରୀଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ସଞ୍ଜୟ କୁମାର ନାୟକ, ଜିଲା ବରିଷ୍ଠ ନାଗରିକ ମଞ୍ଚର ସମ୍ପାଦକ ଲକ୍ଷ୍ମୀଧର ବେହେରା, ହେଲ୍‌ଥ ଇଣ୍ଡିଆର ଅଧିକାରୀ ରଞ୍ଜନ କୁମାର ଦାସ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ବରିଷ୍ଠଙ୍କୁ ଉଚିତ ଗୁରୁତ୍ୱ ଦିଆଯିବା ଉଚିତ ବୋଲି କହିଥିଲେ। ଏହି ଅବସରରେ ମୁଖପତ୍ର 'ଅପରାହ୍ନ' ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା। ସମ୍ପାଦକ ଶତ୍ରୁଘ୍ନ ଦାସ ବିବରଣୀ ପାଠ କରିଥିଲେ। ବିଭିନ୍ନ କ୍ଷେତ୍ରରେ ପ୍ରତିଭା ପ୍ରଦର୍ଶନ କରିଥିବା ସୁରେନ୍ଦ୍ର ପ୍ରସାଦ ବେହେରା, ପଦ୍ମଲୋଚନ ଧର, ବାବାଜୀ ସେଣ୍ଠ, ନରହରି ମହାନ୍ତି ଏବଂ ହାଇସ୍କୁଲ ସାର୍ଟିଫିକେଟ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ଦିବ୍ୟଦର୍ଶନ ଦାସ, ଶ୍ରୀନିବାସ ଦାଶ, ନିମାଇଁ ବିଶ୍ୱ ରଞ୍ଜନ ବେହେରାଙ୍କୁ ମାନପତ୍ର ଓ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସଂଘର ୧୯ ବରିଷ୍ଠ ସଭ୍ୟଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। ଚିକିତ୍ସକ ଡା ରବିନାରାୟଣ ପାଣିଗ୍ରାହୀ ଓ ଡା ସୁକାନ୍ତି କୁମାରୀ ଜେନା ଏହି ଅବସରରେ ବରିଷ୍ଠ ନାଗରିକଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ରାଧାଶ୍ୟାମ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକାରୀ ସମ୍ପାଦକ ବାସୁଦେବ ପଣ୍ଡା, ଭରତ ଚନ୍ଦ୍ର ଦାସ ପ୍ରମୁଖ ସଭା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



Akash Dasnayak
Actor

PLEDGE 'PLASTIC-FREE' ODISHA

#PlasticFreeOdisha

ଧରିତ୍ରୀ DHARITRI TEAM

# ଗାଁରେ ଝାଡ଼ାବାନ୍ତି ଅଣାୟତ୍ତ

- ୩ ଦିନରେ ଶତାଧିକ ଆକ୍ରାନ୍ତ, ଡାକ୍ତରଖାନାରେ ୫୦
- ପହଞ୍ଚିଲେ ଡାକ୍ତରୀ ଦଳ, ଜଳଉତ୍ସ ବିଶୋଧନ
- ଭୂତାଣୁ ଜନିତ ରୋଗ ସନ୍ଦେହ



ଆମ୍ବୁଲାନ୍ସରେ ଆକ୍ରାନ୍ତଙ୍କୁ ଡାକ୍ତରଖାନା ନିଆଯାଉଛି।

ବନ୍ତ,୫।୧୦(ସ୍ୱ.ପ୍ର.)-ଭଦ୍ରକ ଜିଲା ବନ୍ତ ବ୍ଲକ ରାମଚନ୍ଦ୍ରପୁର ପଞ୍ଚାୟତର ବରପଦି ଗାଁରେ ଝାଡ଼ାବାନ୍ତି ବ୍ୟାପୀ ୩ ଦିନରେ ଶତାଧିକ ଲୋକ ଆକ୍ରାନ୍ତ ହୋଇଛନ୍ତି। ଏ ନେଇ ଲୋକଙ୍କ ମଧ୍ୟରେ କୋକୁଆ ଭୟ ଖେଳି ଯାଇଛି। ୫୦ରୁ ଅଧିକ ଆକ୍ରାନ୍ତଙ୍କୁ ଶୁକ୍ରବାର ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଏକ ଚିକିତ୍ସକ ଦଳ ଗାଁକୁ ଯାଇ ଅନ୍ୟ ଆକ୍ରାନ୍ତଙ୍କୁ ଚିକିତ୍ସା କରି ସ୍ଥିତି ଅନୁଧ୍ୟାନ କରିଛନ୍ତି। ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ନିକଟସ୍ଥ ଜଳଉତ୍ସ ଓ ନାଳ ନର୍ଦ୍ଦମାରେ ବ୍ଲିଚିଂ ପାଉଡର ପକାଯାଇଛି। ଦୂଷିତ ଜଳ ବ୍ୟବହାର ଝାଡ଼ାବାନ୍ତି ବ୍ୟାପିବାର କାରଣ ବୋଲି କୁହାଯାଉଥିବା ବେଳେ ଏହା ଭୂତାଣୁ ଜନିତ ରୋଗ ବୋଲି ଡାକ୍ତରୀ ଦଳ ସନ୍ଦେହ ପ୍ରକାଶ କରିଛନ୍ତି।

ଗ୍ରାମବାସୀଙ୍କ ସୂଚନା ଅନୁଯାୟୀ ବରପଦି ଗ୍ରାମର ନାୟକ ସାହିରେ ପ୍ରଥମେ ଝାଡ଼ାବାନ୍ତି ଆରମ୍ଭ ହୋଇ ପରେ ଜେନା ସାହି ଓ ନାୟକସାହିକୁ ବ୍ୟାପିଥିଲା। ଛୋଟପିଲାଠାରୁ ଆରମ୍ଭ କରି ବୟସ୍କଲୋକେ ଏଥିରେ ଆକ୍ରାନ୍ତ ହୋଇଛନ୍ତି। ରୋଗ ସାହିକୁ ସାହି ବ୍ୟାପି ଅଣାୟତ୍ତ ରୂପ ନେବାରୁ ଶୁକ୍ରବାର ୫ଟି ୧୦୮ ଆମ୍ବୁଲାନ୍ସ ଓ ଅଟୋରେ ୫୦ରୁ ଅଧିକ ଆକ୍ରାନ୍ତଙ୍କୁ ଆଗରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପଠାଯାଇଥିଲା। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଭାରପ୍ରାପ୍ତ ଅଧିକାରୀ ଡା. କିରଣ କୁମାର ରଥଙ୍କ ନେତୃତ୍ୱରେ ଏକ ଡାକ୍ତରୀ ଦଳ ଗାଁରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିବା ସହ ପ୍ରତି ପରିବାରକୁ ଓଆରଏସ ପାଉଡର ଯୋଗାଇ ଦେଇଥିଲେ। ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ନାଳ ନର୍ଦ୍ଦମାରେ ବ୍ଲିଚିଂ ପାଉଡର ପକାଯାଇ ଫୁଟା ପାଣି ବ୍ୟବହାର କରିବାକୁ ଚିକିତ୍ସକ ଦଳ ପରାମର୍ଶ ଦେଇଛନ୍ତି। ଅନ୍ୟପକ୍ଷେ ଏହା ଭୂତାଣୁ ଜନିତ ଝାଡ଼ାବାନ୍ତି ରୋଗ ବୋଲି ଡାକ୍ତରୀ ଦଳ ସନ୍ଦେହ ପ୍ରକାଶ କରିଛନ୍ତି। ରୋଗକୁ ନିୟନ୍ତ୍ରଣ କରିବା ଲାଗି ୩ରୁ ୪ ଦିନ ଲାଗି ଯାଇପାରେ ବୋଲି ଭାରପ୍ରାପ୍ତ ଅଧିକାରୀ ଡା. ରଥ କହିଛନ୍ତି। ଏକଥା ଜାଣିବା ପରେ ବରପଦି ଗ୍ରାମ ଓ ଆଖପାଖ ଅଞ୍ଚଳର ଲୋକେ ଆତଙ୍କିତ ହୋଇପଡିଛନ୍ତି।

# 'ପଲିଥିନମୁକ୍ତ ଅଞ୍ଚଳ' ନେଇ ସଚେତନତା



ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରୀଛାତ୍ର।

ପଦ୍ମପୁର,୫।୧୦(ଡି.ଏନ.ଏ.)

ବାସୁଦେବପୁର ବ୍ଲକ ବାଲିମୁଣ୍ଡା ସରକାରୀ ପ୍ରାଥମିକ ବିଦ୍ୟାଳୟରେ 'ପଲିଥିନମୁକ୍ତ ଅଞ୍ଚଳ' ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରିଥିଲେ। ପଲିଥିନ ବ୍ୟବହାର ଉପରେ ବକ୍ତୃତା ପ୍ରତିଯୋଗିତା କରାଯାଇଥିଲା। ପଲିଥିନ ବ୍ୟବହାର ବନ୍ଦ ପାଇଁ ଛାତ୍ରୀଛାତ୍ର ଶପଥ ନେଇଥିଲେ। ପ୍ରଧାନଶିକ୍ଷକ ରବୀନ୍ଦ୍ର କୁମାର ଦଳେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# 'ଆକ୍ରମଣକାରୀଙ୍କ ପ୍ରତି କାର୍ଯ୍ୟାନୁଷ୍ଠାନ ନିଅ'

ଆରଡି,୫।୧୦(ଡି.ଏନ.ଏ.)

ଖବରଦାତାଙ୍କ ସୁରକ୍ଷା ପାଇଁ ପଦକ୍ଷେପ ନିଆଯିବା ସହ ଆକ୍ରମଣକାରୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯିବାକୁ ଆରଡି ଆଖଣ୍ଡଳମଣି ଖବରଦାତା ସଂଘ ପକ୍ଷରୁ ଦାବି କରାଯାଇଛି। ଏନେଇ ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଭଦ୍ରକ ଜିଲାପାଳଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି। ଶୁକ୍ରବାର ଅପରାହ୍ଣରେ ଖବରଦାତାମାନେ ଆରଡ଼ି ବସ୍‌ଷ୍ଟାଣ୍ଡରୁ ଶୋଭାଯାତ୍ରାରେ ବାହାରି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ। ଚାନ୍ଦବାଲି ତହସିଲଦାରଙ୍କ ମାଧ୍ୟମରେ ଆରଡି ରାଜସ୍ୱ ନିରୀକ୍ଷକଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଆଶିଷ ପାଢ଼ୀ, ନାଗାର୍ଜୁନ ରାୟ, ବାବାଜୀ ଶଙ୍କର ପାଢ଼ୀ, ଦୀପକ ରଞ୍ଜନ ବିଶ୍ୱାଳ, ଦେବାଶିଷ ପାଢ଼ୀ, ସଞ୍ଜୟ ଦାଶ, ଶିବାଜୀ ପାଢ଼ୀ, ସ୍ୱାଧୀନ ଦାସ, ମଣିଭଦ୍ର ପାଢ଼ୀ, ଦୀପ୍ତିରଞ୍ଜନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ୩ ଅବସରପ୍ରାପ୍ତ ସମବାୟ ସମ୍ପାଦକଙ୍କୁ ସମ୍ବର୍ଦ୍ଧନା

ତିହିଡ଼ି,୫।୧୦(ଡି.ଏନ.ଏ.)

ତିହିଡ଼ି ମନ୍ଦୋଦରୀ ମାର୍କେଟ କମ୍ପ୍ଲେକ୍ସ ପରିସରରେ ଶୁକ୍ରବାର ଅପରାହ୍ଣରେ ବାଲେଶ୍ୱର ଭଦ୍ରକ କେନ୍ଦ୍ର ସମବାୟ ବ୍ୟାଙ୍କ ପକ୍ଷରୁ ଅବସରପ୍ରାପ୍ତ ୩ ଜଣ ସମବାୟ ସମିତି ସମ୍ପାଦକଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଆୟୋଜିତ ସଭାରେ ବ୍ୟାଙ୍କ ନିର୍ଦ୍ଦେଶକ କମଳାକାନ୍ତ ଦାସ ପୌରୋହିତ୍ୟ କରିଥିଲେ। ବ୍ୟାଙ୍କ ଜୋନାଲ ମ୍ୟାନେଜର ନବକିଶୋର ମହାନ୍ତି ମୁଖ୍ୟଅତିଥି, ଏମ୍‌ପିଙ୍କ ପ୍ରତିନିଧି ସୁରେନ୍ଦ୍ର ନାୟକ ମୁଖ୍ୟବକ୍ତା, ବ୍ୟାଙ୍କ ପରିଚାଳକ ନାରାୟଣ ଚନ୍ଦ୍ର ମହାପାତ୍ର, ସମ୍ପାଦକ ସଂଘ ସଭାପତି ନିରଞ୍ଜନ ସାହୁ, ସାଧାରଣ ସମ୍ପାଦକ ଅରୁଣ ଉଦୟ ପାତ୍ର, ଉପଦେଷ୍ଟା ରମାକାନ୍ତ ଦାସ, ସମବାୟ ସମ୍ପ୍ରସାରଣ ଅଧିକାରୀ ରାମଚନ୍ଦ୍ର ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅବସରପ୍ରାପ୍ତ ସମ୍ପାଦକ ଭାସ୍କର ନାୟକ ଓ ବଳରାମ ସେନାପତି, ସହସମ୍ପାଦକ ଜୟନ୍ତ ସାହୁଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସେହିପରି ବ୍ୟାଙ୍କର ପୂର୍ବତନ ପରିଚାଳକ ନବକିଶୋର ମହାନ୍ତିଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶେଷଦେବ ପରିଡ଼ା, ଚିତ୍ତରଞ୍ଜନ ସ୍ୱାଇଁ, ପୀତବାସ ମଳିକ, ସତ୍ୟଭାମା ବିଶ୍ୱାଳ, ବାବାଜୀ ଭୂୟାଁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭଦ୍ରକ ପୁସ୍ତକ ମେଳାର ତୃତୀୟ ସନ୍ଧ୍ୟା



ପୁସ୍ତକ ମେଳାର ତୃତୀୟ ସନ୍ଧ୍ୟା ଉତ୍ସବରେ ଉପସ୍ଥିତ ଅତିଥିମାନେ।

ଭଦ୍ରକ ଅଫିସ,୫।୧୦

ଅଷ୍ଟାଦଶ ଭଦ୍ରକ ପୁସ୍ତକମେଳାର ୩ୟ ସନ୍ଧ୍ୟା ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ପ୍ରାଧ୍ୟାପିକା ଝରଣା ପଟ୍ଟନାୟକ ଏଥିରେ ପୌରୋହିତ୍ୟ କରିଥିଲେ। 'ସାମାଜିକ ପ୍ରତିବଦ୍ଧତାରେ ଆମ ଲେଖିକାମାନେ' ଶୀର୍ଷକରେ ବକ୍ତାମାନେ ବକ୍ତବ୍ୟ ରଖିଥିଲେ। ଧ୍ୱନି ପ୍ରତିଧ୍ୱନି ସମ୍ପାଦିକା ସୈରିନ୍ଧ୍ରୀ ସାହୁ, ଡ. ରାଧାରାଣୀ ମହାପାତ୍ର, ଶାନ୍ତିଲତା ନାଗ, ଡ. ପ୍ରଭାତ ନଳିନୀ ମହାପାତ୍ର ପ୍ରମୁଖ ଅତିଥି ଓ ବକ୍ତା ଭାବେ ଯୋଗଦେଇ ଆଲୋଚନା କରିଥିଲେ। କବି ଗୀତାରାଣୀ ଆଇଚ ପ୍ରାକ୍ କଥନ ପ୍ରଦାନ କରିଥିବା ବେଳେ ଗୀତିକବି ବସନ୍ତ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ପୁସ୍ତକମେଳା କମିଟି ସମ୍ପାଦକ ଅକ୍ଷୟ ବାରିକ୍, ପ୍ରଫେସର ରାଜକିଶୋର ସାହୁ, ଡ. ପ୍ରଦୀପ୍ତ ରାୟ, ଅଧ୍ୟାପକ ନାସିର ବକ୍ସ, ସୁଧାକର ରାଉତ, ଅଧ୍ୟାପକ ବିଶ୍ୱରଞ୍ଜନ ଦାସ, ଆଇନଜୀବୀ ତୁଷାରକାନ୍ତ ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଉଲ୍ଲେଖନୀୟ ଯେ, ଗତ ୨ ତାରିଖରୁ ଏହି ମେଳା ଆରମ୍ଭ ହୋଇଛି। ୧ମ ସନ୍ଧ୍ୟାରେ ଗାନ୍ଧିଜୀଙ୍କ ଜୀବନର ବିଶେଷ ମୁହୂର୍ତ୍ତ ସମ୍ବଳିତ ୧୦୦ ଫଟୋଚିତ୍ର ପ୍ରଦର୍ଶିତ ହୋଇଥିଲା। କମିଟି ସଭାପତି ଅଜୟ ନାୟକ ଏଥିରେ ପୌରୋହିତ୍ୟ କରିଥିଲେ। ମୁଖ୍ୟଅତିଥି ଭାବେ ବିଶିଷ୍ଟ କଥାକାର ଡ. ଦାଶ ବେନହୁର, ଅନ୍ୟତମ ଅତିଥି ଭାବେ ଜିଲା ଶିକ୍ଷାଧିକାରୀ ସଂଗ୍ରାମ ସାହୁ, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ସଭାପତି ଇଂ . ଅଖିଳ ମୋହନ ପାଢ଼ୀ, ଆବାହକ ବିଷ୍ଣୁ ସେଠୀ ପ୍ରମୁଖ ଯୋଗଦେଇଥିଲେ। ଶ୍ରୀନିବାସ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ୨ୟ ସନ୍ଧ୍ୟାରେ ଶିକ୍ଷାବିତ୍ ଡ. ରାମଚନ୍ଦ୍ର ପଣ୍ଡା ମୁଖ୍ୟଅତିଥି, ପଣ୍ଡିତ ବୀରେନ୍ଦ୍ର କୁମାର ପଣ୍ଡା ମୁଖ୍ୟବକ୍ତା, ଡ. ଗୋଲକ ବିହାରୀ ସାହୁ ଅନ୍ୟତମ ଅତିଥି ଭାବେ ଯୋଗଦେଇଥିଲେ।

# ତୀର୍ଥ ଯାତ୍ରାରେ ଗଲେ ୧୭୯ ବରିଷ୍ଠ ନାଗରିକ

ଭଦ୍ରକ ଅଫିସ, ୫।୧୦

ଭଦ୍ରକ ଜିଲାରୁ ୧୭୯ ଜଣ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରା କରିଛନ୍ତି। ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ୪ଟି ବସ୍ ଯୋଗେ ୧୭୯ ବରିଷ୍ଠ ନାଗରିକ ତୀର୍ଥଯାତ୍ରାରେ ସାମିଲ ହୋଇଥିଲେ। ଅତିରିକ୍ତ ଜିଲାପାଳ ଶ୍ୟାମଭକ୍ତ ମିଶ୍ର ତୀର୍ଥଯାତ୍ରୀ ବସ୍‌ର ଶୁଭାରମ୍ଭ କରିଥିଲେ। ଏହି ବରିଷ୍ଠ ନାଗରିକମାନେ ମଥୁରା, ବୃନ୍ଦାବନ, ଫତେପୁରସିକ୍ରି ଆଦି ବିଭିନ୍ନ ତୀର୍ଥସ୍ଥାନ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ସେମାନଙ୍କ ସାଙ୍ଗରେ ୭ ଏସ୍କର୍ଟ ଅଫିସର ନିୟୋଜିତ ହୋଇଛନ୍ତି। ତୀର୍ଥଯାତ୍ରୀମାନେ ଶୁକ୍ରବାର ଭଦ୍ରକରୁ ଯାଇ ବାଲେଶ୍ୱରରେ ନୋସି ବିଜିନେସ୍ ପାର୍କ ପ୍ୟାଲେସରେ ରହିବେ। ଶନିବାର ସ୍ୱତନ୍ତ୍ର ଟ୍ରେନ୍ ଯୋଗେ ତୀର୍ଥଯାତ୍ରା କରିବେ। ଆସନ୍ତା ୧୧ରେ ସେମାନେ ଫେରିବାର କାର୍ଯ୍ୟକ୍ରମ ରହିଛି। ବରିଷ୍ଠ ନାଗରିକଙ୍କ ତୀର୍ଥଯାତ୍ରା ସମୟରେ ଉପଜିଲାପାଳ ସୁଚାରୁ ବଳ, ଭଦ୍ରକ ବ୍ଲକ ଅଧ୍ୟକ୍ଷ ରଘୁନାଥ ଧଳ, ଭଦ୍ରକ ବିଧାୟକଙ୍କ ପ୍ରତିନିଧି ରାଧାକାନ୍ତ ସାମଲ, ଜିଲା ସ୍ୱଳ୍ପ ସଞ୍ଚୟ ଅଧିକାରୀ ପଦ୍ମନ କୁମାର ରାୟ, ସହକାରୀ ଜିଲାପାଳ ସୌମ୍ୟଶ୍ରୀ ପାଣିଗ୍ରାହୀ, ଦୀପକ କୁମାର ରାଉତ, ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଗୋଲଖ ଚନ୍ଦ୍ର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।




Exclusive Stores **Bhubaneswar** Esplanade One Mall Rasulgarh | Forum Mart | Janpath Sriya Square Near Domino's | Patia Main Road Pal Heights Mall | **Cuttack** Mata Math Cantonment Road | **Brahmapur** Urban Bank Road | **Jajpur Road** Chorda Bypass | **Rourkela** Opp. Razak Talkies Main Road

**Also available at** Angul **Modi Collection | Nupur** Balasore **Shivam | Shree Roopmandir XL | Srimandir Garments** Bargarh **Piplani Collection | Prakash Store | Saheli** Baripada **Kaluram Durga Prasad Mega Shop | Shubham | Siddharth Dresses** Berhampur **Lohiya Brothers** Betnoti **Kalpana Dresses** Bhadrak **Maa Tarini Paridhan Shree Ashoka Fashion Shop | Sundaram Garments** Bhawanipatna **Puja Cloth Store** Bhuban **Konark Cloth Store | Sri Krishna** Bhubaneswar **Alishan | Amber Kalamandir Fashions | Kalamandir Royale | Maa Tarani Bastralaya | Navyam | Utsav** Binka **Satyam Shivam Sundaram** Birmitrapur **Rangoli Fashion** Bolangir **Apsara Zone | Asha The Collection | Dinesh Collection | Roop International** Boudh **Rambhakt Garments** Champua **Bijay Cloth Store** Chowdwar **Saree Mandir** Cuttack **Amber NX | Jayram Lenka | Landmark | Rajhans | Rajratan** Dharamgarh **L.N.Fabricks** Dhenkanal **Jai Durga** Ghasipura **Deepak Emporium** Jagatsinghpur **Khuntia NX Khuntia Textile** Jaipur **Fashion King** Jajpur **Jayram Lenka | Triveni NX | Triveni Royal** Jarka **Shreeman Shreemati | Shreeman Shreemati NX** Jatni **Jagdamba** Jharsuguda **Anand World | Mundra Fashion Mart** Joda **Rupasree Garment** Junagarh **Poonam Cloth Store** Kakatpur **Style Garment** Kantabanjhi **Tulsi Showroom** Kendrapara **Fashion Mayur** Keonjhar **Dandys Fashion Den | Kanak Garment | Maa Dresses | Yaqeen Garments** Kesinga **Payal Cloth Store | Trimurti** Khariar **Sheetal Collection** Khurda **Satyam** Koraput **Paras Store** Kujang **Hazi Apparel Subhadra** Malkangiri **Banik Brothers | Bhola Nath Bastralaya** Nayagarh **Genious** Paradwip **Khuntia & Khuntia** Patnagarh **Bishal Bazar** Rahama **Shree Bazar** Rajakhariar **Mahavir Fashion | Mohan Cloth Store | S.G.Fashion** Rajnagar **Rajmandir** Raruan **Uttam Cloth Store** Raygada **Suraj & Co** Rourkela **Indera Plaza | Supriya** Sambalpur **Anand World | Jagdamba Menswear** Semiliguda **Patra Cloth Store** Sonepur **New Roop Collection** Soro **Life Style** Talcher **Golap Bastralaya | Jayram Lenka | Saaket**

**Also at** CENTRAL | max | pantaloons | TRENDS | www.turtleonline.in Follow us on

## ସଂକ୍ଷେପରେ

### କଂଗ୍ରେସ ଏସ୍‌ସି ସେଲ୍ ଅଧ୍ୟକ୍ଷଙ୍କୁ ଭେଟିଲେ କୃଷ୍ଣଚନ୍ଦ୍ର ସଗରିଆ

ଭୁବନେଶ୍ୱର, ୫।୧୦ (ବ୍ୟୁରୋ): କୋରାପୁଟ ବିଧାୟକ ତଥା କଂଗ୍ରେସ ନେତା କୃଷ୍ଣଚନ୍ଦ୍ର ସଗରିଆ କଂଗ୍ରେସ ଏସ୍‌ସି ସେଲ୍ ଅଧ୍ୟକ୍ଷ ଡକ୍ଟର ନୀତିନ୍ ରାଉତଙ୍କୁ ଶୁକ୍ରବାର ଦିଲ୍ଲୀରେ ଭେଟିଛନ୍ତି। ସୋମବାର କୃଷ୍ଣଚନ୍ଦ୍ର ଦଳର ସାଧାରଣ ସମ୍ପାଦକ ପଦରୁ ଇସ୍ତଫା ଦେଇଥିଲେ। ତାଙ୍କୁ ରାଜ୍ୟ ଏସ୍‌ସି ସେଲ୍ ଚେୟାରମ୍ୟାନ ପଦରୁ ଅବ୍ୟାହତି ଦିଆଯିବା ନେଇ ମଧ୍ୟ ଅସନ୍ତୋଷ ବ୍ୟକ୍ତ କରିଥିଲେ। ରାଜ୍ୟରେ ଏସ୍‌ସି ସଂଗଠନକୁ କିଭଳି ସୁଦୃଢ଼ କରିହେବ, ସେ ନେଇ ଗୁରୁତ୍ୱ ଦିଆଯାଇଥିବା ଜଣାପଡିଛି। ନୂଆକରି ଦାୟିତ୍ୱ ନେଇଥିବା କର୍ମକର୍ତ୍ତାଙ୍କୁ ସମ୍ପୂର୍ଣ୍ଣ ରୂପେ ସହଯୋଗ କରାଯିବ ବୋଲି କୃଷ୍ଣ କହିଛନ୍ତି। କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀଙ୍କୁ ଭେଟିବା ସମ୍ପର୍କରେ ପଚାରିବାରୁ ସେ କହିଛନ୍ତି ଯେ,ହାଇକମାଣ୍ଡଙ୍କୁ ଭେଟିବା ପାଇଁ ସମୟ ମାଗିଛି। ଯଦି ଅନୁମତି ମିଳେ, ନିଶ୍ଚୟ ଭେଟିବି। ଶୋଷିତ, ନିଷ୍ପେସିତ ଏବଂ ଅବହେଳିତ ବର୍ଗରୁ ନେତୃତ୍ୱ କଂଗ୍ରେସ କିପରି ସୁଦୃଢ଼ ଭାବରେ ନେଇପାରିବ, ସେ ଦିଗରେ ଆଲୋଚନା କରିବି।

# ଓଡ଼ିଶା ହେବ ବାୟୋଟେକ୍ନୋଲୋଜି ଶିଳ୍ପ ହବ୍

ଭୁବନେଶ୍ୱର, ୫।୧୦(ବ୍ୟୁରୋ)

- ଭୁବନେଶ୍ୱରରେ ପ୍ରତିଷ୍ଠା ହେବ ବାୟୋଟେକ୍ନୋଲୋଜି ପାର୍କ
- ୧୧ରେ ବେଙ୍ଗାଲୁରୁରେ ରୋଡ୍ ଶୋ' କରିବ ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ

ଓଡ଼ିଶାକୁ ବାୟୋଟେକ୍ନୋଲୋଜି ଶିଳ୍ପର ହବ୍ କରାଯିବ। ରାଜ୍ୟରେ ଶିଳ୍ପକ୍ଷେତ୍ରକୁ ଉର୍ଦ୍ଧ୍ୱକୁ ନେବା ପାଇଁ ରାଜ୍ୟ ସରକାର ଯେପରି ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ ମାଧ୍ୟମରେ ପୁଞ୍ଜିନିବେଶକାରୀଙ୍କୁ ଆକୃଷ୍ଟ କରି ରାଜ୍ୟରେ ପୁଞ୍ଜିନିବେଶ କରିବାକୁ ଡାକୁଛନ୍ତି ଠିକ୍ ସେହିପରି ବାୟୋଟେକ୍ନୋଲୋଜି ଶିଳ୍ପ ପ୍ରତିଷ୍ଠା ପାଇଁ ଉଦ୍ୟମ କରାଯିବ। ଏଥିଲାଗି ବିଜ୍ଞାନ ଓ ପ୍ରଯୁକ୍ତି ବିଭାଗ, ଇନ୍‌ଷ୍ଟିଚ୍ୟୁଟ ଅଫ୍ ଲାଇଫ୍ ସାଇନ୍ସ(ଆଇଏଲ୍‌ଏସ୍) ଏବଂ ରିଜିଓନାଲ ମେଡିକାଲ ରିସର୍ଚ୍ଚ ସେଣ୍ଟର(ଆର୍‌ଏମ୍‌ଆର୍‌ସି) ଅଣ୍ଟା ଭିଡିଛନ୍ତି। ବାହାର ରାଜ୍ୟରେ ରୋଡ ଶୋ' କରି ଶିଳ୍ପପତିମାନଙ୍କୁ ବାୟୋଟେକ୍ନୋଲୋଜି ଶିଳ୍ପ କ୍ଷେତ୍ରରେ ପୁଞ୍ଜି ବିନିଯୋଗ କରିବାକୁ ଆକୃଷ୍ଟ କରୁଛନ୍ତି। ଏହି ୩ ବିଭାଗ ପକ୍ଷରୁ ଆସନ୍ତା ଡିସେମ୍ବରରେ ଭୁବନେଶ୍ୱରଠାରେ ବଡଧରଣର ବାୟୋଟେକ୍ନୋଲୋଜି ଇଭେଣ୍ଟ ଆୟୋଜନ ହେବାକୁ ଯାଉଛି। ଏଥିରେ ଜାତୀୟ ଏବଂ ଅନ୍ତର୍ଜାତୀୟ ସ୍ତରର ଶିଳ୍ପପତିମାନେ ଯୋଗଦେବେ ବୋଲି ଆଇଏଲ୍‌ଏସ୍ ନିର୍ଦ୍ଦେଶକ ଅଜୟ ପରିଡା ଏବଂ ଆରଏମ୍‌ଆରସି ନିର୍ଦ୍ଦେଶିକା ସଂଘମିତ୍ରା ପତି କହିଛନ୍ତି।

ଆଇଏଲ୍‌ଏସ୍ ନିର୍ଦ୍ଦେଶକ ପରିଡା କୁହନ୍ତି, ବାୟୋଟେକ୍ନୋଲୋଜି ସହିତ ସମ୍ପୃକ୍ତ ଥିବା ଶିଳ୍ପ କହିଲେ, ହେଲ୍‌ଥକେୟାର, ଔଷଧ ପ୍ରସ୍ତୁତି, ଔଷଧ ମାନ ପରୀକ୍ଷା, କୃଷି, ସାମୁଦ୍ରିକ ଏବଂ ଜଳଚର ବିଜ୍ଞାନ, ଫାର୍ମାସ୍ୟୁଟିକାଲ ଟେକ୍ନୋଲୋଜି ଏବଂ ରୋଗ ନିଦାନ ଖାଦ୍ୟ ପ୍ରକ୍ରିୟାକରଣକୁ ବୁଝାଏ। ରାଜ୍ୟରେ ଏସବୁ ଶିଳ୍ପ ପ୍ରତିଷ୍ଠା କରିବାକୁ ଗୁରୁତ୍ୱ ଦିଆଯାଉଛି। ସରକାରଙ୍କ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଭାଗ ସହିତ ଆଇଏଲ୍‌ଏସ୍ ଏବଂ ଆର୍‌ଏମ୍‌ଆର୍‌ସି ହାତ ମିଳାଇଛନ୍ତି। ଏହିଭଳି ଶିଳ୍ପ ପ୍ରତିଷ୍ଠା କରିବାକୁ ପୁଞ୍ଜିନିବେଶକାରୀଙ୍କୁ କୁହାଯାଉଛି ବୋଲି ପରିଡା କହିଛନ୍ତି।

ଏଥିପାଇଁ ୩ ବିଭାଗ ପକ୍ଷରୁ ଆସନ୍ତା ୧୧ ତାରିଖରେ ବେଙ୍ଗାଲୁରୁଠାରେ ଏକ ରୋଡ ଶୋ' କରାଯିବ। ଏଥିରେ ବିଶ୍ୱସ୍ତରୀୟ ଶିଳ୍ପପତିମାନଙ୍କୁ ଓଡ଼ିଶାରେ ବାୟୋଟେକ୍ନୋଲୋଜି କ୍ଷେତ୍ରରେ ପୁଞ୍ଜିନିବେଶ କରିବାକୁ ଆହ୍ୱାନ କରାଯିବ। ସେମାନଙ୍କୁ ଓଡ଼ିଶାରେ ସମସ୍ତ ପ୍ରକାର ସହଯୋଗ ରାଜ୍ୟ ସରକାର, ଆଇଏଲ୍‌ଏସ୍ ଏବଂ ଆରଏମ୍‌ଆରସି ପକ୍ଷରୁ ଯୋଗାଇଦେବାକୁ ପ୍ରତିଶ୍ରୁତି ଦିଆଯିବ। ଗତ ୪ ତାରିଖରେ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଭାଗ ସଚିବ ନିକୁଞ୍ଜ ଧଳ, ଆଇଏଲ୍‌ଏସ୍ ନିର୍ଦ୍ଦେଶକ ଅଜୟ ପରିଡା ଏବଂ ଆରଏମ୍‌ଆରସି ନିର୍ଦ୍ଦେଶିକା ସଂଘମିତ୍ରା ପତି ହାଇଦ୍ରାବାଦ ଯାଇ ରୋଡ୍ ଶୋ' କରିଛନ୍ତି। ସେଠାରେ ୨୫ ଶିଳ୍ପ ଉଦ୍ୟୋଗୀଙ୍କୁ ଭେଟି ଓଡ଼ିଶାରେ ପୁଞ୍ଜିନିବେଶ କରିବାକୁ କୁହାଯାଇଛି। ସେମାନେ ଓଡ଼ିଶା ଆସି ଭିତ୍ତିଭୂମି ଅନୁଧ୍ୟାନ କରି ପୁଞ୍ଜିନିବେଶ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ଏହି ଅବସରରେ ଭୁବନେଶ୍ୱରରେ ରାଜ୍ୟ ସରକାରଙ୍କ ସହଭାଗିତାରେ ଗୋଟିଏ ବାୟୋଟେକ୍ନୋଲୋଜି ପାର୍କ ପ୍ରତିଷ୍ଠା କରିବାକୁ ଭାରତ ବାୟୋଟେକ୍ ଅଧ୍ୟକ୍ଷ ଡ. କ୍ରିଷ୍ଣନ ଇଲାଙ୍କୁ ବିଜ୍ଞାନ ଏବଂ ପ୍ରଯୁକ୍ତି ବିଭାଗ ପକ୍ଷରୁ ପ୍ରସ୍ତାବ ଦିଆଯାଇଥିଲା। ବିଭାଗର ପ୍ରସ୍ତାବକୁ ଭାରତ ବାୟୋଟେକ୍ ଅଧ୍ୟକ୍ଷ ରକ୍ଷା କରିଛନ୍ତି। ଭୁବନେଶ୍ୱର ଆସି ଭିତ୍ତିଭୂମି ଅନୁଧ୍ୟାନ କରି ପାର୍କ ପ୍ରତିଷ୍ଠା କରିବାକୁ ସେ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ପରିଡା କହିଛନ୍ତି।

# ବଲିଉଡ୍‌ଠାରୁ ଦୂରେଇନାହିଁ: ଇଲା ଅରୁଣ

ନୂଆଦିଲ୍ଲୀ, ୫।୧୦



'ଲାମେ', 'ଯୋଦ୍ଧା ଆକବର', 'ଶାଦି କେ ସାଇଡ୍ ଇଫେକ୍ଟସ' ଏବଂ 'ବେଗମ୍ ଜାନ୍' ଭଳି ଫିଲ୍ମରେ ଅଭିନୟ କରିଥିବା ଅଭିନେତ୍ରୀ ତଥା ଗାୟିକା ଇଲା ଅରୁଣ କେବେ ବଲିଉଡ୍‌ଠାରୁ ଦୂରେଇଯାଇ ନ ଥିବା ପ୍ରକାଶ କରିଛନ୍ତି। ପୂର୍ବରୁ ମୁଁ ଜଣେ ମଞ୍ଚ କଳାକାର ଥିଲି। ବିଗତ ୧୦ବର୍ଷ ମଧ୍ୟରେ ବଲିଉଡ୍ ମୋତେ ଅନେକ ଫିଲ୍ମରେ କାର୍ଯ୍ୟ କରିବାର ସୁଯୋଗ ଦେଇଛି। ଏଇ ଯେପରି 'ଯୋଦ୍ଧା ଆକବର', 'ୱେଲକମ୍ ଟୁ ସାଜନପୁର', 'ୱେଲ୍ ଡନ୍ ଆବ୍ବା' ଭଳି ଫିଲ୍ମରେ ଅଭିନୟ କରିଛି। ଆସନ୍ତା ଦିୱାଲିରେ ମୁଁ ଦର୍ଶକମାନଙ୍କ ପାଖକୁ ପୁଣି ଆସୁଛି। ଏ କଥା ଭୁଲିଯିବା ଉଚିତ ନୁହେଁ ଯେ, ମୁଁ ଏକ ଅନ୍ତର୍ଜାତୀୟ ଫିଲ୍ମରେ ଭାଗ ନେଇଥିଲି। ତାହା ଥିଲା–'ୱେଷ୍ଟ ଇଜ୍ ୱେଷ୍ଟ'। ଏଥିରେ ସ୍ୱର୍ଗତ ଓମ୍ ପୁରି ମଧ୍ୟ ଅଭିନୟ କରିଥିଲେ। ଇଲାଙ୍କ ଆଗାମୀ ପ୍ଲେ 'ବେବିଜ୍ ବ୍ଲୁଜ୍'ର ସହ–ନିର୍ଦ୍ଦେଶକ ହେଉଛନ୍ତି ଟେଲିଭିଜନ୍ ତଥା ଥିଏଟର କଳାକାର କେ.କେ. ରାଇନା। ଏହା ଜଣେ ମା'ର କାହାଣୀ ଏବଂ ଶିଶୁକୁ ପାଳନ କରିବାର ଆହ୍ୱାନକୁ ନେଇ ଗଢ଼ିଉଠିଛି। ଶିଶୁଟିଏ ଜନ୍ମହେବାକୁ ୯ମାସ ସମୟ ଲାଗିପାରେ। କିନ୍ତୁ ଏଭଳି ଏକ ଶିଶୁକୁ ପ୍ରସବ କରିବା ପାଇଁ ଦୁଇବର୍ଷ ଲାଗିଯାଇଛି। ଫିଲ୍ମ ପାଇଁ ସ୍କ୍ରିପ୍ଟ ରଚନା, କାଷ୍ଟିଂ, ରିହର୍ସାଲ୍, ଯୋଜନା ପ୍ରସ୍ତୁତି ଏବଂ ଗଣମାଧ୍ୟମ ସହିତ ଆଲୋଚନା ଏ ସବୁଥିରେ ବ୍ୟସ୍ତ ରହିବାକୁ ପଡିଛି। ଉକ୍ତ ପ୍ଲେ ଏନ୍‌ସିପିଏ–ଏକ୍ସପେରିମେଣ୍ଟାଲ୍ ଥିଏଟରରେ ରବିବାର ମଞ୍ଚସ୍ଥ ହେବାକୁ ଯାଉଛି। ଜଣେ ମହିଳା ଏବଂ ମା' ଭାବରେ ଉକ୍ତ ନାଟକ ଇଲାଙ୍କ ହୃଦୟ ସହ ଜଡିତ। ଯେତେବେଳେ ସେ ଇଶିତା (ଅଭିନେତ୍ରୀ)ର ମା' ହୋଇଥିଲେ ସେତେବେଳେ ନିଜ କ୍ୟାରିୟର ପାଇଁ ସେ କେତେ କଷ୍ଟ କରିଥିଲେ ତାହା ଏହି ପ୍ଲେ ସ୍ମରଣ କରାଇଦିଏ।

# ୩ ଜଙ୍ଗଲକୁ ବନ୍ୟପ୍ରାଣୀ ସଂରକ୍ଷିତ ଘୋଷଣା କରାଯିବ

ଭୁବନେଶ୍ୱର, ୫।୧୦(ବ୍ୟୁରୋ)

## ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳିତ



- ସୁଶୀଲ ଦତ୍ତଙ୍କୁ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ପୁରସ୍କାର
- 'ଐରାବତ' ଜରିଆରେ ହ୍ରାସ ପାଇବ ମନୁଷ୍ୟ-ବନ୍ୟପ୍ରାଣୀ ସଂଘର୍ଷ

ବନ୍ୟପ୍ରାଣୀଙ୍କ ସୁରକ୍ଷା ଲାଗି ରାଜ୍ୟରେ ସଂରକ୍ଷିତ ଜଙ୍ଗଲ ଅଞ୍ଚଳ ବୃଦ୍ଧି କରାଯିବ। ଏଥିଲାଗି ବରଗଡ଼ ଡିଭିଜନର ଗନ୍ଧମାର୍ଦ୍ଦନ ଜଙ୍ଗଲ, ଆଠମଲ୍ଲିକ ଡିଭିଜନର ଉତ୍ତର ଜଙ୍ଗଲ ଓ ଖୋର୍ଦ୍ଧା ଡିଭିଜନର ବରବରା ଜଙ୍ଗଲକୁ ବନ୍ୟପ୍ରାଣୀ ସଂରକ୍ଷିତ ଜଙ୍ଗଲ ଭାବେ ଘୋଷଣା କରାଯିବ। ଏଥି ସହିତ ପାରଳାଖେମୁଣ୍ଡିର ମହେନ୍ଦ୍ରଗିରିକୁ ଜୈବ ମଣ୍ଡଳ ଘୋଷଣା କରିବାକୁ ରାଜ୍ୟ ସରକାର ଯୋଜନା କରିଛନ୍ତି। ଶୁକ୍ରବାର ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ସୂଚନା ଭବନଠାରେ ଆୟୋଜିତ ୬୪ତମ ରାଜ୍ୟସ୍ତରୀୟ ବନ୍ୟପ୍ରାଣୀ ସପ୍ତାହ ପାଳନ କାର୍ଯ୍ୟକ୍ରମରେ ଯୋଗଦେଇ ପିସିସିଏଫ(ବନ୍ୟପ୍ରାଣୀ) ସନ୍ଦୀପ ତ୍ରିପାଠୀ ଏହି ସୂଚନା ଦେଇଛନ୍ତି। ବିଭାଗୀୟ ମନ୍ତ୍ରୀ ବିଜୟଶ୍ରୀ ରାଉତରାୟ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟରେ ବନ୍ୟପାଣୀ ଓ ସେମାନଙ୍କ ଆବାସସ୍ଥଳୀର ସୁରକ୍ଷା ଏବଂ ସଂରକ୍ଷଣ ନିମନ୍ତେ ସରକାରଙ୍କ ପକ୍ଷରୁ ନିଆଯାଉଥିବା ବିଭିନ୍ନ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ।

ପିସିସିଏଫ୍(ବନ୍ୟପ୍ରାଣୀ) ତ୍ରିପାଠୀ ସ୍ୱାଗତ ଭାଷଣ ଦେଇ କହିଥିଲେ, ଅଭୟାରଣ୍ୟ ତଥା ଜାତୀୟ ବ୍ୟାଘ୍ର ସଂରକ୍ଷଣ ଅଞ୍ଚଳ ମଧ୍ୟରେ ଥିବା ଗ୍ରାମଗୁଡ଼ିକର ଲୋକଙ୍କୁ ସଫଳ ଭାବେ ଅନ୍ୟତ୍ର ଥଇଥାନ କରାଯାଇଛି। ଗତବର୍ଷ ୧୧ଗାଁର ୫୯୬ ପରିବାରକୁ ସ୍ଥାନାନ୍ତର କରାଯାଇଥିଲା। ଆସନ୍ତା ବର୍ଷ ୨୭ଟି ଗାଁକୁ ସ୍ଥାନାନ୍ତର କରାଯିବ। ଏଥିପାଇଁ ପ୍ରାୟ ୨୫୦ କୋଟି ଟଙ୍କା ଖର୍ଚ୍ଚ ହେବ। ମନୁଷ୍ୟ–ବନ୍ୟପ୍ରାଣୀ ସଂଘର୍ଷକୁ ହ୍ରାସ କରିବା ପାଇଁ ପଶ୍ଚିମବଙ୍ଗରୁ ସ୍ୱତନ୍ତ୍ର ସୁରକ୍ଷା ଯାନ 'ଐରାବତ' ଏବଂ ତୃଣଭୋଜୀମାନଙ୍କ ପାଇଁ ମଧ୍ୟପ୍ରଦେଶର କାହ୍ନା ବ୍ୟାଘ୍ର ପ୍ରକଳ୍ପରୁ ପରିବହନ ଯାନ ଆଣିବା ଲାଗି ଯୋଜନା ହୋଇଥିବା ସେ କହିଛନ୍ତି।

ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ଡ. ଦେବବ୍ରତ ସ୍ୱାଇଁ ଯୋଗଦେଇ କହିଥିଲେ, ବାଉଁଶ ଜଙ୍ଗଲ ବନ୍ୟପ୍ରାଣୀଙ୍କ ପାଇଁ ଅପରିହାର୍ଯ୍ୟ। ଓଡ଼ିଶାରେ ୧୭ହଜାର ବର୍ଗ କି.ମି. ବାଉଁଶ ଜଙ୍ଗଲ ଥିଲା। ଫରେଷ୍ଟ ସର୍ଭେ ଅଫ୍ ଇଣ୍ଡିଆର ତଥ୍ୟ ଅନୁସାରେ ୨୦୧୧ରେ ୧୦ ହଜାର ୫୧୮ ବର୍ଗ କି.ମି.କୁ କମିଆସିଥିଲା। ବାଉଁଶ ଜଙ୍ଗଲର ପୁନରୁଦ୍ଧାର ଓ ସୁରକ୍ଷା କାର୍ଯ୍ୟ କରାଯିବାରୁ ୨୦୧୭ରେ ତାହା ବୃଦ୍ଧି ପାଇ ୧୨ହଜାର ୧୦୯ ବର୍ଗ କି.ମି. ହୋଇପାରିଛି। ମାତ୍ର ଏହା ଯଥେଷ୍ଟ ନୁହେଁ। ହାତୀକୁ ଜଙ୍ଗଲ ମଧ୍ୟରେ ଆବଦ୍ଧ କରିବା ନିମନ୍ତେ ଓ ବ୍ୟାଘ୍ର ସଂଖ୍ୟା ବୃଦ୍ଧି କରିବା ଲାଗି ଅଧିକ ବାଉଁଶ ଜଙ୍ଗଲ ସୃଷ୍ଟି ପାଇଁ ଗୁରୁତ୍ୱ ଦିଆଯାଉଛି। ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ଗୃହ ସଚିବ ଅସିତ ତ୍ରିପାଠୀ ଯୋଗଦେଇ ଜଙ୍ଗଲ ତଥା ବନ୍ୟପ୍ରାଣୀଙ୍କ ସଂରକ୍ଷଣ ଓ ସୁରକ୍ଷାରେ କେବଳ ସରକାର ନୁହେଁ, ଜନସାଧାରଣଙ୍କ ସହାୟତା ନିତାନ୍ତ ଆବଶ୍ୟକ ବୋଲି କହିଛନ୍ତି। ନନ୍ଦନକାନନ ନିର୍ଦ୍ଦେଶକ ତଥା ଅତିରିକ୍ତ ପ୍ରଧାନ ମୁଖ୍ୟ ବନ ସଂରକ୍ଷକ ହରିଶଙ୍କର ଉପାଧ୍ୟାୟ ଧନ୍ୟବାଦ ଅର୍ପଣ କରିଥିଲେ।

ବନ୍ୟପ୍ରାଣୀ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ୨୦୧୮ ମସିହା ଲାଗି ପ୍ରାଣୀ ବିଜ୍ଞାନୀ ଡ. ସୁଶୀଲ ଦତ୍ତଙ୍କୁ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ପୁରସ୍କାର ପ୍ରଦାନ କରାଯାଇଥିଲା। ଚଳିତ ବର୍ଷ ପ୍ରଥମ ଥର ପାଇଁ ଗ୍ରାମର ସ୍ଥାନାନ୍ତର ପ୍ରକ୍ରିୟାରେ ସକ୍ରିୟ ଅବଦାନ ଯୋଗୁ ସାତକୋଶିଆ, ହୀରାକୁଦ ଏବଂ କରଞ୍ଜିଆ ବନଖଣ୍ଡର କର୍ମଚାରୀଙ୍କୁ ବିଜୁ ପଟ୍ଟନାୟକ ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହିତ ଚିତ୍ରାଙ୍କନ ଓ ଚିତ୍ରତ୍ତୋଳନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ମଧ୍ୟ ପରସ୍କୃତ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ 'ୱାଇଲ୍ଡଲାଇଫ୍ ଓଡ଼ିଶା ୨୦୧୮' ସମେତ ୪ଟି ପୁସ୍ତକ ଉନ୍ମୋଚନ ହେବା ସହିତ ଏକ ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜିତ ହୋଇଥିଲା।

ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ-୨୦୧୮

# ଯୋଗଦେବେ ୬୦ ରାଷ୍ଟ୍ରର ପ୍ରତିନିଧି

ଭୁବନେଶ୍ୱର,୫।୧୦(ବ୍ୟୁରୋ)

ଚଳିତ ବର୍ଷ ନଭେମ୍ବର ମାସରେ ହେବାକୁ ଥିବା ମେକ୍ ଇନ୍ ଓଡ଼ିଶା କନ୍‌କ୍ଲେଭ–୨୦୧୮ ପାଇଁ ପ୍ରସ୍ତୁତି ପର୍ବ ଚୂଡ଼ାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ଶିଳ୍ପମନ୍ତ୍ରୀ ଅନନ୍ତ ଦାସ ଶୁକ୍ରବାର ଅଗ୍ରଗତି ନେଇ ଫେଡେରେଶନ ଅଫ୍ ଇଣ୍ଡିଆନ ଚାମ୍ବର୍ସ ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରିଜ୍‌ର ପ୍ରତିନିଧିଙ୍କ ସହ ଆଲୋଚନା କରିଛନ୍ତି। ଚଳିତ କନ୍‌କ୍ଲେଭରେ ଯେପରି ଅଧିକ ପୁଞ୍ଜିନିବେଶ ରାଜ୍ୟ ପାଇପାରିବ, ସେଥିପ୍ରତି ଧ୍ୟାନ ଦିଆଯାଉଥିବା ମନ୍ତ୍ରୀ ଦାସ କହିଛନ୍ତି। ଫେଡେରେଶନର ସେକ୍ରେଟାରି ଜେନେରାଲ ଦିଲୀପ ଚେନୟ, ଡେପୁଟି ଜେନେରାଲ ଅରୁଣ ଚାୱଲା ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଚାଇନା, ଜାପାନ, ଜର୍ମାନୀ, ଇଟାଲୀ, ଦକ୍ଷିଣ କୋରିଆ ଏବଂ ୟୁଏଇ ପରି ରାଷ୍ଟ୍ରର ପ୍ରାୟ ୬୦ ଜଣ ଶିଳ୍ପ ପ୍ରତିନିଧି କନ୍‌କ୍ଲେଭ୍‌ରେ ଯୋଗଦେବା ପାଇଁ ସମ୍ମତି ପ୍ରଦାନ କରିଛନ୍ତି।


## ODISHA LIVESTOCK RESOURCES DEVELOPMENT SOCIETY

OBPI Campus, Siripur, Bhubaneswar-751003
Tel No. 0674-2397985, email- olrdsahd@gmail.com, website: www.olrds.com

### INVITATION FOR EXPRESSION OF INTEREST

**"RISK MANAGEMENT & LIVESTOCK INSURANCE UNDER NLM, 2017-18 implemented by Odisha Livestock Resources Development Society (OLRDS), Bhubaneswar"**

No.CAD-913: Odisha Livestock Resources Development Society (OLRDS), Bhubaneswar invites **EXPRESSION OF INTEREST** from Public General Insurance Companies (except Oriental Insurance Company) and Private General Insurance Companies in prescribed format strictly in sealed cover superscribing "RISK MANAGEMENT & LIVESTOCK INSURANCE UNDER NLM, 2017-18" on or before 26.10.2018. The details in this regard can be downloaded from the OLRDS website: **www.olrds.com**.

06061/11/0010/1819



राष्ट्रीय इस्पात निगम लिमिटेड
**RASHTRIYA ISPAT NIGAM LIMITED**
(A Government of India Enterprise)
**VISAKHAPATNAM STEEL PLANT**

ମ୍ୟାଟେରିଆଲ୍ସ ମ୍ୟାନେଜମେଣ୍ଟ :: କ୍ରୟ ୱିଙ୍ଗ୍
ଫୋନ୍: +୯୧ ୮୯୧ ୨୫୧୮୩୨୫/୨୭୪୨୧୫୪;ଫାକ୍ସ: ୯୧ ୮୯୧ ୨୫୧୮୭୫୩/୭୫୬
ଇମେଲ୍: vinodh_mm@vizagsteel.com; vvsomaraju@vizagsteel.com

ଖୋଲା ଟେଣ୍ଡର ନଂ. ପିୟୁଆର୍.୮.୭୭.ଆଇଓ/ଓଏମ୍‌ସି–ଜିଆଇଓଏମ୍/୦୦୩୨ ତା:୦୪।୧୦।୨୦୧୮
କାର୍ଯ୍ୟ: ଓଏମ୍‌ସି–ଗନ୍ଧମାର୍ଦ୍ଦନ ମାଇନ୍ସରୁ ଆଇରନ୍ ଓର୍ (ଫାଇନ୍‌ସ ଓ ଲମ୍ପସ୍) ଉଠାଇବା, ପାରାଦୀପ ବନ୍ଦର ପର୍ଯ୍ୟନ୍ତ ପରିବହନ କରିବା, ବିଶାଖାପାଟଣା ବନ୍ଦର/ଗଙ୍ଗାଭରମ୍ ବନ୍ଦରଠାରେ ଡେଲିଭରି ପାଇଁ ତାହାକୁ ଜାହାଜରେ ଷ୍ଟାକିଂ ଓ ଲୋଡିଂ କରିବା ନିମନ୍ତେ ମଲ୍ଟିମୋଡାଲ୍ ପରିବହନ ଏଜେନ୍ସିର ନିଯୁକ୍ତି।
♦ ଟେଣ୍ଡର ଗ୍ରହଣର ଶେଷ ତାରିଖ ଓ ସମୟ: ୧୫।୧୦।୨୦୧୮, ୧୦.୩୦ ଘଟିକା     ଇଡି (ଏମ୍‌ଏମ୍)

ଅଧିକ ବିବରଣୀ ଏବଂ ଶୁଦ୍ଧିପତ୍ର ପାଇଁ ଦୟାକରି ନିୟମିତ ଭାବେ
www.vizagsteel.com, http://www.eprocure.gov.in/epublish ପରିଦର୍ଶନ କରନ୍ତୁ



## Bhubaneswar Smart City Limited

**Block-1, 5th Floor, BMC Bhawani Mall, Saheed Nagar, Bhubaneswar-751007, e-mail Id: bbsr.bscl@gmail.com, CIN: U74990OR2016PLC020016**

**NOTICE INVITATION REQUEST FOR PROPOSAL (RFP)**

**Bid Identification: No. 5177/ BSCL-165/2018 Dated: 04.10.2018**

**No.296-C:-**

1. Chief Executive Officer, BSCL invites proposals from experienced and reputed consultancy firms for Consultancy services for the following work as detailed in the table below:-

**TABLE-1**

| Sl. No. | Name of the Project | Bid Security | Cost of the Bid Document | Period of Services |
|---|---|---|---|---|
| (1) | (2) | (3) | (4) | (5) |
| 1 | SELECTION OF COUSULTING FIRM FOR SETTING UP OF PROJECT MONITORING UNIT (PMU) FOR BHUBANESWAR SMART CITY LIMITED | Rs. 1,00,000/- | Rs. 10,000/- + 1,200/- (GST @ 12%) | 24 Months |

2. Bid documents will be available in Website www.tendersodisha.gov.in / www.smartcitybhubaneswar.com from **06.10.2018 to 5.00 P.M. of 06.11.2018.**
3. A pre-bid meeting shall be held on **22.10.2018** at **11.30 A.M.** in the Conference hall of Bhubaneswar Smart City Ltd.
4. Last date/Time for receipt of proposal is **06.11.2018** till **5.00 P.M.**
5. Date of presentation shall be intimated later.
6. The tender will be opened on **08.11.2018 at 11.30 A.M.**
7. Date of opening of financial proposal shall be intimated later.

**Sd./- Chief Executive Officer**
**Bhubaneswar Smart City Limited**

**13070/11/0031/1819**



GOVERNMENT OF ODISHA
## OFFICE OF THE SUPERINTENDING ENGINEER RURAL WORKS CIRCLE, SUNDARGARH

**E-Procurement Notice, Online – RWSESNG – 18 of 2018-19 Letter No. 3043/Dtd.26.09.2018**

**No.826-O:-** **E-mail address-serw_sundargarh@yahoo.com**

1. Type of the Work: Bridge Works (DMF)
2. Total No. of works: 03 No. of Bridges
3. Estimated cost: Varies from Rs. 174.65 lakh to Rs. 276.45 lakh
4. Class of contractor: 'B' Class & 'A' Class
5. Period of completion: 09 months
6. Cost of tender paper: The Bidder shall transfer online the cost of bid document for Rs.10,000/- towards cost of Bid through a process as mentioned under DTCN.
7. EMD Required: The Bidder shall transfer online the Earnest Money Deposit / Bid Security at the rate of 1% of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to transfer online 2% of the amount put to tender as Bid Security. Exemption from EMD is permissible as per codal provisions of Govt. of Odisha.
8. APS: The successful bidder who has quoted less bid price / rate than the estimated cost put to tender shall have to furnish exact amount of differential cost i.e. estimated cost put to tender minus quoted amount as Additional Performance Security (APS) in the shape of DD / TDR pledged in favour of Executive Engineer of concerned Division within 7 days from date of intimation otherwise the bid shall be cancelled & security deposit shall be forfeited. Further, proceeding of blacklisting shall be intimated against the bidder.
9. GST: Rate quoted by the Contractor shall be excluding GST. The GST as applicable for the work contract shall be payable to the contractor on each bill amount on production of tax invoice. The prevailing rate of GST on the gross amount of bill will be deducted from the contractor bill as tax deduction at source (TDS) as per rule.
10. Other details:

| Procurement Officer | Bid Identification No. | Availability of Tender Online for bidding | | Last Date & Time of seeking Tender clarification | Technical Bid Opening | Financial Bid Opening |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Sundargarh | RWSESNG-18 of 2018-19 | 09.10.2018 11.00 A.M | 03.11.2018 3.00 PM | 02.11.2018 3.00P.M. | 09.11.2018 11.00 A.M | 16.11.2018 11.00 A.M |

Further details can be seen from the website **www.tendersorissa.gov.in.**
N.B: Corrigendum if any may be seen in this website. **www.tendersorissa.gov.in.**
Authority reserves the right to reject any or all the tenders without assigning any reason thereof.
**25133/11/0032/1819** **Superintending Engineer, Rural Works Circle, Sundargarh**



## OFFICE OF THE TAHASILDAR, SADAR, CUTTACK

At/P.O.: Chandinchowk, Dist.- Cuttack
E-mail: tah1.ctc@nic.in

Sealed proposals are invited by Tahasildar, Sadar, Cuttack from Event Management Agencies / Companies for on-ground Delivery and Event Management at the Historical Baliyatra Festival - 2018 through an open RFP. The detailed information may be downloaded from the Cuttack District Website (**www.cuttack.nic.in**) / Notice Board of Sadar Tahasil, Cuttack along with terms & conditions of the bid.

The bid should be submitted in the prescribed format along with all relevant documents duly signed and sealed. The bid should reach the office of the Tahasildar, Sadar, Cuttack on or before **29th October' 2018 by 5 PM** either by Courier / Speed Post / Registered Post. Submitting of bid documents through Fax / e-mail / electronics system shall not be accepted. Bid(s) received after due date & time shall not be accepted. The Office of the Tahasildar, Sadar, Cuttack shall not be responsible for delay in postal delivery or similar reasons.

The District Administration Cuttack reserves the right to accept or reject any or all bids without assigning any reason thereof. For any specific queries, kindly contact Cell No.9853406560.

**Sd./- Tahasildar, Sadar, Cuttack**



## OFFICE OF THE MUNICIPAL COUNCIL, BHADRAK

**No. 12091** **Date: 04.10.2018**

**"e" Procurement Notice**

**Bid Identification No-BM-BDK-09-2018-19**

Bid Documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in.

| | | | |
|---|---|---|---|
| 1. | Name of the Work | : | Civil Works |
| 2. | No. of Works | : | Development of Parks in BHADRAK-Package 1 (AMRUT/OD/BHADRAK/ PR/05) Santhia Park near Chacheri Padia) |
| 3. | Estimated Cost | : | As per DTCN |
| 4. | Period of Completion | : | 3 Calendar Months |
| 5. | Date & Time of Bidding | : | From 06.10.2018 to 15.10.2018 |
| 6. | Last date & Time for receipt of bids in the portal | : | 15.10.2018 upto 5.00 P.M. |
| 7. | Bids received online shall be opened on | : | 20.10.2018 at 11.00 A.M. |
| 8. | Name and address of the officer inviting Bid | : | Executive Officer, Bhadrak Municipality |

Further details can be seen from the procurement portal i.e. www.tendersorissa.gov.in.

**Executive Officer, Bhadrak Municipality**



GOVERNMENT OF ODISHA
## OFFICE OF THE SUPERINTENDING ENGINEER RURAL WORKS CIRCLE, SUNDARGARH

**E-Procurement Notice, Online – PMGSY / RWSESNG – 04 of 2018-19 Ltr. No.3015 /Dtd.26.09.2018**

**No.823-O:-** **E-mail address-serw_sundargarh@yahoo.com**

1. Type of the Work: Construction and Maintenance of Rural Roads under PMGSY Programme.
2. Total No. of Packages: 2 No. of Packages (Percentage Rate Tender)
3. Estimated cost: Varies from Rs.61.42 Lakh to Rs. 113.04 Lakh
4. Class of Contractor: "B" Class & "A" Class
5. Period of completion: Six Calendar Months.
6. Cost of tender paper: Rs. 10,000/- per set (Non-refundable) only in shape of D.D in favour of OSRRA payable at Bhubaneswar.
7. EMD required: 2% of estimated cost of the package in form of Fixed Deposit receipt of a Scheduled Commercial Bank issued in favour of Executive Engineer of the concerned R.W, Division.
8. APS: The successful bidder who has quoted less bid price / rate than the estimated cost put to tender shall have to furnish exact amount of differential cost i.e. estimated cost put to tender minus quoted amount as Additional Performance Security (APS) in the shape of DD / TDR pledged in favour of Executive Engineer of concerned Division within 7 days from date of intimation otherwise the bid shall be cancelled & security deposit shall be forfeited. Further, proceeding of blacklisting shall be initiated against the bidder.
9. GST: Rate quoted by the Contractor shall be excluding GST. The GST as applicable for the work contract shall be payable to the contractor on each bill amount on production of tax invoice. The prevailing rate of GST on the gross amount of bill will be deducted from the contractor bill as tax deduction at source (TDS) as per rule.
10. Bid Cost, EMD, along with other relevant documents submission on or before 08.11.2018 upto 5.00 PM.
11. Other details:

| Procurement Officer | Bid Identification No. | Availability of Tender Online for bidding | | Last Date & Time of seeking Tender clarification | Technical Bid Opening | Financial Bid Opening |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Sundargarh | PMGSY / RWSESNG- 04 of 2018-19 | 09.10.2018 11.00 A.M | 03.11.2018 3.00 PM | 02.11.2018 3.00P.M. | 09.11.2018 11.00 A.M | 16.11.2018 11.00 A.M |

Further details can be seen from the website **www.pmgsytenders.gov.in.**
**25133/11/0029/1819** **Superintending Engineer, Rural Works Circle, Sundargarh**



GOVERNMENT OF ODISHA
## OFFICE OF THE SUPERINTENDING ENGINEER RURAL WORKS CIRCLE, SUNDARGARH

**E-Procurement Notice, Online – RWSESNG – 17 of 2018-19 Letter No. 3036/Dtd.26.09.2018**

**No.825-O:-** **E-mail address-serw_sundargarh@yahoo.com**

1. Type of the Work: Bridge Works (BSY)
2. Total No. of works: 01 No. of Bridges
3. Estimated cost: 294.29 Lakhs
4. Class of contractor: 'B' Class & 'A' Class
5. Period of completion: 09 months
6. Cost of tender paper: The Bidder shall transfer online the cost of bid document for Rs.10,000/- towards cost of Bid through a process as mentioned under DTCN.
7. EMD Required: The Bidder shall transfer online the Earnest Money Deposit / Bid Security at the rate of 1% of the estimated cost put to tender as mentioned under DTCN. Bidders desirous to hire machineries or equipments from outside the State or owned but deployed outside the State are required to transfer online 2% of the amount put to tender as Bid Security. Exemption from EMD is permissible as per codal provisions of Govt. of Odisha.
8. APS: The successful bidder who has quoted less bid price / rate than the estimated cost put to tender shall have to furnish exact amount of differential cost i.e. estimated cost put to tender minus quoted amount as Additional Performance Security (APS) in the shape of DD / TDR pledged in favour of Executive Engineer of concerned Division within 7 days from date of intimation otherwise the bid shall be cancelled & security deposit shall be forfeited. Further, proceeding of blacklisting shall be intimated against the bidder.
9. GST: Rate quoted by the Contractor shall be excluding GST. The GST as applicable for the work contract shall be payable to the contractor on each bill amount on production of tax invoice. The prevailing rate of GST on the gross amount of bill will be deducted from the contractor bill as tax deduction at source (TDS) as per rule.
10. Other details:

| Procurement Officer | Bid Identification No. | Availability of Tender Online for bidding | | Last Date & Time of seeking Tender clarification | Technical Bid Opening | Financial Bid Opening |
|---|---|---|---|---|---|---|
| | | From | To | | | |
| 1 | 2 | 3 | 4 | 5 | 6 | 7 |
| Superintending Engineer, Rural Works Circle, Sundargarh | RWSESNG-17of 2018-19 | 09.10.2018 11.00 A.M | 03.11.2018 3.00 PM | 02.11.2018 3.00P.M. | 09.11.2018 11.00 A.M | 16.11.2018 11.00 A.M |

Further details can be seen from the website **www.tendersorissa.gov.in.**
N.B: Corrigendum if any may be seen in this website. **www.tendersorissa.gov.in.**
Authority reserves the right to reject any or all the tenders without assigning any reason thereof.
**25133/11/0031/1819** **Superintending Engineer, Rural Works Circle, Sundargarh**




## ସଂକ୍ଷେପରେ

### ତୀର୍ଥଯାତ୍ରାରେ ଗଲେ ୧୩ ବରିଷ୍ଠ ନାଗରିକ



**ସିମୁଳିଆ, ୫।୧୦(ଡି.ଏନ.ଏ.):** ଶୁକ୍ରବାର ସିମୁଳିଆ ବ୍ଲକର ବାଟୀ ପଞ୍ଚାୟତରୁ ପ୍ରଥମ ପର୍ଯ୍ୟାୟରେ ୧୩ଜଣ ବରିଷ୍ଠ ନାଗରିକମାନଙ୍କୁ ୬ ଦିନିକିଆ ତୀର୍ଥ ଯାତ୍ରା ଲାଗି ପଠାଯାଇଛି। ଏହି ଅବସରରେ ବ୍ଲକ ସମ୍ମିଳନୀ କକ୍ଷରେ ବରିଷ୍ଠ ନାଗରିକ ମଞ୍ଚ ଓ ବ୍ଲକ ପ୍ରଶାସନ ପକ୍ଷରୁ ସେମାନଙ୍କୁ ଫୁଲତୋଡ଼ା ଦିଆଯାଇ ସ୍ୱାଗତ ଜଣାଯାଇଛି। ବିଡ଼ିଓ ଡ. ନରହରି ବେହେରା ତୀର୍ଥ ଯାତ୍ରୀମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏମ୍‌ପି ପ୍ରତିନିଧି କ୍ଷୀତିଶ କୁମାର ମହାନ୍ତି, ବାଟୀ ବରିଷ୍ଠ ନାଗରିକ ମଞ୍ଚର ସଭାପତି ଗଣନାଥ ସାହୁ, ସମ୍ପାଦକ ଶିବ ପ୍ରସାଦ ପାଢ଼ୀ, ଉପଦେଷ୍ଟା ଚତୁର୍ଭୁଜ ପାଣିଗ୍ରାହୀ ଓ ସମିତିସଭ୍ୟ କାଳନ୍ଦୀ ନାୟକ ପ୍ରମୁଖ ଥିଲେ।

### ସମସ୍ତଙ୍କୁ ଆପଣାର କରିପାରୁଥିଲେ ବାଞ୍ଛାନିଧି

**ଖଇରା,୫।୧୦(ଡି.ଏନ.ଏ.):** ଖଇରା ବ୍ଲକ ସାରଡାଙ୍ଗ ପଞ୍ଚାୟତ ଦାମୋଦରପୁର ଗ୍ରାମରେ ପ୍ରଥମେ ଶିକ୍ଷକତା ଓ ପରେ ସୋର ଏବଂ ଖଇରାରେ ମୋହରିର କାର୍ଯ୍ୟ କରିବା ମଧ୍ୟରେ ସେ ଲୋକଙ୍କୁ ନିଜର କରି ପାରିଥିଲେ । ସମସ୍ତଙ୍କର ବିଶ୍ୱାସଭାଜନ ଲାଭ କରିଥିବା ଏହି ବ୍ୟକ୍ତି ଜଣକ ଚିରଦିନ ପାଇଁ ସ୍ମୃତିରେ ରହିବେ ବୋଲି ବିଶିଷ୍ଟ ଶିକ୍ଷକ ତଥା ମୋହରିର ସ୍ୱର୍ଗତ ବାଞ୍ଛାନିଧି ବେହେରାଙ୍କ ଏକାଦଶାହ ଉପଲକ୍ଷେ ଆୟୋଜିତ ସ୍ମୃତିସଭାରେ ଯୋଗଦେଇଥିବା ବକ୍ତାଗଣ ଆଲୋକପାତ କରିଛନ୍ତି । ଆଞ୍ଚଳିକ ବ୍ରାହ୍ମଣସମିତି ଆନୁକୂଲ୍ୟରେ ଖଇରା ବ୍ଲକ କଣ୍ଟାବଣିଆ ଗ୍ରାମରେ ସୋମବାର ଅପରାହ୍ନରେ ଅନୁଷ୍ଠିତ ସଭାରେ ପଣ୍ଡିତ କୃଷ୍ଣଚନ୍ଦ୍ର ପତ୍ରୀ ଅଧକ୍ଷତା କରିଥିଲେ । ଗୌରଚନ୍ଦ୍ର ପାଠୀ ବେଦପାଠ କରିଥିଲେ। ପୁତ୍ର ଅରବିନ୍ଦ ବେହେରା ପିତା ବାଞ୍ଛାନିଧୀଙ୍କ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେଇଥିଲେ । ଗଗନ ବିହାରୀ ପଣ୍ଡା,ଅଶୋକାନନ୍ଦ ଦାଶ,ବାଞ୍ଛାନିଧି ଦାଶ, ଆକାଶ ପଣ୍ଡା, ଶରତ ଚନ୍ଦ୍ର ପଣ୍ଡା, ପୂର୍ଣ୍ଣଚନ୍ଦ୍ର ପଣ୍ଡା, ରମାକାନ୍ତ ଶତ୍‌ପଥି, ସଂକୀର୍ତ୍ତନ ପଣ୍ଡା ପ୍ରମୁଖ ଯୋଗ ଦେଇ ନିଜ ନିଜର ବକ୍ତବ୍ୟ ରଖିଥିଲେ।

# ପ୍ରଚାରରେ କମ୍ପୁଛି କ୍ୟାମ୍ପସ

- ସବୁପ୍ରାର୍ଥୀ ପତ୍ର କାଏମ
- ସଭାପତି, ଉପସଭାପତି, ସାଧାରଣ ସମ୍ପାଦକ ଓ ସହସମ୍ପାଦକ ପଦବୀରେ ୪ଜଣ ଲେଖାଏଁ ପ୍ରତିଦ୍ୱନ୍ଦ୍ୱୀ
- ୧୨ ନିର୍ଦ୍ୱନ୍ଦ୍ୱ

**ଭୋଗରାଇ, ୫।୧୦(ଡି.ଏନ.ଏ.)**

ଉତ୍ତରବାଲେଶ୍ୱରର ସର୍ବବୃହତ୍ ମହାବିଦ୍ୟାଳୟ ଭୋଗରାଇ ଗ୍ରାମ୍ୟ ଉଚ୍ଚଶିକ୍ଷା ପ୍ରତିଷ୍ଠାନ (ଆର୍.ଆଇ.ଏଚ୍.ଏସ୍) କ୍ୟାମ୍ପସରେ ଏବେ ନିର୍ବାଚନୀ ତାତି ବଢ଼ିଛି। ନାମାଙ୍କନ ପତ୍ର ଦାଖଲ କରିଥିବା ୨୭ଟି ପଦବୀ ଲାଗି ଆବେଦନ କରିଥିବା ସମସ୍ତ ପ୍ରାର୍ଥୀପତ୍ର କାଏମ ରହିଛି। ମଇଦାନକୁ ଓହ୍ଲାଇଥିବା ପ୍ରାର୍ଥିନୀ ଓ ପ୍ରାର୍ଥୀମାନେ ନିଜ ସପକ୍ଷରେ ପ୍ରଚାର ଜୋରଦାର କରିଛନ୍ତି। ସମସ୍ତ ମେସ୍, ହଷ୍ଟେଲ ଏବଂ କ୍ଲାସରୁମ୍‌ରେ ପ୍ରାର୍ଥୀଙ୍କ ପ୍ରଚାର ଓ ସ୍ଲୋଗାନରେ କମ୍ପୁଛି।

ଡିଏସ୍‌ଓ ଛାତ୍ର ସଙ୍ଗଠନ ପକ୍ଷରୁ ବୟେଜ ହଷ୍ଟେଲ ନିର୍ମାଣ, ସମସ୍ତ ଛାତ୍ରୀଛାତ୍ରଙ୍କୁ ମାଗଣା ବସ୍ ପାସ୍ ଯୋଗାଇଦେବା, କଲେଜରେ ଫି' ହ୍ରାସ କରାଇବା, ଆବଶ୍ୟକ ପାଠ୍ୟପୁସ୍ତକ ଲାଇବ୍ରେରୀ ଯୋଗାଇଦେବାକୁ ଗୁରୁତ୍ୱ ଦିଆଯିବ ବୋଲି କୁହାଯାଇଛି। ବିସିଜେଡ଼ି ପକ୍ଷରୁ କଲେଜର ଉନ୍ନୟନ କାର୍ଯ୍ୟକୁ ପ୍ରସଙ୍ଗ କରିଥିବା ବେଳେ ଏନ୍‌ଏସ୍‌ଇଉଆଇ ଓ ଏବିଭିପି ପକ୍ଷରୁ ଗରିବ ଛାତ୍ରୀଛାତ୍ରଙ୍କ ପାଇଁ ଆର୍ଥିକ ପାଣ୍ଠି ଗଠନ, ନୂତନ ଶ୍ରେଣୀ ଗୃହ ନିର୍ମାଣ ଓ ଅନ୍ୟାନ୍ୟ ସମସ୍ୟାକୁ ଆଧାର କରି ନିର୍ବାଚନୀ ମଇଦାନରେ ଅବତୀର୍ଣ୍ଣ ହୋଇଛନ୍ତି।

ଡିଏସ୍‌ଓର ସଭାପତି ପ୍ରାର୍ଥୀ ହେମନ୍ତ କୁମାର ଗିରି ଓ ସାଧାରଣ ସମ୍ପାଦକ ମନୋଜ କୁମାର ପାତ୍ର କୁହନ୍ତି ଆମ ସଙ୍ଗଠନ ଆଦର୍ଶ ଭିତ୍ତିକ। ଅନ୍ୟାୟ ଓ ଦୁର୍ନୀତି ବିରୋଧରେ ସାରା ଭାରତରେ ଆମେ ଲଢୁଛୁ। କଲେଜର ଶିକ୍ଷା ସମସ୍ୟା ନେଇ ବହୁଥର ଆନ୍ଦୋଳନ କରି ଦାବି ହାସଲ କରିଛୁ। ଅର୍ଥ ଓ ମିଥ୍ୟା ପ୍ରତିଶ୍ରୁତି ଦେଇ ଛାତ୍ରୀଛାତ୍ରଙ୍କୁ କିଣାଯାଇ ପାରେନା। ବିସିଜେଡ଼ିର ସଭାପତି ପ୍ରାର୍ଥୀ ଆକାଶ ରାଓ କୁହନ୍ତି ଶିକ୍ଷାମନ୍ତ୍ରୀଙ୍କ ପ୍ରଚେଷ୍ଟାରେ ଆମ ମହାବିଦ୍ୟାଳୟରେ ଓଡ଼ିଆ ଏବଂ ଇଂରାଜୀ ଏମ୍‌ଏ ପାଠ୍ୟକ୍ରମ ଖୋଲାଯାଇଛି। କଲେଜର ଉନ୍ନତି ପାଇଁ ଶିକ୍ଷାମନ୍ତ୍ରୀଙ୍କ ପ୍ରଚେଷ୍ଟା ଜାରି ରହିଛି। କଲେଜର ମୌଳିକ ସମସ୍ୟା ଦୂର ହୋଇଛି। ଏନ୍‌ଏସ୍‌ଇଉଆଇର ସଭାପତି ପ୍ରାର୍ଥୀ ଶକ୍ତିପଦ ପ୍ରଧାନ କହନ୍ତି, କଲେଜରେ ଶ୍ରେଣୀ ଗୃହ ଅଭାବ, ଗରିବ ଛାତ୍ରୀଛାତ୍ରଙ୍କୁ ସହାୟକ ପାଣ୍ଠି ଯୋଗାଇଦେବା ସହ କଲେଜରେ ଶାନ୍ତିଶୃଙ୍ଖଳା, ବାର୍ଷିକ ଉତ୍ସବ କରାଇବା ପ୍ରସଙ୍ଗ ରଖିଛନ୍ତି। ସେହିପରି ଏବିଭିପି ସମର୍ଥିତ ସଭାପତି ପ୍ରାର୍ଥୀ ତପନ କୁମାର ଦେ କୁହନ୍ତ, କଲେଜର ବହୁ ସମସ୍ୟା ରହିଛି ଯାହାକୁ ଆଧାର କରି ଆମେ ନିର୍ବାଚନରେ ଲଢୁଛୁ। କଲେଜର ଅଧ୍ୟକ୍ଷ ଡ. ଗଦାଧର ଦାସ ମହାପାତ୍ର କୁହନ୍ତି, ଆମ କଲେଜ ଛାତ୍ରୀଛାତ୍ର ଶାନ୍ତିପ୍ରିୟ। କଲେଜରେ ସାଢ଼େ ୪ହଜାର ଛାତ୍ରୀଛାତ୍ର ପଢୁଛନ୍ତି। ନିର୍ବାଚନ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଅଧ୍ୟାପିକା, ଅଧ୍ୟାପକମାନେ ଦାୟିତ୍ୱର ସହ କାର୍ଯ୍ୟ କରୁଛନ୍ତି। ଲିଙ୍ଗୋଡ଼ କମିଶନର ଆଇନ୍‌କୁ କଡ଼ାକଡ଼ି କରାଯାଇଛି। ନିର୍ବାଚନରେ ଶୃଙ୍ଖଳା ରକ୍ଷା ପାଇଁ ସମସ୍ତଙ୍କୁ ନିବେଦନ କରୁଛି।

## ୩ ପଞ୍ଚାୟତରେ ବିଜେଡିର ଜନସମ୍ପର୍କ ପଦଯାତ୍ରା

**ବାହାନଗା, ୫।୧୦(ଡି.ଏନ.ଏ.)**



କଲ୍ୟାଣି ଗ୍ରାମରେ ବିଜେଡିର ପଦଯାତ୍ରା।

ବାହାନଗା ବ୍ଲକ ୩ଟି ପଞ୍ଚାୟତରେ ବିଜେଡି ପକ୍ଷରୁ ଜନସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହାକୁ ବିଧାୟକ ପର୍ଶୁରାମ ଧଡା ଉଦ୍‌ଘାଟନ କରିଥିଲେ। ପ୍ରଥମେ ପଦଯାତ୍ରା କଲ୍ୟାଣି ପଞ୍ଚାୟତର ଗିଳିଦା ଗ୍ରାମରୁ ଆରମ୍ଭ ହୋଇ ବରିପଦା ପଞ୍ଚାୟତ ଦେଇ କଲ୍ୟାଣିର ଭିଲା ଗ୍ରାମକୁ ଯାଇଥିଲା। ଏହାପରେ କଲ୍ୟାଣି ଗ୍ରାମରେ ପଦଯାତ୍ରା କରାଯିବା ପରେ ସେଠାରେ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରଭାକର ମିଶ୍ର ସଭାପତିତ୍ୱ କରିଥିଲେ। ବିଧାୟକ ଧଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଜ୍ୟ ସରକାରଙ୍କ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ବିଷୟରେ ଲୋକଙ୍କୁ ଅବଗତ କରାଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସଭାପତି ଅଜୟ କୁମାର ପଣ୍ଡା , ନିଳାମ୍ବର ମହାଳିକ, ମହଳା ମୋର୍ଚ୍ଚାର ସବିତା ଅଗସ୍ତି, ଗୌରୀ ସାହୁ ପ୍ରମୁଖ ଯୋଗଦେଇଥିଲେ। ସଭା ପରେ ନବଗଠିତ ନୂଆପୁର ପଞ୍ଚାୟତକୁ ପଦଯାତ୍ରା କରାଯାଇ ବିଭିନ୍ନ ଗ୍ରାମ ପରିକ୍ରମା କରାଯାଇଥିଲା। ଏହି ପଦଯାତ୍ରାରେ ହଜାର ହଜାର ଯୁବକ ଓ ମହିଳା ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମକୁ ମହେନ୍ଦ୍ର ମହାଳିକ, ଯୁବ ବିଜେଡି ସଭାପତି ଲକ୍ଷ୍ମୀକାନ୍ତ ଶିଅଳ, ଅଞ୍ଚି ସରପଞ୍ଚ ତପନ ରାଉତ, ବିଜନ ମହାଳି ପ୍ରମୁଖ ସହଯୋଗ କରିଥିଲେ।

## ଜାତିଆଣ ବିବାଦ ନେଇ ସ୍କୁଲରେ ତାଲା

**ସଜନାଗଡ଼, ୫।୧୦ (ଡି.ଏନ.ଏ.)**

ନୀଳଗିରି ବ୍ଲକ ସିଆଡ଼ିମାଳ ପଞ୍ଚାୟତର ଚତରସାହି ଗ୍ରାମରେ ଥିବା ଚତରସାହି ପ୍ରାଥମିକ ବିଦ୍ୟାଳୟ ପରିସରରେ ଜାତିଆଣ ବିବାଦ ଉଗ୍ରରୂପ ନେଇଛି। ଅସବର୍ଣ୍ଣ ଜାତିର ଅଭିଭାବକ ଓ ଶତାଧିକ ଗ୍ରାମବାସୀ ହାତରେ ଠେଙ୍ଗାବାଡ଼ି ଧରି ସ୍କୁଲରେ ପହଞ୍ଚି ଛାତ୍ରଛାତ୍ରୀ, ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ରୁମ୍‌ରୁ ବାହାର କରି ତାଲା ପକାଇ ଦେଇଥିଲେ। ବାଙ୍କିଶୋଳ ଓ ଚତରସାହି ଗ୍ରାମବାସୀ, ଅଭିଭାବକ, ସ୍କୁଲ ପରିଚାଳନା କମିଟିର ସଦସ୍ୟ, ଶିକ୍ଷୟିତ୍ରୀ ଶିକ୍ଷକ ମାଡ଼ ମାରିଥିବା ଅଭିଭାବକଙ୍କ ସହ ଆଲୋଚନା ହୋଇଥିଲା। ମାଡ଼ମାରିଥିବା ଅଭିଭାବକ ଭୁଲ୍ ମାଗିବା ପରେ ସମାଧାନ ହୋଇଥିଲା। ଅପରପକ୍ଷରେ ପ୍ରଧାନଶିକ୍ଷୟିତ୍ରୀ ନିଜର କର୍ତ୍ତବ୍ୟରେ ଅବହେଳା କରିଥିବା ସ୍ୱୀକାର କରିଥିଲେ।

ଉକ୍ତ ବିଦ୍ୟାଳୟରେ ୪ର୍ଥ ଶ୍ରେଣୀରେ ପଢୁଥିବା ଜଣେ ଛାତ୍ରଙ୍କର ଅନ୍ୟ ଜଣେ ଛାତ୍ରୀଙ୍କର ଝଗଡା ଲାଗିଥିଲା। ସ୍କୁଲ ଛୁଟି ପରେ ଉକ୍ତ ଛାତ୍ରୀ ଏ ସମ୍ପର୍କରେ ତାଙ୍କ ବାପାଙ୍କୁ ଜଣାଇଥିଲେ। ଛାତ୍ରୀଙ୍କ ବାପା ଗୁରୁବାର ସ୍କୁଲକୁ ଯାଇ ପ୍ରଧାନଶିକ୍ଷୟିତ୍ରୀଙ୍କୁ ଜଣାଇଥିଲେ। ପ୍ରଧାନଶିକ୍ଷୟିତ୍ରୀ ଏହାକୁ ହାଲୁକା ଭାବେ ନେଇଥିଲେ। ଫଳରେ ଛାତ୍ରୀଙ୍କ ବାପା ରାଗି ଯାଇ ଶ୍ରେଣୀ ଗୃହରେ ପଶି ଉକ୍ତ ଛାତ୍ରଙ୍କୁ ମାଡ଼ ମାରିଥିଲେ। ଘଟଣା ସମ୍ପର୍କରେ ଛାତ୍ରଜଣକ ଘରେ କହିବା ପରେ ବାଙ୍କିଶୋଳ ଗ୍ରାମର ଅସବର୍ଣ୍ଣଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲେ।

■ ବିଏସ୍‌ଏନ୍‌ଏଲ୍ ଅଫିସ୍ ସମ୍ମୁଖରେ କର୍ମଚାରୀଙ୍କ ଧାରଣା

## ପ୍ରତିଶ୍ରୁତି ପରେ ଧାରଣା ହଟିଲା

**ବାଲେଶ୍ୱର ଅଫିସ, ୫।୧୦**



ବିଏସ୍‌ଏନ୍‌ଏଲ୍ ଅଫିସ୍ ସମ୍ମୁଖରେ ଧାରଣାରତ କର୍ମଚାରୀ।

ବିଏସ୍‌ଏନ୍‌ଏଲ୍‌ରେ କାର୍ଯ୍ୟ କରୁଥିବା ୧୮୨ କର୍ମଚାରୀଙ୍କୁ ୨ ମାସର ମିଳିନି। ଏହାର ପ୍ରତିବାଦରେ କର୍ମଚାରୀମାନେ କାମ ବନ୍ଦ କରି ବିଏସ୍‌ଏନ୍‌ଏଲ୍ ଅଫିସ୍ ଆଗରେ ଶୁକ୍ରବାର ଧାରଣାରେ ବସିଥିଲେ। ସେମାନେ ପ୍ରାପ୍ୟ ପାଇଁ ବାରମ୍ବାର ବିଏସ୍‌ଏନ୍‌ଏଲ୍ କର୍ତ୍ତୃପକ୍ଷଙ୍କ ପାଖକୁ ଯାଇ ନିରାଶ ହେବା ପରେ ଏଭଳି ପଦକ୍ଷେପ ନେଇଥିବା କହିଛନ୍ତି। 'ସିଭିଲ ସୋସାଇଟି' ସମ୍ପାଦକ ମନୋଜ ନାୟକ କମଚାରୀଙ୍କ ସମସ୍ୟା ସମ୍ପର୍କରେ ଅବଗତ ହୋଇ ବିଏସଏନଏଲ ମୁଖ୍ୟ ଜିଏମ୍‌ଟିଡ଼ି ଅଭିନ୍ନ କୁମାର ତାହି, ଡିଜିଏମ୍ ପି.କେ. ନାୟକଙ୍କ ସହ ଆଲୋଚନା କରିଥିଲେ। ଦୁର୍ଗାପୂଜା ଥିବାରୁ ଆଗାମୀ ୧୦ ତାରିଖ ସୁଦ୍ଧା ଶ୍ରମିକମାନଙ୍କର ସମସ୍ତ ଦରମା ଓ ପ୍ରାପ୍ୟ ପ୍ରଦାନ କରାଯିବ ବୋଲି ମୁଖ୍ୟ ଜି.ଏମ୍.ଟି.ଡ଼ି. ତାହି ପ୍ରତିଶ୍ରୁତି ଦେଇଛନ୍ତି। ପରେ କର୍ମଚାରୀ ଧାରଣା ଓହରିଥିଲେ।

# 'ବିକାଶ କ୍ଷେତ୍ରରେ ରାଜ୍ୟ ପଛୁଆ'

■ କଂଗ୍ରେସର ଜାଗରଣ ଯାତ୍ରା ସମାବେଶରେ ଆରୋପ

**ରୂପ୍‌ସା, ୫।୧୦(ଡି.ଏନ.ଏ.)**



ଓଡ଼ିଶା ଜାଗରଣ ଯାତ୍ରା ସମାବେଶରେ କଂଗ୍ରେସର ନେତୃବୃନ୍ଦ।

ବିକାଶ କ୍ଷେତ୍ରରେ ଓଡ଼ିଶା ପଛୁଆ। ୬୦ଲକ୍ଷ ଓଡ଼ିଆ ଯୁବକ ଅନ୍ୟ ରାଜ୍ୟକୁ ଯାଇ ଗୁଜରାଣ ମେଣ୍ଟାଉଛନ୍ତି। ବେକାରି ସମସ୍ୟା ବଢ଼ି ଚାଲିବା ସହ ଚାଷୀଙ୍କ ଅର୍ଥନୈତିକ ବିକାଶ ନାହିଁ। ମହିଳାଙ୍କୁ ସୁରକ୍ଷା ଯୋଗାଇବାରେ ମଧ୍ୟ ସରକାର ବିଫଳ। ୪୦ ପ୍ରତିଶତ ଲୋକଙ୍କର ସାମଗ୍ରିକ ଉନ୍ନତି ହୋଇନାହିଁ। ବାଲେଶ୍ୱରରେ ଧାନ, ପାନ ଓ ମୀନ ଚାଷୀଙ୍କର ଆର୍ଥିକ ଅବସ୍ଥା ଶୋଚନୀୟ। କେନ୍ଦ୍ରର ଉପା ସରକାରଙ୍କ ସମୟରେ ଓଡ଼ିଶାରେ ପ୍ରଣୀତ ବିଭିନ୍ନ ଯୋଜନାର ନାମ ପରିବର୍ତ୍ତନ କରି ରାଜ୍ୟ ସରକାର କେବଳ ବାହାବା ନେଉଛନ୍ତି। ଜନସାଧାରଣଙ୍କ ସହଯୋଗରେ ପୁଣି କେନ୍ଦ୍ର ଓ ରାଜ୍ୟରେ କଂଗ୍ରେସ ସରକାର ଗଢ଼ିବ ବୋଲି ମୁଖ୍ୟଅତିଥି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ଜାଗରଣ ଯାତ୍ରା ସମାବେଶରେ ଉଦ୍‌ବୋଧନ ଦେଇ କହିଛନ୍ତି।

ବାଲେଶ୍ୱର ସଦର ବ୍ଲକ ଆଙ୍ଗୋ ପଞ୍ଚାୟତ ଅଫିସ ନିକଟରେ ୨୮ନଂ ଜୋନ୍‌ସ୍ତରୀୟ ଏକ ବିକାଶ ସମାବେଶ ଶୁକ୍ରବାର ଆୟୋଜିତ ହୋଇଥିଲା। ଏଥିରେ ଜିଲା ସଭାପତି ଶରତ ରାଜ ପୌରୋହିତ୍ୟ କରିଥିଲେ। ପୂର୍ବତନ କେନ୍ଦ୍ରମନ୍ତ୍ରୀ ଶ୍ରୀକାନ୍ତ ଜେନା, ପ୍ରଚାର କମିଟି ଅଧ୍ୟକ୍ଷ ଭକ୍ତଚରଣ ଦାସ, ପିସିସି କାର୍ଯ୍ୟକାରୀ ସଭାପତି ଚିରଞ୍ଜୀବ ବିଶ୍ୱାଳ ଯୋଗଦେଇ ଉପା ସରକାରଙ୍କ ଅମଳରେ ଖାଦ୍ୟ ସୁରକ୍ଷା ଆଇନ, ଭତ୍ତା ପ୍ରଦାନ, ଇନ୍ଦିରା ଆବାସ ଆଦି ଯୋଜନା ପ୍ରଣୟନ ହୋଇଥିଲା ବୋଲି କହିଥିଲେ।

### ଖଇରାରେ ଖାଉଟି କାର୍ଡ ବଣ୍ଟନ ସମାରୋହ

## ପ୍ରଥମ ପର୍ଯ୍ୟାୟରେ ୧୦୭୫ ପରିବାର ସାମିଲ

**ଖଇରା, ୫।୧୦(ଡି.ଏନ.ଏ)**

ଖଇରା ବ୍ଲକରେ ଓଡିଶା ଖାଦ୍ୟ ସୁରକ୍ଷା ଆଇନରେ ଖାଉଟି କାର୍ଡ ବଣ୍ଟନ ସମାରୋହ ଖଇରା ବ୍ଲକ ପରିସରରେ ଆୟୋଜିତ ହୋଇଯାଇଛି। ବିଡିଓ ମହେଶ ଚୌଧୁରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭଦ୍ରକ ଏମ୍‌ପି ଅର୍ଜୁନ ଚରଣ ସେଠୀ, ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ, ଉପାଧକ୍ଷ ଜୟନ୍ତ ରାଉତ, ଜିଲା ପରିଷଦ ସଦସ୍ୟା ଜୟନ୍ତୀ ମହଲା, ଲୋପାମୁଦ୍ରା ଧର, ସୁଷମା ମହାପାତ୍ର, ପୂର୍ବତନ ବ୍ଲକ ଅଧ୍ୟକ୍ଷ ରମାକାନ୍ତ ମହାନ୍ତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ ଯୋଗାଣ ବିଭାଗ ଅଧିକାରୀ ନିରଞ୍ଜନ ସାହୁ ଖଇରା ବ୍ଲକରେ ମୋଟ ୩୦୩୭ ପରିବାରକୁ ଏହି ଯୋଜନାରେ ସାମିଲ କରାଯାଇଥିବା ସୂଚନା ଦେଇଥିଲେ। ପ୍ରଥମ ପର୍ଯ୍ୟାୟରେ ୧ହଜାର ୭୫ଜଣଙ୍କ କାର୍ଡ ବ୍ଲକକୁ ଆସିଛି। ୬ଶହ ଜଣଙ୍କୁ କାର୍ଡ ବଣ୍ଟନ କରାଯାଇଛି। ବାକି ହିତାଧିକାରୀଙ୍କ ନିକଟକୁ ପଠାଇ ଦିଆଯିବ ବୋଲି କହିଥିଲେ।



ଅତିଥିଙ୍କ ଗହଣରେ କାର୍ଡ ପାଇଥିବା ହିତାଧିକାରୀ।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ନିର୍ଲଜୀ ଲାଉ !**
**ଟେକି ଟାକି ଦେଲେ ଚାଳକୁ ଯାଉ**
**ଡଙ୍କମୋଡ଼ି ପଲ୍ଲବୀ ଥାଉ ।**

ଲାଉ ଡଙ୍କକୁ ସାଧାରଣତଃ ପିଡ଼ା ବା ଚାଳ ଉପରକୁ ଯେତେ ଟେକାଯାଏ ସେ ସେତେ ସତେଜ ହୋଇ ବଢ଼ିଥାଏ । ପରୋକ୍ଷରେ ଯେଉଁ ଲୋକର ମୁହଁକୁ ଲାଜ କି ସରମ ନ ଥାଏ ତାକୁ ଟିକେ ଟେକିଟାକି କରି କହିଦେଲେ ସେ ତାହାକୁ ସତମଣି ଫୁଲି ଉଠୁଥିବାର ଲକ୍ଷ୍ୟ କରାଯାଇଥାଏ । ଅଲାଜୁକ ବା ଲାଜ ସରମ ନ ଥିବା ମହିଳାଙ୍କୁ ଲକ୍ଷ୍ୟରେ ରଖି ଏଭଳି ବ୍ୟଙ୍ଗୋକ୍ତି ପ୍ରକାଶ କରାଯାଇଛି।

**ନେବା ଲୋକ ଦେଇ ଜାଣେ ନାହିଁ,**
**ଦେବା ଲୋକ ନେଇ ଜାଣେ ନାହିଁ ।**

ନେବାଠାରୁ ଦେବାରେ ଅଧିକ ଆନନ୍ଦ ଓ ତୃପ୍ତି ମିଳିଥାଏ । କଥାରେ ଅଛି ନେବା ବା ମାଗିବାଠାରୁ ହୀନ ନାହିଁ କି ଦେବାଠାରୁ ପୁଣ୍ୟ ନାହିଁ । ସାଧାରଣତଃ ଯିଏ ସଦାବେଳେ ଅନ୍ୟଠୁ ନେଇ ଚାଲିଥାଏ ବା ଯାହାର ନବାର ପ୍ରକୃତି ଥାଏ ସିଏ କେବେ କାହାରିକୁ କିଛି ଦେବାକୁ ଭଲ ପାଇ ନ ଥାଏ । ସେହିପରି ଯିଏ ସବୁବେଳେ ଅନ୍ୟକୁ ଦେଇଚାଲିଥାଏ ସିଏ କାହାଠାରୁ ନେବାକୁ ପସନ୍ଦ କରି ନ ଥାଏ । ନେବା ଓ ଦେବା ଲୋକଙ୍କ ମଧ୍ୟରେ ରହିଥିବା ପ୍ରକୃତିଗତ ଅସାମଞ୍ଜସ୍ୟତା ବା ପ୍ରଭେଦତାକୁ ଲକ୍ଷ୍ୟରେ ରଖି ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍‌ଫି ଉଠାଇ balasoreselfie@gmail.com ରେ ଆମର ସେଲ୍‌ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଳବରେ ସାମିଲ ହୁଅନ୍ତୁ।



## ସେଲ୍‌ଫି କର୍ଣ୍ଣର



@ ସୁମା



@ ଅଜିତ

**ସେଲ୍‌ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | balasoreselfie@gmail.com (ନିର୍ବାଚିତ ସେଲ୍‌ଫି ପ୍ରକାଶ ପାଇବ)

ଧରିତ୍ରୀ
DHARITRI
ବାଲେଶ୍ୱର, ଶନିବାର, ୬ ଅକ୍ଟୋବର, ୨୦୧୮



## ସଂକ୍ଷେପରେ

### ବେଆଇନ ଗୋଚାଲାଣ ଘଟଣା: ୩ ଗିରଫ

ଧାମନଗର,୫।୧୦(ଡି.ଏନ.ଏ.): ଭଦ୍ରକ ଜିଲା ଧାମନଗର ବ୍ଲକ ଅସୁରାଳୀ ବଜାରରେ ବେଆଇନ ଗୋଚାଲାଣକୁ ନେଇ ଗଣ୍ଡଗୋଳ ଘଟଣାରେ ଧୂଷୁରୀ ପୋଲିସ ୩ ଜଣଙ୍କୁ ଗିରଫ କରି ଶୁକ୍ରବାର କୋର୍ଟଚାଲାଣ କରିଛି। ସେମାନେ ହେଲେ ଅସୁରାଳୀର ସତ୍ୟବାନ ମଳିକ, ଚନ୍ଦନ କବି ଓ ପ୍ରଭାତ ସାହୁ। ଗୋଚାଲାଣକାରୀଙ୍କୁ ଆକ୍ରମଣ ଅଭିଯୋଗରେ ଧୂଷୁରୀ ଥାନାରେ ୪ ଜଣଙ୍କ ନାମରେ ଏକ ମାମଲା(ନଂ.୧୬୭/୧୮) ରୁଜୁ କରାଯାଇଥିଲା। ଅଭିଯୋଗ ଆଧାରରେ ପୋଲିସ ତଦନ୍ତ ଚଳାଇଥିଲା। ଆଇଆଇସି ରାମ କୁମାର ମୁର୍ମୁ ଅସୁରାଳୀରୁ ଏହି ୩ ଜଣଙ୍କୁ ଗିରଫ କରିଥିଲେ।

### ସ୍ତ୍ରୀଙ୍କୁ ନିର୍ଯାତନା: ସ୍ୱାମୀ ଗିରଫ

ଧାମନଗର,୫।୧୦(ଡି.ଏନ.ଏ.): ଭଦ୍ରକ ଜିଲା ଧାମନଗର ଥାନା ନିକଟରେ ଘରଭଡ଼ା ନେଇ ରହୁଥିବା ଏଲ୍ଆଇସି ଏଜେଣ୍ଟ ରବୀନ୍ଦ୍ର ବିଶ୍ୱାଳଙ୍କୁ ସ୍ତ୍ରୀଙ୍କୁ ନିର୍ଯାତନା ଦେବା ଅଭିଯୋଗରେ ପୋଲିସ ଗିରଫ କରିଛି। ରବୀନ୍ଦ୍ରଙ୍କ ଘର ଭଣ୍ଡାରିପୋଖରୀ ଅଞ୍ଚଳରେ। ବିଭିନ୍ନ ସମୟରେ ମଦ୍ୟପାନ କରି ସେ ସ୍ତ୍ରୀ ରେଣୁବାଳାଙ୍କୁ ମାଡ଼ ମାରିବା ସହ ନିର୍ଯାତନା ଦେଇଆସୁଥିଲେ। ଏନେଇ ରେଣୁବାଳାଙ୍କ ଅଭିଯୋଗକ୍ରମେ ଧାମନଗର ଥାନାରେ ଏକ ମାମଲା(ନଂ.୧୭୦/୧୮) ରୁଜୁ କରାଯାଇ ପୋଲିସ ତଦନ୍ତ କରି ରବୀନ୍ଦ୍ରଙ୍କୁ ଗିରଫ କରିଛି।

### 'ସୁରଭି': ପ୍ରତିଭା ଦେଖାଇଲେ ଛାତ୍ରୀଛାତ୍ର

ପଦ୍ମପୁର, ୫।୧୦(ଡି.ଏନ.ଏ.): ବାସୁଦେବପୁର ବ୍ଲକ ଅଧୀନ ସୁଗୋ ନୋଡାଲ ଉଚ୍ଚ ବିଦ୍ୟାଳୟଠାରେ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। ସୁଗୋ ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାଜକୁମାର ନାୟକ ଏଥିରେ ସଭାପତିତ୍ୱ କରିଥିଲେ। ବ୍ଲକ ଶିକ୍ଷାଧିକାରୀ ରବୀନ୍ଦ୍ର ନାରାୟଣ ମଲିକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରୀଛାତ୍ରଙ୍କ ଅନ୍ତର୍ନିହିତ ପ୍ରତିଭାର ବିକାଶ ପାଇଁ ବିଭିନ୍ନ ପ୍ରତିଯୋଗିତା କରାଯାଇଥିଲା। ଏଥିରେ କୃତୀ ଛାତ୍ରୀଛାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସୁଗୋ ଉଚ୍ଚ ବିଦ୍ୟାଳୟରେ ଚଳିତବର୍ଷ ଦଶମ ଶ୍ରେଣୀରେ ବାସୁଦେବପୁର ବ୍ଲକର ସର୍ବାଧିକ ମାର୍କ ରଖିଥିବା ଛାତ୍ର ସୌମ୍ୟରଞ୍ଜନ ନାୟକଙ୍କୁ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଆଞ୍ଚଳିକ ସାଧନକେନ୍ଦ୍ରର ସଂଯୋଜକ ପ୍ରଣୟ କୁମାର ମହାପାତ୍ର ଓ ପ୍ରଧାନ ଶିକ୍ଷକ ଅନିରୁଦ୍ଧ ଧନୀ କାର୍ଯ୍ୟକ୍ରମରେ ସହାୟତା କରିଥିଲେ।

### ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣିଙ୍କ ଶ୍ରାଦ୍ଧବାର୍ଷିକୀ

ପଦ୍ମପୁର,୫।୧୦(ଡି.ଏନ.ଏ.): ବାସୁଦେବପୁର ବ୍ଲକ ସୁଗୋ ପଞ୍ଚାୟତର ନୀଳମଣି ସ୍ମୃତି ଭବନଠାରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନୀଳମଣି ରାଉତରାୟଙ୍କ ଶ୍ରାଦ୍ଧ ଦିବସ ପାଳିତ ହୋଇଯାଇଛି। ସୁଗୋ ସରପଞ୍ଚ ମାନସୀ ନାୟକ, ସମିତିସଭ୍ୟ କୈଳାସ ଚନ୍ଦ୍ର ଜେନା, ନାଏବ ସରପଞ୍ଚ ରଞ୍ଜିତ ଜେନା ଓ ସମସ୍ତ ୱାର୍ଡସଭ୍ୟ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

### ପତଞ୍ଜଳି ହେଲେ ଉପଭୋକ୍ତା ସମିତିର ରାଜ୍ୟ ଅଧକ୍ଷ

ବନ୍ତ,୫।୧୦(ସ୍ୱ.ପ୍ର.): ବନ୍ତ ପ୍ରେସ୍ କ୍ଲବ ସଭାପତି ତଥା ବରିଷ୍ଠ ଖବରଦାତା ପତଞ୍ଜଳି କରଶର୍ମାଙ୍କୁ ଅନ୍ତଃରାଷ୍ଟ୍ରୀୟ ଉପଭୋକ୍ତା କଲ୍ୟାଣ ସମିତିର ରାଜ୍ୟ



ଅଧକ୍ଷ ଭାବେ ମନୋନୀତ କରାଯାଇଛି। ରାଷ୍ଟ୍ରୀୟ ଅଧକ୍ଷ ଡ. କେପି ଦ୍ୱିବେଦୀ ଶାସ୍ତ୍ରୀ ଦିଲ୍ଲୀସ୍ଥିତ କାର୍ଯ୍ୟାଳୟରେ ପ୍ରେସ୍ ବିଜ୍ଞପ୍ତି ମାଧମରେ ମନୋନୟନ ସମ୍ପର୍କରେ ଘୋଷଣା କରିଥିବା କରଶର୍ମା ସୂଚନା ଦେଇଛନ୍ତି। ରାଜ୍ୟରେ ଖାଉଟି ଅଧିକାର ସମ୍ବଳିତ ଜନସାଧାରଣଙ୍କ ବିଭିନ୍ନ ସମସ୍ୟାର ସମାଧାନ ଦିଗରେ ସମିତି କାମ କରିବ। ମନୋନୟନର ୬୦ ଦିନ ମଧରେ ୨୧ ଜଣିଆ ସମିତି ଗଠନ କରିବାକୁ ନିର୍ଦ୍ଦେଶ ଥିବା ସେ କହିଛନ୍ତି। ଉପଭୋକ୍ତା ସମିତିର ରାଜ୍ୟ ଅଧକ୍ଷ ଭାବେ ସେ ମନୋନୀତ ହୋଇଥିବାରୁ ତାଙ୍କୁ ବନ୍ତ ଅଞ୍ଚଳବାସୀ, ନାଗରିକ ଅଧିକାର ସୁରକ୍ଷା ପରିଷଦ ଓ ପ୍ରେସ୍ କ୍ଲବ ପକ୍ଷରୁ ଅଭିନନ୍ଦନ ଜଣାଯାଇଛି।

# ୧୦୦ ଫୁଟର ଫାଟ: ଧସିଲା ନଦୀବନ୍ଧ

ଆରଡ଼ି, ୫।୧୦(ଡି.ଏନ.ଏ.)



ଧସିଥିବା ବୈତରଣୀ ନଦୀବନ୍ଧ।

■ବନ୍ୟା ଛାଡ଼ିବା ପରେ ବିପତ୍ତି
■ଅସୁରକ୍ଷିତ ନଦୀପାର୍ଶ୍ୱ ଗାଁ
■୪ ପଞ୍ଚାୟତବାସୀ ଚିନ୍ତାରେ

ବନ୍ୟାଜଳ ଛାଡ଼ିବାର କିଛିଦିନ ପରେ ବୈତରଣୀ ନଦୀବନ୍ଧର କେତେକ ସ୍ଥାନରେ ଫାଟ ସୃଷ୍ଟି ହୋଇ ଭୁଶୁଡ଼ିବା ଆରମ୍ଭ କରିଛି। ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକର ଷାଠିବାଙ୍କୁଡାଠାରେ ବୈତରଣୀ ନଦୀବନ୍ଧରେ ପ୍ରାୟ ୧୦୦ ଫୁଟ ଲମ୍ବର ଫାଟ ସୃଷ୍ଟି ହେବା ଯୋଗୁ ଉକ୍ତ ବନ୍ଧ ଏବେ ଅସୁରକ୍ଷିତ ହୋଇପଡିଛି। କେତେକ ସ୍ଥାନରେ ମଧ୍ୟ ବନ୍ଧରୁ ମାଟି ଅତଡ଼ା ଖସିଛି। ଭଦ୍ରକ ପଟେ ଜଳସ୍ରୋତ ମାଡ଼ କରୁଥିବାରୁ କେତେକ ସ୍ଥାନରେ ନୂଆକରି ପଥର ପ୍ୟାକିଂ କରାଯାଇଥିଲା। ବନ୍ୟାଜଳ କମିବା ପରେ ସେଥିରେ ଫାଟ ସୃଷ୍ଟି ହୋଇଥିବା ଦେଖିବାକୁ ମିଳିଛି।ଷାଠିବାଙ୍କୁଡା ନିକଟରେ ନଦୀବନ୍ଧର ସ୍ଥିତି ଆଖପାଖ ୪ ପଞ୍ଚାୟତର ଲୋକଙ୍କ ଚିନ୍ତା ବଢ଼ାଇଛି। ବର୍ଷାଋତୁ ପୂର୍ବରୁ ୮ ମାସ ତଳେ ଏହି ସ୍ଥାନରେ ନଦୀବନ୍ଧ ଧସି ପଡ଼ିଥିଲା। ଏ ନେଇ ଠିକାଦାର ଓ ଗ୍ରାମବାସୀଙ୍କ ମଧ୍ୟରେ ବିବାଦୀୟ ସ୍ଥିତି ସୃଷ୍ଟି ହୋଇଥିଲା। ନିମ୍ନମାନର କାମ ଯୋଗୁ ବନ୍ଧରେ ବାରମ୍ବାର ଫାଟ ସୃଷ୍ଟି ହୋଇ ଦବିଯାଉଥିବା ଅଞ୍ଚଳବାସୀ ଅଭିଯୋଗ କରିଥିଲେ। ସେହିପରି ନଦୀର ଅପରପାର୍ଶ୍ୱରେ ବାଲି ଉଠାଣ ଯୋଗୁ ଭୂସ୍ତରରେ ଫାଟ ସୃଷ୍ଟି ହେଉଥିବା ଏବଂ ବନ୍ଧ ଉପରେ ଶହ ଶହ ବାଲି ବୋଝେଇ ଟ୍ରାକ୍ଟର ଚାଲିବା ବନ୍ଧ ପ୍ରତି ବିପଦ ସୃଷ୍ଟି କରୁଥିବା ଲୋକେ ଦର୍ଶାଇଥିଲେ। ପ୍ରଶାସନ ଗ୍ରାମବାସୀଙ୍କ ଅଭିଯୋଗକୁ ଉପେକ୍ଷା କରି ସ୍ଥାୟୀ ମରାମତି କାର୍ଯ୍ୟ କରୁ ନ ଥିବାରୁ ଓଳଗ, ସୁନ୍ଦରପୁର, ନାନ୍ଦପର, ଆରଡ଼ି ଆଦି ପଞ୍ଚାୟତବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି।

# ଯୋରରୁ କ୍ଷତାକ୍ତ ମୃତଦେହ ଉଦ୍ଧାର

ପଦ୍ମପୁର, ୫।୧୦(ଡି.ଏନ.ଏ.)



ଯୋର ନିକଟରେ ପୋଲିସ ତଦନ୍ତ କରୁଛି।

■ହତ୍ୟା ଅଭିଯୋଗ ଆଣିଲେ ପରିବାର
■ଗାଁରେ ଉତ୍ତେଜନା, ସାଇଣ୍ଟିଫିକ ଟିମ୍‌ର ତଦନ୍ତ
■ଗୁରୁବାର ଗଣ୍ଡଗୋଳ ପରେ ଘରକୁ ଫେରି ନ ଥିଲେ

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଧୀନ ବାଲିମେଦ ପଞ୍ଚାୟତର ଛତରପଦା ଗ୍ରାମ ନିକଟସ୍ଥ ଯୋରରୁ ବ୍ରହ୍ମାନନ୍ଦ ମଳିକ(୨୫) ନାମକ ଜଣେ ଯୁବକଙ୍କ କ୍ଷତାକ୍ତ ମୃତଦେହ ନାୟକାଣିଡିହୀ ଥାନା ପୋଲିସ ଉଦ୍ଧାର କରିଛି। ପୋଲିସ ସାଇଣ୍ଟିଫିକ ଟିମ୍ ସହ ଘଟଣା ସ୍ଥଳରେ ପହଞ୍ଚି ଶୁକ୍ରବାର ସନ୍ଧ୍ୟାରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ତଦନ୍ତ ଚଳାଇଛି। ଏହା ଏକ ସୁଚିନ୍ତିତ ହତ୍ୟାକାଣ୍ଡ ବୋଲି ମୃତ ଯୁବକଙ୍କ ପରିବାର ଅଭିଯୋଗ କରିଛନ୍ତି। ଏନେଇ ପୋଲିସ ଏକ ହତ୍ୟା ମାମଲା (ନଂ.୧୨୪/୧୮) ରୁଜୁ କରିଥିବା ସୂଚନା ଦେଇଛି।

ଶୁକ୍ରବାର ପୂର୍ବାହ୍ନରେ ଛତରପଦା–କୁଆଁଳି ଯୋରର ସ୍ଲୁଇସ ଗେଟ୍‌ଠାରେ ଏକ ମୃତଦେହ ଭାସୁଥିବାର ଗ୍ରାମବାସୀ ଦେଖି ଥାନାକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା। ମୃତକ ବାଲିମେଦ ପଞ୍ଚାୟତ ଛତରପଦା ଗ୍ରାମର ବ୍ରହ୍ମାନନ୍ଦ ମଳିକ ବୋଲି ପରେ ଚିହ୍ନଟ ହୋଇଥିଲା। ପ୍ରାଥମିକ ତଦନ୍ତ ପରେ ପୋଲିସ କହିଛି ଯେ, ବ୍ରହ୍ମାନନ୍ଦ ତାମିଲନାଡୁରେ ରହି କାମ କରୁଥିଲେ। ୨ ଦିନ ତଳେ ଗାଁକୁ ଆସିଥିଲେ। ଗୁରୁବାର ଜଣେ ଯୁବତୀଙ୍କୁ ଫୋନ କରିବା ଘଟଣାକୁ ନେଇ କେତେକ ଯୁବକଙ୍କ ସହ ତାଙ୍କର ବଚସା ହୋଇଥିଲା। ଏହାକୁ ନେଇ ଦୁଇପକ୍ଷ ମଧ୍ୟରେ ମାଡ଼ଗୋଳ ଘଟିଥିଲା। ବ୍ରହ୍ମାନନ୍ଦ ରାତିରେ ଘରକୁ ଫେରି ନ ଥିଲେ। ଶୁକ୍ରବାର ଯୋରରେ ତାଙ୍କ ମୃତଦେହ ଭାସୁଥିବା ଦେଖି ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ପହଞ୍ଚି ମୃତଦେହ ଉଦ୍ଧାର ଉଦ୍ୟମ କଲା ବେଳେ ଗ୍ରାମବାସୀ ବିରୋଧ କରିଥିଲେ। ପୋଲିସର ନିଷ୍କ୍ରିୟତା ବିରୋଧରେ ସେମାନେ ପାଟିତୁଣ୍ଡ କରି ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରାଯାଉ ବୋଲି ଦାବି କରି ମୃତଦେହ ଛାଡି ଦେଇ ନ ଥିଲେ। ନାୟକାଣିଡିହୀ ଥାନାଧିକାରୀ ରତିକାନ୍ତ ଗିରି, ଏଏସ୍‌ଆଇ ଦିଲୀପ କୁମାର ଦେହୁରୀ, ସୁଦର୍ଶନ ପ୍ରଧାନ, ବାସୁଦେବପୁର ଥାନାଧିକାରୀ ଉମାଶଙ୍କର ନାୟକ, ଚୂଡାମଣି ଥାନାଧିକାରୀ ସୁକାନ୍ତି କେରେଇ ପ୍ରମୁଖ ପହଞ୍ଚି ଗ୍ରାମବାସୀଙ୍କୁ ବୁଝାଶୁଝା କରି ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବାରୁ ପରିସ୍ଥିତି ଶାନ୍ତ ପଡ଼ିଥିଲା। ସାଇଣ୍ଟିଫିକ ଟିମ୍ ଉପସ୍ଥିତିରେ ପୋଲିସ ସନ୍ଧ୍ୟା ୫ଟାରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ନାୟକାଣିଡିହୀ ଥାନାରେ ବ୍ରହ୍ମାନନ୍ଦଙ୍କ ମା' ଶାନ୍ତିଲତାଙ୍କ ଅଭିଯୋଗ କ୍ରମେ ପୋଲିସ ମାମଲା ରୁଜୁ କରି ଅଧିକ ତଦନ୍ତ ଚଳାଇଛି।

### ୩ ଜିଲାର ପ୍ରାଣୀ ଚିକିତ୍ସକଙ୍କୁ ନେଇ କର୍ମଶାଳା

ଭଦ୍ରକ ଅଫିସ, ୫।୧୦

ଶୁକ୍ରବାର ହୋଟେଲ ବ୍ଲୁଭାଇନ ପରିସରରେ ୩ଟି ଜିଲାର ପ୍ରାଣୀ ଚିକିତ୍ସକଙ୍କୁ ନେଇ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଭଦ୍ରକ, କେନ୍ଦୁଝର ଓ ବାଲେଶ୍ୱର ପ୍ରାଣୀ ଚିକିତ୍ସାଧିକାରୀମାନେ ଏଥିରେ ଯୋଗଦେଇଥିଲେ। ବର୍ତ୍ତମାନ ପ୍ରାଣୀଙ୍କ କ୍ଷେତ୍ରରେ ଦେଖାଦେଇଥିବା ରୋଗ ଓ ଏହାର ଚିକିତ୍ସା ପଦ୍ଧତି ସମ୍ପର୍କରେ ଆଲୋଚନା କରାଯାଇଥିଲା। ମୁଖ୍ୟଅତିଥି ଭାବେ ଭଦ୍ରକ ଜିଲା ପ୍ରାଣୀ ଚିକିତ୍ସାଧିକାରୀ ଡା. ହାଡିବନ୍ଧୁ ରଣସିଂ ଓ ଅନ୍ୟତମ ଅତିଥି ଭାବେ ପୂର୍ବତନ ସିଡିଭିଓ ଡା. ମାଧବାନନ୍ଦ ବେହେରା, ଡା. ଭବାନୀ ମହାପାତ୍ର ଯୋଗଦେଇଥିଲେ। ଇନ୍‌ଟାସ ଔଷଧ ନିର୍ମାଣ କମ୍ପାନୀର ନର୍ଥଇଷ୍ଟ ଜୋନ୍ ମୁଖ୍ୟ କାର୍ଯ୍ୟନିର୍ବାହୀ ହୃଷୀକେଶ କୁମାର ପ୍ରାଣୀଙ୍କ କ୍ଷେତ୍ରରେ ଦେଖାଦେଉଥିବା ବିଭିନ୍ନ ରୋଗ ଓ ତାହାର ଚିକିତ୍ସା ପ୍ରଣାଳୀ ସମ୍ପର୍କରେ ଉପସ୍ଥିତ ପ୍ରାଣୀ ଚିକିତ୍ସକଙ୍କୁ ପରାମର୍ଶ ଦେଇଥିଲେ। ସହଯୋଗୀ ଡା. ନରେଶ କୁଲକର୍ଣ୍ଣୀ, ମଳୟ କବାଟ, ଜ୍ୟୋତିପ୍ରକାଶ ବେହେରା, ଜୟନ୍ତ ସାହୁ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାଣୀ ଚିକିତ୍ସାରେ ନୂତନ ଦିଗନ୍ତକାରୀ ଔଷଧ ବିଷୟରେ ଆଲୋଚନା କରାଯାଇଥିଲା। ଭଦ୍ରକ ମୁଖ୍ୟ ପ୍ରାଣୀ ଚିକିତ୍ସାଳୟର ଡା. ରାଜେଶ କୁଅଁର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ନାଆଁମୀ ମହାବିଦ୍ୟାଳୟ: ସଭାପତି ପଦ ପାଇଁ ତ୍ରିମୁଖୀ ଲଢେଇ

ଭଣ୍ଡାରିପୋଖରୀ,୫।୧୦(ଡି.ଏନ.ଏ.) ଛାତ୍ରସଂସଦ ନିର୍ବାଚନ ପାଇଁ ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମଞ୍ଜୁରିରୋଡସ୍ଥିତ ନାଆଁମୀ ମହାବିଦ୍ୟାଳୟ କ୍ୟାମ୍ପସ ସରଗରମ ହେବାରେ ଲାଗିଛି। ପ୍ରାର୍ଥୀମାନେ ନିଜ ନିଜ ସପକ୍ଷରେ ଭୋଟ ପାଇବା ଲାଗି ଉଦ୍ୟମ ଜାରି ରଖିଛନ୍ତି। ମୋଟ ୮ ପଦବୀ ପାଇଁ ୧୭ ପ୍ରତିଯୋଗୀ ନିର୍ବାଚନ ଲଢୁଛନ୍ତି। ଛାତ୍ର ସଂସଦ ସଭାପତି ପଦ ପାଇଁ ଗାୟତ୍ରୀ ବାରିକ, ରାଜେଶ କୁମାର ମଲିକ ଓ ଆଦିତ୍ୟ ନାରାୟଣ ପଣ୍ଡାଙ୍କ ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦ୍ୱିତା ହେଉଛି। ସାଧାରଣ ସମ୍ପାଦକ ପଦବୀ ପାଇଁ ରଜତ ମହାକୁଡ ଓ ରେଣୁବାଳା ଜେନା ପରସ୍ପରକୁ କଡ଼ା ଟକ୍କର ଦେଉଛନ୍ତି। ପ୍ରାର୍ଥୀମାନେ କେଉଁ ଦଳରୁ ପ୍ରତିନିଧିତ୍ୱ କରୁଛନ୍ତି ତାହା ସ୍ପଷ୍ଟ କରୁ ନ ଥିବାବେଳେ ମହାବିଦ୍ୟାଳୟର ବହୁବିଧ ସମସ୍ୟା, ଭିତ୍ତିଭୂମି ବିକାଶ ପ୍ରସଙ୍ଗ ଉପସ୍ଥାପନ କରି ପ୍ରଚାର କରୁଛନ୍ତି। କେତେକ ପ୍ରାର୍ଥୀ ଛାତ୍ରୀଛାତ୍ରଙ୍କ ଘରକୁ ଯାଇ ମଧ୍ୟ ପ୍ରଚାର ଆରମ୍ଭ କରିଥିବା କୁହାଯାଉଛି।

# ପଲିଥିନମୁକ୍ତ ଓ ସ୍ୱଚ୍ଛତା ଅଭିଯାନ

ଭଦ୍ରକ ଅଫିସ, ୫।୧୦ ଭଦ୍ରକ ଜିଲା ଜଳଙ୍ଗା ଗାୟତ୍ରୀ ଶକ୍ତିପୀଠ, ଶାନ୍ତିଧାମ ଆନୁକୂଲ୍ୟରେ ଗାନ୍ଧୀ ଜୟନ୍ତୀ ଅବସରରେ ଜିଲା ଗାୟତ୍ରୀ ପରିବାର ଦ୍ୱାରା ପଲିଥିନମୁକ୍ତ ଓ ସ୍ୱଚ୍ଛତା ଅଭିଯାନ ଅନୁଷ୍ଠିତ ହୋଇଥିଲା। ଜଳଙ୍ଗା ଗ୍ରାମର ଆଦିବାସୀ ସାହି ଓ ଜଳଙ୍ଗା ଦୁର୍ଗା ମଣ୍ଡପଠାରେ ଏହି କାର୍ଯ୍ୟକ୍ରମ କରାଯାଇଥିଲା। ଆଦିବାସୀ ସାହି ରାସ୍ତାର ଦୁଇପାର୍ଶ୍ୱରେ ଥିବା ଅଳିଆ ଆର୍ବଜନାକୁ ସଫା କରାଯାଇ ବ୍ଲିଚିଂ ପାଉଡର ଦ୍ୱାରା ବିଶୋଧନ କରାଯାଇଥିଲା। ଏହାସହ ଗ୍ରାମବାସୀଙ୍କୁ ନିଃଶୁଳ୍କରେ କପଡା ବ୍ୟାଗ୍ ବଣ୍ଟନ କରାଯାଇଥିଲା। ଟ୍ରଷ୍ଟି କେଦାରନାଥ ମହାପାତ୍ର ପଲିଥିନ୍‌ର ଅପକାରିତା ସମ୍ପର୍କରେ ଲୋକଙ୍କୁ ସଚେତନ କରାଇବା ସହ ଏହାକୁ ବର୍ଜନ କରିବାକୁ ଅନୁରୋଧ କରିଥିଲେ। ଗାୟତ୍ରୀ ଶକ୍ତିପୀଠର ମୁଖ୍ୟ ଟ୍ରଷ୍ଟି ନୃସିଂହ ଚରଣ ତରାଇ, ସମନ୍ୱୟ କମିଟିର ସହସଂଯୋଜକ କରୁଣାକର ସାମଲ, ପରିବ୍ରାଜକ ଉମାକାନ୍ତ ସାହୁ, ଉତ୍ତମ ଘଡେଇ, ଶାନ୍ତିଲତା ସାମଲ, ପଦ୍ମାବତୀ ସାମଲ, ପ୍ରହଲ୍ଲାଦ ବେହେରା, ପଦ୍ମଲୋଚନ ସାମଲ, ମାୟାଧର ଘଡେଇ, ବାବାଜି ଜେନା ପ୍ରମୁଖ ଅଭିଯାନରେ ସାମିଲ ହୋଇଥିଲେ। ଶକ୍ତିପୀଠର ବ୍ୟବସ୍ଥାପକ ପ୍ରକାଶ ରଞ୍ଜନ ବେହେରା ଏଥିରେ ସହଯୋଗ କରିଥିଲେ।

# ରକ୍ତଦାନ ପାଇଁ 'ଅଖିଳ ଭାରତୀୟ ଦୁଃଖୀ ସମାଜ' ପୁରସ୍କୃତ



ଭଦ୍ରକ ଅଖିଳ ଭାରତୀୟ ସମାଜ କର୍ମକର୍ତ୍ତାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ଭଦ୍ରକ ଅଫିସ, ୫।୧୦

ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ଭଦ୍ରକର ଅଖିଳ ଭାରତୀୟ ଦୁଃଖୀ ସମାଜ ସଙ୍ଗଠନ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଆୟୋଜିତ ଜାତୀୟ ସ୍ୱେଚ୍ଛାକୃତ ରକ୍ତଦାନ ଦିବସରେ ପୁରସ୍କୃତ ହୋଇଛି। ଭୁବନେଶ୍ୱରସ୍ଥିତ ଜୟଦେବ ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ସମାରୋହରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ, ଆଇନ, ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ ପ୍ରତାପ ଜେନା ଅଖିଳ ଭାରତୀୟ ଦୁଃଖୀ ସମାଜର ସଭାପତି ହାଜୀ ମନାଓ୍ୱର ହୋସେନ, ସମ୍ପାଦକ ଇଂ. ରେଜାଏ ରସୁଲ, ଡା. କମାଲ ଖାନ୍, ଇଂ. ହବିବୁଲ୍ଲା ଖାଁ, ଇଂ. ମୁଖ୍‌ତାର ଅହେମଦ ରସିଦ ଓ ମୋଜୋ ଖାଁଙ୍କୁ ପୁରସ୍କାର ସହ ଟ୍ରଫି ପ୍ରଦାନ କରିଥିଲେ। ପରିବାର କଲ୍ୟାଣ ବିଭାଗ ଶାସନ ସଚିବ ଡା. ବି.କେ. ବ୍ରହ୍ମା ଏବଂ ରକ୍ତ ସଞ୍ଚାରଣ ପରିଷଦର ନିର୍ଦ୍ଦେଶକ ଡା. ଦୀପକ କୁମାର ଦାସ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ୨୦୧୭ରେ ସାନସରକାର ବାବା ଓରଫ୍ ସୈୟଦ ଶାହା ଓସିମ ଅଖ୍‌ତର କାଦରୀଙ୍କ ଜନ୍ମଦିନ ଉପଲକ୍ଷେ ଏହି ସଙ୍ଗଠନ ପ୍ରତିବର୍ଷ ଭଳି ଜାନୁୟାରୀ ୨୪ରେ ରକ୍ତଦାନ ଶିବିର ଆୟୋଜନ କରି ୭୪୫ ୟୁନିଟ୍ ରକ୍ତଦାନ କରିଥିଲା। ଏଥିପାଇଁ ସଙ୍ଗଠନକୁ ପୁରସ୍କୃତ କରାଯାଇଛି। ଏହି ପରିପ୍ରେକ୍ଷୀରେ ଭଦ୍ରକରେ ଏକ ମ୍ୟାଚିସ୍ ଫ୍ୟାକ୍ଟ୍ରି ପରିସରରେ ସ୍ୱତନ୍ତ୍ର ଉତ୍ସବ ଆୟୋଜନ କରାଯାଇ ମୁସ୍‌ଲିମ ଜମାତର ସଭାପତି ହାଜୀ ଅବ୍‌ଦୁଲ ବାରୀ ସଙ୍ଗଠନର ରକ୍ତଦାତା ତଥା ପରିଚାଳନା କର୍ମକର୍ତ୍ତାଙ୍କୁ ସଫଳତା ପାଇଁ ଅଭିନନ୍ଦନ ଜଣାଇଥିଲେ। ଉଲ୍ଲେଖନୀୟ ଯେ, ୧୯୭୫ରୁ ପ୍ରତିବର୍ଷ ଅକ୍ଟୋବର ୧ ତାରିଖକୁ ସ୍ୱେଚ୍ଛାକୃତ ରକ୍ତଦାନ ଦିବସ ଭାବେ ପାଳନ କରାଯାଉଛି। ବହୁ ରକ୍ତଦାତା ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଆସୁଛନ୍ତି।

# 'ଶିଶୁ ସୁରକ୍ଷାକୁ ପ୍ରାଥମିକତା ଦିଆଯାଉ'

ବାସୁଦେବପୁର,୫।୧୦(ଡି.ଏନ.ଏ.) ଭଦ୍ରକ ଚାଇଲ୍ଡଲାଇନ ଓ ଆସିଆନାର ମିଳିତ ସହଯୋଗରେ ଚୂଡାମଣି ରାଜୀବ ଗାନ୍ଧୀ ସେବାକେନ୍ଦ୍ରରେ ଶିଶୁ ସୁରକ୍ଷା ସଚେତନତା କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଚୂଡାମଣି ସରପଞ୍ଚ ଦମୟନ୍ତୀ ମହାପାତ୍ର ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଶିଶୁଙ୍କ ସୁରକ୍ଷା ପ୍ରତ୍ୟେକ ବ୍ୟକ୍ତିଙ୍କ ପ୍ରାଥମିକ ଦାୟିତ୍ୱ ଏବଂ କର୍ତ୍ତବ୍ୟ ବୋଲି ସେ ମତବ୍ୟକ୍ତ କରିଥିଲେ। ଅନ୍ୟତମ ଅତିଥି ଭାବେ ଚୂଡାମଣି ସମିତିସଭ୍ୟଙ୍କ ପ୍ରତିନିଧି ଭାଗୀରଥି ସାମଲ, ଶାଶୁଭୁଆସୁଣୀ ସରପଞ୍ଚ ପ୍ରତିନିଧି ଶରତ ମଳିକ ଯୋଗଦେଇଥିଲେ। ନିରଞ୍ଜନ ସେଠୀ, କାଉନ୍‌ସିଲର ଅସୀମା ନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଭାଜପାର ଜନଜାଗରଣ ଯାତ୍ରା

ଭଣ୍ଡାରିପୋଖରୀ,୫।୧୦(ଡି.ଏନ.ଏ.)

ଓଡ଼ିଶାକୁ ଆୟୁଷ୍ମାନ ଭାରତ ଯୋଜନାରେ ସାମିଲ ପାଇଁ ଭାଜପାର ଭଣ୍ଡାରିପୋଖରୀ ଶାଖା ପକ୍ଷରୁ ଜନଜାଗରଣ ଯାତ୍ରା ଚାଲୁ ରହିଛି। ଭାଜପା ନିର୍ବାଚନ ମଣ୍ଡଳୀ ନେତା ବଦ୍ରିନାରାୟଣ ଧଳଙ୍କ ନେତୃତ୍ୱରେ ସୁବର୍ଣ୍ଣମୁଖୀ ମଣ୍ଡଳର ବିଭିନ୍ନ ସ୍ଥାନରେ ପଥପ୍ରାନ୍ତ ସଭା ଓ ଦସ୍ତଖତ ଅଭିଯାନ କରାଯାଇଛି। ୨୨ ନମ୍ବର ଜିଲା ପରିଷଦ ଜୋନର ପୁରିପଡାସ୍ଥିତ ଶନିମନ୍ଦିର ପ୍ରାଙ୍ଗଣରୁ ଅଭିଯାନ ଆରମ୍ଭ ହୋଇଥିଲା। ଆୟୋଜିତ ସଭାରେ ମଣ୍ଡଳ ସଭାପତି ପ୍ରଦୀପ କୁମାର ସାହୁ ସଭାପତିତ୍ୱ କରିଥିଲେ। ଏହି ଜୋନର ଛତାବର, କୁଲଣା, ମଞ୍ଜୁରିରୋଡ ଓ ଛୁଆଁଣା ବଜାରଠାରେ ଅନୁଷ୍ଠିତ ସଭାରେ ବଦ୍ରିନାରାୟଣ ଧଳ ସମଗ୍ର ଭାରତ ବର୍ଷରେ ଓଡ଼ିଆ ଲୋକଙ୍କୁ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମାଗଣା ସ୍ୱାସ୍ଥ୍ୟସେବାରେ ରାଜ୍ୟ ସରକାର ପ୍ରତିବନ୍ଧକ ସାଜିଛନ୍ତି ବୋଲି ଅଭିଯୋଗ କରିଥିଲେ। ଏହି ଅଭିଯାନ ଜରିଆରେ ଭଣ୍ଡାରିପୋଖରୀରୁ ୧ ଲକ୍ଷ ଦସ୍ତଖତ ସଂଗ୍ରହ କରାଯାଇ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରାଯିବ ବୋଲି ସେ ସୂଚନା ଦେଇଥିଲେ। ବସନ୍ତ ରାଉତ, ସୂର୍ଯ୍ୟମଣି ରାଉତ, ଅଜୟ ପାତ୍ର, ପ୍ରକାଶ ମହାପାତ୍ର, ପ୍ରଫୁଲ୍ଲ ସାହୁ, ପ୍ରଦ୍ୟୁମ୍ନ ସେନାପତି, କୈଳାସ ସାହୁ, ତରଣୀସେନା ପଣ୍ଡା, ରୁକ୍ମଣୀ ଦାସ, ତପସ୍ୱିନୀ ମହାପାତ୍ର, ପ୍ରଦୀପ ପାଢୀ, ଶରତ ଜେନା, ଜୟନ୍ତୀ ମାଝୀ ପ୍ରମୁଖ ଯୋଗଦେଇଥିଲେ।

# ସଡ଼କ ନିରାପତ୍ତା ନେଇ ବୈଠକ

ଭଣ୍ଡାରିପୋଖରୀ, ୫।୧୦(ଡି.ଏନ.ଏ.) ଭଣ୍ଡାରିପୋଖରୀସ୍ଥିତ ଶାରଦା ବିଦ୍ୟାମନ୍ଦିରରେ ଅଧ୍ୟୟନରତ ଛାତ୍ରୀଛାତ୍ରଙ୍କ ଯାନବାହନରେ ଯାତାୟାତ ନିରାପତ୍ତା ନେଇ ଅଭିଭାବକ ଓ ଶିକ୍ଷକଙ୍କ ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଆଚାର୍ଯ୍ୟ ଶରତ ଚନ୍ଦ୍ର ମହାପାତ୍ର ପୌରୋହିତ୍ୟ କରିଥିଲେ। ମୋଟର ଯାନରେ ବିଦ୍ୟାମନ୍ଦିରକୁ ଯାତାୟାତ କରିବା ସମୟରେ ସମସ୍ତ ଧାର୍ଯ୍ୟ ନିୟମାବଳୀକୁ ପାଳନ କରିବା, ଶିକ୍ଷକ ଓ ଅଭିଭାବକ ସମନ୍ୱୟ କମିଟି ମାଧ୍ୟମରେ ସମସ୍ତ ସମସ୍ୟାର ସମାଧାନ ପାଇଁ ନିଷ୍ପତ୍ତି ହୋଇଥିଲା। ଅଚ୍ୟୁତାନନ୍ଦ ସାମଲ, ନିର୍ମଳ ଚନ୍ଦ୍ର ସେନାପତି, ଦୁର୍ଯ୍ୟୋଧନ ଲେଙ୍କା, ବିଦ୍ୟାଧର ପରିଡ଼ା, ସୁଧାଂଶୁ ଶେଖର ଧଳ, ପ୍ରକାଶ ଷଡ଼ଙ୍ଗୀ ପ୍ରମୁଖ ମତ ରଖିଥିଲେ।

# ନା ଅଛି ବେଣା, ନା କାଇଁଶ ହସ୍ତଶିଳ୍ପ

ଚାନ୍ଦବାଲି, ୫।୧୦(ଡି.ଏନ.ଏ.)
ଅଶୋକ ପଣ୍ଡା



କାଇଁଶରୁ ତିଆରି ସାମଗ୍ରୀ।

■କୃଷି ସଂସ୍କୃତି ଉପରେ ଭାରିପଡିଛି ଆଧୁନିକ ଚାଷ
■ଚାହିଦା ଥିଲେ ବି ମିଳୁନି କାଇଁଶରୁ ପ୍ରସ୍ତୁତ ସାମଗ୍ରୀ

ଚାଷଜମିରେ ଉଠୁଥିବା ଏକ ପ୍ରଜାତିର ଘାସ 'ବେଣା'। ଏହାର ବିଜ୍ଞାନ ନାମ କ୍ରାଇସୋପୋଗନ ଜିଜାନୋଇଡିସ୍(ଭର୍ଟିଭେରା)। ଓଡ଼ିଶା ସମେତ ଭାରତର ବିଭିନ୍ନ ଅଞ୍ଚଳରେ ବେଣା ଘାସ ଦେଖାଯାଇଥାଏ। ପାଟ ଜମିରେ ହିଡ଼ବାଡ଼ରେ ବେଣାଗଛ ଭଲ ବଢିଥାଏ। ଏଥିରୁ ବାହାରୁଥିବା ସରୁ କାଣ୍ଡ ସଦୃଶ କାଇଁଶରୁ ଚାଷୀମାନେ ଆଗରୁ ବିଭିନ୍ନ ଘରକରଣା ସାମଗ୍ରୀ ପ୍ରସ୍ତୁତ କରୁଥିଲେ। ଏହା ଏକପ୍ରକାର କୁଟିର ଶିଳ୍ପ ପାଲଟିଥିଲା। ବର୍ଷାଋତୁରେ ଚାଷୀମାନେ ବେଉଷଣ କାମ ସାରିବା ପରେ ଜମି ହିଡ଼ରୁ କାଇଁଶ ସଂଗ୍ରହ କରିଥାନ୍ତି ଓ ତାଙ୍କ ପରିବାରର ଝିଅବୋହୂ ସେଥିରୁ ଫୁଲ ଚାଙ୍ଗୁଡି, ଡାଟ, ମାଣ, ଭୋଗଡାଲା, ଫରୁଆ, ବିଞ୍ଚଣା, ମାଣ ଆଦି ଘରକରଣା ଜିନିଷ ତିଆରି କରୁଥିଲେ। ଏ ସବୁକୁ ଅଧିକ ଆକର୍ଷଣୀୟ କରିବା ଲାଗି ସେଥିରେ ଲାଲ୍, ନୀଳ, ଶାଗୁଆ ରଙ୍ଗ ବ୍ୟବହାର କରାଯାଉଥିଲା। କାଇଁଶ ଫୁଲକୁ କାଟି 'ଝାଡୁ 'କରାଯାଉଥିଲା। କାଇଁଶରୁ ପ୍ରସ୍ତୁତ ସାମଗ୍ରୀ ବହୁଦିନ ତିଷ୍ଠି ରହୁଥିବାରୁ ଏହାର ଭଲ ଚାହିଦା ଥିଲା। ଏହାକୁ ଉଇ କିମ୍ବା ଅନ୍ୟ କୀଟ ଖାଇ ନଷ୍ଟ କରିପାରି ନ ଥାଆନ୍ତି । ଆଗରୁ କାଇଁଶ ପ୍ରସ୍ତୁତ ସାମଗ୍ରୀକୁ ହାଟ ବଜାରର ବେପାରୀ ଓ ଗ୍ରାହକଙ୍କୁ ବିକ୍ରି କରାଯାଉଥିଲା। ବର୍ତ୍ତମାନ ଗ୍ରାମାଞ୍ଚଳରେ କାଇଁଶ ଉପକରଣର ଚାହିଦା ଥିଲେ ବି ଆଗଭଳି ଆଉ ମିଳୁନାହିଁ । ଚାଷୀଙ୍କୁ ରୋଜଗାର ସାଧନ ଯୋଗାଉଥିବା ଏହି ହସ୍ତଶିଳ୍ପ ଏକପ୍ରକାର ବୁଡିଗଲାଣି। ଆଧୁନିକ କୃଷି ଢାଞ୍ଚାକୁ ଚାଷୀମାନେ ଆପଣାଇବା ପରଠାରୁ ନା ଦେଖିବାକୁ ମିଳୁଛି ବେଣା ଘାସ ନା କାଇଁଶ ଉପକରଣ।

ବର୍ତ୍ତମାନ ଚାଷଜମିରେ ଟ୍ରାକ୍ଟର ଓ ପାୱାରଟିଲର ବ୍ୟବହାର ହେଉଥିବାରୁ ବେଣା ଘାସ ପ୍ରାୟତଃ ଲୋପ ପାଇଗଲାଣି ବୋଲି କହନ୍ତି ବଡ଼ସିଂହପୁର ଗାଁର ଚାଷୀ ଭାସ୍କର ବେରା। ଶାରଦୀୟ ଋତୁରେ ପରିବେଶର ଶୋଭା ବଢ଼ାଉଥିବା କାଇଁଶ ଗଛ ଭାଦ୍ରବ ମାସ ବେଳକୁ କେଶର ଉଡାଇଥାଏ। ଆଶ୍ୱିନରେ ଏହା ପାକଳ ହୋଇ ଅମଳଯୋଗ୍ୟ ହୋଇଥାଏ । ପାକଳ ହେଲେ କାଇଁଶ ହଳଦୀ ବର୍ଣ୍ଣ ଦିଶେ। ଏବେ କାଁ ଭାଁ ଅଳ୍ପ କେତେକ ସ୍ଥାନରେ କାଇଁଶ ଗଛ ଦେଖିବାକୁ ମିଳୁଛି। ଚଷାଖଣ୍ଡ ଗାଁର ନୀଳେନ୍ଦ୍ରି ସାମଲ କହିଛନ୍ତି, ଏକଦା କୃଷି ସଂସ୍କୃତିରେ କାଇଁଶର ଗୁରୁତ୍ୱ ରହିଥିଲା। କାଇଁଶ ହସ୍ତଶିଳ୍ପ ବୁଡିଯିବାକୁ ବସିଥିଲେ ବି ଏଥିପ୍ରତି କାହାରି ନିଘା ନାହିଁ । ବୈଜ୍ଞାନିକ ପଦ୍ଧତିରେ ବେଣା ଚାଷ କରିବା ସକାଶେ ଏଯାଏ ମଧ୍ୟ କୌଣସି ଉଦ୍ୟମ କରାଯାଇନାହିଁ ।

ଭଦ୍ରକ ଜିଲାର ଚାନ୍ଦବାଲି ଅଞ୍ଚଳରେ ବାଂଲାଦେଶୀ ଶରଣାର୍ଥୀମାନେ ବିଗତ କିଛି ବର୍ଷ ଧରି କାଇଁଶ ସଂଗ୍ରହ କରି ଏଥିରୁ ବିଭିନ୍ନ ସାମଗ୍ରୀ ପ୍ରସ୍ତୁତ କରି ବିକ୍ରି କରୁଥିଲେ। ବାହାଘର ଭଳି ସାମାଜିକ କର୍ମକର୍ମାଣିରେ କାଇଁଶ ସାମଗ୍ରୀକୁ ଉପହାର ରୂପେ ଦିଆଯାଉଥିଲା। କାଇଁଶ ଫୁଲଡାଲାର ଚାହିଦା ଏବେ ବି ନିଆରା। ଗାଁଗଣ୍ଡା ଲୋକଙ୍କ ଘରେ ଆଜିକାଲି କାଇଁଶ ତିଆରି ପୁରୁଣା ଉପକରଣ ସୁରକ୍ଷିତ ଥିବା ଦେଖିବାକୁ ମିଳେ। ଏ ସମ୍ପର୍କରେ ସହକାରୀ କୃଷି ଅଧିକାରୀ ଉଦୟଭାନୁ ସାହୁ କହିଛନ୍ତି, ଟ୍ରାକ୍ଟର ଓ ପାୱାରଟିଲର ଦ୍ୱାରା ଜମି ଚାଷ କରାଯିବା ଓ ଘାସବିଷ ପ୍ରୟୋଗ ଫଳରେ ବେଣାଜାତୀୟ ଘାସ ପ୍ରଭାବିତ ହୋଇଛି। କାଇଁଶ ଉତ୍ପାଦନ ହ୍ରାସ ଯୋଗୁ ଏଥିରୁ ପ୍ରସ୍ତୁତ ସାମଗ୍ରୀ କ୍ରମେ ଦୁର୍ଲଭ ହୋଇଯାଉଛି।

## ସଂକ୍ଷେପରେ

### ଗୋଟିଏ ଦିନରେ ୩ ଘରୁ ଚୋରି

**ଉଦଳା,୫।୧୦ (ଡି.ଏନ.ଏ.):** ଉଦଳା ଏନଏସି ସ୍ଥିତ ୧୨ ନଂ ୱାର୍ଡରେ ଶୁକ୍ରବାର ଦିନ ଦ୍ୱିପ୍ରହରରେ ତିନି ଗୋଟି ଘରୁ ଚୋରି ହୋଇଥିବା ଲିଖିତ ଅଭିଯୋଗ ହୋଇଛି। ପୋଲିସ ତଦନ୍ତ ଆରମ୍ଭ କରିଥିଲେ ବି ଚୋରଙ୍କ ସୁରାକ ପାଇ ନ ପାରି ସାଇଣ୍ଟିଫିକ୍ ଟିମ୍‌ର ସହାୟତା ନେଇଛି । ୧୨ ନଂ ୱାର୍ଡ ଜ୍ୟୋତିନଗରରରେ ରହୁଥିବା ଅଧାପକ ଅଗଣୀ ଚରଣ ପଣ୍ଡା, ଅଧାପକ କବୀର ଦାସ ମହାପାତ୍ର ଏବଂ ରଣଜିତ୍ ବିଶ୍ୱାଳଙ୍କ ବାସଭବନରୁ ଦୁର୍ବୃତ୍ତମାନେ ଝରକା ଏବଂ ଗ୍ରୀଲ୍ ଭାଙ୍ଗି ଚୋରି କରିଥିବା ପୋଲିସ୍ କହିଛି । ଏହି ଚୋରିରେ ଲକ୍ଷାଧିକ ଟଙ୍କାର ସୁନାଅଳଙ୍କାର ଲୁଟ୍ ହୋଇଛି ।

### ସାପ କାମୁଡାରେ ମହିଳା ମୃତ

**ଉଦଳା,୫।୧୦ (ଡି.ଏନ.ଏ.):** ଉଦଳା ଥାନା ଅଧାନରେ ଟଣକାସାହି ଗ୍ରାମର ଜଣେ ଚୈତନ୍ୟ ବେଜଙ୍କ ସହଧର୍ମିଣୀ ଅଞ୍ଜନା (୪୫)ଙ୍କର ସାପ କାମୁଡା ଯୋଗୁ ମୃତ୍ୟୁ ହୋଇଛି। ଅଞ୍ଜନା ନିଜ ଘର ବାଡିରେ କାମ କରୁଥିବା ବେଳେ ଏକ ଗୋଖର ସାପ ତାଙ୍କର ବାମ ହାତରେ ଚୋଟ ମାରିଥିଲା। ପରିବାର ଲୋକେ ଚିକିତ୍ସା ନିମନ୍ତେ ତାଙ୍କୁ ଉଦଳା ଡାକ୍ତରଖାନା ଓ ପରେ ବାରିପଦା ଡାକ୍ତରଖାନା ନେଉଥିଲେ। ହେଲେ ବାଟରେ ତାଙ୍କ ମୃତ୍ୟୁ ହୋଇଥିଲା। ବାରିପଦା ପୋଲିସ୍ ପକ୍ଷରୁ ଶବ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି ।

### ୧୬୦ ପ୍ରକଳ୍ପ ପାଇଁ ୫ କୋଟି ମଞ୍ଜୁର

**ଯଶିପୁର, ୫।୧୦ (ଡି.ଏନ.ଏ.):** ମୟୂରଭଞ୍ଜ ଜିଲା ଯଶିପୁର ବ୍ଲକ ପାଇଁ 'ଆମ ଗାଁ ଆମ ବିକାଶ କାର୍ଯ୍ୟକ୍ରମ' ଯଶିପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସର ଖେଳ ପଡିଆରେ ଅନୁଷ୍ଠିତ ହୋଇଯାଇଛି । ଯଶିପୁର ବିଧାୟକ ମଙ୍ଗଲ ସିଂ ମୁଦି, ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ତୁଷାରକାନ୍ତି ମହାନ୍ତି, କରଞ୍ଜିଆ ଉପଜିଲାପାଳ ଶରତ ଚନ୍ଦ୍ର ପୁରୋହିତ, ଯଶିପୁର ବ୍ଲକ ଭାରପ୍ରାପ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ବାବାଜୀ ଚରଣ ନାଏକ, ଏସ୍.ଡି.ପି.ଓ. ନାରାୟଣ ନାୟକ ପ୍ରମୁଖ ଏହି ଅବସରରେ ଉପସ୍ଥିତ ଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଭିଡିଓ କନଫରେନ୍ସ ମାଧମରେ ବ୍ଲକର ବିଭିନ୍ନ ଗ୍ରାମର ବିକାଶ ନିମନ୍ତେ ୫ କୋଟି ଟଙ୍କା ବ୍ୟୟରେ ୧୬୦ ଟି ପ୍ରକଳ୍ପକୁ ଅନୁମୋଦନ କରିଥିଲେ ।

### ଶମ୍ବର ମାଂସ ଜବତ, ୩ ଗିରଫ

**କପ୍ତିପଦା,୫।୧୦(ଡି.ଏନ୍.ଏ):** କପ୍ତିପଦା ରେଞ୍ଜ ଅଧିନ ଶିମିଳିପାଳ ଅଭୟାରଣ୍ୟ ପୋଡାଡିହା ସେକ୍ସନର ଦଲକି ନାଳ ନିକଟରୁ ଶୁକ୍ରବାର ବନ କର୍ମଚାରୀ ଶମ୍ବର ମାଂସ ଜବତ କରିଛନ୍ତି। ଏହାକୁ ନେଇ ବାଇକ୍‌ରେ ଯାଉଥିବା ୩ଜଣଙ୍କୁ ଗିରଫ କରାଯାଇଛି। ଗିରଫ୍ ଅଭିଯୁକ୍ତମାନେ ହେଲେ କପ୍ତିପଦା ଥାନା ଅଧିନ ହିଲବ୍ଲକ୍ ଗ୍ରାମର ଗିରିଶ ଚନ୍ଦ୍ର ଟୁଡୁ, ମହେନ୍ଦ୍ର ଟୁଡୁ ଏବଂ ହାତିମଡା ଗ୍ରାମର ସାଗୁରାମ ଟୁଡୁ। ଅଭିଯୁକ୍ତମାନେ ଶମ୍ବର ମାଂସ ଧରି ଯାଉଥିବା ବେଳେ ପାଟ୍ରୋଲିଂ କରୁଥିବା ବନ କର୍ମଚାରୀଙ୍କ ହାବୁଡରେ ପଡିଥିଲେ।

### ୪୮ ୟୁନିଟ୍ ରକ୍ତ ସଂଗ୍ରହ

**ବାରିପଦା ଅଫିସ,୫।୧୦:** ମଧୁବନ ଉନ୍ନୟନ ପରିଷଦ ପକ୍ଷରୁ ଗାନ୍ଧୀଙ୍କ ଜନ୍ମବାର୍ଷିକ ଅବସରରେ ସମ୍ପାଦକ ବିକ୍ରମ କେଶରୀ ଜେନା ଓ ଇଏନ୍‌ଟି ବିଶେଷଜ୍ଞ ଡ. ବି.ଏନ. ଦାସଙ୍କ ପ୍ରତ୍ୟକ୍ଷ ପରିଚାଳନାରେ ଏକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବାରୁଣୀ ରୋଡ୍‌ସ୍ଥିତ କେମିଷ୍ଟ ଓ ଡ୍ରଗିଷ୍ଟ ଆସୋସିଏଶନ ହଲ୍‌ଠାରେ ଅନୁଷ୍ଠିତ ଏହି ଶିବିରକୁ ବାରିପଦା ପୌର ପରିଷଦ ନିର୍ବାହୀ ଅଧିକାରୀ ମନୋଜ ଦାଶ ଉଦ୍‌ଘାଟନ କରିଥିଲେ। ଏଥିରେ ଜିଲା ଜରୁରିକାଳୀନ ଅଧିକାରୀ ସୁଜୟ କୁମାର ପତି, ବାରିପଦା ପୌର ପରିଷଦର ପୂର୍ବତନ ଅଧକ୍ଷ କୃଷ୍ଣାନନ୍ଦ ମହାନ୍ତି, ଜିଲା ରେଡ୍‌କ୍ରସ ସହସମ୍ପାଦକ ଅମର ସେଠୀ ଓ ମୟୂରଭଞ୍ଜ ବିପର୍ଯ୍ୟୟ ପରିଚାଳନା ଅଧିକାରୀ ସଞ୍ଜୟ ମହାପାତ୍ର ବିଶେଷ ଅତିଥି ଭାବେ ଯୋଗଦେଇଥିଲେ। ଏହି ଶିବିରରେ ମୋଟ ୪୮ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ଏଥିରେ ମଧୁବନ ଉନ୍ନୟନ ପରିଷଦ ଉପସଭାପତି ରଘୁନାଥ ପଣ୍ଡା, ଉଦୟନାଥ ଜେନା, ରବୀନ୍ଦ୍ର ନାଥ ନାୟକ, ପୂର୍ଣ୍ଣଚନ୍ଦ୍ର ଦାସ, ରଞ୍ଜନ କୁମାର ପାତ୍ର, ପ୍ରଦୀପ କୁମାର ରାଉତ, ଡ. ଯୋଗେନ୍ଦ୍ର ନାଥ ପଣ୍ଡା, ପ୍ରଦୀପ୍ତ କିଶୋର ସାମଲ, ସୁଶାନ୍ତ କୁମାର ସାମଲ ପ୍ରମୁଖ ସାମିଲ ଥିଲେ।

# 'ଜାହିରା' ବିକାଶ ଦାବିରେ ତାତିଲେ ଆଦିବାସୀ

**କପ୍ତିପଦା,୫।୧୦(ଡି.ଏନ୍.ଏ)**



ଜାହିରା ବିକାଶ ଦାବିରେ ମହିଳାମାନେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି ।

- ୧୯ ନମ୍ବର ଜାତୀୟ ରାଜପଥ ଅବରୋଧ
- ରାସ୍ତାକୁ ଓହ୍ଲାଇଲେ ଶତାଧିକ ମହିଳାପୁରୁଷ
- ଦାବିକୁ ଗୁରୁତ୍ୱ ଦିଆ ନ ଗଲେ ଆନ୍ଦୋଳନ ଚେତାବନୀ

କପ୍ତିପଦା ବ୍ଲକ୍ ଅଧିନ ଲାବଣ୍ୟଦେଇପୁର ପଞ୍ଚାୟତ ଅଧୀନ ୩ଟି ସାହିରେ ଜାହିରା ପୀଠର ବିକାଶ ଓ ନୂତନ ଠାକୁରାଣୀ ଗୃହ ନିର୍ମାଣ ନିମନ୍ତେ ଦୀର୍ଘ ଦିନ ହେଲା ଦାବି ହୋଇଆସୁଛି। ହେଲେ ପ୍ରଶାସନ ତରଫରୁ ଏନେଇ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ଶତାଧିକ ଆଦିବାସୀ ମହିଳାପୁରୁଷ ଶୁକ୍ରବାର ରାସ୍ତାକୁ ଓହ୍ଲାଇଛନ୍ତି। ସେମାନେ ୧୯ ନମ୍ବର ଜାତୀୟ ରାଜପଥ, କପ୍ତିପଦା ବାଲେଶ୍ୱର ଗୋଲେଇ ଛକରେ ପହଞ୍ଚି ରାସ୍ତାରୋକୋ କରିଥିଲେ । ଖୁବ୍ ଶୀଘ୍ର ସେମାନଙ୍କ ଦାବି ସମାଧାନ ନିମନ୍ତେ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନକାରୀ ଉଠିଯାଇଥିବା ଜଣାଯାଇଛି।

କପ୍ତିପଦା ବ୍ଲକ୍ ଅଧିନ ଲାବଣ୍ୟଦେଇପୁର ପଞ୍ଚାୟତ ଧାନଚତୁରୀ, ମାହାରାସାହି ଓ ଚତୁରୀସାହିରେ ଜାହିରା ପୀଠର ବିକାଶ ଓ ନୂତନ ଠାକୁରାଣୀ ଗୃହ ନିର୍ମାଣ ଦାବୀ ଦୀର୍ଘ ଦିନ ହେଲା ହୋଇଆସୁଛି। ବାରମ୍ବାର ଅଭିଯୋଗ ପରେ ମଧ କୌଣସି ପଦକ୍ଷେପ ନିଆଯାଉ ନ ଥିବାରୁ ସେମାନଙ୍କର ଧାର୍ମିକ ଭାବନା ସହିତ ଖେଳା ଯାଉଥିବା ଆନ୍ଦୋଳନକାରୀ ମହିଳା କହିଛନ୍ତି। ଆଦିବାସୀଙ୍କ ଉନ୍ନତି ପାଇଁ ଜିଲାରେ ଆଦିବାସୀ ଉନ୍ନୟନ ପରିଷଦ ଗଠନ କରାଯାଇଥିଲେ ହେଁ ସେମାନଙ୍କ ଦାବୀ ପ୍ରତି ଗୁରୁତ୍ୱ ଦିଆଯାଉ ନାହିଁ । ଉନ୍ନୟନ ପରିଷଦ ମାଧ୍ୟମରେ ଏହି ସବୁ କାମ କରାଯାଉଥିବା ବେଳେ ତାଙ୍କ ଦାବୀ କେହି ଶୁଣୁ ନାହାନ୍ତି । ଏଥିରେ ଅସନ୍ତୁଷ୍ଟ ଥିବା ୩ ସାହିର ପ୍ରାୟ ୩ଶହରୁ ଉର୍ଦ୍ଧ୍ୱ ମହିଳାପୁରୁଷ ଶୁକ୍ରବାର ଏକତ୍ରିତ ହୋଇ ଏହି ଆନ୍ଦୋଳନ କରିଛନ୍ତି।

ଧାନଚତୁରୀ ନିକଟବର୍ତ୍ତୀ ହୁଡିସାହିରେ ସେମାନଙ୍କର ୨ଶହ ବର୍ଷର ପୁରୁଣା ଜାହିରା ଥିବା ବେଳେ ସେଠାରେ ୨୦୧୨ ମସିହାରେ ବାଳିକା ଆଶ୍ରମ ବିଦ୍ୟାଳୟ ପ୍ରତିଷ୍ଠା କରାଯାଇଛି । ତତ୍କାଳୀନ ଆଇଟିଡିଏ ଅଧିକାରୀ ଅନ୍ୟତ୍ର ଏକ ସ୍ଥାନରେ ସେମାନଙ୍କ ଜାହିରା ପ୍ରତିଷ୍ଠା ନିମନ୍ତେ ପ୍ରତିଶ୍ରୁତି ଦେଇଥିଲେ ହେଁ ଅଦ୍ୟାବଧି ତାହା ପୂରଣ କରାଯାଇ ନାହିଁ। ଫଳରେ ଦୀର୍ଘ ଦିନ ହେବ କୁହୁଳୁଥିବା ଆଦିବାସୀ ସମ୍ପ୍ରଦାୟ ଲୋକେ ସବୁ ଆଡୁ ନିରାଶ ହେବା ପରେ ଶୁକ୍ରବାର ରାସ୍ତାକୁ ଓହ୍ଲାଇଛନ୍ତି। ଖବରପାଇ କପ୍ତିପଦା ଥାନାଧିକାରୀ ନଳିନୀକାନ୍ତ ମହାପାତ୍ର ଘଟଣାସ୍ଥଳରେ ପହଞ୍ଚି ସେମାନଙ୍କ ସହିତ ଆଲୋଚନା କରି ଦାବୀ ସମ୍ପର୍କରେ ତହସିଲଦାର ଓ ଆଇଟିଡିଏ ପି.ଏଙ୍କୁ ଅବଗତ କରିଥିଲେ । ଖୁବ୍ ଶୀଘ୍ର ଦାବି ପୂରଣ ନିମନ୍ତେ ପ୍ରତିଶ୍ରୁତି ମିଳିବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ଏହା ପରେ ସେମାନଙ୍କର ଏକ ପ୍ରତିନିଧି ଦଳ କପ୍ତିପଦା ତହସିଲଦାର ଓ ଉଦଳା ଆଇଟିଡିଏ ପି.ଏଙ୍କୁ ଦାବୀପତ୍ର ଦେଇଥିଲେ । ପ୍ରଶାସନ ପକ୍ଷରୁ ଯଦି ସେମାନଙ୍କର ଦାବୀ ପ୍ରତି ଗୁରୁତ୍ୱ ଦିଆ ନ ଯାଏ ତେବେ ଆଗାମୀ ଦିନରେ ଏହା ଏକ ବଡ ଆନ୍ଦୋଳନର ରୂପ ନେବ ବୋଲି ସେମାନେ ପ୍ରକାଶ କରିଛନ୍ତି ।

## ଝାଡ଼ାବାନ୍ତିରେ ଆକ୍ରାନ୍ତ ଯୁବକଙ୍କ ମୃତ୍ୟୁ

**ବଡ଼ସାହି,୫।୧୦(ସ୍ୱ.ପ୍ର)**

ବଡ଼ସାହି ଥାନା ଅଧୀନ ବାଥୁଡିବନ୍ଧ ଗ୍ରାମର ବିନୋଦ ନାଏକ(୪୦)ଙ୍କ ବଡ଼ସାହି ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ହୋଇଛି। ଝାଡାବାନ୍ତିରେ ଆକ୍ରାନ୍ତ ହେବାରୁ ପରିବାର ଲୋକେ ତାଙ୍କୁ ଗୁରୁବାର ରାତିରେ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶୁକ୍ରବାର ତାଙ୍କ ମୃତ୍ୟୁ ହୋଇଛି। ହେଲେ ମୃତକଙ୍କ ପରିବାର ପକ୍ଷରୁ ଚିକିତ୍ସାରେ ଅବହେଳା ପାଇଁ ପୁଅର ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। । ଏ ସମ୍ପର୍କରେ ଭାରପ୍ରାପ୍ତ ଚିକିତ୍ସାଧିକାରୀ ଡାକ୍ତର ନାରାୟଣ ବେହେରା କୁହନ୍ତି, ଚିକିତ୍ସାରେ କୌଣସି ପ୍ରକାର ଅବହେଳା କରାଯାଇ ନାହିଁ । ମୃତକ ଜଣକ ମାସକ ପୂର୍ବରୁ ଛାତରୁ ଖସିପଡି ଗୁରୁତର ଥିଲେ । ତେବେ ହୃଦଘାତ ଜନିତ କାରଣରୁ ଏପରି ଘଟଣା ଘଟିଥାଇ ପାରେ ବୋଲି ସେ କହିଛନ୍ତି। ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନାହିଁ । ବଡ଼ସାହି ବିଧାୟକ ଗଣେଶ୍ୱର ପାତ୍ର ଓ କଂଗ୍ରେସ ଯୁବ ନେତା ଶଶାଙ୍କ ଶେଖର କର ବଡ଼ସାହି ଡାକ୍ତରଖାନାରେ ପହଞ୍ଚି ଶୋକାକୁଳ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

# ଛାତ୍ରୀଛାତ୍ର, ଅଭିଭାବକଙ୍କ ବିକ୍ଷୋଭ

**କପ୍ତିପଦା,୫।୧୦(ଡି.ଏନ.ଏ)**


ବିଦ୍ୟାଳୟ ସମ୍ମୁଖରେ ଅଭିଭାବକ, ଛାତ୍ରୀଛାତ୍ର ପ୍ରତିବାଦ କରୁଛନ୍ତି ।

- ଲକ୍ଷ୍ମୀନାରାୟଣ ମ.ଇ. ବିଦ୍ୟାଳୟରେ ଅବ୍ୟବସ୍ଥା
- ୭୫ ପିଲାଙ୍କ ପାଇଁ ଗୋଟିଏ ଶ୍ରେଣୀ ଗୃହ
- ଛାତ୍ରାବାସ ପରିଚାଳନାରେ ତ୍ରୁଟି
- ପ୍ରତିକାର ନ ହେଲେ ତାଲା ଝୁଲିବ

କପ୍ତିପଦା ବ୍ଲକ୍ ଅଧିନ ଅସନବଣୀ ଗଡିଆପାଳସ୍ଥିତ ଲକ୍ଷ୍ମୀନାରାୟଣ ମ.ଇ ବିଦ୍ୟାଳୟରେ ଆବଶ୍ୟକ ଶ୍ରେଣୀଗୃହ ନ ଥିବାରୁ ପିଲାଙ୍କ ପାଠପଢା ଘୋର ବାଧାପ୍ରାପ୍ତ ହେଉଛି। ପାଠ ପଢା ସହିତ ଛାତ୍ରାବାସ ପରିଚାଳନାରେ ଅବ୍ୟବସ୍ଥା ଯୋଗୁ ଦୀର୍ଘ ଦିନ ହେଲା ଅଭିଭାବକଙ୍କ ମଧ୍ୟରେ ଅସନ୍ତୋଷ ମୁଣ୍ଡ ଟେକିଛି । ଶୁକ୍ରବାର ଅସନ୍ତୁଷ୍ଟ ଗ୍ରାମବାସୀ, ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଓ ବିଦ୍ୟାଳୟ ପରିଚାଳନା କମିଟିର ସଦସ୍ୟାସଦସ୍ୟ ବିଦ୍ୟାଳୟ ସମ୍ମୁଖରେ ପହଞ୍ଚି ପ୍ରତିବାଦ କରିଛନ୍ତି । ଏଥିରେ ପିଲାମାନେ ମଧ ସାମିଲ ହୋଇଛନ୍ତି। ସମସ୍ୟା ସମାଧାନ ଖୁବ ଶୀଘ୍ର କରା ନ ଗଲେ ଆଗାମୀ ଦିନରେ ବିଦ୍ୟାଳୟରେ ଅନିର୍ଦ୍ଦିଷ୍ଟ ଦିନ ପାଇଁ ତାଲା ପଡିବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

ଲକ୍ଷ୍ମୀନାରାୟଣ ମ.ଇ ବିଦ୍ୟାଳୟରେ ଷଷ୍ଠ ସପ୍ତମ ଓ ଅଷ୍ଟମ ଶ୍ରେଣୀରେ ୭୫ଜଣ ଛାତ୍ରୀଛାତ୍ର ପାଠ ପଢୁଛନ୍ତି । ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଛାତ୍ରାବାସରେ ୨୫ ଜଣ ରହୁଛନ୍ତି । ସେମାନଙ୍କ ପାଇଁ ଗୋଟିଏ ପ୍ରକୋଷ୍ଠ ଥିବା ବେଳେ ସମସ୍ତ ପିଲା ସେଠାରେ ବସି ପାଠ ପଢୁଥିବାରୁ ପାଠପଢା ବାଧାପ୍ରାପ୍ତ ହେଉଛି। ସେହିପରି ବିଗତ କେତେ ମାସ ହେବ କୌଣସି ଶିକ୍ଷକ ଛାତ୍ରାବାସ ଦାୟିତ୍ୱ ନେବା ପାଇଁ ରାଜି ନ ହେବାରୁ ଅଚଳାବାସ ସୃଷ୍ଟି ହୋଇଛି । ଏ ସଂକ୍ରାନ୍ତରେ ଶୁକ୍ରବାର ଅତିଷ୍ଠ ଗ୍ରାମବାସୀ ନ ବିଦ୍ୟାଳୟ ସମ୍ମୁଖରେ ପହଞ୍ଚି ହୋ ହଲ୍ଲା କରିବାରୁ ଉତ୍ତେଜନା ପ୍ରକାଶ ପାଇଥିଲା । ପିଲାମାନେ ମଧ ସ୍କୁଲ ବାହାରକୁ ଆସି ଆନ୍ଦୋଳନରେ ସାମିଲ ହୋଇ ରାସ୍ତାରେ ବସିଥିଲେ। ଖବର ପାଇଁ ନୁଦୁଡିହା ଫାଣ୍ଡି ଅଧିକାରୀ ଓ ଅତିରିକ୍ତ ଶିକ୍ଷାଧିକାରୀ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀ ଓ ପ୍ରଧାନଶିକ୍ଷକଙ୍କ ସହିତ ଆଲୋଚନା କରିଥିଲେ । ବ୍ଲକ୍ ଅତିରିକ୍ତ ଶିକ୍ଷାଧିକାରୀ ଶନିବାର ସୁଦ୍ଧା ଛାତ୍ରାବାସ ସମସ୍ୟାର ସମାଧାନ କରିବା ସହିତ ବିଦ୍ୟାଳୟରେ ନୂତନ ପ୍ରକୋଷ୍ଠ ପାଇଁ ଆଲୋଚନା କରିବେ ବୋଲି ପ୍ରତିଶୃତି ଦେଇଛନ୍ତି । ନଚେତ ବିଦ୍ୟାଳୟରେ ଅନିର୍ଦ୍ଦିଷ୍ଟ ଦିନ ପାଇଁ ତାଲା ପଡିବ ବୋଲି ଗ୍ରାମବାସୀ କହିଛନ୍ତି । ଏ ସଂକ୍ରାନ୍ତରେ ସେମାନେ ଏକ ଦାବୀ ପତ୍ର କପ୍ତିପଦା ବ୍ଲକ୍ ଶିକ୍ଷାଧିକାରୀଙ୍କୁ ପ୍ରଦାନ କରିଛନ୍ତି । ଏ ସଂକ୍ରାନ୍ତରେ ପ୍ରଧାନଶିକ୍ଷକ ମାନସ ମଲିକ୍‌ଙ୍କୁ ପଚାରିବାରୁ, ଶନିବାର ବି.ଇ.ଓ ବିଦ୍ୟାଳୟକୁ ଆସି ସମସ୍ୟାର ସମାଧାନ କରିବେ ବୋଲି କହିଛନ୍ତି ।

## ଲାଞ୍ଚ ନେଲା ବେଳେ ଭିଜିଲାନ୍ସ ଚଢ଼ାଉ ଥାନାଧିକାରୀଙ୍କ ସମେତ ୨ ଗିରଫ

**କପ୍ତିପଦା,୫।୧୦(ଡି.ଏନ୍.ଏ)**

ଥାନାରେ ଅଟକ ଥିବା ଏକ ବାଇକ୍‌କୁ ଛାଡି ଦେବା ପାଇଁ ୫ ହଜାର ଟଙ୍କା ଲାଞ୍ଚ ନେବା ବେଳେ ମୟୂରଭଞ୍ଜ ଜିଲା କପ୍ତିପଦା ବ୍ଲକ୍ ଶରତ ଥାନା ଅଧିକାରୀ ଘନଶ୍ୟାମ ମଲିକଙ୍କୁ ଭିଜିଲାନ୍ସ ଟିମ୍ ଗିରଫ କରିଛି। ଏଥିରେ ତାଙ୍କୁ ସହଯୋଗ କରୁଥିବା ଓଏପି ଫୋର୍ସ ଡମ୍ବରୁଧର ମୁର୍ମୁ ମଧ ଗିରଫ ହୋଇଛନ୍ତି। ଥାନାଧିକାରୀଙ୍କ ନିକଟରୁ ଲାଞ୍ଚ ଟଙ୍କା ଜବତ ପରେ ଏନେଇ ବାଲେଶ୍ୱର ଭିଜିଲାନ୍ସ ବିଭାଗରେ କେସ୍ ନଂ (୪୩/୧୮)ରେ ଏକ ମାମଲା ରୁଜୁ କରାଯାଇଛି। ଶନିବାର ଉଭୟଙ୍କୁ କୋର୍ଟଚାଲାଣ କରାଯିବ ବୋଲି ଭିଜିଲାନ୍ସ ପକ୍ଷରୁ ସୂଚନା ଦିଆଯାଇଛି।

ବାଲେଶ୍ୱର ଜିଲା ନୀଳଗିରି ଥାନା ଅଧୀନ ନିରିଗିନି ଗ୍ରାମର ରାଜେନ୍ଦ୍ର ନାୟକ ଗତ ମାସ ୧୨ ତାରିଖରେ ନିଜ ବାଇକ୍‌ରେ ମୟୂରଭଞ୍ଜ ଜିଲାର ଶରତ ଅଞ୍ଚଳକୁ ଆସିଥିଲେ । ପୋଲିସ ପକ୍ଷରୁ ଶରତରେ ଯାନବାହନ ଯାଞ୍ଚ କରାଯାଉଥିବାରୁ ସେ ପୋଲିସ ହାବୁଡରେ ପଡିଥିଲେ। ହେଲେ ଗାଡିର ଆବଶ୍ୟକ କାଗଜପତ୍ର ଦେଖାଇ ନ ପାରିବାରୁ ଥାନାଧିକାରୀ ତାଙ୍କ ଗାଡିଟିକୁ ଅଟକ ରଖିଥିଲେ। ୫ ହଜାର ଟଙ୍କା ଦେଲେ ଗାଡି ଫେରାଯିବ ବୋଲି କୁହାଯିବାରୁ ରାଜେନ୍ଦ୍ର ଭିଜିଲାନ୍ସ ବିଭାଗର ଦ୍ୱାରସ୍ଥ ହୋଇଥିଲେ । ବାଲେଶ୍ୱର ଭିଜିଲାନ୍ସ ଏସପିଙ୍କ ନିର୍ଦ୍ଦେଶକ୍ରମେ ବାଲେଶ୍ୱର, ଭଦ୍ରକ ଓ ବାରିପଦା ଭିଜିଲାନ୍ସ ଟିମ୍ ଚଢାଉ ଲାଗି ଯୋଜନା ପ୍ରସ୍ତୁତ କରିଥିଲା । ପୂର୍ବ ପ୍ରସ୍ତୁତି ଅନୁସାରେ ଶୁକ୍ରବାର ଅପରାହ୍ନରେ ରାଜେନ୍ଦ୍ର ଗାଡି ନେବାକୁ ଆସି ଥାନାଧିକାରୀଙ୍କୁ ୫ ହଜାର ଟଙ୍କା ଲାଞ୍ଚ ଦେଇଥିଲେ। ଏଥିରେ ଓଏପି ଫୋର୍ସ ଡମ୍ବରୁଧର ଥାନାଧିକାରୀଙ୍କୁ ସହଯୋଗ କରିଥିଲେ। ଉକ୍ତ ସମୟରେ ଛପି ରହିଥିବା ଭିଜିଲାନ୍ସ ଅଧିକାରୀ ଓ କର୍ମଚାରୀ ଚଢାଉ କରି ଲାଞ୍ଚ ଟଙ୍କା ଉଦ୍ଧାର କରି ଉଭୟଙ୍କୁ ଗିରଫ କରିଥିଲେ। ପରେ ସେମାନଙ୍କୁ ବାରିପଦା ଭିଜିଲାନ୍ସ କାର୍ଯ୍ୟାଳୟକୁ ନିଆଯାଇଥିବା ଭିଜିଲାନ୍ସ ଟିମ୍ ସୂଚନା ଦେଇଛନ୍ତି।

# ବନ୍ୟପ୍ରାଣୀ ସପ୍ତାହ: ୪ ବର୍ଷରେ ବଢ଼ିଛି ହାତୀ ସଂଖ୍ୟା

**ବାରିପଦା ଅଫିସ,୫।୧୦**

ମୟୂରଭଞ୍ଜ ଜିଲା ବନ ବିଭାଗ ପକ୍ଷରୁ ୬୪ତମ ବନ୍ୟପ୍ରାଣୀ ସପ୍ତାହ ବାରିପଦା ବନଖଣ୍ଡ କାର୍ଯ୍ୟାଳୟ ପରିସରସ୍ଥ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଶିମିଳିପାଳ ବ୍ୟାଘ୍ର ସଂରକ୍ଷଣ ପ୍ରକଳ୍ପର ଉପକ୍ଷେତ୍ର ନିର୍ଦ୍ଦେଶକ ଯଜ୍ଞଦତ୍ତ ପତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆରସିସିଏଫ ଶଶୀ ପାଲ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ । 'ବ୍ୟାଘ୍ର ଏବଂ ଅନ୍ୟାନ୍ୟ ଜୀବଜନ୍ତୁଙ୍କ ସୁରକ୍ଷା' ଶୀର୍ଷକ ଆଲୋଚନାଚକ୍ରରେ ନିଜର ମତ ରଖିଥିଲେ। ଏହି ଅବସରରେ ଶହେବର୍ଷ ମଧ୍ୟରେ ଭାରତ ବର୍ଷରେ ବାଘ ସଂଖ୍ୟା ୧ଲକ୍ଷରୁ ଅଧିକ ଥିବା ବେଳେ ବର୍ତ୍ତମାନ ୪ ହଜାରରେ ପହଞ୍ଚିଛି। ସେହିପରି ୧୦୦ବର୍ଷ ମଧ୍ୟରେ ହାତୀ ସଂଖ୍ୟା। ମଧ କମିଛି। ତେବେ ବିଗତ ୪ ବର୍ଷ ମଧ୍ୟରେ ବାଘ ସଂଖ୍ୟା ଓଡ଼ିଶାରେ ବୃଦ୍ଧି ପାଉଥିବା ଲକ୍ଷ୍ୟ କରାଯାଉଛି ବୋଲି ଆଲୋଚନା ହୋଇଥିଲା। ଏହାଛଡା ଶିମିଳିପାଳ ଜଙ୍ଗଲରେ ସରକାରୀ ଭାବେ ୨୯ଟି ବାଘ ଥିବା ବେଳେ ବର୍ତ୍ତମାନ ୪୦ ଥିବା ଆକଳନ କରାଯାଉଛି ବୋଲି ଆଲୋଚନା ହୋଇଥିଲା। ଏହାଛଡା ବର୍ତ୍ତମାନ ସ୍ଥିତିରେ ଜଙ୍ଗଲ ନଷ୍ଟ ହେବାକୁ ବସିଛି। ଏଣୁ ଗଛ ଲଗାଇବାକୁ ହେବ ବୋଲି ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଜିଲା ଆରକ୍ଷୀ ଅଧୀକ୍ଷକ ଅବିନାଶ କୁମାର, ଡିଏଫ୍‌ଓ ରାଇରଙ୍ଗପୁର କୁଲନ୍ଦେ ଗୋରକ ଅମାନ, ବନ୍ୟପ୍ରାଣୀ ତତ୍ତ୍ୱାବଧାରକ ପ୍ରଦୀପ୍ତ କୁମାର କବି ପ୍ରମୁଖ ଯୋଗଦେଇଥିଲେ। ତେବେ ଏହି ଅବସରରେ ଜଙ୍ଗଲ ଓ ପରିବେଶ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ଆଣିଥିବା କରଞ୍ଜିଆ ସବ୍‌ଡିଭିଜନ ଅନ୍ତର୍ଗତ ଠାକୁରମୁଣ୍ଡା ଅଞ୍ଚଳର ଶରତ କୁମାର ତ୍ରିପାଠୀ ଏବଂ ବାରିପଦା ସବ୍‌ଡିଭିଜନର ନୀଳକଣ୍ଠ ମହାନ୍ତଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାରମ୍ଭରେ ବାରିପଦା ବନଖଣ୍ଡର ଏସିଏଫ୍ ଦିଲୀପ କୁମାର ବାରିକ ସ୍ୱାଗତ ଭାଷଣ ଦେଇଥିଲେ।

## ବିଜେଡିର ଜନସମ୍ପର୍କ ପଦଯାତ୍ରା

**କୋଷ୍ଟା, ୫।୧୦**

ବିଜେଡି ପକ୍ଷରୁ ଅକ୍ଟୋବର ୨ରୁ ନଭେମ୍ବର ୨ ପର୍ଯ୍ୟନ୍ତ ଅନୁଷ୍ଠିତ ହେଉଥିବା ଜନସମ୍ପର୍କ ପଦଯାତ୍ରା ମୟୂରଭଞ୍ଜ ଜିଲା ଶୁଳିଆପଦା ବ୍ଲକ ଅନ୍ତର୍ଗତ ବଡ଼ବଇଁଚା ଗ୍ରାମରୁ ଶୁଭାରମ୍ଭ କରାଯାଇଛି । ମୋରଡ଼ା ବିଧାୟକ ତଥା ମୟୂରଭଞ୍ଜ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମି ରାଜଲକ୍ଷ୍ମୀ ଭଞ୍ଜଦେଓ ବଡବଇଁଚା ଗ୍ରାମମୁଣ୍ଡ ଗେଣ୍ଡାଖାଳ ଛକରେ ପହଞ୍ଚି ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ସେଠାରେ ପଞ୍ଚାୟତ କମିଟିର ସଭାପତି ବିନୟାନନ୍ଦ ପଟ୍ଟନାୟକ, ବିଧାୟକଙ୍କ ପ୍ରତିନିଧି ଦିବ୍ୟଲୋଚନ ଦାସ, ମନୋଜ କୁମାର ଦାଁ, ଗୋବିନ୍ଦ ଚନ୍ଦ୍ର ଦାଁ, ସଞ୍ଜୟ ଶେଯପଡା (କଟ), ନୀଳକଣ୍ଠ ମହାନ୍ତ ପ୍ରମୁଖଙ୍କ ସହ ବିଜେଡି କର୍ମୀ, ସ୍ଥାନୀୟ ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟାମାନେ ଉଭୟ ମହାରାଜା ଓ ମହାରାଣୀଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ ସହିତ ନଗର ପରିକ୍ରମା କରିଥିଲେ । ଗ୍ର ଗାଁ ମୁଣ୍ଡରେ ଆୟୋଜିତ ସଭାରେ ବ୍ଲକ ବିଜେଡି ସଭାପତି ପରମାନନ୍ଦ ନାଏକ, ଉପସ୍ଥିତ ଥିଲେ ।

## ଉଦଳା ଉପଜିଲାପାଳଙ୍କ ବାସଭବନ ଛାତ ଭୁଶୁଡିଲା


ଛାତ ଭୁଶୁଡ଼ି ଆଲମାରିଗୁଡିକ କ୍ଷତିଗ୍ରସ୍ତ ହୋଇଛି।

**ଉଦଳା, ୫।୧୦ (ଡି.ଏନ.ଏ.)**

କପ୍ତିପଦା ଉପଖଣ୍ଡର ଉପଜିଲାପାଳଙ୍କ ବାସଭବନର ଛାତ ଶୁକ୍ରବାର ଭୁଶୁଡି ପଡିଛି । ହେଲେ ଉକ୍ତ ସମୟରେ ସେଠାରେ କେହି ବି ଉପସ୍ଥିତ ନ ଥିବାରୁ ଏକ ନିଶ୍ଚିତ ଦୁର୍ଘଟଣାରୁ ବର୍ତ୍ତି ଯାଇଛନ୍ତି। ମାତ୍ର ଏଥିଯୋଗୁ ବହୁ ଆସବାବପତ୍ର ନଷ୍ଟ ହେବା ସହିତ ତିନି ଗୋଟି ଗଡରେଜ୍ ଆଲମାରୀ ଭାଙ୍ଗି ଯାଇଛି। ଉପଜିଲାପାଳ ଭଗବାନ ବେହେରା ସେପ୍ଟେମ୍ବର ୧୨ରେ ନୂତନ ଦାୟିତ୍ୱ ଗ୍ରହଣ କରିଲା ପରେ ଏଠାରେ ରହି ଆସୁଥିଲେ। ମାତ୍ର ପରିବାର ଲୋକେ ଏଠାକୁ ଆସି ନ ଥିବା ଜଣାଯାଇଛି। ଏକ ଅଫିସ୍ କାର୍ଯ୍ୟରେ ସେ ଭୁବନେଶ୍ୱର ଯାଇଥିବା ବେଳେ ଏହି ଘଟଣା ଘଟିଥିବା କହିଛନ୍ତି। ସରକାରୀ ବାସଭବନ ଛାତ ଭୁଶୁଡିବା ସମ୍ପର୍କରେ ପୂର୍ତ୍ତ ବିଭାଗର ଅଧିକାରୀଙ୍କୁ ଯୋଗାଯୋଗ କରିବାରୁ ମୁଁ ନୂଆ ଆସି ଥିବାରୁ କିଛି କହିପାରିବି ନାହିଁ ବୋଲି କହିଛନ୍ତି । ତେବେ ଖୁବଶୀଘ୍ର ନୂତନ କୋଠାଗୃହ ନିର୍ମାଣ ହେବ ବୋଲି ପ୍ରତିଶୃତି ଦେଇଛନ୍ତି ।

■ ବଡ଼ସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟ

# କ୍ୟାମ୍ପସରେ ଜମୁଛି ପ୍ରଚାର

**ବାରିପଦା ଅଫିସ,୫।୧୦**

ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପରେ ଛାତ୍ର ସଂସଦ ନିର୍ବାଚନ ଲାଗି ପ୍ରଚାର ଆରମ୍ଭ ହୋଇଛି। ଏନେଇ କଲେଜ କ୍ୟାମ୍ପସ ସରଗରମ ରହିଛି। ମୟୂରଭଞ୍ଜ ଜିଲା ବଡସାହି ପଞ୍ଚାୟତ ସମିତି ମହାବିଦ୍ୟାଳୟରେ ୮ ପଦବୀ ମଧ୍ୟରୁ ୬ ପଦବୀରେ ଜଣେ ଲେଖାଏ ପ୍ରାର୍ଥୀପତ୍ର ଦାଖଲ କରିଥିବାରୁ ସେମାନେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି। ଛାତ୍ର ସଂସଦ ସଭାପତି ଓ ସାଧାରଣ ସମ୍ପାଦକ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀ ପାଇଁ ନିର୍ବାଚନ ଅନୁଷ୍ଠିତ ହେଉଛି। ସଭାପତି ପଦବୀ ପାଇଁ ହେମନ୍ତ କୁମାର ମହାନ୍ତି ଓ କାର୍ତ୍ତିକ ସାମଲ ଏବଂ ସାଧାରଣ ସମ୍ପାଦକ ପଦବୀ ପାଇଁ ବାବୁଲି ମହାନ୍ତି, ଶିବୁ ଦେହୁରୀ ଓ ଶୁଶିଲ କୁମାର ସିଂଙ୍କ ମଧ୍ୟରେ ଲଢ଼େଇ ହେଉଛି। ଏଥିଲାଗି ପ୍ରତିଦ୍ୱନ୍ଦ୍ୱୀଙ୍କ ମଧ୍ୟରେ କଡା ଟକ୍କର ହେବା ସମ୍ଭାବନା ପ୍ରକାଶ ପାଇଛି।

ସଭାପତି ପ୍ରାର୍ଥୀ ହେମନ୍ତଙ୍କୁ ଛାତ୍ର କଂଗ୍ରେସ ଏବଂ କାର୍ତ୍ତିକଙ୍କୁ ଛାତ୍ର ବିଜେଡି ସମର୍ଥନ କରୁଥିବା ଚର୍ଚ୍ଚା ହେଉଛି। ଗତବର୍ଷ ଛାତ୍ର ସଂସଦ ନିର୍ବାଚନରେ ଭାଜପା ସମର୍ଥିତ ପ୍ରାର୍ଥୀ ବିଜୟୀ ହୋଇଥିଲେ। ଏଥର ଭାଜପା ପକ୍ଷରୁ ପ୍ରାର୍ଥୀ ଦିଆ ଯାଇ ନ ଥିବାରୁ ଛାତ୍ରୀଛାତ୍ର କାହାକୁ ପ୍ରାର୍ଥୀ ବାଛିବେ ତାହା ଚର୍ଚ୍ଚାରେ ରହିଛି। ରାଜନୈତିକ ଦଳମାନେ ନିର୍ବାଚନ ଫଳାଫଳ ନିଜ ସପକ୍ଷରେ ନେବା ପାଇଁ ରଣକୌଶଳ ଗ୍ରହଣ କରିବା ଆରମ୍ଭ କରିଛନ୍ତି। ଶୁକ୍ରବାର ଛାତ୍ର ନେତା ଓ ସମର୍ଥକମାନେ ବିଭିନ୍ନ ସ୍ଥାନରେ ଗୁପ୍ତ ବୈଠକ କରିଥିବା ଖବର ମିଳିଛି। କେତେକ ସ୍ଥାନରେ ଭୋଜିଭାତର ଆସର ବସିଛି। ବ୍ୟକ୍ତିତ୍ୱ ସାଙ୍ଗକୁ ଛାତ୍ରଙ୍କ ସହ ସମ୍ପର୍କ ରଖି ଆସିଥିବା ପ୍ରାର୍ଥୀଙ୍କ ପଲ୍ଲା ଭାରି ରହିବ ବୋଲି ଛାତ୍ରୀଛାତ୍ରମାନେ କହୁଛନ୍ତି। ଅନ୍ୟପକ୍ଷେ ନୂଆ ନୂଆ ତରିକାରେ ପ୍ରଚାର କରିବାକୁ ପ୍ରତିଦ୍ୱନ୍ଦ୍ୱୀମାନେ ପ୍ରସ୍ତୁତି କରିଥିବାରୁ ଏହା ଉପରେ ସମସ୍ତଙ୍କ ଲକ୍ଷ୍ୟ ରହିଛି। ଆସନ୍ତା ୧୦ ତାରିଖରେ 'ମୁଁ କାହିଁକି ପ୍ରାର୍ଥୀ ହୋଇଛି' ସଭା ଅନୁଷ୍ଠିତ ହେବ। ୧୧ ତାରିଖ ସକାଳ ୮ ଟାରୁ ଅପରାହ୍ନ ୨ ଟା ପର୍ଯ୍ୟନ୍ତ ମତଦାନ ପରେ ଅପରାହ୍ନ ୨ ଟାରେ ଭୋଟ ଗଣତି ହୋଇ ଫଳାଫଳ ପ୍ରକାଶ ପାଇବ। ୧୨ ତାରିଖରେ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହେବ। ଉଲ୍ଲେଖନୀୟ ଯେ, ଏହି ମହାବିଦ୍ୟାଳୟରେ ଛାତ୍ର ସଂସଦ ୬ଟି ପଦବୀ ପାଇଁ ଜଣେ ଲେଖାଏ ପ୍ରାର୍ଥୀ ରହିବାରୁ ସେମାନେ ନିର୍ଦ୍ୱନ୍ଦରେ ନିର୍ବାଚିତ ହୋଇଥିବା କଲେଜ ପକ୍ଷରୁ ସୂଚନା ଦିଆଯାଇଛି। ଏହି ପ୍ରାର୍ଥୀମାନେ ହେଲେ ଆସିଷ୍ଟାଣ୍ଟ ସେକ୍ରେଟେରି ଅଶ୍ମିତା ନାୟକ, ଆଥଲେଟିକ ଆସୋସିଏଶନର ଆସିଷ୍ଟାଣ୍ଟ ସେକ୍ରେଟେରି ସଞ୍ଜୟ କୁମାର ସିଂ, ଡିଏସଏର ଆସିଷ୍ଟାଣ୍ଟ ସେକ୍ରେଟେରି ପବିତ୍ର କୁମାର ବେହେରା, ଡିଏସଏ କ୍ଲାସ ରିପ୍ରେଜେଣ୍ଟିଟଭ୍ ହେମନ୍ତ କୁମାର ମୋହମା, ଡ୍ରାମାଟିକ ସୋସାଇଟିର ଆସିଷ୍ଟାଣ୍ଟ ସେକ୍ରେଟେରି ପ୍ରମୋଦିନୀ ବେହେରା, ଡ୍ରାମାଟିକ ସୋସାଇଟିର କ୍ଲାସ ରିପ୍ରେଜେଣ୍ଟିଟଭ ପ୍ରଭାତ ରଞ୍ଜନ ମହାନ୍ତ ।


ହେମନ୍ତ କୁମାର ମହାନ୍ତି, ସଭାପତି ପ୍ରାର୍ଥୀ


କାର୍ତ୍ତିକ ସାମଲ, ସଭାପତି ପ୍ରାର୍ଥୀ

**ସଭାପତି, ସମ୍ପାଦକ ପଦ ଉପରେ ନଜର**


DSPL-188
ODISHA ONE
ଓଡ଼ିଶା ଆମ ଗୌରବ
ଓଡ଼ିଶା ସରକାର
ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
ଆଜି ୧୧ଘଟିକା ସମୟରେ
ଭୁବନେଶ୍ୱରରୁ ଭିଡିଓ କନ୍‌ଫରେନ୍‌ସିଂ ମାଧ୍ୟମରେ
ବାଲେଶ୍ୱର ଠାରୁ ଆଗ୍ରା - ଫତେପୁର ସିକ୍ରି - ମଥୁରା ଅଭିମୁଖେ
"ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା"ର
୭ମ ତୀର୍ଥଯାତ୍ରା ଟ୍ରେନ୍‌ର ଶୁଭାରମ୍ଭ କରୁଛନ୍ତି।
ଓଡ଼ିଶା ସରକାର
ବରିଷ୍ଠ ନାଗରିକ ତୀର୍ଥଯାତ୍ରା ଯୋଜନା
ଆଧ୍ୟାତ୍ମିକ ଯାତ୍ରାର ଦିବ୍ୟ ଅନୁଭବ
BALASORE
Odisha Tourism
Scenic • Serene • Sublime
ODISHA
INDIA'S BEST KEPT SECRET.
Website: www.odishatourism.gov.in / www.visitodisha.org | E-mail: oritour@gmail.com
@Naveen_Odisha
CMO Odisha
@CMO_Odisha
CMO Odisha
37001/13/0043/1819

"ଚଳିତବର୍ଷ ଡିସେମ୍ବର ସୁଦ୍ଧା ଦେଶର ସମସ୍ତ ଲେଭେଲକ୍ରସିଂ ମାନବବିହୀନ ରହିବ ନାହିଁ । ଏହି କାରଣରୁ ୩ ବର୍ଷ ପୂର୍ବେ ୧୧୮ ଦୁର୍ଘଟଣା ଘଟିଛି। ଗତ ୬ ମାସ ମଧ୍ୟରେ ମାତ୍ର ୩ଟି ଦୁର୍ଘଟଣା ଘଟିଛି ।
– ପୀୟୁଷ ଗୋଏଲ, ରେଳ ମନ୍ତ୍ରୀ



"ଆଇଏଲ୍ଆଣ୍ଡ୍ଏଫ୍ଏସ୍ ଭିତ୍ତିଭୂମି ନିର୍ମାଣ କ୍ଷେତ୍ରରେ ପୁନର୍ବାର ଅବତୀର୍ଣ୍ଣ ହେଉ । ଏଥିପାଇଁ ଏହାର ପୁନର୍ଗଠନ ଆବଶ୍ୟକ । ନବଗଠିତ ବୋର୍ଡ କେନ୍ଦ୍ର ସରକାରଙ୍କୁ ଏ ଦିଗରେ ପ୍ରସ୍ତାବ ଦିଅନ୍ତୁ ।
– ନୀତିନ ଗଡ଼କରୀ, କେନ୍ଦ୍ର ସଡ଼କ,ପରିବହନ ଓ ଜାତୀୟ ରାଜପଥ ମନ୍ତ୍ରୀ



## ସଂକ୍ଷେପରେ

### ସେନ୍‌ସେକ୍ସ ୭୯୨ ପଏଣ୍ଟ ହ୍ରାସ

ମୁମ୍ବାଇ,୫-୧୦: ଦେଶର ଷ୍ଟକ୍ ମାର୍କେଟ ହ୍ରାସ ପାଇବା ଜାରି ରହିଛି। କେନ୍ଦ୍ର ସରକାର ଗୁରୁବାର ତେଲ ଦର ଲିଟର ପିଛା ଅଢ଼େଇ ଟଙ୍କା ହ୍ରାସ କରିଥିଲେ। ଏହାକୁ ଷ୍ଟକ୍ ମାର୍କେଟ ସହଜରେ ଗ୍ରହଣ କରିପାରି ନାହିଁ। ଶୁକ୍ରବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ(ବିଏସ୍ଇ)ର ୩୧ ଶେୟାର ସୂଚକାଙ୍କ ସେନ୍‌ସେକ୍ସ ୭୯୨.୧୭ ପଏଣ୍ଟ ହ୍ରାସ ପାଇଛି। ଏହା ୨.୨୫ ପ୍ରତିଶତ ହ୍ରାସ ପାଇ ୩୪,୩୭୬.୯୯ରେ ବନ୍ଦ ହୋଇଛି। ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ(ଏନ୍ଏସ୍ଇ)ର ୫୦ ଶେୟାର ସୂଚକାଙ୍କ ନିଫ୍ଟି ୨୮୨.୮୦ ଅର୍ଥାତ ୨.୬୭% ହ୍ରାସ ପାଇ ୧୦,୩୧୬.୪୫ରେ ବନ୍ଦ ହୋଇଛି। ରିଜର୍ଭ ବ୍ୟାଙ୍କ ୨୫ ବେସିସ୍ ପଏଣ୍ଟ ସୁଧ ହାର ବୃଦ୍ଧି କରିବ ବୋଲି ଆଶା କରାଯାଉଥିଲା। କିନ୍ତୁ ଏହା ଅପରିବର୍ତ୍ତିତ ରହିବାରୁ ନିବେଶକାରୀ ନିରାଶ ହୋଇଛନ୍ତି।

### କଟକଣା ପରେ ମଧ୍ୟ ଇରାନରୁ ତେଲ କିଣିବ ଭାରତ

ନୂଆଦିଲ୍ଲୀ,୫-୧୦: ଆମେରିକାର କଟକଣାକୁ ପ୍ରତ୍ୟାଖ୍ୟାନ କରି ଇରାନରୁ ତେଲ କିଣିବାକୁ ଭାରତ ନିଷ୍ପତ୍ତି ନେଇଛି। ତେଲ କିଣାକୁ ନେଇ ଏହା ତା'ର ନୀତି ଏକପ୍ରକାର ସ୍ପଷ୍ଟ କରିବା ଆରମ୍ଭ କରିଛି। ଇତିମଧ୍ୟରେ ରାଷ୍ଟ୍ରାୟତ୍ତ ତୈଳ କମ୍ପାନୀଗୁଡ଼ିକ ଇରାନରୁ ନଭେମ୍ବର ପାଇଁ ୧.୨୫ ମିଲିୟନ ଟନ ତେଲ କିଣିବାକୁ ଯାଉଛି। ଡଲାର ବଦଳରେ ଟଙ୍କା ମାଧ୍ୟମରେ ଏହି କାରବାର ହେବ। ଏ ନେଇ ଦୁଇ ଦେଶ ମଧ୍ୟରେ ଆଲୋଚନା ବହୁଦୂର ଆଗେଇଛି। ପ୍ରାପ୍ତ ସୂଚନାରୁ ଜଣାପଡ଼ିଛି ଯେ, ଆଇଓସି ଏବଂ ମାଙ୍ଗାଲୋର ରିଫାଇନେରି ଆଣ୍ଡ ପେଟ୍ରୋକେମିକାଲ୍ସ ଲିମିଟେଡ (ଏମ୍ଆର୍‌ପିଏଲ୍) ଇରାନଠାରୁ ଉକ୍ତ ପରିମାଣ ତେଲ କିଣିବାକୁ ଯାଉଛନ୍ତି।

## ■ ମୁଦ୍ରା ନୀତି ଘୋଷଣା କରି ଚକିତ କଲା ଆର୍‌ବିଆଇ

# ଅପରିବର୍ତ୍ତିତ ରହିଲା ସୁଧ ହାର

ମୁମ୍ବାଇ,୫-୧୦

ମୁଦ୍ରାସ୍ଫୀତି ବୃଦ୍ଧି, ଟଙ୍କାର ମୂଲ୍ୟ ଆହୁରି ହ୍ରାସ ପାଇବାର ସମ୍ଭାବନା ମଧ୍ୟରେ ରିଜର୍ଭ ବ୍ୟାଙ୍କ(ଆର୍‌ବିଆଇ) ଶୁକ୍ରବାର ମୁଦ୍ରା ନୀତି ଘୋଷଣା କରିଛନ୍ତି। କେନ୍ଦ୍ରୀୟ ବ୍ୟାଙ୍କ ସୁଧ ହାର ଅପରିବର୍ତ୍ତିତ ରଖି ସମସ୍ତଙ୍କୁ ଚକିତ କରିଛନ୍ତି। ଫଳରେ ରେପୋ ରେଟ୍ ୬.୫% ଓ ରିଭର୍ସ ରେପୋ ରେଟ୍ ୬.୨୫%ରେ ଅପରିବର୍ତ୍ତିତ ରହିଛି। ଗଭର୍ନର ଉର୍ଜିତ ପଟେଲଙ୍କ ଅଧ୍ୟକ୍ଷତାରେ ଏଠାରେ ୬ ଜଣିଆ ମୁଦ୍ରା ସମୀକ୍ଷା କମିଟିର ୩ ଦିନିଆ ବୈଠକ ଶୁକ୍ରବାର ଶେଷ ହୋଇଛି। ଏହି ବୈଠକରେ କମିଟି ୫:୧ ମତରେ ସୁଧ ହାର ଅପରିବର୍ତ୍ତିତ ରଖିବା ଲାଗି ନିଷ୍ପତ୍ତି ନେଇଥିଲେ। ଏକମାତ୍ର ଜଣେ ସଦସ୍ୟ ରେପୋ ରେଟ୍ ୦.୨୫% ବୃଦ୍ଧି ପାଇବା ଉଚିତ୍ ବୋଲି ମତ ଦେଇଥିଲେ। ଏଥିପୂର୍ବରୁ ରିଜର୍ଭ ବ୍ୟାଙ୍କ ୨ ଥର ରେପୋ ରେଟ୍ ବଢ଼ାଇଥିଲେ। ସେତେବେଳେ ସୁଧ ହାର ଅପରିବର୍ତ୍ତିତ ରହିବ ବୋଲି ସମସ୍ତେ ଆଶା କରୁଥିବା ବେଳେ ଆର୍‌ବିଆଇର ପଦକ୍ଷେପ ସମସ୍ତଙ୍କୁ ଆଶ୍ଚର୍ଯ୍ୟ କରିଥିଲା। ତେବେ ଏଥର ରେପୋ ରେଟ୍‌କୁ ଅପରିବର୍ତ୍ତିତ ରଖି ଆର୍‌ବିଆଇ ପୁନର୍ବାର ସମସ୍ତଙ୍କୁ ଚକିତ କରିଛନ୍ତି। କାରଣ ଆନ୍ତର୍ଜାତିକ ବଜାରେ ଅଶୋଧିତ ତୈଳ ଦର ବୃଦ୍ଧି, ଡଲାର ତୁଳନାରେ ଟଙ୍କାର ମୂଲ୍ୟ କ୍ରମାଗତ ହ୍ରାସ ପାଇବା ଯୋଗୁ ମୁଦ୍ରାସ୍ଫୀତି ବଢ଼ିବାର ଆଶଙ୍କା ପ୍ରକାଶ ପାଇଛି। କିନ୍ତୁ କେନ୍ଦ୍ରୀୟ ବ୍ୟାଙ୍କ ଏହାକୁ ଭିନ୍ନ ଦୃଷ୍ଟିରେ ଦେଖିଛନ୍ତି। ମୁଦ୍ରା ସମୀକ୍ଷା କମିଟିର ବୈଠକ ଶେଷରେ ପଟେଲ ୨୦୧୮-୧୯ ଆର୍ଥିକବର୍ଷ ଲାଗି ମୁଦ୍ରାସ୍ଫୀତି ୪.୫% ଆଖପାଖରେ ରହିବ ବୋଲି ଅନୁମାନ ଦର୍ଶାଇଛନ୍ତି। ଏହି କାରଣରୁ ରେପୋ ରେଟ୍ ୬.୫୦ ପ୍ରତିଶତ ଏବଂ ରିଭର୍ସ ରେପୋ ରେଟ ୬.୨୫ରେ ଅପରିବର୍ତ୍ତିତ ରଖିବାକୁ ନିଷ୍ପତ୍ତି ନିଆଯାଇଛି ବୋଲି ସେ ଘୋଷଣା କରିଛନ୍ତି। କମିଟି ଚଳିତ ଆର୍ଥିକ ବର୍ଷ ପାଇଁ ଜିଡିପି ଅଭିବୃଦ୍ଧି ହାର ୭.୪% ରହିବ ବୋଲି ନିଜର ପୂର୍ବାନୁମାନରେ କାଏମ ରହିଛନ୍ତି। ଡଲାର ତୁଳନାରେ ଟଙ୍କାର ମୂଲ୍ୟ ହ୍ରାସ ଉପରେ ପ୍ରତିକ୍ରିୟା ପ୍ରକାଶ କରି ପଟେଲ କହିଛନ୍ତି ଯେ, ବାସ୍ତବରେ ଦେଖିଲେ ଏହା ମାତ୍ର ୫% ହ୍ରାସ ପାଇଛି। ଏହା ଅନ୍ୟ ବିକାଶଶୀଳ ଦେଶର ମୁଦ୍ରା ତୁଳନାରେ ଦେଖିଲେ କମ୍ କୁହାଯାଇପାରେ। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାର ଫସଲର ସହାୟକ ମୂଲ୍ୟ ବୃଦ୍ଧି କରିଥିବାରୁ ଅର୍ଥନୀତି ଉପରେ ଏହାର କିଭଳି ପ୍ରଭାବ ପଡ଼ିବ ସେ ନେଇ ପ୍ରଶ୍ନ ହେବାରୁ ସେ କହିଛନ୍ତି ଯେ, ଏବେ ଏଥିରେ ଅନିଶ୍ଚିତତା ଲାଗି ରହିଥିବାରୁ ବର୍ତ୍ତମାନ କିଛି କହିବା ସମ୍ଭବ ନୁହେଁ। ଉଲ୍ଲେଖ କରାଯାଇପାରେ ଯେ, ଅଶୋଧିତ ତେଲ ଦର ବୃଦ୍ଧି, ଟଙ୍କାର ମୂଲ୍ୟ ହ୍ରାସ ପାଇବା, ଚଳନ୍ତି ଜମା ନିଅଣ୍ଟ ପରିମାଣ ବୃଦ୍ଧି ଅର୍ଥନୀତି ପାଇଁ ଏବେ ଆହ୍ୱାନ ହୋଇଥିବାରୁ ଆର୍‌ବିଆଇ ୦.୨୫% ରେପୋ ରେଟ୍ ବଢ଼ାଇବେ ବୋଲି ଅର୍ଥନୈତିକ ବିଶେଷଜ୍ଞମାନେ ଆଶାବ୍ୟକ୍ତ କରିଥିଲେ। ଯାହା ଭୁଲ୍ ପ୍ରମାଣିତ ହୋଇଛି। ଅନ୍ୟପକ୍ଷରେ ପଟେଲ କହିଛନ୍ତି ଯେ, ରିଜର୍ଭ ବ୍ୟାଙ୍କ ଏବେ ନିଜର ନୀତିରେ ସାମାନ୍ୟ ପରିବର୍ତ୍ତନ କରିଛି। ଆଗାମୀ ଦିନରେ ଏହା ନିରପେକ୍ଷ ରହିବା ପରିବର୍ତ୍ତେ ଧୀର ଗତିରେ ଅର୍ଥନୀତିରେ ଅଙ୍କୁଶ ଲଗାଇବାକୁ ପ୍ରାଧାନ୍ୟ ଦେବେ। ଏହାଦ୍ୱାରା ଆଗାମୀ ଦିନରେ ଆର୍‌ବିଆଇ ସମ୍ମୁଖରେ ଦୁଇଟି ବିକଳ୍ପ ଖୋଲା ରହିବ। ଆସନ୍ତା ମୁଦ୍ରା ନୀତିରେ ସୁଧ ହାର ବଢ଼ିପାରେ ଅଥବା କମିପାରେ।




- ■ ରେପୋ ରେଟ୍ ୬.୫%, ରିଭର୍ସ ରେପୋ ରେଟ୍ ୬.୨୫%ରେ ସ୍ଥିର
- ■ ପୂର୍ବରୁ ୨ ଥର ରେପୋ ରେଟ୍ ବଢ଼ିଥିଲା
- ■ ଜିଡିପି ୭.୪% ରହିବ ବୋଲି ଅନୁମାନ

## ବଜାଜ ପକ୍ଷରୁ ପାର୍ବଣ ଅଫର

ଭୁବନେଶ୍ୱର,୫-୧୦

ବଜାଜ ଅଟୋ ଇଣ୍ଡିଆ ପକ୍ଷରୁ ପାର୍ବଣ ଅଫର ସମ୍ପର୍କରେ ଘୋଷଣା କରାଯାଇଛି। ଚଳିତ ମାସ ୫ ତାରିଖଠାରୁ କମ୍ପାନୀ ୫-୫-୫ ଅଫର ଆରମ୍ଭ କରୁଛି। ୨୫ ଅକ୍ଟୋବର ୨୦୧୮ ଯାଏ ଗ୍ରାହକ ଏହି ଅଫରର ଲାଭ ଉଠାଇ ପାରିବେ। ଏହା ଦ୍ୱାରା ଗ୍ରାହକମାନେ ୫ ବର୍ଷର ମାଗଣା ଓନ୍ ଡ୍ୟାମେଜ୍ ବୀମା କଭର, ୫ ଫ୍ରି ସର୍ଭିସ, ୫ ବର୍ଷର ମାଗଣା ୱାରେଣ୍ଟି ଲାଭ କରିପାରିବେ। କେତେକ ବଛାବଛା ମୋଟର ସାଇକେଲ ଉପରେ କମ୍ପାନୀ ଏହି ସୁବିଧା ପ୍ରଦାନ କରିବ। ଅଧିକୃତ ଡିଲରଶିପଗୁଡ଼ିକରେ ଅଫର ଉପଲବ୍ଧ ହେବ। ଏଥିଲାଗି ଅତିରିକ୍ତ ଦେୟ ପ୍ରଦାନ କରିବାକୁ ପଡ଼ିବ ନାହିଁ ବୋଲି କମ୍ପାନୀ ପ୍ରକାଶ କରିଛି। ବର୍ତ୍ତମାନ ଯାନ ଉପରେ ବୀମା ଚାର୍ଜ ବୃଦ୍ଧି, ଇନ୍ଧନ ଦର ବୃଦ୍ଧି ଭଳି ସମୟରେ କମ୍ପାନୀ ଏଭଳି ଏକ ଅଫର ପ୍ରଦାନ କରୁଥିବା କହିଛି। ପ୍ଲାଟିନା, ଡିସ୍‌କଭର, ପଲସର ଏବଂ ଭି ରେଞ୍ଜ ମୋଟର ସାଇକେଲ ଉପରେ ୫ ବର୍ଷର ମାଗଣା ଓନ୍ ଡ୍ୟାମେଜ୍ ବୀମା କଭର ଉପଲବ୍ଧ ହେବ। ସେହିଭଳି ସିଟି ୧୦୦, ପ୍ଲାଟିନା, ଡିସ୍‌କଭର, ଭି, ପଲସର ଉପରେ ଉପରେ ଅତିରିକ୍ତ ୨ ମାଗଣା ସର୍ଭିସ ଲାଭ କରି ପାରିବେ। ୫ ଅକ୍ଟୋବରଠାରୁ ଯାନ କ୍ରୟରେ ବିଭିନ୍ନ ମଡେଲ ଉପରେ ଗ୍ରାହକ ପ୍ରାୟ ୪,୧୦୦ ଟଙ୍କା ଠାରୁ ପ୍ରାୟ ୯ ହଜାର ଟଙ୍କା ପର୍ଯ୍ୟନ୍ତ ସଞ୍ଚୟ କରିପାରିବେ ବୋଲି କମ୍ପାନୀ ପ୍ରକାଶ କରିଛି।

## ହୁରୁନ ଇଣ୍ଡିଆ ଧନୀ ତାଲିକାରେ ୨ ଓଡ଼ିଆ ଶିଳ୍ପପତି

ଭୁବନେଶ୍ୱର,୫-୧୦

ନିକଟରେ ପ୍ରକାଶିତ ହୁରୁନ ଇଣ୍ଡିଆ ଧନୀ ତାଲିକାରେ ୨ ଓଡ଼ିଆ ଶିଳ୍ପପତି ସ୍ଥାନିତ ହୋଇଛନ୍ତି। 'କୋଟାକ୍ ୱେଲଥ୍ ହୁରୁନ-ଲିଡିଂ ୱେଲ୍‌ଦି ୱିମେନ ୨୦୧୮' ତାଲିକାରେ ରଶ୍ମିତା ପଟ୍ଟନାୟକ ୮୮ ସ୍ଥାନରେ ରହିଛନ୍ତି। ସେହିଭଳି 'ବର୍କଲେସ୍ ହୁରୁନ ଇଣ୍ଡିଆ ଧନୀ ତାଲିକା ୨୦୧୮'ରେ ରଶ୍ମିତା ପଟ୍ଟନାୟକ ଏବଂ ପ୍ରଭା ରଞ୍ଜନ ପଟ୍ଟନାୟକ ସ୍ଥାନିତ ହୋଇଛନ୍ତି। ଏମାନେ ଯଥାକ୍ରମେ ୬୬୯ ଏବଂ ୭୫୫ତମ ସ୍ଥାନରେ ରହିଛନ୍ତି। ରଶ୍ମିତା ପଟ୍ଟନାୟକ ଫାଲକନ ମେରାଇନ ଏକ୍ସପର୍ଟସ ଲିମିଟେଡର ନିର୍ଦ୍ଦେଶିକା ଭାବେ ଅବସ୍ଥାପିତ। ଉକ୍ତ କମ୍ପାନୀର ଅଧ୍ୟକ୍ଷ ତାରା ରଞ୍ଜନ ପଟ୍ଟନାୟକଙ୍କ ସେ ସ୍ତ୍ରୀ। ସେହିଭଳି ତାଲିକାରେ ସ୍ଥାନିତ ପ୍ରଭାରଞ୍ଜନ ତାରାରଞ୍ଜନଙ୍କ ଭାଇ। ପ୍ରଭାରଞ୍ଜନ ବର୍ତ୍ତମାନ ଫାଲକନର ଏମ୍‌ଡି ଦାୟିତ୍ୱରେ ଅଛନ୍ତି। ଫାଲ୍‌କନ ୩୩ ବର୍ଷର ଏକ କମ୍ପାନୀ ହୋଇଥିବା ବେଳେ ଦେଶର ପ୍ରମୁଖ ସିଫୁଡ ରପ୍ତାନୀକାରୀ ମଧ୍ୟରେ ଏହା ସ୍ଥାନିତ ହୋଇଛି। ଏହା ନିକଟରେ ରିଟେଲ ବ୍ୟବସାୟରେ ପ୍ରବେଶ କରିବା ସହ ଫାଲ୍‌କନ୍ ଚିଲିକା ଫ୍ରେସ୍ ନାମରେ ଷ୍ଟୋର ମାନ ଖୋଲିଛି।

# ପ୍ରିମିୟମ ସେଗ୍‌ମେଣ୍ଟକୁ ଗୁରୁତ୍ୱ ଦେଉଛୁ

**ପାର୍ବଣରେ ଦୁଇଚକିଆ ଯାନ ନିର୍ମାତା କମ୍ପାନୀଗୁଡ଼ିକ ଗ୍ରାହକଙ୍କୁ ବିଭିନ୍ନ ଅଫର ପ୍ରଦାନ କରିଥାନ୍ତି। କମ୍ପାନୀଗୁଡ଼ିକ ସେମାନଙ୍କ ପ୍ରଡକ୍ଟ ତଥା ସେବା ଦ୍ୱାରା ଗ୍ରାହକଙ୍କୁ ଆକର୍ଷିତ କରିବାକୁ ଯୋଜନା ଗ୍ରହଣ କରନ୍ତି। ଦୁଇଚକିଆ ଯାନ ଯୋଗାଣ କ୍ଷେତ୍ରରେ ଟିଭିଏସ୍ ଏକ ଅନ୍ୟତମ ବ୍ରାଣ୍ଡ। ପାର୍ବଣରେ ଏହା ଗ୍ରାହକଙ୍କ ଲାଗି ନିକଟରେ ଅଫର ଘୋଷଣା କରିଛି। ଏହାର ଏରିଆ ମ୍ୟାନେଜର ଡି. ବାପି ରାଜୁ 'ଧରିତ୍ରୀ'କୁ ଦେଇଥିବା ସାକ୍ଷାତକାର...**

**◆ଓଡ଼ିଶା ଦୁଇଚକିଆ ଯାନ ବଜାରକୁ କିଭଳି ଦେଖୁଛନ୍ତି?**

▸▸ଓଡ଼ିଶାରେ ଦୁଇଚକିଆ ଯାନର ଏକ ଅଭିବୃଦ୍ଧିଶୀଳ ବଜାର ରହିଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ଉନ୍ନତ ବିକ୍ରି ରହିଥିବା ବେଳେ ଦ୍ୱିତୀୟ ତ୍ରୈମାସର ବିକ୍ରି ଧିମା ରହିଛି। ଏଠାରେ ମାସିକ ୭୦ ହଜାର ୟୁନିଟ୍ ଦୁଇଚକିଆ ଯାନ ବିକ୍ରି ହେଉଛି। ଏହା ମଧ୍ୟରେ ଟିଭିଏସ୍‌ର ୯ ହଜାର ୟୁନିଟ୍ ରହିଛି।

**◆ଟିଭିଏସ୍ କମ୍ପାନୀର ସ୍ୱତନ୍ତ୍ରତା ସମ୍ପର୍କରେ କ'ଣ କହିବେ?**

▸▸ଟିଭିଏସ୍ ଏକ ୧୦୦ ବର୍ଷ ପୁରୁଣା କମ୍ପାନୀ। ଗ୍ରାହକଙ୍କୁ ଗୁଣବତ୍ତା ପ୍ରଡକ୍ଟ, ସେବା, ଭାଲ୍ୟୁ ଫର୍ ମନି, ଚାହିଦା ପୂରଣ ଭଳି ବିଭିନ୍ନ ଦିଗରେ କାର୍ଯ୍ୟ କରୁଛୁ। ଏଭଳି ବିଭିନ୍ନ ପ୍ରସଙ୍ଗ ଲାଗି ଗତ ୩ ବର୍ଷ ଧରି ଲଗାତର ଭାବେ ଜେଡି ପାୱାର ପକ୍ଷରୁ ହେଉଥିବା ଥାର୍ଡ ପାର୍ଟି ସର୍ଭେରେ ନମ୍ବର ୧ ମାନ୍ୟତା ଲାଭ କରୁଛୁ। ବିଭିନ୍ନ ରେଞ୍ଜର ଯାନ ଗ୍ରାହକଙ୍କୁ ଯୋଗାଇ ଦେଉଛୁ। ଏହା ସହ ୱାନ୍ ଫର୍ ଏଭ୍ରି ୱାନ୍ ମୂଳମନ୍ତ୍ର ସହ କାର୍ଯ୍ୟ କରୁଛୁ। ମୋପେଡ୍, ସ୍କୁଟରଠାରୁ ଆରମ୍ଭ କରି ହାଇଏଣ୍ଡ ତଥା ପ୍ରିମିୟମ୍ ବର୍ଗରେ ଗ୍ରାହକଙ୍କ ପ୍ରଡକ୍ଟ ଯୋଗାଉଛୁ। ଦେଶରେ ୩ ମାନୁଫାକଚରିଂ ପ୍ଲାଣ୍ଟ ରହିଥିବା ବେଳେ ଇଣ୍ଡୋନେସିଆରେ ଏକ ୟୁନିଟ ରହିଛି। ଭାରତରେ ମାସିକ ୨.୫୦ ଲକ୍ଷ ୟୁନିଟ୍ ଯାନ ଉତ୍ପାଦନ କରୁଛୁ।

**◆କମ୍ପାନୀ ଗ୍ରାହକଙ୍କ ଲାଗି କ'ଣ ସବୁ ଅଫର ପ୍ରଦାନ କରୁଛି?**

▸▸ଗ୍ରାହକଙ୍କୁ ୫ ବର୍ଷର ୱାରେଣ୍ଟି ପ୍ରଦାନ କରୁଛୁ। ୩,୯୯୯ ଟଙ୍କାରେ ଗ୍ରାହକ ମୋପେଡ୍ ଓନର୍ ହୋଇପାରିବେ। ନିଜସ୍ୱ ଫାଇନାନ୍ସ ସୁବିଧା ଦ୍ୱାରା ୩୦ ମିନିଟ୍‌ରେ ସେବା, ସୁଲଭ ସୁଧହାର, ନିମ୍ନ ଡାଉନ୍‌ପେମେଣ୍ଟ, ସହଜ ଇଏମ୍ଆଇ, ପେଟିଏମ୍ ମଲ୍‌ରେ କ୍ରୟ ଉପରେ ଆକର୍ଷଣୀୟ କ୍ୟାଶବ୍ୟାକ୍ ସୁବିଧା ରହିଛି। ପାର୍ବଣରେ ୦% ପ୍ରୋସେସିଂ ଫି, ଜିରୋ ଡକ୍ୟୁମେଣ୍ଟେଶନ ଚାର୍ଜ, କଷ୍ଟମାଇଜ୍ ଲକି ଡ୍ର, ସ୍କ୍ରାଚ୍ କାର୍ଡ, ମାଗଣାରେ ନିର୍ଦ୍ଦିଷ୍ଟ ଆସେସୋରିଜ୍ ପ୍ରଦାନ କରୁଛୁ। ପାର୍ବଣରେ ବୁକିଂ ଉପରେ ଆକର୍ଷଣୀୟ ରିହାତି ପ୍ରଦାନ କରାଯାଉଛି।

**◆ଓଡ଼ିଶାରେ କମ୍ପାନୀର ସ୍ଥିତି କିଭଳି ରହିଛି?**

▸▸ଓଡ଼ିଶାରେ ଆମେ ଗତବର୍ଷ ୨୦% ହାରରେ ଅଭିବୃଦ୍ଧି ହାସଲ କରିଥିଲୁ। ଏହି ସମୟରେ ଶିଳ୍ପର ଅଭିବୃଦ୍ଧି ୧୦ରୁ ୧୧% ରହିଛି। ଜାତୀୟ ସ୍ତରରେ ହାରାହାରି ୧୫ରୁ ୧୭% ଲୋକଙ୍କ ନିକଟରେ ଦୁଇଚକିଆ ଯାନ ଉପଲବ୍ଧ ରହିଛି। ଏହା ଓଡ଼ିଶାରେ ୫ରୁ୬% ରହିଛି। ଏଠାରେ ଅଭିବୃଦ୍ଧି ଲାଗି ଉନ୍ନତ ସୁଯୋଗ ରହିଛି। ଏହି ଧାରାରେ ଆମେ ବିଭିନ୍ନ କୌଶଳ ମଧ୍ୟ ପ୍ରସ୍ତୁତ କରୁଛୁ। ୨୦୦ରୁ ଅଧିକ ଆଉଟ୍‌ଲେଟ୍ ସହ ଏଠାରେ ସେବା ଯୋଗାଇ ଦେଉଛୁ। ପ୍ରତି ୨୦ କିମି ମଧ୍ୟରେ ଆମର ଆଉଟଲେଟଗୁଡ଼ିକ ରହିଛି। ବିକ୍ରି ପରବର୍ତ୍ତୀ ସେବାକୁ ଅଗ୍ରାଧିକାର ଦେଉଛୁ।



**◆କମ୍ପାନୀର ବିଭିନ୍ନ ସେଗ୍‌ମେଣ୍ଟର ପ୍ରଦର୍ଶନ କିଭଳି ରହିଛି?**

▸▸ଆମର ସବୁ ସେଗ୍‌ମେଣ୍ଟ ଭଲ ପ୍ରଦର୍ଶନ କରୁଛି। କ୍ଷୁଦ୍ର ବାଣିଜ୍ୟ ଏବଂ କୃଷକଙ୍କ ପାଇଁ ମୋପେଡ୍ , ସ୍କୁଟର ବର୍ଗରେ ପେପ୍ଟ, ଜେଷ୍ଟ, ୱେଗୋ, ଜୁପିଟର ଉନ୍ନତ ପ୍ରଦର୍ଶନ କରୁଛି। ସ୍କୁଟର ଚାହିଦା ଦ୍ରୁତ ବେଉଥିବାରୁ ନୂଆ ସ୍ମାର୍ଟ ସ୍କୁଟର ଏନ୍‌ଟର୍କକୁ ବଜାର ପ୍ରବେଶ କରାଇଛୁ। ଏହାକୁ ଆପ୍ ସହ ସଂଯୋଗ କରାଯାଇ ପାରିବ। ଏଥିରେ ୫୦ରୁ ଅଧିକ ଫିଚର ରହିଛି। ଛୋଟ ଛୋଟ ସହରଗୁଡ଼ିକରେ ମଧ୍ୟ ଏବେ ସ୍କୁଟର ବିକ୍ରି ଉନ୍ନତ ରହିଛି। ଏହି ଧାରାରେ ଦ୍ରୁତ ପରିବର୍ତ୍ତନ ହେଉଛି। ସେହିଭଳି ଆମର ପ୍ରିମିୟମ ସେଗ୍‌ମେଣ୍ଟ ଭଲ ପ୍ରଦର୍ଶନ କରୁଛି। ଟିଭିଏସ୍ ପ୍ରିମିୟମ୍ ସେଗ୍‌ମେଣ୍ଟ ଯାନ ଉପରେ ଅଧିକ ଧ୍ୟାନ କେନ୍ଦ୍ରିତ କରିଛି। ଗତ ବର୍ଷ ଏହି ବର୍ଗରେ ୪ର୍ଥ ସ୍ଥାନରେ ରହିଥିଲୁ। ଚଳିତ ବର୍ଷ ଦ୍ୱିତୀୟ ସ୍ଥାନରେ ରହିଛୁ। ବିଏମ୍‌ଡବ୍ଲ୍ୟୁ ସହ ଚୁକ୍ତିରେ ସାମିଲ ହୋଇଛୁ। ହାଇଏଣ୍ଡ ବର୍ଗରେ ଆର୍‌ଆର୍ ୩୧୦ ବାଇକ୍, ଆପାଚେ ଆର୍‌ଟିଆର୍ ୧୬୦-୪ଭଲଭ ବାଇକ, ମାସ୍ ସେଗ୍‌ମେଣ୍ଟରେ ୧୦୦ ସିସି ରାଡିଅନ୍ ବାଇକ୍, ଗ୍ରାଣ୍ଡେ ଭଳି ନୂଆ ମଡେଲ ଆଣିଛୁ।

## କଟକ-ପାରାଦୀପ ସେକ୍ସନରେ ଚାଲିବ ମେମୁ ଟ୍ରେନ୍



ଭୁବନେଶ୍ୱର,୫-୧୦

ପାରାଦୀପ ଟ୍ରେନ୍ ଯାତ୍ରୀଙ୍କ ଲାଗି ଖୁସି ଖବର। କଟକ-ପାରାଦୀପ ପାସେଞ୍ଜର ଟ୍ରେନ୍‌ର ଗୋଟିଏ ପେୟାର ମେମୁ ଟ୍ରେନ୍‌କୁ ରୂପାନ୍ତରିତ କରାଯିବ। କଟକ-ପାରାଦୀପ ରେଳ ସେକ୍ସନରେ ନୂଆ ମେମୁ ଟ୍ରେନ ଚଳାଚଳ ନେଇ ନିଷ୍ପତ୍ତି ହୋଇଥିବା ପୂର୍ବତଟ ରେଳପଥ ପକ୍ଷରୁ ସୂଚନା ରହିଛି। ଏହା ୮ ଅକ୍ଟୋବରଠାରୁ ଚାଲିବ ବୋଲି ପୂର୍ବତଟ ରେଳପଥ ପକ୍ଷରୁ ପ୍ରକାଶ। ନୂଆ ମେମୁ ଚଳାଚଳ ପରେ କଟକ-ପାରାଦୀପ ସେକ୍ସନରେ ଚାଲୁଥିବା ୫୮୫୩୫-୫୮୫୩୬ କଟକ-ପାରାଦୀପ-କଟକ ପାସେଞ୍ଜର ଆଉ ଚଳାଚଳ କରିବ ନାହିଁ। ସେହିଭଳି ୬୮୪୩୪-୬୮୪୩୩ ବ୍ରହ୍ମପୁର-କଟକ- ବ୍ରହ୍ମପୁର ମେମୁକୁ ପାରାଦୀପ ପର୍ଯ୍ୟନ୍ତ ସମ୍ପ୍ରସାରଣ କରାଯିବ। ଏହା ୬୮୪୩୪-୬୮୪୩୩ ଭାବେ ବ୍ରହ୍ମପୁର-ପାରାଦୀପ-ବ୍ରହ୍ମପୁର ମେମୁ ହୋଇ ଚଳାଚଳ କରିବ।


ପୂର୍ବ ତଟ ରେଳପଥ କର୍ମଚାରୀଗଣ...

ଠକାମି ଫୋନ୍ କଲ୍ ପ୍ରତି ସାବଧାନ ରୁହନ୍ତୁ

ପୂର୍ବ ତଟ ରେଳପଥର ଲେଖା ବିଭାଗର କର୍ମଚାରୀ ଭାବେ ପରିଚୟ ଦେଇ କିଛି ଖଳ ପ୍ରକୃତିର ଲୋକ IPAS ସିଷ୍ଟମ୍‌ରେ ଡାଟା ଅପ୍‌ଲୋଡ୍ କରିବାକୁ ବାହାନା ଦେଖାଇ

କର୍ମଚାରୀ ନଂ., ଆଧାର ନଂ., ବ୍ୟାଙ୍କ୍ ଖାତା ନଂ., ପିଏଫ୍ ନଂ., ଏଟିଏମ୍ କାର୍ଡ଼ ନଂ. ଇତ୍ୟାଦି

ବ୍ୟକ୍ତିଗତ ବିବରଣୀ ହାସଲ କରିବା ନିମନ୍ତେ ପ୍ରୟାସ କରୁଛନ୍ତି ।

ପୂର୍ବ ତଟ ରେଳପଥର ଲେଖା ବିଭାଗ ତରଫରୁ ଟେଲିଫୋନ୍ ଜରିଆରେ ଏପରି କୌଣସି ସୂଚନା ମଗାଯାଉ ନାହିଁ । ଦୟାକରି ଏଭଳି ଠକାମି ଫୋନ୍ କଲ୍ ପ୍ରତି ସାବଧାନ ରହିବା ସହିତ ଏଭଳି କୌଣସି ସମ୍ବେଦନଶୀଳ ସୂଚନାକୁ କାହାରିକୁ ଦିଅନ୍ତୁ ନାହିଁ।



ପୂର୍ବ ତଟ ରେଳପଥ
ସତର୍କ ରୁହନ୍ତୁ-ସୁରକ୍ଷିତ ରୁହନ୍ତୁ

PR-360/J/18-19

ଅନୁସରଣ କରନ୍ତୁ : www.facebook/@EASTCOASTRailway1 www.twitter/@eastcoastrail



भारतीय प्रौद्योगिकी संस्थान भुवनेश्वर
INDIAN INSTITUTE OF TECHNOLOGY BHUBANESWAR
निविदा के लिए आमंत्रण /NOTICE INVITING TENDER

No.IITBBS/ADVT.18-19/05 Date : 05.10.2018

Sealed tenders are invited in Single Bid System from the reputed Manufacturers only for Rate Contract of Laboratory Consumables (Chemicals, Glassware, Plasticware and small equipment)

Last date of submission of Bid : 30.10.2018 (Tuesday) @ 13.00 Hrs.
Date & Time of opening of the Bid : 30.10.2018 (Tuesday) @ 15.00 Hrs.
Venue : IIT Bhubaneswar, Administrative Building, Argul, near Jatni – 752050

Detailed terms and conditions of Tender is available at www.iitbbs.ac.in / www.eprocure.gov.in

Sd/-
Registrar



## Expression of Interest

State Institute for Development of Arts & Crafts invites **"Expression of Interest"** in sealed cover from interested Security Agencies / Firm for providing Security Services for upcoming **13th Toshali National Crafts Mela** to be held from **28.12.2018** to **13.01.2019** at **Janata Maidan, Bhubaneswar.** The last date of submission of sealed offers at the office of **SIDAC, Handicrafts Complex, Gandamunda, Bhubaneswar**, Ph.: 0674-2350318 is up to **1:00 PM** on **25.10.2018**. The detail, bid document is available in the website **www.sidacodisha.org.in & www.odisha.gov.in/textiles.**

Member Secretary

**State Institute for Development of Arts & Crafts**
Handlooms, Textiles & Handicrafts Department, Government of Odisha
Handicrafts Complex, Gandamunda, P.O: Khandagiri, Bhubaneswar-30
Tel. No.: +91 (0)674-2350318, **E-mail: sidacorissa@gmail.com,**
**Website: www.sidacodisha.org.in**



राष्ट्रीय विज्ञान शिक्षा एवं अनुसंधान संस्थान, भुवनेश्वर
(परमाणु ऊर्जा विभाग, भारत सरकार का एक स्वयं शासित संस्थान)
NATIONAL INSTITUTE OF SCIENCE EDUCATION AND RESEARCH, BHUBANESWAR
(AN AUTONOMOUS INSTITUTE UNDER DEPT. OF ATOMIC ENERGY, GOVT. OF INDIA)
Po-Bhimpur-Padanpur, Via-Jatni, Dist-Khurda-752050
Phone- 0674-2494013, Fax-0674-2494004, web:- http://www.niser.ac.in

पीएचडी कार्यक्रम–2018 (शीतकालीन सत्र) में प्रवेश हेतु सूचना/
Notice for Admission to Ph.D. Programme – 2018 (Winter Session)

विज्ञापन सं.: नाईसर/एसीएडी/पीएच.डी/2018–19(2)
Advt.No:NISER/ACAD/Ph.D/2018-19(2)

एनआईएसईआर भुवनेश्वर में निम्नलिखित स्कूलों में **4 जनवरी, 2019 (मंगलवार)** से शुरू होने वाले पीएचडी कार्यक्रम में प्रवेश के लिए भारतीय नागरिकों से आवेदन आमंत्रित किये जाते हैं।

Applications are invited from Indian citizens for admission to Ph.D Program scheduled to commence from **4th January, 2019 (Tuesday)** in the following schools at NISER Bhubaneswar:

1. जैविक विज्ञान / School of Biological Sciences
2. रासायन विज्ञान / School of Chemical Sciences
3. भौतिक विज्ञान / School of Physical Sciences
4. मानविकी एवं सामाजिक विज्ञान / School of Humanities & Social Sciences
5. कम्प्यूटर विज्ञान / School of Computer Sciences

छात्रों से कोई आवेदन/प्रवेश शुल्क नहीं लिया जाएगा। परीक्षा/साक्षात्कार के लिए बुलाये गये उम्मीदवारों को दूसरी स्लीपर कक्षा में आने–जाने का रेलवे किराया प्रदान किया जाएगा।

No application/entrance fee is charged to the student. To and Fro single 2nd sleeper class railway fare will be provided to candidates called for the test/interview.

महत्वपूर्ण तिथियाँ / Important dates:
ऑनलाईन आवेदन सक्रिय होने की तिथि/
Online application will be activated on : 01/10/2018
ऑनलाईन आवेदन भरने की अंतिम तिथि/
Last date for filling up online application : 02/11/2018

योग्यता मानदंड, आवेदन प्रक्रिया एवं चयन प्रक्रिया के बारे में विस्तृत जानकारी हेतु कृप्या हमारे वेबसाईट http://www.niser.ac.in देखें।
Kindly refer to our website http://www.niser.ac.in for details regarding eligibility criteria, application procedure and selection procedure.

ह०/– संकाय प्रभारी (शैक्षणिक कार्य)
Sd/- Faculty-In-Charge (Academic Affairs)

# ବିଜୟରୁ ଭାରତର ଅଭିଯାନ

## ତ୍ରିରାଷ୍ଟ୍ରୀୟ ଦୃଷ୍ଟିହୀନ କ୍ରିକେଟ

ବେଙ୍ଗାଲୁରୁ, ୫।୧୦(ପି.ଟି.)

ଏଠାରେ ଆରମ୍ଭ ହୋଇଥିବା ଦୃଷ୍ଟିହୀନ ତ୍ରିରାଷ୍ଟ୍ରୀୟ କ୍ରିକେଟ ଶୃଙ୍ଖଳାରେ ଭାରତୀୟ ଦଳ ବିଜୟରୁ ଅଭିଯାନ ଆରମ୍ଭ କରିଛି। ଟୁର୍ନାମେଣ୍ଟର ପ୍ରଥମ ମ୍ୟାଚ୍‌ରେ ଭାରତ ୭ ଉଇକେଟରେ ଶ୍ରୀଲଙ୍କାକୁ ପରାସ୍ତ କରି ୩ ପଏଣ୍ଟ ହାସଲ କରିଛି। ଟସ୍ ଜିତି ଭାରତୀୟ ଅଧିନାୟକ ଅଜୟ ରେଡ୍ଡୀ ଫିଲ୍ଡିଂ କରିବାକୁ ନିଷ୍ପତ୍ତି ନେଇଥିଲେ। ଭାରତୀୟ ବୋଲରମାନେ ଚମତ୍କାର ପ୍ରଦର୍ଶନ କରି ଶ୍ରୀଲଙ୍କାକୁ ବଡ଼ ସ୍କୋର କରିବାକୁ ସୁଯୋଗ ଦେଇ ନ ଥିଲେ। ଶ୍ରୀଲଙ୍କା ୧୮.୫ ଓଭରରେ ୧୪୫ ରନ କରି ଅଲଆଉଟ ହୋଇଥିଲା। ଦଳ ତରଫରୁ ସିଲଭା ୩୦, ଦେଶପ୍ରିୟା ୩୩ ରନ ସଂଗ୍ରହ କରି ଆଉଟ ହୋଇଥିବା ବେଳେ ଭାରତ ତରଫରୁ ସୁନୀଲ ରମେଶ ଓ ଦୁର୍ଗା ରାଓ ଦୁଇଟି ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଜବାବରେ ଭାରତ ୧୪.୪ ଓଭରରେ ୩ ଉଇକେଟ ହରାଇ ୧୪୬ ରନ କରି ବିଜୟ ହାସଲ କରିନେଇଥିଲା। ଭାରତ ପକ୍ଷରୁ ସୁନୀଲ ୫୭ ଓ ଗଣେଶ ଅପରାଜିତ ୫୫ ରନ ସଂଗ୍ରହ କରିଥିଲେ। ଅଲରାଉଣ୍ଡ ପ୍ରଦର୍ଶନ ପାଇଁ ସୁନୀଲ ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଭାରତ ତା'ର ପରବର୍ତ୍ତୀ ମ୍ୟାଚ୍‌ରେ ଇଂଲଣ୍ଡକୁ ଭେଟିବ। ଏହା ପରେ ଗୋଆରେ ଅନ୍ୟ ମ୍ୟାଚ୍‌ଗୁଡ଼ିକ ଖେଳାଯିବ।

**ସଂକ୍ଷିପ୍ତ ସ୍କୋର:**

ଶ୍ରୀଲଙ୍କା ୧୮.୫ ଓଭରରେ ୧୪୫ ଅଲଆଉଟ (ସିଲଭା– ୩୦, ଦେଶପ୍ରିୟ– ୩୩, ସୁନୀଲ– ୨/୨୦, ଦୁର୍ଗାରାଓ– ୨/୨୧) । ଭାରତ ୧୪.୪ ଓଭରରେ ୧୪୬/୩ (ଗଣେଶ– ୫୫*, ସୁନୀଲ– ୫୭)।

# ଫାଓ ଲିଗ୍: ସନ୍‌ରାଇଜ–ରାଇଜିଂ ଷ୍ଟୁଡେଣ୍ଟ ଫାଇନାଲ

କଟକ ଅଫିସ,୫।୧୦

ବାରବାଟୀ ଷ୍ଟାଡିୟମରେ ଚାଲିଥିବା ଫାଓ ପ୍ରଥମ ଡିଭିଜନ ଲିଗ୍‌ର ଫାଇନାଲ ରବିବାର ସନ୍‌ରାଇଜ୍ ଓ ରାଇଜିଂ ଷ୍ଟୁଡେଣ୍ଟ ମଧ୍ୟରେ ହେବ। ଶୁକ୍ରବାର ପ୍ରଥମ ସେମିଫାଇନାଲରେ ସନ୍‌ରାଇଜ ଟାଇବ୍ରେକରରେ ସ୍ପୋର୍ଟ୍ସ ହଷ୍ଟେଲକୁ ପରାସ୍ତ କରିଥିଲା। ସ୍ପୋର୍ଟ୍ସ ହଷ୍ଟେଲ ପକ୍ଷରୁ ମନଜିତ କିଶନ ପ୍ରଥମେ ଏକ ଗୋଲ ଦେଇ ଦଳକୁ ଅଗ୍ରଣୀ କରିଥିଲେ। ପରେ ସନରାଇଜର ମୁକେଶ ଭୋଇ ଦ୍ୱିତୀୟାର୍ଦ୍ଧରେ ଏକ ଗୋଲ ଦେଇ ସ୍କୋରକୁ ସମାନ ସ୍ଥିତିକୁ ନେଇ ଆସିଥିଲେ। ନିର୍ଦ୍ଧାରିତ ସମୟ ଓ ଅତିରିକ୍ତ ସମୟରେ ଅନ୍ୟ କୌଣସି ଗୋଲ ନ ହେବା ଯୋଗୁ ପେନାଲ୍ଟି କିକ୍‌ର ସହାୟତା ନିଆଯାଇଥିଲା। ଏଥିରେ ସନ୍‌ରାଇଜ୍ ୪–୨ ଗୋଲରେ ବିଜୟୀ ହୋଇ ଫାଇନାଲରେ ସ୍ଥାନ ପକ୍କା କରିଥିଲା। ଦ୍ୱିତୀୟ ସେମିଫାଇନାଲରେ ରାଇଜିଂ ଷ୍ଟୁଡେଣ୍ଟ ୩–୧ ଗୋଲରେ ରୋଭର୍ସ କ୍ଲବକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ୩୫ ଓ ୪୧ତମ ମିନିଟରେ ସେକ୍ ଫରିଦ ୨ଟି ଗୋଲ, ୪୩ତମ ମିନିଟରେ ଅରବିନ୍ଦ ଲାକ୍ରା ଗୋଟିଏ ଗୋଲ ଦେଇଥିଲେ। ଦ୍ୱିତୀୟାର୍ଦ୍ଧର ୮୩ତମ ମିନିଟରେ ରୋଭର୍ସ ପକ୍ଷରୁ ସୁମିତ ଓରାମ ଏକମାତ୍ର ଗୋଲ ପରିଶୋଧ କରିଥିଲେ।

# ଅରୁଣାଚଳ ପ୍ରଦେଶ, ବିହାର, ମଣିପୁର ବିଜୟୀ

## ଭିନୁ ମଙ୍କଡ ଟ୍ରଫି

ଭୁବନେଶ୍ୱର, ୫।୧୦(କ୍ରୀଡ଼ା ପ୍ରତିନିଧି)

ଭୁବନେଶ୍ୱରର ତିନୋଟି ଗ୍ରାଉଣ୍ଡରେ ଶୁକ୍ରବାର ରାଉଣ୍ଡ–୧ ପ୍ଲେଟ ୧୯ ବର୍ଷରୁ କମ୍ ଭିନୁ ମଙ୍କଡ଼ ଟ୍ରଫି କ୍ରିକେଟ ଜୋନାଲ ଲିଗ୍ ଆରମ୍ଭ ହୋଇଛି। ପ୍ଲେଟ୍ ଗ୍ରୁପରେ ବିହାର, ନାଗାଲାଣ୍ଡ, ପୁଡୁଚେରୀ, ମଣିପୁର, ଅରୁଣାଚଳ ପ୍ରଦେଶ, ମିଜୋରାମ, ମେଘାଳୟ, ଉତ୍ତରାଖଣ୍ଡ ଓ ସିକ୍କିମ ଆଦି ୯ଟି ଦଳ ଅଂଶଗ୍ରହଣ କରିଛନ୍ତି। କିଟ୍ କ୍ରିକେଟ ଷ୍ଟାଡିୟମରେ ପ୍ରତିଯୋଗିତାର ଉଦ୍‌ଘାଟନୀ ଉତ୍ସବ ଅନୁଷ୍ଠିତ ହୋଇଛି। କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ(ବିସିସିଆଇ) ସହକାରୀ ଜେନେରାଲ ମ୍ୟାନେଜର(କ୍ରିକେଟ ଅପରେଶନ୍ସ) କେ.ଭି.ପି. ରାଓ ଏବଂ ଅଂଶଗ୍ରହଣକାରୀ ଖେଳାଳି, ଅଫିସିଆଲ ଉପସ୍ଥିତ ଥିଲେ।

କିଟ୍ ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଅରୁଣାଚଳ ପ୍ରଦେଶ ୧୧ ରନରେ ମିଜୋରାମକୁ ପରାସ୍ତ କରିଛି। ଏମ.ଡି. ବିଲାଲ(୧୩୨ ବଲ୍‌ରୁ ୧୧୦ ରନ)ଙ୍କ ଶତକ ସହାୟତାରେ ଅରୁଣାଚଳ ପ୍ରଦେଶ ୫୦ ଓଭରରେ ୨୦୯ ରନ କରି ଅଲଆଉଟ ହୋଇଥିବାବେଳେ ମିଜୋରାମ ୭ ଉଇକେଟ ହରାଇ ୧୯୮ ରନ କରିବାକୁ ସକ୍ଷମ ହୋଇଥିଲା। ବିକାଶ କ୍ରିକେଟ ଷ୍ଟାଡିୟମରେ ବିହାର ୧୩୯ ରନରେ ନାଗାଲାଣ୍ଡକୁ ପରାସ୍ତ କରିଛି। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବିହାର ପୀୟୁଷ କୁମାର ସିଂଙ୍କ ଶତକ(୧୨୨ ବଲ୍‌ରେ ୧୦୧ ରନ) ସହାୟତାରେ ନିର୍ଦ୍ଧାରିତ ୫୦ ଓଭରରେ ୬ ଉଇକେଟ ହରାଇ ୨୬୨ ରନ କରିଥିଲା। ଜବାବରେ ନାଗାଲାଣ୍ଡ ୩୯.୨ ଓଭରରେ ୧୨୩ ରନ କରି ଅଲଆଉଟ ହୋଇଯାଇଥିଲା। ରେଲୱେ ଷ୍ଟାଡିୟମରେ ମଣିପୁର ୧୪୩ ରନରେ ପୁଡୁଚେରୀକୁ ହରାଇ ଦେଇଛି। ପ୍ରଥମେ ବ୍ୟାଟିଂ କରି ମଣିପୁର ୪୪.୩ ଓଭରରେ ୧୬୬ ରନରେ ଅଲଆଉଟ ହୋଇଥିବାବେଳେ ପୁଡୁଚେରୀ ୯.୪ ଓଭରରେ ମାତ୍ର ୨୩ ରନ କରି ସମସ୍ତ ଉଇକେଟ ହରାଇଥିଲା।


# ଧରିତ୍ରୀ CAREER APPOINTMENT

every Wednesday & Saturday

**Dream Computer Required**
Computer Hardware Engineer (15 Nos), Accounts Exe. (Tally) (5 yr. Exp., 10 Nos), Sales & Marketing (M/F 5 yr. Exp. 5 Nos), Office Peon (6 Nos.).
Walk-In: 8-Oct-18, 50, Sahid Nagar, BBSR
Mob: 9437015020 7328053713

**OFFICIALLY JOB**
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs. Monthly Salary upto Rs.25000/-.
Contact Immediately: Mob: 8763257042

**UNGENTLY REQUIRED**
1. RELATIONSHIP MANAGER
Qual. MBA having pleasing personality and Experience in FMCG marketing.
2. ACCOUNTANT
Qual. B.Com, Experience in Tally Know.
(SALARY NEGOTIABLE)
Interested Candidate may send their resume to
Email : astha3529@rediffmail.com
7008520036, 0674-2565497

**VACANCY**
ASST. MANAGING EDITOR
Qualf: B.Sc/M.Sc Biotech/ Life Sci. / Bot/ Zool. Salary Negotiable.
Freshers send CV to
info@gexinonline.com
Website: www.gexinonline.com
8594835051
GEXIN PUBLICATIONS, BBSR, Odisha.

**ବ୍ଲକସ୍ତରୀୟ ନିଯୁକ୍ତି**
ନିଜ ବ୍ଲକ ଓ ପଞ୍ଚାୟତ ସ୍ତରରେ କାମ କରିବା ପାଇଁ ପ୍ରତ୍ୟେକ ଜିଲ୍ଲାରୁ Candidate ଆବଶ୍ୟକ।
ଦରମା: 7,000/- to 42,000/-.
ଯୋଗାଯୋଗ: 9777639313

**ଆବଶ୍ୟକ**
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/above. Monthly Salary upto Rs.25000/-.
Contact: 9938676412

ଗ୍ରାମୀଣ ବ୍ଲକରେ ସୁପରଭାଇଜର ପାଇଁ ୪୫୦ ମହିଳା ଓ ୭୫୦ ପୁରୁଷ ଆବଶ୍ୟକ। +୨ ପାସ୍, ଦରମା: ୨୯୭୦୦/–, ମାର୍କଲିଷ୍ଟ, ଆଧାରକାର୍ଡ, ବାୟୋଡାଟା ପଠାନ୍ତୁ।
୦୯୫୯୮୩୦୧୨୭୭

ସୁବର୍ଣ୍ଣ ଅବସର "ଭୁବନେଶ୍ୱର"
**ବାଇକ ଚାଳକ ପାଇଁ ଚାକିରି**
(ପାର୍ଟ ଟାଇମ ଆଉ ଫୁଲ ଟାଇମ ଚାକିରି ଉପଲବ୍ଧ)
Rs. 18000/- ପର୍ଯ୍ୟନ୍ତ ପ୍ରତି ମାସ କମାନ୍ତୁ
ଆବଶ୍ୟକ: Bike / Scooter, RC, DL ଆଉ Android ମୋବାଇଲ
Call: 01139589422
Plot No. 40, Lane: L-4, Near ITER College, Jagmohan Nagar, Bhubaneswar - 751030
(Only for Bhubaneswar)

ସବୁ ଏୟାର ପୋର୍ଟ ହେତୁ ଡାଇରେକ୍ଟ ଭର୍ତ୍ତି ପକ୍କା ଜଏନିଂ। ଶାସକୀୟ, ଅର୍ଦ୍ଧଶାସକୀୟ, ଅପାଠୁଆରୁ ଗ୍ରାଜୁଏଟ 45,500/- ରୁ 85,500/-। ଗ୍ରାଉଣ୍ଡ ଷ୍ଟାଫ, ସୁପରଭାଇଜର, ଏୟାରହୋଷ୍ଟେସ୍, ଲୋଡର, ହେଲପର, ଡ୍ରାଇଭର। ରହିବା + ଖାଇବା + ବୀମା
CONSULTANT
09319634873

**RALLIS INDIA LTD**
REQUIRED
Post : CROP ADVISOR
No. of Post : 03
Job Profile : Sales & Marketing
Salary : Rs.12,000 - 14,000
Edu. Qualif[n] : Graduate
Contact: 9937342197, 9439511339
Email: ajayk.singh@rallis.co.in

**MNC କମ୍ପାନୀରେ ନିଯୁକ୍ତି**
Vacancy- 12 (M/F) Qual.- 10th/ +2/+3, Age below : 27 years. Monthly Income : Rs.10000/- ଓ ରହିବା ସୁବିଧା। ଆସନ୍ତା ୫ ଦିନ ମଧ୍ୟରେ ସାକ୍ଷାତ କରନ୍ତୁ
SAMBALPUR 9937323612 | BHUBANESWAR 9437186335

ନିଶୁଳ୍କ ଭର୍ତ୍ତି OASIS ରେ ପୁଅ/ ଝିଅର ଆବଶ୍ୟକତା
BRANCH MANAGER -30 NOS, ASSISTANCE MANAGER - 20 NOS, OFFICE EXECUTIVE - 15 NOS
Qualification - 10th to Graduation Free ନିଯୁକ୍ତି Permanent Job. (Age 18-28) ଟ୍ରେନିଂ + ରହିବା (Free) ଆୟ - 6500-8500 ଟ୍ରେନିଂ ପରେ 25000/- ରୁ 45000/-
OASIS MANAGEMENT
Plot no : 551, Samantarapur Chhak, Behind Reliance Fresh, Bhubaneswar
Ph : 9114237051, 9078415615

**FIELD SERVICE TECHNICIAN REQUIRED**
Reputed Company Service Centre Require Service Tech. for Cuttack & BBSR Branch.
Qualification: 10th pass/ +2
Salary : Negotiable
Contact: 9439203952 / 8917689212

WALK-IN-INTERVIEW
**KHURANA BROTHER**
(A HOUSE OF FURNISHINGS)
1. Sales Manager : M/F (5 to 8 Years Exp.)
2. Sales Executive : M/F (4 to 6 Years Exp.)
3. Showroom Service Staff : Male/Female (1 to 2 Years Experience)
4. 3 Phase Electrician (10 yrs Exp) Servant for Berhampur.
SALARY BEST IN INDUSTRY
39-B, Ashok Nagar, BBSR, M : 7809061111

**Urgently Required**
ଆୟୁର୍ବେଦିକ ମସାଜ ସେଣ୍ଟରରେ କାମ କରିବା ପାଇଁ ଝିଅ, ମହିଳା ଆବଶ୍ୟକ।
(ଖାଇବା ଓ ରହିବା ସୁବିଧା ଅଛି। ଦରମା - 10,000/-)
Contact : 7751083098
Khandagiri Square, Bhubaneswar

**ଜନ୍‌ୟା ସେଣ୍ଟର**
ବମ୍ବେ ଓ ଦିଲ୍ଲୀରେ ଘରୋଇ କାର୍ଯ୍ୟପାଇଁ ମେଡ, ଆୟା, ଧାଇ, ବେବି ଓ ପେସେଣ୍ଟ କେୟାର, ଗଭର୍ନେସ୍ ଓ କୁକ୍ ଆବଶ୍ୟକ। (କେବଳ ମହିଳାମାନଙ୍କ ପାଇଁ) ଦରମା - ୧୦ ରୁ ୧୫ ହଜାର। (ରହିବା ଓ ଖାଇବା ଫ୍ରି)
8117845642, 6370927914

**OFFICE STAFF ଆବଶ୍ୟକ**
ଭୁବନେଶ୍ୱରରେ Office ରେ କାମ କରିବା ପାଇଁ 10th/above ଯୁବକ ଯୁବତୀ ଆବଶ୍ୟକ। ରହିବାର ସୁବିଧା ଅଛି। ମାସିକ ଦରମା upto Rs. 24000/-.
Contact: 9938414918

**DIRECT JOINING**
- CALL CENTER
- DATA ENTRY
- TELE CALLER
- DELIVERY EXE
- BACK OFFICE
- AUTOCAD
Qualification +2, +3, ITI, Diploma.
SALARY Rs.6500 To Rs.16000
Age Below 32 years
9853844830, 9937529015

**URGENT REQUIREMENTS**
• Diploma : Electrical • MBA: Finance Immediate Joining
• B.Tech: Electrical • Graduation/Post Graduation (Any stream)
Place of Posting: Inside and Outside Odisha
Send your resume to frsh@dreamscorporate.co.in
Last date of registration:- on or before 10/10/2018.
Dreams Corporate, Bomikhal, Bhubaneswar. Mob. No.: 7064412786,9583597777, Ph No.: 0674-2571005

**CENTRAL ELECTRICITY SUPPLY UTILITY OF ODISHA**
IDCO TOWERS (2nd Floor), Janapath, Bhubaneswar-751022, Odisha
Phone : 0674-2541575, Fax : 0674 - 2543125
Website : www.cescoorissa.com / www.cesuodisha.com
**APPOINTMENT OF ASST. VIGILANCE OFFICER ON CONTRACTUAL BASIS**
Advt. No. : CESU/HR/Vig/23069 Date : 01.10.2018
Applications are invited on or before 20.10.2018 from atleast a retired Inspector of Police for the post of Asst. Vigilance Officer (AVO). For details please visit our official website : www.cescoorissa.com
Sd/-
Sr. GM (HR)

**URGENT REQUIRED**
Bhubaneswar Airport ରେ ୨୪୦ ପଦବୀ ପାଇଁ ପୁଅ / ଝିଅ ଆବଶ୍ୟକ
Qualification : (10th,12th,+3) Salary : (13500-35000) ଏବଂ ସମସ୍ତ ସୁବିଧା + ଖାଇବା ଫ୍ରି
Mobile : 9090391585, 7694934663, 9090732106

**ବ୍ଲକ୍ ସ୍ତରୀୟ ନିଯୁକ୍ତି**
ନିଜ ନିଜ ପଞ୍ଚାୟତସ୍ତରରେ କାମ କରିବା ପାଇଁ ODISHA ର ପ୍ରତ୍ୟେକ ଜିଲ୍ଲାରୁ ଆବଶ୍ୟକ
Qual. 7th, 10th, +2, +3 ଓ ITI candidate
Salary : Rs. 8,000 To Rs.15,000
CONTACT : 9178371341

ଧରିତ୍ରୀ
**ଆବଶ୍ୟକ କରୁଛି**

**ମେଶିନ ଅପରେଟର**
**ଯୋଗ୍ୟତା:** ପ୍ରାର୍ଥୀ ଅନ୍ୟୂନ +୨ ପାସ୍ କରିଥିବା ସହ ଆଇଟିଆଇ ଶିକ୍ଷା ହାସଲ କରିଥିବେ। ୱେବ୍ ଅଫ୍‌ସେଟ୍ ମେଶିନ୍ ଚାଳନାରେ ଅଭିଜ୍ଞତା ଥିବା ପ୍ରାର୍ଥୀଙ୍କୁ ଅଗ୍ରାଧିକାର ଦିଆଯିବ। ଠିକ୍ ସମୟ ଭିତରେ ଭଲ ପ୍ରିଣ୍ଟ ଏବଂ କମ୍ ୱେଷ୍ଟେଜ୍ ଉପରେ ପ୍ରାଧାନ୍ୟ ଦିଆଯିବ।

**ମେଶିନ ସହଯୋଗୀ**
**ଯୋଗ୍ୟତା:** ଅନ୍ୟୂନ ୧୦ମ ଶ୍ରେଣୀ ପାସ୍ କରିଥିବା ଆବଶ୍ୟକ। ୱେବ୍ ଅଫ୍‌ସେଟ ମେଶିନରେ ପୂର୍ବରୁ କାର୍ଯ୍ୟ କରିଥିବା ପ୍ରାର୍ଥୀଙ୍କୁ ପ୍ରାଥମିକତା ଦିଆଯିବ।
ଇଚ୍ଛୁକ ପ୍ରାର୍ଥୀମାନେ ଆସନ୍ତା ୭ଦିନ ମଧ୍ୟରେ ନିମ୍ନ ଠିକଣାରେ ଦରଖାସ୍ତ ପଠାଇବେ।

ମୁଖ୍ୟ କାର୍ଯ୍ୟନିର୍ବାହୀ, ଧରିତ୍ରୀ
ବି–୧୫, ଶିଳ୍ପାଞ୍ଚଳ, ରସୁଲଗଡ, ଭୁବନେଶ୍ୱର–୭୫୧୦୧୦
ଇ–ମେଲ: recruitment@dharitri.com
ବି.ଦ୍ର.: ପ୍ରାର୍ଥୀ ଯେଉଁ ପଦବୀ ପାଇଁ ଆବେଦନ କରୁଛନ୍ତି, ତାହାର ନାମ ଦରଖାସ୍ତ ଲଫାପା ଉପରେ ଉଲ୍ଲେଖ କରିବା ଆବଶ୍ୟକ।

**ନୋଟିସ୍:** ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

See Career Appointment on every Wednesday & Saturday



DSPL-189

ଓଡ଼ିଶା କୋଠାବାଡି ଏବଂ
ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ
ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗଙ୍କ
ସହଯୋଗରେ ଶୁଭାରମ୍ଭ କରୁଛନ୍ତି

ଓଡ଼ିଶା ସରକାର



# ନିର୍ମାଣ କୁସୁମ

ସରକାରୀ ଆଇ.ଟି.ଆଇ. ଏବଂ ପଲିଟେକ୍‌ନିକ୍‌ରେ
ଅଧ୍ୟୟନ କରୁଥିବା ନିର୍ମାଣ ଶ୍ରମିକ ପରିବାରର ପିଲାଙ୍କ ପାଇଁ
ସ୍ୱତନ୍ତ୍ର ଆର୍ଥିକ ପ୍ରୋତ୍ସାହନ କାର୍ଯ୍ୟକ୍ରମ

॥ ଉଦ୍‌ଘାଟକ ॥
ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀ
ଶ୍ରୀଯୁକ୍ତ ନବୀନ ପଟ୍ଟନାୟକ
୬ ଅକ୍ଟୋବର ୨୦୧୮
ଜୟଦେବ ଭବନ, ଭୁବନେଶ୍ୱର





ଓଡ଼ିଶା କୋଠାବାଡି ଏବଂ
ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ
ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ବିଭାଗ
ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ

17002/13/0002/1819

“ ଫର୍ମୁଲା ୱାନ କାର୍ ରେସ୍ ବେଳେ ଯଦି ବର୍ଷା ହୁଏ ତେବେ ସାମାନ୍ୟ ତ୍ରୁଟି ପାଇଁ ଜଣେ ଡ୍ରାଇଭରଙ୍କୁ ୧୦ ଗୁଣା କଷ୍ଟକର ହୋଇଥାଏ ।

–ଭାଲଟେରି ବୋଟାସ, ମର୍ସିଡିଜ୍ ଫର୍ମୁଲା ୱାନ ଡ୍ରାଇଭର



“ ରେଡ୍ ଷ୍ଟାର ବେଲଗ୍ରେଡ୍ ବିପକ୍ଷରେ ନେମାର ହୁଏତ ହ୍ୟାଟ୍ରିକ୍ ଅର୍ଜନ କରିଥାଇ ପାରନ୍ତି, ହେଲେ ଆଞ୍ଜେଲ ଡି' ମାରିଆ ଆମ ଦଳର ନିର୍ଭରଯୋଗ୍ୟ ଖେଳାଳି।

–ଥୋମାସ୍ ଟଚେଲ, ପ୍ୟାରିସ ସେଣ୍ଟ ଜର୍ମେନ କ୍ଲବର ମୁଖ୍ୟ କୋଚ୍



## ପୂର୍ବାଞ୍ଚଳ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଉଦ୍‌ଯାପିତ

ଭୁବନେଶ୍ୱର, ୫।୧୦(କ୍ରୀଡ଼ା ପ୍ରତିନିଧି)

ଶହୀଦ ନଗର ଇନ୍‌ଡୋର ହଲ୍‌ରେ ପୂର୍ବାଞ୍ଚଳ (ଟିମ୍ ଏବଂ ବ୍ୟକ୍ତିଗତ) ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ଶୁକ୍ରବାର ଉଦ୍‌ଯାପିତ ହୋଇଛି। ଏହାର ମହିଳା ସିଙ୍ଗଲ୍ସ ଫାଇନାଲରେ ଦେୟାସି କାଞ୍ଜିବିଲ୍ୟା ୨୧-୧୪, ୨୧-୧୫ରେ ଅମୋଲିକା ସିଂଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ଅନ୍ୟପକ୍ଷରେ ଅନସଲ ଯାଦବ ଅନୁପସ୍ଥିତ ରହିବାରୁ ଆୟୁଷରାଜ ଗୁପ୍ତା ୱାକଓଭର ପାଇ ଟାଇଟଲ ହାସଲ କରିଛନ୍ତି। ମିକ୍ସଡ ଡବଲ୍ସ ଫାଇନାଲରେ ମୋହିତ ତିୱାରୀ ଓ ସ୍ମୃତି ନାଗରକୋଟି ୨୧-୧୩, ୨୧-୧୭ରେ ଶୁଭମ୍ ଯାଦବ ଓ ତପସ୍ୱିନୀ ସାମନ୍ତରାୟଙ୍କୁ ପରାସ୍ତ କରିଛନ୍ତି। ପୁରୁଷ ଡବଲ୍ସ ଫାଇନାଲରେ କୁନୱାର ଇଶାନ ସିଂ ଓ ଶୁଭମ୍ ଯାଦବ ଯୋଡ଼ି ଧ୍ରୁବ ରାୱତ ଓ ହିମାଂଶୁ ତିୱାରୀଙ୍କୁ ୨୧-୧୮, ୨୧-୧୩ରେ ହରାଇଥିବାବେଳେ ମହିଳା ଡବଲ୍ସରେ ଦେୟାସି କାଞ୍ଜିବିଲ୍ୟା ଓ ପ୍ରଙ୍କା ରାୟ ଯୋଡ଼ି ୨୧-୧୫ ଓ ୨୧-୧୬ରେ ସମୃଦ୍ଧି ସିଂ ଓ ତପସ୍ୱିନୀ ସାମନ୍ତରାୟ ଯୋଡ଼ିକୁ ପରାସ୍ତ କରିଛନ୍ତି। ୧୯ ବର୍ଷରୁ କମ୍ ବାଳକ ସିଙ୍ଗଲ୍ସରେ ଅଙ୍କିତ କୁମାର ୧୮-୨୧, ୨୩-୨୧, ୨୧-୧୦ରେ ରଞ୍ଜନ ଯାଦବଙ୍କୁ ଏବଂ ଡବଲ୍ସରେ ବାଲକେଶରୀ ଯାଦବ ଓ ସୂରଜ ଲାମା ଯୋଡ଼ି ୧୯-୨୧, ୨୧-୧୬, ୨୧-୧୧ରେ ଭବେଶ ପାଣ୍ଡେ ଓ ଶ୍ରୀଶ୍ ବିସ୍ତଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। ସେହିପରି ୧୯ ବର୍ଷରୁ କମ୍ ବାଳିକା ସିଙ୍ଗଲ୍ସରେ ଅମୋଲିକା ସିଂ ୨୧-୧୮, ୨୧-୧୬ରେ ଦେୟାସି କାଞ୍ଜିବିଲ୍ୟାଙ୍କୁ ଏବଂ ଡବଲ୍ସରେ ଦିବ୍ୟାଂଶୀ ଶର୍ମା ଓ ରାଜଶ୍ରୀ ଗର୍ଗ ଯୋଡ଼ି ୨୧-୧୩, ୨୧-୧୮ରେ ଅମୋଲିକା ସିଂ ଓ ସମୃଦ୍ଧି ସିଂଙ୍କୁ ହରାଇ ଟାଇଟଲ ହାସଲ କରିଛନ୍ତି। ୧୯ ବର୍ଷରୁ କମ୍ ମିକ୍ସଡ ଡବଲ୍ସରେ ଅଭ୍ୟାଂଶ ସିଂ ଓ ସମୃଦ୍ଧି ସିଂ ଯୋଡ଼ି ୨୧-୧୫, ୨୧-୧୧ରେ ଶ୍ରୀଶ୍ ବିସ୍ତ ଓ ପ୍ରିୟଙ୍କା କନୱାଲଙ୍କୁ ହରାଇ ଚାମ୍ପିୟନ ହୋଇଛନ୍ତି। କ୍ରୀଡ଼ା ଓ ଯୁବସେବା ବିଭାଗ ଯୁଗ୍ମ ସଚିବ ମନୋଜ ପାଢ଼ୀ ଅତିଥିଭାବେ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ।

# ପନ୍ତ ୯୨, କୋହଲି ୧୩୯, ଜାଡେଜା ୧୦୦*

ରାଜକୋଟ, ୫।୧୦(ପି.ଟି.)





ଶତକ ହାସଲ ପରେ ରବୀନ୍ଦ୍ର ଜାଡେଜା ଓ ବିରାଟ କୋହଲିଙ୍କ ପ୍ରତିକ୍ରିୟା।

### ପ୍ରଥମ ଟେଷ୍ଟ

- ୬୪୯/୯ରେ ଭାରତର ପ୍ରଥମ ଇନିଂସ୍ ଘୋଷଣା
- ବିରାଟ କୋହଲିଙ୍କ ୨୪ତମ ଟେଷ୍ଟ ଶତକ
- ରବୀନ୍ଦ୍ର ଜାଡେଜାଙ୍କ ଟେଷ୍ଟ ଶତକ ସ୍ୱପ୍ନ ସାକାର
- ଦ୍ୱିତୀୟ ଦିବସ ଶେଷ ସୁଦ୍ଧା ୱେଷ୍ଟଇଣ୍ଡିଜ ୯୪/୬

ରାଜକୋଟରେ ଚାଲିଥିବା ପ୍ରଥମ କ୍ରିକେଟ ଟେଷ୍ଟରେ ଭାରତର ରାଜୁତି ଅବ୍ୟାହତ ରହିଛି। ପ୍ରଥମ ଦିବସରେ ପୃଥ୍ୱୀ ଶ' ପଦାର୍ପଣ ଟେଷ୍ଟରେ ଶତକ ହାସଲ କରିଥିବାବେଳେ ଦ୍ୱିତୀୟ ଦିବସରେ ଯୁବ ଉଇକେଟ କିପର ରିଷଭ ପନ୍ତ (୯୨) ଅଳ୍ପକେ ଶତକ ହାସଲରୁ ବଞ୍ଚିତ ହୋଇଛନ୍ତି। ତେବେ ଅଧିନାୟକ ବିରାଟ କୋହଲିଙ୍କ ୨୪ତମ ଏବଂ ରବୀନ୍ଦ୍ର ଜାଡେଜାଙ୍କ ବହୁ ପ୍ରତୀକ୍ଷିତ ପ୍ରଥମ ଶତକ ସହାୟତାରେ ଭାରତ ଏହାର ପ୍ରଥମ ଇନିଂସ୍‌କୁ ୬୪୯/୯ରେ ଘୋଷଣା କରିଛି। ଜବାବରେ ଦ୍ୱିତୀୟ ଦିବସ ଶେଷ ସୁଦ୍ଧା ୱେଷ୍ଟଇଣ୍ଡିଜ ୯୪ ରନ୍‌ରେ ୬ଟି ଉଇକେଟ ହରାଇ ଫଲୋଅନ୍ ଦ୍ୱାରରେ ପହଞ୍ଚି ଯାଇଛି। ହାତରେ ମାତ୍ର ୪ ଉଇକେଟ ରହିଥିବାବେଳେ ୱେଷ୍ଟଇଣ୍ଡିଜ ଭାରତର ପ୍ରଥମ ଇନିଂସ୍‌ଠାରୁ ଆହୁରି ୫୫୫ ରନ୍ ପଛରେ ରହିଛି। ଫଳରେ ଭାରତ ଏଠାରେ ବୃହତ ବିଜୟ ହାସଲ କରିବା ଏକପ୍ରକାର ନିଶ୍ଚିତ ହୋଇଛି।

ୱେଷ୍ଟଇଣ୍ଡିଜର ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟ ଘଟାଇଥିଲେ ମହମ୍ମଦ ସାମି। ସେ ୭ ରନ୍ ମଧ୍ୟରେ ୨ ଓପ୍‌ନର କ୍ରେଗ୍ ବ୍ରାଥ୍‌ୱେଟ(୨) ଓ କେରନ ପାୱେଲ(୧)ଙ୍କୁ ଆଉଟ କରି ଭ୍ରମଣକାରୀ ଦଳ ଉପରେ ଚାପ ପ୍ରୟୋଗ କରିଥିଲେ। ଏଥିରୁ ମୁକୁଳିପାରି ନ ଥିଲା ୱେଷ୍ଟଇଣ୍ଡିଜ। କ୍ରମାଗତ ବ୍ୟବଧାନରେ ଉଇକେଟ ହରାଇ ଦଳ ୭୪ ରନ୍ ମଧ୍ୟରେ ୬ ଉଇକେଟ ହରାଇଥିଲା। ରଷ୍ଟନ ଚେଜ୍ ସର୍ବାଧିକ ୨୭ ଓ କେମୋ ପଲ୍ ୧୩ ରନ୍‌ରେ ଅପରାଜିତ ରହି ୨୯ ଓଭର ଶେଷସୁଦ୍ଧା ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ୍ ସ୍କୋରକୁ ୯୪ରେ ପହଞ୍ଚାଇଛନ୍ତି। ଭାରତ ପକ୍ଷରୁ ସାମି ୨ଟି ଏବଂ ରବିଚନ୍ଦ୍ରନ ଅଶ୍ୱିନ, ଜାଡେଜା ଓ କୁଲଦୀପ ଯାଦବ ଗୋଟିଏ ଲେଖାଏ ଉଇକେଟ ନେଇଛନ୍ତି।

ପ୍ରଥମ ଦିବସର ଅସମାପ୍ତ ସ୍କୋର ୩୬୪/୪ରୁ ଭାରତ ଦ୍ୱିତୀୟ ଦିବସ ଖେଳ ଆରମ୍ଭ କରିଥିଲା। ରିଷଭ ଓ ବିରାଟ ୱେଷ୍ଟଇଣ୍ଡିଜ ବୋଲିଂକୁ ମାମୁଲି ସାବ୍ୟସ୍ତ କରି ବଡ଼ ସ୍କୋର ଦିଗରେ ଅଗ୍ରସର ହୋଇଥିଲେ। କ୍ୟାରିୟରର ୪ର୍ଥ ଟେଷ୍ଟ ଖେଳୁଥିବା ରିଷଭ ପନ୍ତ ଆତ୍ମବିଶ୍ୱାସର ସହ ବ୍ୟାଟିଂ କରି ଦ୍ୱିତୀୟ ଟେଷ୍ଟ ଶତକର ନିକଟତର ହୋଇଥିଲେ। ମାତ୍ର ସେ ୯୨ ରନ୍ କରିଥିବାବେଳେ ଦେବେନ୍ଦ୍ର ବିଶୁଙ୍କ ବଲ୍‌ରେ ମିଡ୍ ଉଇକେଟ ଉପରେ ଛକା ମାରିବା ଚକ୍କରରେ ଶର୍ଟ ଥାର୍ଡମ୍ୟାନ ଅଞ୍ଚଳରେ କେମୋ ପଲ୍‌ଙ୍କ ହାତରେ ଧରାପଡ଼ି ପ୍ୟାଭିଲିୟନ ଫେରିଥିଲେ। ୮୪ଟି ବଲ୍‌ର ସମ୍ମୁଖୀନ ହୋଇଥିବା ପନ୍ତ ନିଜ ଇନିଂସ୍ ମଧ୍ୟରେ ୮ ଚୌକା ଓ ୪ ଛକା ମାରିଥିଲେ। କୋହଲି ଓ ପନ୍ତଙ୍କ ମଧ୍ୟରେ ୫ମ ଉଇକେଟ ଭାଗୀଦାରିରେ ୧୩୩ ରନ ସଂଗୃହୀତ ହୋଇଥିଲା। ବିରାଟଙ୍କୁ କିନ୍ତୁ ଶତକ ହାସଲରୁ ରୋକିପାରି ନ ଥିଲେ ୱେଷ୍ଟଇଣ୍ଡିଜ ବୋଲର। ୧୮୪ ବଲ୍‌ରୁ ୭ ଚୌକା ସହାୟତାରେ କ୍ୟାରିୟରର ୨୪ତମ ଟେଷ୍ଟ ଶତକ ପୂରଣ କରିଥିଲେ ଟିମ୍ ଇଣ୍ଡିଆ ଅଧିନାୟକ। ମଧ୍ୟାହ୍ନଭୋଜନ ବିରତି ବେଳକୁ ଭାରତ ୫ ଉଇକେଟ ହରାଇ ୫୦୬ ରନ୍ ସଂଗ୍ରହ କରିଥିବାବେଳେ ବିରାଟ ୧୨୦ ରନ୍‌ରେ ଅପରାଜିତ ଥିଲେ। ୨୩୦ ବଲ୍‌ରୁ ୧୩୯ (୧୦ ଚୌକା) ରନ୍ କରି କୋହଲି ଶେର୍ମାନ ଲୁଇସ୍‌ଙ୍କ ବଲ୍‌ରେ ଆଉଟ ହୋଇଥିଲେ।

ସୌରାଷ୍ଟ୍ର କ୍ରିକେଟ ଆସୋସିଏଶନର ବ୍ୟାଟିଂ ପିଚ୍‌ରେ ଜାଡେଜାଙ୍କ ସ୍ୱପ୍ନ ମଧ୍ୟ ସାକାର ହୋଇଛି। ୩୮ଟି ଟେଷ୍ଟ ଖେଳିବାପରେ ଜୀବନର ପ୍ରଥମ ଟେଷ୍ଟ ଶତକ ହାସଲ କରିଛନ୍ତି ଏବେ ଭେଟେରାନ ଅଲରାଉଣ୍ଡର। ୧୩୨ ବଲ୍‌ରୁ ସେ ଶତକ ପୂରଣ କରିବାପରେ କୋହଲି ଇନିଂସ ଘୋଷଣା କରିଥିଲେ। ସେତେବେଳକୁ ଜାଡେଜା ୧୦୦ ଓ ମହମ୍ମଦ ସାମି ୨ ରନ୍‌ରେ ଅପରାଜିତ ରହିଥିଲେ। ଶେଷଭାଗରେ ଉମେଶ ଯାଦବ ୨୨ ରନର ଉପଯୋଗୀ ଇନିଂସ ଖେଳି ଜାଡେଜାଙ୍କୁ ଶତକ ପୂରଣ ଦିଗରେ ସହାୟକ ହୋଇଥିଲେ। ନିଜ ଇନିଂସ ମଧ୍ୟରେ ଜାଡେଜା ୫ଟି ଲେଖାଏ ଚୌକା ଓ ଛକା ମାରିଥିଲେ। ୨୦୧୨ ଡିସେମ୍ବରରେ ଟେଷ୍ଟ କ୍ୟାରିୟର ଆରମ୍ଭ କରିଥିବା ଜାଡେଜାଙ୍କୁ ଶତକ ହାସଲ ପାଇଁ ୩୮ଟି ମ୍ୟାଚ୍ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିଥିଲା। ୧୧ ନମ୍ବର ବ୍ୟାଟ୍ସମ୍ୟାନ ମହମ୍ମଦ ସାମିଙ୍କ ସହିତ ଖେଳୁଥିଲେ ହେଁ ସେ ନର୍ଭସ ନ ହୋଇ ଦ୍ୱିତୀୟ ଦିବସ ଟା' ବିରତିର ପୂର୍ବ ଓଭରରେ ମ୍ୟାଜିକ୍ ତିନିଅଙ୍କ ସଂଖ୍ୟା ସ୍ପର୍ଶ କରିଥିଲେ। ଦେଖିବାକୁ ଗଲେ ଗତ ୧ ମାସ ଜାଡେଜାଙ୍କ ପାଇଁ ଶୁଭ ସାବ୍ୟସ୍ତ ହୋଇଛି। ଇଂଲଣ୍ଡ ବିପକ୍ଷ ଅନ୍ତିମ ଟେଷ୍ଟରେ ସେ ୮୬ ରନ୍ ସ୍କୋର କରିଥିବାବେଳେ ଦୁବାଇରେ ଅନୁଷ୍ଠିତ ଏସିଆ କପ୍ ପାଇଁ ଦଳକୁ ଡାକରା ପାଇଥିଲେ। ୱେଷ୍ଟଇଣ୍ଡିଜ ବୋଲରଙ୍କ ମଧ୍ୟରେ ଦେବେନ୍ଦ୍ର ବିଶୁ ୪ଟି, ଶେର୍ମାନ ଲୁଇସ ୨ଟି ଏବଂ ଶାନନ ଗାବ୍ରିଏଲ, ରଷ୍ଟନ ଚେଜ୍ ଓ କ୍ରେଗ୍ ବ୍ରାଥ୍‌ୱେଟ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ପ୍ରଥମ ଇନିଂସ ୬୪୯/୯/ ଘୋଷଣା (ପୃଥ୍ୱୀ ଶ'-୧୩୪, କୋହଲି-୧୩୯, ଜାଡେଜା-୧୦୦*, ପନ୍ତ-୯୨, ପୂଜାରା-୮୬, ରାହାନେ-୪୧, ଦେବେନ୍ଦ୍ର ବିଶୁ-୪/୨୧୭, ଶେର୍ମାନ ଲୁଇସ୍-୨/୯୩, ଶାନନ ଗାବ୍ରିଏଲ-୧/୮୪, ରଷ୍ଟନ ଚେଜ୍-୧/୧୩୭, କ୍ରେଗ୍ ବ୍ରାଥ୍‌ୱେଟ-୧/୪୭)।

ୱେଷ୍ଟଇଣ୍ଡିଜ ପ୍ରଥମ ଇନିଂସ: ୯୪/୬(ରଷ୍ଟନ-୨୭*, କେମୋ ପଲ-୧୩*, ସାମି-୨/୧୧, ଅଶ୍ୱିନ-୧/୩୨, ଜାଡେଜା-୧/୯, କୁଲଦୀପ-୧/୧୯)।

## କଟକରେ ବେବି ଲିଗ୍ କର୍ମଶାଳା

କଟକ ଅଫିସ,୫।୧୦

ବାରବାଟୀ ଷ୍ଟାଡିୟମସ୍ଥିତ ଓସିଏ ସମ୍ମିଳନୀ କକ୍ଷରେ ବେବି ଲିଗ୍ କର୍ମଶାଳା ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଅଲ ଇଣ୍ଡିଆ ଫୁଟବଲ ଫେଡେରେଶନ୍ (ଏଆଇଏଫ୍‌ଏଫ୍) ବେବି ଲିଗ୍ ମ୍ୟାନେଜର ଶ୍ରୀନିବାସ ସାଇମଣିଙ୍କ ତତ୍ତ୍ୱାବଧାନରେ ଉକ୍ତ କର୍ମଶାଳା ହୋଇଥିଲା। କାର୍ଯ୍ୟକ୍ରମରେ ୪୩ଜଣ ଅଂଶଗ୍ରହଣ କରିଥିଲେ। ୪ବର୍ଷରୁ ୧୩ବର୍ଷ ବୟସ ପର୍ଯ୍ୟନ୍ତ ଫୁଟବଲ ଖେଳାଳିଙ୍କ ବିକାଶ ଉଦ୍ଦେଶ୍ୟରେ ଏହି କର୍ମଶାଳା ଆୟୋଜିତ ହୋଇଛି। ଫାଓ ଉପସଭାପତି ଭକ୍ତବଲ୍ଲଭ ଦାସ, ବିଜୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଚେସ୍ ଅଲିମ୍ପିଆଡ: ଭାରତୀୟ ପୁରୁଷ ଷଷ୍ଠ, ମହିଳା ଅଷ୍ଟମ

ବାଟୁମି (ଜର୍ଜିଆ),୫।୧୦(ପି.ଟି.)

ଏଠାରେ ଅନୁଷ୍ଠିତ ୪୩ତମ ଚେସ୍ ଅଲିମ୍ପିଆଡରେ ଭାରତୀୟ ପୁରୁଷ ଓ ମହିଳା ଦଳ ନୈରାଶ୍ୟଜନକ ପ୍ରଦର୍ଶନ କରିଛନ୍ତି। ଶୁକ୍ରବାର ଭାରତୀୟ ପୁରୁଷ ଦଳ ଷଷ୍ଠ ଓ ମହିଳା ଦଳ ଅଷ୍ଟମ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ପୁରୁଷ ଦଳ ଏକାଦଶ ରାଉଣ୍ଡରେ ପୋଲାଣ୍ଡ ବିପକ୍ଷରେ ୨-୨ରେ ମୁକାବିଲା ଡ୍ର ରଖିଥିଲା। ଅନ୍ୟପଟେ ମହିଳା ଦଳ ମଙ୍ଗୋଲିଆକୁ ୩-୧ରେ ପରାସ୍ତ କରି କିଛିଟା ତ୍ରୁଟି ସୁଧାରିଥିଲା। ଉଭୟ ଭାରତୀୟ ପୁରୁଷ ଓ ମହିଳା ଦଳ ୧୬ ମ୍ୟାଚ୍ ପଏଣ୍ଟ ଲେଖାଏ ହାସଲ କରିଥିଲେ। ମହିଳା ବିଭାଗ ପ୍ରତିଯୋଗିତାରେ ଚାଇନା ୧୮ ପଏଣ୍ଟ ପାଇ ସ୍ୱର୍ଣ୍ଣ ପଦକ ହାସଲ କରିଛି। ସେହିପରି ସମାନ ୧୮ ପଏଣ୍ଟ ପାଇଥିଲେ ମଧ୍ୟ ୟୁକ୍ରେନ ମହିଳା ଦଳ ରୌପ୍ୟ ଓ ଜର୍ଜିଆ ୧ ଦଳ ବ୍ରୋଞ୍ଜ ପଦକରେ ସନ୍ତୁଷ୍ଟ ହୋଇଥିଲା।



Regd Office: Hero MotoCorp Ltd., 34, Community Centre, Basant Lok, Vasant Vihar, New Delhi - 110057, India. CIN: L35911DL1984PLC017354. For more information, contact nearest Hero MotoCorp's authorised outlet or call Toll Free No.: 1800-266-0018 or visit heromotocorp.com. Always wear a helmet while riding a two-wheeler. Accessories and features shown may not be part of standard fitment. #Finance available at the sole discretion of the financiers. For more details please contact the nearest Hero MotoCorp dealership. *Terms and Condition apply. Offers valid in select states only. Limited period offers.
FINANCE PARTNER HeroFinCorp. HDFC BANK We understand your world IndusInd Bank TWO WHEELER LOANS
HeroMotoCorpIndia HeroMotoCorpLimited TheHeroMotoCorp HeroMotoCorp.com HeroMotoCorp
For Institutional and Bulk Sales please write to Kolkata@heromotocorp.com
ଅଥରାଇଜ୍ଡ ଡିଲର : ଭୁବନେଶ୍ୱର: ରୋହନ ହୀରୋ - 7799766422. ଭାରତ ହୀରୋ - 7799766378. ଡିଡି ହୀରୋ - 7799566329. ବାଲେଶ୍ୱର: ନୀଲମ ହୀରୋ - 7799766393. ବାରିପଦା : ଆଦିତ୍ୟ ହୀରୋ - 7799766370. ଭଦ୍ରକ : ସଞ୍ଜୀବ ହୀରୋ - 7799766380. ଚଣ୍ଡୀଖୋଲ: ଏସ୍.କେ. ହୀରୋ - 7799766362. କଟକ: ଜେଏମଜି ହୀରୋ - 7799766366. ଏସେନ୍ ହୀରୋ - 7799766425. ସନୀ ହୀରୋ - 7799766401. ଜଗତସିଂହପୁର: ତ୍ରିଶୂଳ ହୀରୋ - 7799766383. ଯାଜପୁର ରୋଡ: ସୌମିକ ହୀରୋ - 7799766410. ଜଳେଶ୍ୱର: ସାଇ ହୀରୋ - 7799766407. ଜଟଣୀ: ବିଶାଳ ହୀରୋ - 7799766398. କେନ୍ଦୁଝର: ସୁପ୍ରିମ ହୀରୋ - 7799766360. ନୟାଗଡ଼: ଭଗବତୀ ହୀରୋ - 7799766417. ଅଥରାଇଜ୍ଡ ସର୍ଭିସ୍ ସେଣ୍ଟର: ବାଲିଆପାଳ: ବାବା ମୋଟର୍ସ - 253841, 9438757377. ବାଲୁଗାଁ: ମହାମାୟୀ ମୋଟର୍ସ - (06756) 250280. ଯାଜପୁର: ଆୟୁଷ ଅଟୋମୋବାଇଲ୍ସ - 223864. କେନ୍ଦ୍ରାପଡ଼ା: ବୈଷ୍ଣବୀ ମୋଟର୍ସ - 221083. ଖୋର୍ଦ୍ଧା: ଦିନେଶ ଟ୍ରେଡିଂ କମ୍ପାନୀ - 221511. ନିମାପଡ଼ା: ବାସୁଦେବ ଅଟୋମୋବାଇଲ୍ସ - 252725. ପାରାଦୀପ: ପ୍ରଦୀପ ମୋଟର୍ସ - 9238120001. ପଟ୍ଟାମୁଣ୍ଡାଇ: ମିଶ୍ର ଅଟୋ - 220430. ପିପିଲି: ଶ୍ରୀରାମ ମୋଟର୍ସ - 240687. ପୁରୀ: ଲକ୍ଷ୍ମୀ ପ୍ରିୟା ମୋଟର୍ସ - 225552. ରାହାମା: ଶରଜା ଅଟୋମୋବାଇଲ୍ସ - 248001, 248002. ରାଇରଙ୍ଗପୁର: ମା ସାକମ୍ବରୀ ମୋଟର୍ସ - 7008906387. ସୋରୋ: ଟୁଇଙ୍କିଲ ମୋଟର୍ସ - 221711, 9337375571. ହୀରୋ ସିଓର! ସର୍ଟିଫାଏଡ ପ୍ରି-ଓନ୍ଡ- ଟୁ ହୁଇଲର୍ - ବିଦ୍ୟାଧରପୁର, କଟକ - 8093080012.




## ପୋଡ଼ିଗଲେ ନାବାଳିକା

**ବାଲିଆପାଳ, ୫।୧୦(ସ୍ୱ.ପ୍ର.)**

ବାଲେଶ୍ୱର ଜିଲା ବାଲିଆପାଳ ବ୍ଲକ ବଡ଼ସା ପଞ୍ଚାୟତ ବଡ଼ସା ଗ୍ରାମର ଜଣେ ନାବାଳିକା ଶୁକ୍ରବାର ସନ୍ଧ୍ୟାରେ ନିଆଁରେ ପୋଡ଼ି ହୋଇଯାଇଥିବା ଜଣାପଡ଼ିଛି। ପରିବାର ଏବଂ ସ୍ଥାନୀୟ ଲୋକେ ଆମ୍ବୁଲାନ୍ସରେ ବାଲିଆପାଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଛନ୍ତି।

ବଡ଼ସା ଗ୍ରାମର ଉମାକାନ୍ତ ରାଉତଙ୍କ ଝିଅ ଜୟନ୍ତୀ (୧୭) ସନ୍ଧ୍ୟାରେ ଗୋରୁ ଗୁହାଳରେ ଧୂଆଁ ଦେବା ପାଇଁ ଯାଇଥିଲେ। ଧୂଆ ପାଇଁ ସମସ୍ତ ସାମଗ୍ରୀ ପ୍ରସ୍ତୁତ କରି ହାତରେ ନେଇଥିବା ଡିବିରିରୁ କିରୋସିନ ଢ଼ାଳୁଥିବା ବେଳେ ନିଆଁ ହଠାତ୍ ଜୋର୍‌ରେ ଜଳି ଉଠିଥିଲା। ଫଳରେ ଜୟନ୍ତୀର ପୋଷାକରେ ନିଆଁ ଲାଗିଯାଇଥିଲା। ସମ୍ପୂର୍ଣ୍ଣ ପୋଷାକ ପୋଡ଼ି ଯାଇଥିବା ବେଳେ ଗୁରୁତର ଅବସ୍ଥାରେ ପରିବାର ଲୋକେ ଉଦ୍ଧାର କରି ଡାକ୍ତରଖାନାକୁ ନେଇଛନ୍ତି। ସେଠାରେ ତାଙ୍କର ଅବସ୍ଥା ଗୁରୁତର ଅଛି। ଉମାକାନ୍ତ ଜଣେ ଗରିବ ଲୋକ ହୋଇଥିବାରୁ ଝିଅର ଚିକିତ୍ସା ନିମନ୍ତେ ସ୍ଥାନୀୟ ଯୁବକମାନେ ମିଳିତ ଭାବେ ସହାୟତା ହାତ ବଢ଼ାଇଥିବାର ଜଣାପଡ଼ିଛି।

## ଯୁବକଙ୍କ ଆତ୍ମହତ୍ୟା

**ସିମୁଳିଆ, ୫।୧୦(ଡି.ଏନ.ଏ.)**

ସିମୁଳିଆ ଥାନା ଅଧୀନ ମୁରୁଣା ଶାସନର ମନୋଜ କୁମାର ପତ୍ରୀ (୩୩) ନାମକ ଯୁବକ ନିଜ ଘରେ ଶୁକ୍ରବାର ଅପରାହ୍ନରେ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ପାରିବାରିକ କଳହକୁ କେନ୍ଦ୍ର କରି ସେ ଏପରି କରିଥିବା ସୂଚନା ମିଳିଛି। ଶନିବାର ତାଙ୍କ ମୃତଦେହ ବ୍ୟବଚ୍ଛେଦ କରାଯିବ।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

# ମିଳୁନି ଜନ୍ମ, ମୃତ୍ୟୁ ପ୍ରମାଣପତ୍ର

■ଆବେଦନକାରୀ ଓ କର୍ମଚାରୀଙ୍କ ମଧ୍ୟରେ ବିବାଦ
■ପ୍ରଶାସନ ଦେଖାଉଛି କର୍ମଚାରୀ ଅଭାବ ଆଳ
■ସ୍କୁଲରେ ନାମ ଲେଖାଇ ପାରୁନାହାନ୍ତି ପିଲା

କେନ୍ଦୁଝର, ୫।୧୦(ସ୍ୱ.ପ୍ର.)

କେନ୍ଦୁଝର ଉପଜିଲାପାଳଙ୍କ କାର୍ଯ୍ୟାଳୟ ପକ୍ଷରୁ କର୍ମଚାରୀ ଅଭାବ ଆଳ ଦେଖାଇ ଲୋକଙ୍କୁ ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର ମାଗଣାରେ ତୁରନ୍ତ ଦିଆଯାଉ ନ ଥିବାରୁ ଅସନ୍ତୋଷ ତୀବ୍ର ହେବାରେ ଲାଗିଲାଣି। ଲୋକେ ବହୁ ମାସ ଧରି ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର ପାଇବା ପାଇଁ ଆବେଦନ କରିଥିଲେ ହେଁ ପାଉ ନ ଥିବା ପ୍ରଶାସନର ଅପାରଗ କାର୍ଯ୍ୟ ପଦାରେ ପଡ଼ିଛି। ଏ ନେଇ ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ଆବେଦନକାରୀ ଓ କର୍ମଚାରୀଙ୍କ ମଧ୍ୟରେ ବିବାଦ ଦେଖାଦେଉଛି। ଏ ନେଇ ପଦକ୍ଷେପ ନିଆ ନ ଗଲେ ପୁଞ୍ଜୀଭୂତ ଅସନ୍ତୋଷ ଉଗ୍ରରୂପ ନେବା ଆଶଙ୍କା ରହୁଛି। ୪୦୦ ଜଣ ଏଭଳି ଆବେଦନ କରିଥିଲେ ହେଁ ପ୍ରମାଣପତ୍ର ପାଉ ନ ଥିବା ଅଭିଯୋଗ ହେଉଛି। ଉକ୍ତ ଦାୟିତ୍ୱରେ ଥିବା କର୍ମଚାରୀ ନିର୍ବାଚନ ପ୍ରସ୍ତୁତି କାମରେ ବ୍ୟସ୍ତ ରହୁଛନ୍ତି। ଏହି କାମରେ ମନ ଦେଉନାହାନ୍ତି। କର୍ମଚାରୀ ଅଭାବରୁ ଜଣେ ଜଣେ କର୍ମଚାରୀଙ୍କୁ ଏକାଧିକ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ନ୍ୟସ୍ତ କରାଯାଉଛି। ଫଳରେ କାମକାର୍ଯ୍ୟ ବ୍ୟାହାତ ହେଉଛି। ଲୋକେ ହଇରାଣ ହେଉଛନ୍ତି। ଜନ୍ମ ପ୍ରମାଣପତ୍ର ମିଳୁ ନ ଥିବାରୁ ବହୁ ଲୋକ ସେମାନଙ୍କ ପିଲାଙ୍କ ନାମ ସ୍କୁଲରେ ଲେଖାଇପାରୁ ନ ଥିବା ଅଭିଯୋଗ କରିଛନ୍ତି।

ପିଲାମାନଙ୍କ ନାମ ଲେଖା ବେଳେ ବିଦ୍ୟାଳୟରେ ଜନ୍ମ ପ୍ରମାଣପତ୍ର ବାଧ୍ୟତା ମୂଳକ ରହିଛି। ଚାକିରି ତଥା ଉଚ୍ଚ ଶିକ୍ଷା, ପାସପୋର୍ଟ, ଭିସା, ଆଧାରକାର୍ଡ ଅନ୍ୟ ଜରୁରୀ କାମରେ ଜନ୍ମ ପ୍ରମାଣପତ୍ର ଦରକାର ହେଉଛି। ବକେୟା ପାଉଣା ପାଇବା, ବ୍ୟାଙ୍କରୁ ମୃତକଙ୍କ ଏକାଣ୍ଟରୁ ପରିବାର ଲୋକ ଟଙ୍କା ଉଠାଇବା ପରି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ପାଇଁ ମୃତ୍ୟୁ ପ୍ରମାଣପତ୍ରର ଆବଶ୍ୟକତା ରହିଛି। ଡାକ୍ତରଖାନାରେ ଜନ୍ମ ବା ମୃତ୍ୟୁ ହେଲେ ଡାକ୍ତରଖାନାର ତଥ୍ୟ ଅନୁଯାୟୀ ପ୍ରମାଣପତ୍ର ମିଳିଥାଏ। ଅନେକ ସମୟରେ ବିଭିନ୍ନ କାରଣରୁ ଯଥା ଘରେ ଜନ୍ମ ବା ମୃତ୍ୟୁ ହେଲେ ତୁରନ୍ତ ସୂଚିତ କରା ନ ଗଲେ ଉକ୍ତ ପ୍ରମାଣପତ୍ର ମିଳିବାରେ ସମସ୍ୟା ହେଉଛି। ଏଥି ପାଇଁ ପରିବାର ଲୋକେ ଉପଜିଲାପାଳଙ୍କ କୋର୍ଟରେ ଜନ୍ମ ବା ମୃତ୍ୟୁ ପ୍ରମାଣପତ୍ର ପାଇବା ଲାଗି (ମିସଲାନିଅସ କେସ) ଆବେଦନ କରିଥାନ୍ତି। ଉପଜିଲାପାଳଙ୍କ କୋର୍ଟ ଉକ୍ତ ଆବେଦନକୁ ବିଚାରକୁ ନେଇ ଠିକ ଜନ୍ମ ଓ ମୃତ୍ୟୁର ପ୍ରମାଣ ପାଇଁ ସମନ୍ୱିତ ଶିଶୁ ବିକାଶ ବିଭାଗ, ରାଜସ୍ୱ ବିଭାଗ (ତହସିଲ) ଓ ପଞ୍ଚାୟତ (ସରପଞ୍ଚ)ଙ୍କୁ ନୋଟିସ କରିଥାଏ। ପରବର୍ତ୍ତୀ ସମୟରେ ସେହିସବୁ ତଥ୍ୟ ହାସଲ କରିବା ପରେ ଉପଜିଲାପାଳଙ୍କ ପକ୍ଷରୁ ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର ମିଳିଥାଏ। ଶିଶିର ରଞ୍ଜନ ଦାସ ନାମକ ଜଣେ ଆବେଦନକାରୀ କହିଛନ୍ତି ଯେ, ମା'ଙ୍କ ଦେହାନ୍ତ ପରେ ମୃତ୍ୟୁ ପ୍ରମାଣପତ୍ର ପାଇଁ ପାଖାପାଖି ଦେଢ଼ା ମାସ ହେଲା ଆବେଦନ କରିଛି। ବାରମ୍ବାର ଧାଇଁ ନିରାଶ ହୋଇଛି। ପ୍ରମାଣପତ୍ର ଅଦ୍ୟାବଧି ମିଳୁ ନାହିଁ। ପ୍ରମାଣପତ୍ର ମିଳୁ ନ ଥିବାରୁ ଗୁରୁତ୍ୱପୂର୍ଣ୍ଣ କାମ ହୋଇପାରୁନି। ପଳଶାପୋଖରୀ ଗ୍ରାମର ଦମୟନ୍ତୀ ମହାନ୍ତ ନାମକ ଜଣେ ମହିଳା ତାଙ୍କ ଝିଅ ବର୍ଷାରାଣୀଙ୍କ ଜନ୍ମ ପ୍ରମାଣପତ୍ର ପାଇଁ ୩ ମାସ ହେଲା ଆବେଦନ କରିଥିଲେ ହେଁ ବାରମ୍ବାର ଧାଇଁ ହତାଶ ହୋଇଗଲେଣି। ପଦ୍ମପୁର ଗ୍ରାମର ପିତାମ୍ବର ସାହୁ ତାଙ୍କ ଝିଅ ସ୍ୱାତୀର ଜନ୍ମ ପ୍ରମାଣପତ୍ର ପାଉ ନ ଥିବାରୁ ସ୍କୁଲରେ ନାମ ଲେଖାଇବାରେ ସମସ୍ୟା ଭୋଗୁଛନ୍ତି। ଏଭଳି ବହୁ ଲୋକ ବିଭିନ୍ନ ପ୍ରକାରର ସମସ୍ୟା ମଧ୍ୟରେ ରହୁଛନ୍ତି। ତୁରନ୍ତ ପ୍ରମାଣପତ୍ର ଦେବା ପାଇଁ ସାଧାରଣରେ ଦାବି ହେଉଛି। ଏ ନେଇ ଉପଜିଲାପାଳ ସୋମନାଥ ପ୍ରଧାନଙ୍କୁ ପଚାରିବାରୁ କର୍ମଚାରୀ ଅଭାବରୁ ପ୍ରମାଣପତ୍ର ଦେବାରେ ବିଳମ୍ବ ଘଟୁଛି। ତୁରନ୍ତ କିପରି ମିଳିପାରିବ ସେ ନେଇ ପଦକ୍ଷେପ ନିଆଯିବ ବୋଲି ସେ କହିଛନ୍ତି।

## ୨୦ ଫୁଟ ତଳକୁ ଖସିଲା ଟ୍ରକ୍

ବଡବିଲ, ୫।୧୦(ସ୍ୱ.ପ୍ର.)

କେନ୍ଦୁଝର ଜିଲା ରୁଗୁଡି ଥାନା ବାରବାଙ୍କରେ ଶୁକ୍ରବାର ଭଦ୍ରାସାହିରୁ ଗୁଗୁଡି ଆଡକୁ ଦ୍ରୁତଗତିରେ ଯାଉଥିବା (ଓଆର୦୪ଏନ) ନମ୍ବର ବିଶିଷ୍ଟ ଟ୍ରକ୍ ବାରବାଙ୍କ ଜଙ୍ଗଲ ରାସ୍ତାରେ ଭାରସାମ୍ୟ ହରାଇ ରାସ୍ତାରୁ ୨୦ ଫୁଟ ତଳକୁ ଖସି ପଡିଥିଲା। ଏଥିରେ ଚାଳକ ଗୁରୁତର ହୋଇଛନ୍ତି। ତାଙ୍କୁ ବଡବିଲସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଚାଳକ ଜଣଙ୍କ ହେଲେ ଝାଡଖଣ୍ଡ ସାହିବଗଞ୍ଜସ୍ଥିତ ହସ୍ତିପଦା ଅଞ୍ଚଳର ଏମଡି ସୌଫିକ ଆଲମ୍। ପ୍ରାଥମିକ ତଦନ୍ତରୁ ଦୁର୍ଘଟଣାଗ୍ରସ୍ତ ଟ୍ରକଟି ଚଣ୍ଡିଖୋଲ ଅଞ୍ଚଳର ଶ୍ରୀକୃଷ୍ଣ ସାହୁଙ୍କର ବୋଲି ଜଣାପଡିଛି। ପୋଲିସ ଟ୍ରକ୍‌କୁ କ୍ରେନ୍ ଯୋଗେ ଉଦ୍ଧାର କରିଛି।



## ସଂକ୍ଷେପରେ

### ଛୁରି ଭୁସି ବୃଦ୍ଧଙ୍କୁ ହତ୍ୟା

**ଢେଙ୍କିକୋଟ, ୫।୧୦(ଡି.ଏନ.ଏ.):** କେନ୍ଦୁଝର ଜିଲା ଢେଙ୍କିକୋଟ ଫାଣ୍ଡି ପିପିଳିଆ ପଞ୍ଚାୟତ ବାଙ୍କପାଟୁଳି ଗ୍ରାମ ମୁଣ୍ଡାସାହି ନିକଟରେ ଶୁକ୍ରବାର ଜଣେ ବୃଦ୍ଧଙ୍କୁ କେହି ଦୁର୍ବୃତ୍ତ ଛୁରି ଭୁସି ହତ୍ୟା କରିବା ଘଟଣା ଉକ୍ତ ଅଞ୍ଚଳରେ ଚାଞ୍ଚଲ୍ୟ ଖେଳି ଯାଇଛି। ସେ ହେଲେ ଢେଙ୍କିକୋଟ ଫାଣ୍ଡି ଖଣ୍ଡିଘର ପଞ୍ଚାୟତ ତଣ୍ଡିବେଡା ଗ୍ରାମର ବିଦ୍ୟାଧର ମହାକୁଡ(୬୫)। ବାଙ୍କପାଟୁଳି ହାଟକୁ ଯାଇ ଘରକୁ ଫେରିବି ବୋଲି ତାଙ୍କ ସ୍ତ୍ରୀ ପାର୍ବତୀଙ୍କୁ ବିଦ୍ୟାଧର କହି ଘରୁ ବାହାରିଯାଇଥିଲେ। ପିପିଳିଆ ସନ୍ଧୁ ଘରୁ ସେ ଅପରାହ୍ନରେ ପିପିଳିଆ ହାଟକୁ ଯାଇଥିଲେ। ମାଣ୍ଡହାଟ ପହଞ୍ଚିବା ପୂର୍ବରୁ ଜାତୀୟ ରାଜପଥ ୨୦ ନମ୍ବର ବାମପାଖ ବାଙ୍କପାଟୁଳି ମୁଣ୍ଡାସାହି ରାସ୍ତାକଡ଼ରେ ବିଦ୍ୟାଧରଙ୍କୁ କେହି ଛୁରି ଭୁସି ହତ୍ୟା କରିଥିବା ଆଲୋଚନା ହେଉଛି। ଢେଙ୍କିକୋଟ ଫାଣ୍ଡି ଅଧିକାରୀ ଭରତଚନ୍ଦ୍ର ନାୟକ ଖବର ପାଇ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ତଦନ୍ତ କରୁଛନ୍ତି।

### ୪ ନାବାଳିକା ଶ୍ରମିକ ଉଦ୍ଧାର

**କେନ୍ଦୁଝର, ୫।୧୦(ସ୍ୱ.ପ୍ର.):** କେନ୍ଦୁଝର ସହର ତହସିଲ ନିକଟ ବସଷ୍ଟପରୁ ବସ୍‌ରେ ଭୁବନେଶ୍ୱରକୁ ଚାଲାଣ ହେଉଥିବା ୪ ନାବାଳିକା ଶିଶୁ ଶ୍ରମିକଙ୍କୁ ଗୁରୁବାର ରାତିରେ ପୋଲିସ ଓ ଶ୍ରମ ବିଭାଗ ମିଳିତ ଭାବେ ଚଢ଼ାଉ କରି ଉଦ୍ଧାର କରିଛି। ସେମାନଙ୍କୁ ନେଇ ଯାଉଥିବା ଦଲାଲ ଫେରାର ହୋଇଯାଇଛନ୍ତି। ଶିଶୁ ଶ୍ରମିକଙ୍କ ଘର ବାଂଶପାଳ ବ୍ଲକର ଦୁର୍ଗମ ଶାଗପାଳି ଗ୍ରାମରେ। ଭୁବନେଶ୍ୱରସ୍ଥିତ ହଂସପାଳର ଜଣେ ଯୁବକ ସେମାନଙ୍କୁ ନେଇ ଯାଉଥିଲେ। ପୂର୍ବରୁ ଉକ୍ତ ଦଲାଲ ସେମାନଙ୍କୁ ନେଇ ଏକ ମାସ କାମ କରାଇଥିଲା। ପୋଲିସ ସେମାନଙ୍କୁ ଓପନ ସେଲଟରରେ ରଖିଛି।

### ବିଶ୍ୱ ଶିକ୍ଷକ ଦିବସ ପାଳିତ



**କେନ୍ଦୁଝର, ୫।୧୦(ସ୍ୱ.ପ୍ର.):** ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର କେନ୍ଦୁଝରଗଡଠାରେ ବିଶ୍ୱ ଶିକ୍ଷକ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟ ପରିସରରେ ଥିବା ଆଧୁନିକ ଯୁଗର ପଞ୍ଚସଖାଙ୍କ ମୂର୍ତ୍ତିରେ ଅତିଥିମାନଙ୍କ ଦ୍ୱାରା ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି ଉତ୍ସବରେ ଯୋଡା ଗୋଷ୍ଠୀ ଶିକ୍ଷା ଅଧିକାରୀ ନରେଶ କୁମାର କର ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଆଜିର ଦିନରେ ଶିକ୍ଷକଙ୍କ ଭୂମିକା ଏବଂ ଶିଶୁମାନଙ୍କର କ୍ଷେତ୍ରରେ ଶିକ୍ଷାର ଆବଶ୍ୟକତା ସମ୍ପର୍କରେ କହିଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ରବୀନ୍ଦ୍ର କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଦ୍ୟାଳୟର ପ୍ରଧାନାଚାର୍ଯ୍ୟ ରାଜେନ୍ଦ୍ର ପ୍ରସାଦ ଅଗସ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ବିଦ୍ୟାଳୟର ସମସ୍ତ ଗୁରୁଜୀଗୁରୁମା ପରିଚାଳନା କରିଥିଲେ।

### ଶିଶୁ ପ୍ରକଳ୍ପ ଅଧିକାରୀଙ୍କୁ ସମ୍ବର୍ଦ୍ଧନା

**କୋଲିମାଟି, ୫।୧୦:** ଆନନ୍ଦପୁର ବ୍ଲକ ଶିଶୁ ପ୍ରକଳ୍ପ ଅଧିକାରୀ ଆଲାଦି ମାରାଣ୍ଡିଙ୍କ ମୟୂରଭଞ୍ଜ ଜିଲା ଉଦଳା ବ୍ଲକକୁ ବଦଳି ହୋଇଯାଇଛି। ଏହି ଅବସରରେ ଯୁଗଳ କିଶୋର ବାରିକଙ୍କ ଆହ୍ୱାନକ୍ରମେ କୋଲିମାଟି ଓ ବୁଢାକୁଦ ପଞ୍ଚାୟତର ସମସ୍ତ ଅଙ୍ଗନୱାଡି କର୍ମୀଙ୍କୁ ନେଇ ଏକ ବିଦାୟକାଳୀନ ସଭା ସ୍ୱପ୍ନେଶ୍ୱର ଆଦିବାସୀ ଉଚ୍ଚ ବିଦ୍ୟାଳୟରେ ହୋଇଥିଲା। ସୁବାସ ସାମଲଙ୍କ ସଭାପତିତ୍ୱରେ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଆଲାଦିଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏଥିରେ ସମ୍ମାନିତ ଅତିଥି ଭାବେ ସୁପରଭାଉଜର ଶୈଳେନ୍ଦ୍ର ନାଏକ ଯୋଗ ଦେଇଥିଲେ। ସଭାରେ ଗୌରୀ ନାଏକ, ମଉଦା ଦେହୁରି, ମୀନତି ନାଏକ, ପ୍ରିୟଦର୍ଶିନୀ ସାହୁ, ସଙ୍ଗୀତା ପଟ୍ଟନାୟକ, ଜୟନ୍ତୀ ନାଏକ, ପୁଷ୍ପଲତା ନାଏକ ଓ ତୁଳସୀ ପାଳିଆ ପ୍ରମୁଖ ଉପସ୍ଥିତ ଥିଲେ।

### ତୃତୀୟ ଦିନରେ ଆନ୍ଦୋଳନ

**କୋଲିମାଟି, ୫।୧୦:** ଆନନ୍ଦପୁର ବ୍ଲକ ହରିଡାପାଳ ପଞ୍ଚାୟତ ନିର୍ବାହୀ ଅଧିକାରୀ ଅମୀୟ କୁମାର ରାଉତଙ୍କୁ ମାଡ ମାରିବା ଓ ଅପହରଣ ଘଟଣା ପ୍ରତିବାଦରେ ଜାରି ରହିଥିବା କଲମ ଛାଡ ଆନ୍ଦୋଳନ ଶୁକ୍ରବାର ତୃତୀୟ ଦିନରେ ପହଞ୍ଚିଛି। ଅଭିଯୁକ୍ତଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବିରେ ବ୍ଲକ କର୍ମଚାରୀ ଆନ୍ଦୋଳନରେ ବସିଛନ୍ତି।

## ଦିନ ଦ୍ୱିପ୍ରହରରେ ଶାଳଗଛ କଟା



ଜବତ ହୋଇଥିବା ଶାଳ କାଠ।

ରାଇସୁଆଁ, ୫।୧୦(ଡି.ଏନ.ଏ.)

ଜଙ୍ଗଲ ବିଭାଗ ହାତୀ ଘୋଉଡ଼ାଇବାରେ ବ୍ୟସ୍ତ ରହିଛି। ଅନ୍ୟପଟେ ଦିନ ଦ୍ୱିପ୍ରହରରେ ଶାଳ ଗଛ କଟା ଚାଲିଛି। ଫଳରେ ଜଙ୍ଗଲ ପଦା ହେବାରେ ଲାଗିଛି। କେନ୍ଦୁଝର ଜିଲା ସଦର ରେଞ୍ଜ ସଲରାପେଣ୍ଠ ନିକଟ ନିଟିଗୋଠ ଜଙ୍ଗଲରେ ଏପରି ଦେଖିବାକୁ ମିଳିଛି। କେତେ ଜଣ ଯୁବକ ଠିକାଦାରଙ୍କ ପ୍ରରୋଚନାରେ ପଡ଼ି ଶାଳ ଗଛକୁ କାଟିଥିଲେ। ଖବର ପାଇ ବନ ବିଭାଗ ସଲରାପେଣ୍ଠ ଗ୍ରାମରେ ପହଞ୍ଚି କଟା ଯାଇଥିବା ଶାଳ କାଠ ଜବତ କରିଥିଲା।

ସୂଚନାଅନୁସାରେ କିଛି ବୁଦ୍ଧିଜୀବୀ କହିଛନ୍ତି, ଉକ୍ତ ଅଞ୍ଚଳ ଗୁଡିକରେ ଲୋକଙ୍କ ଆର୍ଥିକ ଅବସ୍ଥା ଭଲ ନୁହେଁ। ଫଳରେ ବହୁ ଲୋକ ଜଙ୍ଗଲରୁ କାଠସଂଗ୍ରହ କରି ଜୀବନ ଜୀବୀକା ଚଳାଉଛନ୍ତି। ଏହି ଲୋକଙ୍କ ଆର୍ଥିକ ଅବସ୍ଥା ପ୍ରତି ସରକାର ଦୃଷ୍ଟି ନ ଦେଲେ ବାଧ ହୋଇ ସ୍ଥାନୀୟ ଲୋକେ ଜଙ୍ଗଲରୁ ଗଛ କାଟି ବିକ୍ରି କରିବେ। ସରକାର ତଥା ଜିଲା ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଭାଲୁ ଆକ୍ରମଣରେ ମହିଳା ଗୁରୁତର

ଝୁମ୍ପୁରା, ୫।୧୦(ଡି.ଏନ.ଏ.)

ବାଲିବନ୍ଧ ଫରେଷ୍ଟ ବେଲଦା ଗ୍ରାମ ଖେସରା ଜଙ୍ଗଲରେ ଭାଲୁ ଆକ୍ରମଣରେ ଜଣେ ମହିଳା ଗୁରୁତର ହୋଇଛନ୍ତି। ତାଙ୍କୁ ଝୁମ୍ପୁରା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେ ହେଲେ ବେଲଦା ଗ୍ରାମର ସୁନିତା ମୁଣ୍ଡା। ଗୁରୁବାର ସକାଳେ ଘର ପାଖ ଜଙ୍ଗଲକୁ ଯାଇଥିବା ବେଳେ ହଠାତ ସୁନିତା ଭାଲୁ ହାବୁଡରେ ପଡି ଯାଇଥିଲେ। ତାଙ୍କୁ ଭାଲୁ ଆକ୍ରମଣ କରିବା ସମୟରେ ଲୋକେ ଆସି ଯିବାରୁ ଭାଲୁ ଜଙ୍ଗଲକୁ ଚାଲି ଯାଇଥିଲା। ଭାଲୁ ଆକ୍ରମଣରେ ସୁନିତାଙ୍କ ଗୋଡ ଓ ହାତରେ ଗଭୀର କ୍ଷତ ସୃଷ୍ଟି ହୋଇଛି। ଖବର ପାଇ ବାଲିବନ୍ଧ ଫରେଷ୍ଟର ବିଦ୍ୟାଧର ସାହୁ ସକାଳ ସମୟରେ ଝୁମ୍ପୁରା ଡାକ୍ତରଖାନାରେ ପହଞ୍ଚି ଥିଲେ। ମହିଳାଙ୍କ ସମସ୍ତ ଚିକିତ୍ସା ବନ ବିଭାଗ ବହନ କରିବା ସହ କ୍ଷତି ପୂରଣ ଦିଆଯିବା ନେଇ ଫରେଷ୍ଟର କହିଛନ୍ତି।

## ଆନନ୍ଦପୁର ମହାବିଦ୍ୟାଳୟ ସାଇନ୍-ଏ-ଡାଏ

### ଉତ୍ତେଜନା ଆଶଙ୍କାରୁ ପଦକ୍ଷେପ ନିଆଯାଇଛି: ଅଧ୍ୟକ୍ଷ

ଆନନ୍ଦପୁର, ୫।୧୦(ସ୍ୱ.ପ୍ର.)

ଛାତ୍ର ସଂସଦ ନିର୍ବାଚନ ପରିପ୍ରେକ୍ଷୀରେ ଆନନ୍ଦପୁର ମହାବିଦ୍ୟାଳୟରେ ନାମାଙ୍କନ ପତ୍ର ଦାଖଲ ଓ ପ୍ରତ୍ୟାହାର ପରେ ଚୂଡାନ୍ତ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ ପାଇଥିବା ବେଳେ ଶୁକ୍ରବାର ଉତ୍ତେଜନା ପରିସ୍ଥିତି ଆଶଙ୍କା କରି ମହାବିଦ୍ୟାଳୟର ଅଧ୍ୟକ୍ଷ ନିର୍ବାଚନକୁ ବାତିଲ କରିବା ସହ ସାଇନ୍-ଏ-ଡାଏ ଘୋଷଣା କରିଛନ୍ତି। ପୂର୍ବରୁ ଉପଖଣ୍ଡରେ ଥିବା ସମସ୍ତ ବିଦ୍ୟାଳୟରେ ନିର୍ବାଚନ ବାତିଲ ହୋଇଥିଲା। ଆନନ୍ଦପୁର ମହାବିଦ୍ୟାଳୟରେ ନିର୍ବାଚନ ହେବା ନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଥିଲା।

ନାମାଙ୍କନ ପତ୍ର ଦାଖଲର ପୂର୍ବ ଦିନ ଅଫିସ କାର୍ଯ୍ୟାଳୟକୁ ୩ଟି ବୋମା ମାଡ ହୋଇଥିଲା। ଗୋଟିଏ ବୋମା ଫୁଟି କାର୍ଯ୍ୟାଳୟର ଝରକା କେତେକାଂଶରେ ନଷ୍ଟ ହୋଇଥିଲେ ହେଁ ପୋଲିସ ୨ଟି ଅଫୁଟା ବୋମା ଜବତ କରିଥିଲା। ଏହା ସତ୍ତ୍ୱେ ଆନନ୍ଦପୁର ମହାବିଦ୍ୟାଳୟର ଅଧ୍ୟକ୍ଷ ରମାକାନ୍ତ ନାୟକ ନିର୍ବାଚନ ପ୍ରକ୍ରିୟାକୁ ଚାଲୁ କରିବା ପାଇଁ ସମସ୍ତ ଉଦ୍ୟମ କରିଥିଲେ। ପୋଲିସ ଉପସ୍ଥିତରେ ନାମାଙ୍କନ ପତ୍ର ଦାଖଲ ଓ ଚୂଡାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇଥିଲା। ଗୁରୁବାର କେତେକ ଦୁର୍ବୃତ୍ତ ଦିନ ଦ୍ୱିପ୍ରହରରେ ମାରଣାସ୍ତ୍ର ଧରି ଛାତ୍ରୀଛାତ୍ରମାନଙ୍କୁ ଭୟଭୀତ କରିବା ସହ ପ୍ରଭାବିତ କରିବାକୁ ଉଦ୍ୟମ କରିବା ଘଟଣା ଜାଣିବା ପରେ ଅଧ୍ୟକ୍ଷଙ୍କ ଦ୍ୱାରା କାଉନସିଲ ବୈଠକ ଡକାଯାଇ ନିର୍ବାଚନକୁ ବାତିଲ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିବା ସୂଚନା ମିଳିଛି। ଉକ୍ତ ଘଟଣାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଉତ୍ତେଜନା ଲାଗି ରହିଛି।

## ସ୍ୱର୍ଣ୍ଣିମ ଭାରତ ନିର୍ମାଣ ଅଭିଯାନ



ସମ୍ମିଳନୀରେ ଯୋଗ ଦେଇଥିବା ସଙ୍ଗଠନର କର୍ମକର୍ତ୍ତା।

ଯୋଡା, ୫।୧୦(ଡି.ଏନ.ଏ.)

ଯୁବା ବର୍ଗ ମଧ୍ୟରେ ସକରାତ୍ମକ ଚିନ୍ତାଧାରା ଉଜ୍ଜୀବିତ କରିବା ଏବଂ ଦେଶର ଏକତା, ଅଖଣ୍ଡତା, ସାର୍ବଭୌମ୍ୟତାକୁ ବଜାୟ ରଖିବା ପାଇଁ ଯୁବ ବର୍ଗଙ୍କୁ ଆହ୍ୱାନ ନେଇ ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଏକ ସ୍ୱର୍ଣ୍ଣିମ ଭାରତ ନିର୍ମାଣ ଅଭିଯାନ ଆରମ୍ଭ କରାଯାଇଛି। ଶୁକ୍ରବାର ଯୋଡା ପ୍ରେସ କ୍ଲବଠାରେ ଏକ ଖବରଦାତା ସମ୍ମିଳନୀ ଆୟୋଜନ କରଯାଇଥିଲା। ଏଥିରେ ବ୍ରହ୍ମକୁମାରୀ ଭୁପିନ୍ଦର ଭାଇ (ମହାରାଷ୍ଟ୍ର), ମନୀଷ (ଉତ୍ତରପ୍ରଦେଶ), ଶୁଭମ (ମୁମ୍ବାଇ), ବିନ୍ଦୁ (କେନ୍ଦୁଝର), ସନ୍ଧ୍ୟା (କଟକ), ପାର୍ବତୀ (ତେଲକୋଇ), ଅନୁରାଧା (ପାବ) ପ୍ରମୁଖ ଉପସ୍ଥିତ ଥିଲେ।

ସେମାନେ କହିଥିଲେ, ସ୍ୱଚ୍ଛତା କ୍ଷେତ୍ରରେ ଭାରତ ବର୍ଷ ଅତ୍ୟନ୍ତ ଦୟନୀୟ ଭାବେ ସମଗ୍ର ବିଶ୍ୱରେ ୧୨୦ତମ ସ୍ଥାନରେ ରହିଛି। ସ୍ୱଚ୍ଛତା କ୍ଷେତ୍ରରେ ଏବେ ଭାରତ ବେସ ସଚେତନ ହୋଇପାରିଛି। କେବଳ ଯୁବାବର୍ଗଙ୍କ ନିମନ୍ତେ ସଫଳ ହୋଇପାରିଛି। ସ୍ୱଚ୍ଛତା ପ୍ରାପ୍ତି ପାଇଁ ରାଜ ଜୋଗର ଆବଶ୍ୟକତା ପଡିଥାଏ। ପ୍ରତ୍ୟେକ ଯୁବା ବର୍ଗ ଏଥିପ୍ରତି ସଚେତନ ରହିଲେ ହିଁ ଏକ ସୁସ୍ଥ ସମାଜ ଗଠନ ହେବା ସହିତ ଭାରତ ବର୍ଷ ବିଶ୍ୱର ଶ୍ରେଷ୍ଠତମ ରାଷ୍ଟ୍ର ଭାବେ ପରିଗଣିତ ହୋଇପାରିବ। ଭାରତର ବିଭିନ୍ନ ପ୍ରାନ୍ତରୁ ଆସିଥିବା ବ୍ରହ୍ମକୁମାରୀ ସଦସ୍ୟାସଦସ୍ୟମାନେ ଗତ ୨୦୧୭ ୧୩ ଅଗଷ୍ଟଠାରୁ ଏହି ଯାତ୍ରାର ଶୁଭାରମ୍ଭ କରାଯାଇଥିଲା। ଉକ୍ତ ଅଭିଯାନ ୨୦୨୦ ପର୍ଯ୍ୟନ୍ତ ଚାଲୁରହିବ ବୋଲି ସୂଚନା ଦିଆଯାଇଥିଲା।

## ଛାମୁଣ୍ଡାରେ କର୍ମୀଙ୍କ ସମାବେଶ

ତେଲକୋଇ, ୫।୧୦(ଡି.ଏନ.ଏ.)

ତେଲକୋଇ ବ୍ଲକ ଛାମୁଣ୍ଡା ପଞ୍ଚାୟତ ହାଟ ପଡ଼ିଆରେ ଶୁକ୍ରବାର ଜନ ସମୃଦ୍ଧି ପାର୍ଟିର ବିଶାଳ କର୍ମୀ ସମାବେଶ ହୋଇଥିଲା। ସମାବେଶରେ ଆଗାମୀ ନିର୍ବାଚନ ପାଇଁ ପ୍ରସ୍ତୁତି, ବୁଥ କମିଟି, ସଭ୍ୟ ସଂଗ୍ରହ ସମ୍ପର୍କରେ ଆଲୋଚନା ହୋଇଥିଲା। ବିଭିନ୍ନ ପଞ୍ଚାୟତ ମଧ୍ୟରେ ସିରିଗିଡା, ଦୋବଲାପାଳ, ଶିବନାରାୟଣପୁର ଗୋଡାଠାରେ ମଧ୍ୟ ସମାବେଶରେ ବହୁ ସଂଖ୍ୟାରେ କର୍ମୀ ସାମିଲ ହୋଇଥିଲେ। ଜନ ସମୃଦ୍ଧି ପାର୍ଟିର ଜିଲା ସଂଯୋଜକ ସଞ୍ଜୀବ ଦେହୁରି ସମେତ ବ୍ଲକ ଅଧ୍ୟକ୍ଷା ମମତା ଦେହୁରି, ଉପାଧ୍ୟକ୍ଷ ଜିତେନ୍ଦ୍ର ପ୍ରଧାନ, ୧୯ନଂ ଜୋନ ସଭାପତି ବିନୋଦ ପ୍ରଧାନ, ୨୦ନଂ ଜୋନ ସଭାପତି ବଳରାମ ଦାଶ, ବରିଷ୍ଠ ନେତା କୈଳାଶ ପ୍ରଧାନ, ଟଙ୍କଧର ପ୍ରଧାନ, ନୀଳମଣି ନାଏକଙ୍କ ସହ ବହୁ ସରପଞ୍ଚ ଓ ସମିତିସଭ୍ୟ ଯୋଗ ଦେଇଥିଲେ।



ସମାବେଶରେ ଯୋଗ ଦେଇଥିବା ଦଳର କର୍ମକର୍ତ୍ତା।

## ହକ୍ ମାଗିବାରୁ ୨୦ ଠିକା ଶ୍ରମିକ ବିଦା

ରାଇସୁଆଁ, ୫।୧୦(ଡି.ଏନ.ଏ.)

କେନ୍ଦୁଝର ଜିଲା ସଦର ବ୍ଲକ ଏମ୍‌ଏସ୍‌ପି ପ୍ଲାଣ୍ଟରେ ଶତାଧିକ ଶ୍ରମିକ କାମଧନ୍ଦା କରି ଗୁଜୁରାଣ ମେଣ୍ଟାଇ ଚଳୁଛନ୍ତି। ଉକ୍ତ କାରଖାନା ନିର୍ମାଣରେ ବହୁ ଶ୍ରମିକଙ୍କ ନିଜର ଜମି ହରାଇଛନ୍ତି। ସେମାନେ ନିଜର ହକ୍ ମାଗିବାରୁ ୨୦ ଠିକା ଶ୍ରମିକଙ୍କୁ ଠିକାଦାର କାର୍ଯ୍ୟରୁ ବହିଷ୍କାର କରିଛନ୍ତି। କାରଖାନା ନିର୍ମାଣ ସମୟରେ କମ୍ପାନୀ କର୍ତ୍ତୃପକ୍ଷ ଚୁକ୍ତି କରିଥିଲା କି କ୍ଷତିଗ୍ରସ୍ତ ଲୋକଙ୍କୁ ଥଇଥାନ ତଥା କର୍ମ ନିଯୁକ୍ତି ଦିଆଯିବ। ମାତ୍ର ଏବେ କମ୍ପାନୀ ବାହାର ଲୋକଙ୍କୁ ଠିକାଦାରୀ ଦେବା ସହ ଶ୍ରମିକମାନେ ନିଜର ନ୍ୟାଯ୍ୟ ଦାବି କଲେ ସେମାନଙ୍କୁ କାର୍ଯ୍ୟରୁ ବଳପୂର୍ବକ ବାହାର କରି ଦବଙ୍ଗଗିରି ଜାରି ରଖିଛି। ଠିକା ଶ୍ରମିକମାନେ ନିଜର ନ୍ୟାଯ୍ୟ ଦାବି କରିବାରୁ ଶ୍ରମିକଙ୍କୁ ଠିକାଦାର କାର୍ଯ୍ୟରୁ ବାହାର କରି ଦେଇଛନ୍ତି। ଏଥିପ୍ରତି ଜିଲା ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ହସ୍ତକ୍ଷେପ କରିବାକୁ ବହୁ ଶ୍ରମିକ ଜିଲା ପ୍ରଶାସନ ନିକଟରେ ଦାବି କରିଛନ୍ତି।

## ଚାଷୀଙ୍କୁ ତାଲିମ



ଶିବିରରେ ଯୋଗ ଦେଇଥିବା ଚାଷୀଙ୍କ ସହ ଅନ୍ୟମାନେ।

ଚମ୍ପୁଆ, ୫।୧୦(ଡି.ଏନ.ଏ.)

ଚମ୍ପୁଆ କୃଷି ବିଭାଗ କାର୍ଯ୍ୟାଳୟଠାରେ ଇ-ରୋଗ ପୋକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ୨୦୧୮-୧୯ ଖରିଫ ଋତୁରେ ବିଭିନ୍ନ ପ୍ରକାର ଚାଷରେ ଲାଗୁଥିବା ରୋଗ ପୋକକୁ କିପରି ଦମନ କରାଯାଇ ଅଧିକ ଅମଳ କ୍ଷମ ହୋଇପାରିବ ସେ ନେଇ ଚାଷୀଙ୍କୁ ତାଲିମ ପ୍ରଦାନ କରାଯାଇଥିଲା। ତାଲିମ ଶିବିରକୁ ଚମ୍ପୁଆ କୃଷି ଜିଲା ଅଧିକାରୀ ଗଜେନ୍ଦ୍ରନାଥ ଗୋଚ୍ଛାୟତ ଉଦଘାଟନ କରିଥିଲେ। ଚମ୍ପୁଆ ବ୍ଲକର ୫୦ ଚାଷୀଙ୍କୁ ଶସ୍ୟ ସଂରକ୍ଷଣ ଅଧିକାରୀ ମିହିର କୁମାର ସାହୁ ତାଲିମ ଦେଇଥିଲେ। ଖରିଫ ଋତୁରେ ଧାନ, ପନିପରିବା ଓ ରବି ଋତୁରେ ତୈଳବୀଜ ଏବଂ ଡାଲି ଜାତୀୟ ଶସ୍ୟ ଚାଷ କରାଯାଉଥିବାରୁ ଶଷ୍ୟ ଗୁଡିକୁ କିପରି ଓ କେଉଁ ଉପାୟରେ ରୋଗପୋକଠାରୁ ରକ୍ଷା କରାଯାଇପାରିବ ସେ ନେଇ ତାଲିମ ଦିଆଯାଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ସହକାରୀ କୃଷି ଅଧିକାରୀ ଅବିନାଶ ବେହେରା, ପ୍ରିୟଙ୍କା ପ୍ରିୟଦର୍ଶିନୀ ମିଶ୍ର, ସଞ୍ଜୟ କୁମାର ମହାନ୍ତ ପରିଚାଳନା କରିଥିଲେ।

## କୃଷି ଅଧିକାରୀଙ୍କୁ ଘେରିଲେ ଚାଷୀ

■ପୋକ ଉଜାଡ଼ିଲେ ଧାନ ଫସଲ
■ଆବଶ୍ୟକ ଔଷଧ ଯୋଗାଇ ଦେଉନି ବିଭାଗ

ତେଲକୋଇ, ୫।୧୦(ଡି.ଏନ.ଏ.)

ପୋକ ଉଜାଡ଼ିଲେ ଧାନ ଫସଲ। କୃଷି ବିଭାଗ ପକ୍ଷରୁ ଆବଶ୍ୟକ ଔଷଧ ଯୋଗାଇ ଦିଆଯାଉ ନ ଥିବାରୁ କୃଷକମାନେ କୃଷି ବିଭାଗ ଅଧିକାରୀଙ୍କୁ ଘେରିଛନ୍ତି। ତେଲକୋଇ ସମେତ ଓରିଆ, ଶିବନାରାୟଣପୁର ଗୋଡା, ଆକୁଳ, ସିରିଗିଡା, ଛାମୁଣ୍ଡା, ବିଞ୍ଝବାହାଳ, ପୁରୁଜୋଡ଼ା, କାଳିଆହତା ପଞ୍ଚାୟତରେ ବ୍ୟାପକ ଧାନକ୍ଷେତ କ୍ଷତିଗ୍ରସ୍ତ ହୋଇଛି। ଧାନ ଚାଷ ଉପରେ ନିର୍ଭର କରୁଥିବା ଚାଷୀ ଚିନ୍ତାରେ ରହିଛନ୍ତି। ଉକ୍ତ ଅଞ୍ଚଳରେ ପତ୍ରପୋଡା ରୋଗ ବୃଦ୍ଧି ପାଇଛି। ଶତାଧିକ ଏକର ଧାନ କ୍ଷେତ ନଷ୍ଟ ହେବାରେ ଲାଗିଛି। ବର୍ଷା ଜଳର ଅଭାବ ସାଙ୍ଗକୁ ଜଳ ସେଚନ ସୁବିଧାର ସମସ୍ୟା ଯୋଗୁଁ ପତ୍ରପୋଡା ରୋଗ ହୋଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି।



କୃଷି ଅଧିକାରୀଙ୍କ ସହ ଚାଷୀମାନେ ଆଲୋଚନା କରୁଛନ୍ତି।

କାଣ୍ଡବିନ୍ଧା, ଚକଡା, ସଣ୍ଡା ଭଳି ରୋଗ ପାଇଁ କୃଷି ବିଭାଗ ଚାଷୀଙ୍କୁ ଔଷଧ ଯୋଗାଣ କରୁଥିବା ବେଳେ ପତ୍ର ପୋଡା ପାଇଁ ଆବଶ୍ୟକ ସହାୟତା କରୁ ନ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି। ଏ ନେଇ ଲକ୍ଷ୍ମୀଧର ପ୍ରଧାନଙ୍କ ସହ ବିଭୂତି ସାହୁ, ବାବୁଲାଲ ପ୍ରଧାନ, ଡିଲେଶ୍ୱର ପ୍ରଧାନ, ରମେଶ ବିଶ୍ୱାଳ, ଶାନ୍ତି ସାହୁ, ବଳରାମ ପାତ୍ର, ହେମନ୍ତ ପାତ୍ର ସମେତ ବହୁ ଚାଷୀ ଏହାର ନିରାକାର ପାଇଁ ଦାବି କରିଛନ୍ତି। ଚାଷୀ ରମେଶ ବିଶ୍ୱାଳ କହିଛନ୍ତି, ପତ୍ରପୋଡା ରୋଗ ପାଇଁ କୃଷି ବିଭାଗକୁ ଜଣାଯାଇଛି। କୃଷି ବିଭାଗ କେବଳ ଔଷଧ ଲେଖି ବାହାରୁ ଆଣି ପ୍ରୟୋଗ କରିବାକୁ ପରାମର୍ଶ ଦିଆଯାଉଛି। କୃଷି ବିଭାଗ ଅଧିକାରୀ ମଞ୍ଜୁବାଳା ନାଏକଙ୍କୁ ପଚାରିବାରୁ ପତ୍ରପୋଡ଼ା ପାଇଁ ବିଭାଗ ପକ୍ଷରୁ ଔଷଧ ଆସି ପାରିନାହିଁ। ଚାଷୀଙ୍କୁ ଉକ୍ତ ରୋଗ ପାଇଁ ଔଷଧ ଲେଖି ବାହାରୁ ଆଣିବା ପରାମର୍ଶ ଦିଆଯାଇଛି। ଅନ୍ୟ ରୋଗ ପାଇଁ ଆବଶ୍ୟକ ଔଷଧ ଚାଷୀଙ୍କୁ ଦିଆଯାଉଛି ବୋଲି ସେ କହିଛନ୍ତି।




■ ସଢ଼ାରେ 'ଆମ ଗାଁ ଆମ ବିକାଶ' କାର୍ଯ୍ୟକ୍ରମ

# ୨୦ ହଜାର ଲୋକଙ୍କ ସମାଗମ



କାର୍ଯ୍ୟକ୍ରମରେ ଉପସ୍ଥିତ ଅଛନ୍ତି ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ରଙ୍କ ସହ ଅନ୍ୟମାନେ।

**ହାଟଡିହୀ,୫।୧୦(ଡି.ଏନ୍.ଏ.)**

ହାଟଡିହୀ ବ୍ଲକ ସଢାଠାରେ ଶୁକ୍ରବାର 'ଆମ ଗାଁ, ଆମ ବିକାଶ' କାର୍ଯ୍ୟକ୍ରମ ହୋଇଥିଲା। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୩୦୮ ଗୋଟି ପ୍ରକଳ୍ପ ପାଇଁ ୭ କୋଟି ୨୮ ଲକ୍ଷ ୫୦ ହଜାର ଟଙ୍କା ମଞ୍ଜୁର କରିଛନ୍ତି। ହାଟଡିହୀ ବିଡିଓ ସୁଶାନ୍ତ ବାରିକଙ୍କ ସଂଯୋଜନାରେ ସରପଂଚ ବିମ୍ବାଧର ବିଶ୍ୱାଳ ଓ ଏମ୍‌ପି ପ୍ରତିନିଧି ରତିକାନ୍ତ ରାଉତଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ର, ବିଧାୟକ ମାୟାଧର ଯେନା, ଆନନ୍ଦପୁର ଏମ୍‌ପି ପ୍ରତିନିଧି ଦେବପ୍ରିୟ ପାତ୍ର, ଏମ୍‌ପି ଶକୁନ୍ତଳା ଲାଗୁରୀ, ଅଶୋକ କୁମାର ବଳ, ସୌମ୍ୟ ଶଙ୍କର ଚକ୍ର, ଆଶିଷ ଚକ୍ରବର୍ତ୍ତୀ, ଆରତି ସିଂହ, ସୁରେନ୍ଦ୍ର ଜେନା, ସାବିତ୍ରୀ ସେଠୀ, ବିମଳ ଜେନା, ଚିନ୍ମୟ ନାୟକ, ସଞ୍ଜୟ ରାଉତ, ବିକ୍ରମ ବିଶ୍ୱାଳ, ବିରେନ୍ଦ୍ର ବିଶ୍ୱାଳ, ଯୋଗେନ୍ଦ୍ର ବେହେରା, ପ୍ରତାପ ଦେଓ, ଅମର ରାଉତ, ଶଶାଙ୍କ ପୁହାଣ, ବିଶ୍ୱନାଥ ଖୁଣ୍ଟିଆ, ବିଜୟ ରାଉତ, ରଙ୍ଗାଧର ମଲ୍ଲିକ, ଜଗନ୍ନାଥ ନାୟକ, ବିଶ୍ୱନାଥ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

ଏ ନେଇ ମନ୍ତ୍ରୀ ପାତ୍ର କହିଥିଲେ ଯେ, ଆମ ମୁଖ୍ୟ ମନ୍ତ୍ରୀ ନବୀନ ପଟ୍ଟନାୟକ କଥାରେ ନୁହଁ, କେବଳ କାମରେ ବିଶ୍ୱାସ କରନ୍ତି। ଆମ ନବୀନ ସରକାର ଗାଁଠାରୁ ସହରର ଉନ୍ନତି ପାଇଁ ଯେଉଁ ସବୁ ଯୋଜନା କରୁଛନ୍ତି ତାହା ଅନ୍ୟ କୌଣସି ସରକାର କରିନାହାନ୍ତି। ସରପଞ୍ଚ ବିମ୍ବାଧର ବିଶ୍ୱାଳ ଓ ବିଧାୟକ ମାୟାଧର ଯେନା କହିଥିଲେ ଯେ, ବିରୋଧୀ ଦଳମାନେ ଫମ୍ପା ମାଠିଆ ସଦୃଶ। ଉକ୍ତ କାର୍ଯ୍ୟକ୍ରମରେ ଜିଲାପାଳ ଆଶିଷ ଠାକରେ, ପିଡି ନୃସିଂହ ଚରଣ ସ୍ୱାଇଁ, ଆନନ୍ଦପୁର ବିଡିଓ ଉମାକାନ୍ତ ପରିଡା, ହାଟଡିହୀ ତହସିଲଦାର ଗାୟତ୍ରୀ ସୋରେନ, ଅତିରିକ୍ତ ତହସିଲଦାର ଦୀପକ ଟେଟେ, ବ୍ଲକର ସମସ୍ତ କର୍ମଚାରୀ, ୩୧ଟି ପଞ୍ଚାୟତର ଲୋକପ୍ରତିନିଧିଙ୍କ ସହ ୨୦ ହଜାରରୁ ଊର୍ଦ୍ଧ୍ୱ ଲୋକଙ୍କ ସମାଗମ ହୋଇଥିଲା। ଆନନ୍ଦପୁର ଡିଏସପି ମହେଶ୍ୱର ସେଠୀଙ୍କ ତତ୍ତ୍ୱାବଧାନରେ ଉପଖଣ୍ଡର ସମସ୍ତ ଥାନା ଅଧିକାରୀ ଏଥିରେ ସାମିଲ ହୋଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଭିଡିଓ କନଫରେନ୍ସ ମାଧ୍ୟମରେ ଲୋକମାନେ ସିଧାସଳଖ କଥା ହୋଇଥିଲେ। ଲୋକମାନଙ୍କୁ ଜନସଚେତନତା କରିବା ଉଦ୍ଦେଶ୍ୟରେ ଶାଳପଡା ବିଣାପାଣି କଳାନିକେତନର ନୃତ୍ୟଗୁରୁ ଜିତୁ ଦାଶଙ୍କ ନିର୍ଦ୍ଦେଶନାରେ ନୃତ୍ୟଶିଳ୍ପୀମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଶୋଭାଯାତ୍ରାରେ ନଗର ପରିକ୍ରମା



ଶୋଭାଯାତ୍ରାରେ ସାମିଲ ହୋଇଥିବା ସଙ୍ଗଠନର ନେତୃବୃନ୍ଦ।

**ଚମ୍ପୁଆ, ୫।୧୦(ଡି.ଏନ.ଏ.)**

ଚମ୍ପୁଆ ନଗର ଭବନଠାରେ ଉତ୍‌ଥାନ ଫାଉଣ୍ଡେଶନ ପକ୍ଷରୁ ସମ୍ବର୍ଦ୍ଧନା ଉତ୍ସବ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରୀୟ କାର୍ଯ୍ୟକାରୀ ସଭାପତି ଚିତ୍ତରଞ୍ଜନ କଂସ, ସମ୍ମାନିତ ଅତିଥି ଭାବେ ରାଜ୍ୟ ସାଧାରଣ ସମ୍ପାଦକ ଲକ୍ଷ୍ମୀଧର ପଟ୍ଟନାୟକ, କେନ୍ଦୁଝର ଜିଲା ସଭାପତି ସତ୍ୟବ୍ରତ ନାୟକ, ଉପସଭାପତି ପଞ୍ଚାନନ ସୂତ୍ରଧର, ଅନ୍ନପୂର୍ଣ୍ଣା ଦାସ, ଜିଲା ସମ୍ପାଦକ ଦେବମିତ୍ର ଆନନ୍ଦ ପାଣିଗ୍ରାହୀ, ଉତ୍‌ଥାନ ଫାଉଣ୍ଡେଶନର ଉପଦେଷ୍ଟା ତଥା ବରିଷ୍ଠ ଖବରଦାତା ନରେଶ ପଟ୍ଟନାୟକ ପ୍ରମୁଖ ମଞ୍ଚାସୀନ ଥିଲେ।

ପ୍ରଥମେ ନିକୋଲସନ ବନ ବଦ୍ୟାଳୟ ନିକଟରୁ ଏକ ବିରାଟ ଶୋଭାଯାତ୍ରାରେ ବାହାରି ଚମ୍ପୁଆ ନଗର ପରିକ୍ରମା କରିଥିଲା। ନଗର ଭବନଠାରେ ଏକ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ସଭାରେ ଶ୍ରୀମନ୍ତ ତ୍ରିପାଠୀଙ୍କୁ ଜିଲା ଉପସଭାପତି ଭାବେ ଘୋଷଣା କରାଯାଇଥିଲା। ବିଶିଷ୍ଟ ଅବଦାନ ପାଇଁ ତାଙ୍କୁ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଜିଲା ତଥା ଉପଖଣ୍ଡର ବହୁ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ସମ୍ବର୍ଦ୍ଧିତ ବ୍ୟକ୍ତିମାନଙ୍କ ମଧ୍ୟରେ ମହେଶ୍ୱର ଦାସ, ଦୀପକ ନାଏକ, ବିରେନ କାରୁଆ(ଯୋଡା), ଅନିତା ଝା(ବଡବିଲ), ଜଗୁ ମୁଣ୍ଡା(ଯୋଡା) ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସମ୍ମାନିତ କରିଥିଲେ।

# ବନ୍ୟପ୍ରାଣୀ ସୁରକ୍ଷା ଅଭିଯାନ

**କେନ୍ଦୁଝର, ୫।୧୦(ସ୍ୱ.ପ୍ର.)**

ବନ୍ୟପ୍ରାଣୀ ଓ ଜଙ୍ଗଲ ସୁରକ୍ଷା ଅଭିଯାନକୁ ଡିଏଫଓ କେନ୍ଦୁଝର ବନଖଣ୍ଡ ସନ୍ତୋଷ ଯୋଶୀ ଶୁକ୍ରବାର ଶୁଭାରମ୍ଭ କରିଛନ୍ତି। ବନ୍ୟପ୍ରାଣୀଙ୍କୁ ନ ମାରି ସହ ଜଙ୍ଗଲର ସୁରକ୍ଷା ପାଇଁ ସଚେତନତା ବାର୍ତ୍ତା ଲୋକଙ୍କ ପାଖରେ ପହଞ୍ଚାଇବା ଉକ୍ତ କାର୍ଯ୍ୟକ୍ରମ ଅୟୋଜନ ହୋଇଛି। ଏ ନେଇ ସଚେତନତା ପ୍ରଦର୍ଶିତ ଗାଡି ବୁଲିବା ସହ ଲିଫଲେଟ ବଣ୍ଟନ କରାଯାଇଛି।

ଉକ୍ତ ଗାଡି ଗ୍ରାମାଞ୍ଚଳକୁ ଯାଇ ବିଶେଷ କରି ଜଙ୍ଗଲ ପୋଡି, ଜଙ୍ଗଲ କଟା ଆଦିରୁ ସୁରକ୍ଷା କରିବା ସହ ହାତୀ, ଭାଲୁ ଆଦି ବନ୍ୟପ୍ରାଣୀଙ୍କ ସୁରକ୍ଷା କରାଯିବ ବୋଲି ତତ୍ତ୍ୱାବଧାରକ ତଥା ପରିବେଶବିତ ହରେକୃଷ୍ଣ ମହାନ୍ତ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ତଥା ଜଙ୍ଗଲ ସୁରକ୍ଷା ସମିତିର ଅଧ୍ୟକ୍ଷ ରମେଶ ଚନ୍ଦ୍ର ହୋତା, ପୁରୁଷୋତମ ମହାନ୍ତ, ଅଲେଖ ଚନ୍ଦ୍ର ପାତ୍ର, ପ୍ରସନ୍ନ ଦାସ, ଚନ୍ଦ୍ର ଶେଖର ମହାନ୍ତ ସମେତ ଅନ୍ୟମାନେ ସାମିଲ ହୋଇଛନ୍ତି।

# ଆନ୍ତଃ ଜିଲା କବାଡ଼ି: ଭାଗ ନେଲେ ୨୬ ଦଳ




ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳିଙ୍କ ସହ ଅନ୍ୟମାନେ।

**ପାଟଣା, ୫।୧୦(ସ୍ୱ.ପ୍ର.)**

ପାଟଣା ବ୍ଲକ ମୁଖ୍ୟାଳୟସ୍ଥିତ ଆଞ୍ଚଳିକ ମହାବିଦ୍ୟାଳୟ ସ୍ୱାମପାଟଣାଠାରେ ଉତ୍ତର ଓଡିଶା ୨ ଦିନିଆ ଆନ୍ତଃ ଜିଲା କବାଡ଼ି ପ୍ରତିଯୋଗିତା ଖେଳ ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦୁଝର, ମୟୂରଭଞ୍ଜ ଜିଲାର ମହାବିଦ୍ୟାଳୟର ୧୭ ଛାତ୍ର ଦଳ ଓ ୯ ଛାତ୍ରୀ ଦଳ ଅଂଶ ଗ୍ରହଣ କାରିଥିଲେ। ଶୁକ୍ରବାର ଅନ୍ତିମ ଦିବସ ଖେଳରେ ପୁରସ୍କାର ବିତରଣ ଉତ୍ସବ ହୋଇଥିଲା। ମହାବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ଧର୍ମେନ୍ଦ୍ର ସାହୁଙ୍କ ସଂଯୋଜନାରେ ମୁଖ୍ୟ ଅତିଥି ଭାବେ ପାଟଣା ବ୍ଲକ ଅଧ୍ୟକ୍ଷ ଜଗନ୍ନାଥ ନାଏକ, ସମ୍ମାନିତ ଅତିଥି ଅଧ୍ୟାପକ ହରି ହର ଓଝା, ଖବର ଦାତା ନୃସିଂହ ନାଥ ସିଂହ, ଅଧ୍ୟାପକ ଜଗନ୍ନାଥ ମହାନ୍ତ, ହଳଧର ସାହୁ ପ୍ରମୁଖ ଯୋଗ ଦେଇ ବିଜୟୀ ଦଳକୁ ଟ୍ରଫି ସହ ମାନପତ୍ର ଦେଇଥିଲେ।

ଛାତ୍ରୀ ଦଳରୁ ଆଞ୍ଚଳିକ ମହାବିଦ୍ୟାଳୟ ଚାମ୍ପିୟନ ହୋଇଥିଲା। ରନର୍ସଅପ ହରିଚନ୍ଦନପୁର ବ୍ରଜବନ୍ଧୁ ମହାବିଦ୍ୟାଳୟ ହୋଇଥିଲା। ସେହିଭଳି ଛାତ୍ର ବିଭାଗରେ ବାରିପଦା ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂ ଶାସିତ ମହାବିଦ୍ୟାଳୟର ଛାତ୍ର ଦଳ ଚାମ୍ପିୟନ ହୋଇଥିବା ବେଳେ ହରିଚନ୍ଦନପୁର ବ୍ରଜବନ୍ଧୁ ମହାବିଦ୍ୟାଳୟ ରନର୍ସଅପ ହୋଇଥିଲେ। ଖେଳକୁ ମହାବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଧର୍ମେନ୍ଦ୍ର କୁମାର ସାହୁଙ୍କ ତତ୍ତ୍ୱାବଧାନରେ କ୍ରୀଡ଼ା ଶିକ୍ଷକ ଲକ୍ଷ୍ମୀଧର ମହାନ୍ତ, ତରୁଣ ବେଜ ଓ ସୁଶାନ୍ତ ମହାନ୍ତ ଖେଳ ପରିଚାଳନା କରିଥିଲେ। ଶରତ ଚନ୍ଦ୍ର ମିଶ୍ର ଧାରା ବିବରଣୀ ପ୍ରଦାନ କରିଥିଲେ।

# 'ସୁରଭି'ରେ ପ୍ରତିଭା ଦେଖାଇଲେ ଛାତ୍ରୀଛାତ୍ର

**ଚମ୍ପୁଆ/ରାଇସୁଆଁ, ୫।୧୦(ଡି.ଏନ.ଏ.)**

ଚମ୍ପୁଆ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଶିକ୍ଷା ଅଧିକାରୀ ଗୋବର୍ଦ୍ଧନ ନାଏକ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଭାବେ ଏବିଓ ପୂର୍ଣ୍ଣଚନ୍ଦ୍ର ମହାନ୍ତ ଓ ନରେନ୍ଦ୍ର ନାଏକ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଶିଶୁମାନେ ସେମାନଙ୍କ ପ୍ରତିଭା ଦେଖାଇଥିଲେ। ଚମ୍ପୁଆ ବ୍ଲକର ୧୩ ଗୋଟି କ୍ଲଷ୍ଟର ୨୯୯ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଏଥିରେ ୧୩ ଗୋଟି କ୍ଲଷ୍ଟର ସିଆରସି ଗାଇଡ୍ ଶିକ୍ଷୟିତ୍ରୀଶିକ୍ଷକ ଯୋଗ ଦେଇଥିଲେ। ସଦର ବ୍ଲକ ପଦ୍ମପୁର ପ୍ରାଥମିକ ବିଦ୍ୟାଳୟରେ ଆଞ୍ଚଳିକସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି' ଅନୁଷ୍ଠିତ ହୋଇଥିଲା। ୧୨ଟି ବିଦ୍ୟାଳୟର ୧୫୫ ଶିଶୁ ଭାଗ ନେଇଥିଲେ। ବିଜୟୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ପଦ୍ମପୁର ସିଆରସିସି ସଞ୍ଜୀବ ସାହୁଙ୍କ ଅଧ୍ୟକ୍ଷତାରେ ହରେକୃଷ୍ଣ ମହାନ୍ତ, ରାଜେନ୍ଦ୍ର ସାହୁ, ରତ୍ନାକର ନାଏକ, ରତ୍ନପ୍ରଭା ଚୌଧୁରୀ, ଯଶୋଦା ମହାନ୍ତ ସହଯୋଗ କରିଥିଲେ।




**Exclusive Stores** **Bhubaneswar** Esplanade One Mall Rasulgarh | Forum Mart | Janpath Sriya Square Near Domino's | Patia Main Road Pal Heights Mall | **Cuttack** Mata Math Cantonment Road | **Brahmapur** Urban Bank Road | **Jajpur Road** Chorda Bypass | **Rourkela** Opp. Razak Talkies Main Road

**Also available at** Angul **Modi Collection | Nupur** Balasore **Shivam | Shree Roopmandir XL | Srimandir Garments** Bargarh **Piplani Collection | Prakash Store | Saheli** Baripada **Kaluram Durga Prasad Mega Shop | Shubham | Siddharth Dresses** Berhampur **Lohiya Brothers** Betnoti **Kalpana Dresses** Bhadrak **Maa Tarini Paridhan Shree Ashoka Fashion Shop | Sundaram Garments** Bhawanipatna **Puja Cloth Store** Bhuban **Konark Cloth Store | Sri Krishna** Bhubaneswar **Alishan | Amber Kalamandir Fashions | Kalamandir Royale | Maa Tarani Bastralaya | Navyam | Utsav** Binka **Satyam Shivam Sundaram** Birmitrapur **Rangoli Fashion** Bolangir **Apsara Zone | Asha The Collection | Dinesh Collection | Roop International** Boudh **Rambhakt Garments** Champua **Bijay Cloth Store** Chowdwar **Saree Mandir** Cuttack **Amber NX | Jayram Lenka | Landmark | Rajhans | Rajratan** Dharamgarh **L.N.Fabricks** Dhenkanal **Jai Durga** Ghasipura **Deepak Emporium** Jagatsinghpur **Khuntia NX Khuntia Textile** Jaipur **Fashion King** Jajpur **Jayram Lenka | Triveni NX | Triveni Royal** Jarka **Shreeman Shreemati | Shreeman Shreemati NX** Jatni **Jagdamba** Jharsuguda **Anand World | Mundra Fashion Mart** Joda **Rupasree Garment** Junagarh **Poonam Cloth Store** Kakatpur **Style Garment** Kantabanjhi **Tulsi Showroom** Kendrapara **Fashion Mayur** Keonjhar **Dandys Fashion Den | Kanak Garment | Maa Dresses | Yaqeen Garments** Kesinga **Payal Cloth Store | Trimurti** Khariar **Sheetal Collection** Khurda **Satyam** Koraput **Paras Store** Kujang **Hazi Apparel Subhadra** Malkangiri **Banik Brothers | Bhola Nath Bastralaya** Nayagarh **Genious** Paradwip **Khuntia & Khuntia** Patnagarh **Bishal Bazar** Rahama **Shree Bazar** Rajakhariar **Mahavir Fashion | Mohan Cloth Store | S.G.Fashion** Rajnagar **Rajmandir** Raruan **Uttam Cloth Store** Raygada **Suraj & Co** Rourkela **Indera Plaza | Supriya** Sambalpur **Anand World | Jagdamba Menswear** Semiliguda **Patra Cloth Store** Sonepur **New Roop Collection** Soro **Life Style** Talcher **Golap Bastralaya | Jayram Lenka | Saaket**

Also at CENTRAL | max | pantaloons | TRENDS | www.turtleonline.in

Follow us on